# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୨୬/୨୦୨୩ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 26/2023 | Page 20 ₹ 7.00

୫୦ଶ ଭାଗ ୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 3 | ମୂଲ୍ୟ₹୭/-






**Carens** From a different world

Take all the great things the Kia Carens has to offer and get ready to be transported to a different world. Right from the Xclusive Matte Graphite Exterior to the Space-age Cockpit with Sage Green Upholstery, Walk-in Lever and Rear Seat Entertainment Screen, the Carens X-Line is crafted to immerse you into a different world of style and comfort.

Stylish matte graphite exterior and black glossy grille




make you stand out in the world.

G1.5 Turbo Petrol engine with 117.5 kW (160 ps) power




delivers unmatched power for all your family trips.

Rear seat entertainment screen and walk-in lever




give the freedom to choose your entertainment and adjust your space.

Futuristic interiors with spacious 3-rows and comfortable captain seats




offer more legroom and comfort, which is class-leading.

Kia Connect# skill with Amazon Alexa




lets you control your Kia from the comfort of your home.

**Robust 15 Hi-Safety Package** STANDARD ACROSS ALL VARIANTS

6 Airbags, ESC (Electronic Stability Control), VSM (Vehicle Stability Management), BAS (Brake Assist), HAC (Hill-start Assist Control), DBC (Downhill Brake Control), ABS (Anti-lock Brake System), All Wheel Disc Brakes, Highline Tyre Pressure Monitoring System, Rear Parking Sensors, ISOFIX Child Anchor, High Mount Stop Lamp with Emergency Stop Signal, All Seat 3-point Seat Belts with Reminder, Speed Sensing Door Lock and Impact Sensing Door Unlock

**Kia Service** Connected • Adaptive • Responsive • Engage

| 3 Years Unlimited Km Warranty | Extended Warranty Up to 5 Years | My Convenience Plus Best-in-class Cost of Ownership^ | IoT Based Smart Services^^ | 24x7 \| 3 Years Nationwide RSA** |
|---|---|---|---|---|

**Book Now** | **Call** 1800 108 5000 | 093195 91407 | Look for "Kia India" @ | **Visit** www.kia.com/in | Book Kia Carens

T&C Apply. *Ex-showroom price all India. The product shown is for representation purpose only. Actual features, color and specifications as shown may not be part of standard fitment and may vary. The color shown is subject to availability and may not be available across all variants and may slightly differ from those shown in the ad. Class is defined as 3-row seater car with overall length less than 4 550 mm & height more than 1 680 mm. ^Computed cumulatively with all benefits from comprehensive coverage. ^^IOT based workshops for live vehicle tracking for digital experience.**RSA Coverage across India except Andaman & Nicobar Islands and Lakshadweep Visit your nearest Kia dealership for more details. #Kia Connect comes with 3-year free subscription. Amazon Alexa device is not a standard car accessory and the customer needs to purchase from a third party. Kia Connect skill features may vary depending on the variant, device compatibility, software and network availability both in the vehicle and Alexa device. Kia Connect skill is only available in India and can be interacted with in English and Hindi. Smartwatch and mobile phone are not provided with the vehicle. Kia India Pvt. Ltd. (Formerly known as Kia Motors India Pvt. Ltd.) reserves the right to make any changes with respect to the trims, colors, specifications and other details of any model as mentioned or to discontinue any model or to modify/discontinue any service without prior notice. Kia urges you to follow traffic rules, these are meant to keep you safe on roads. No liability accepted for errors and printing errors.

**FOR INFORMATION CONTACT: BHUBANESHWAR: CENTRAL KIA,** PAHAL, PH: 7440004288, **TRUPTI KIA,** PATRAPADA, PH: 7064414001/7064414004/ 7064414005, **ROURKELA: KRISHNA KIA,** PH: 7852941115, **BALASORE: BASANTI KIA,** PH: 7077732182, **SAMBALPUR: CENTRAL KIA,** PH: 7440004263, **ANGUL: CENTRAL KIA,** PH: 7440002918

INNOCEAN-078/22

# ‘କୌଣସି କାମ ମନୋବଳଠାରୁ ବଡ଼ ନୁହେଁ’



ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ, ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର, ୨୫।୧୧(ଅସମାପିକା ସାହୁ)**

ଯୁବଶକ୍ତି ହେଉଛି ଏକବିଂଶ ଶତାବ୍ଦୀର ଭାରତ ବିକାଶର ପ୍ରେରଣାର ଉତ୍ସ। ଯୁବଗୋଷ୍ଠୀଙ୍କ ନିକଟରେ ସର୍ଜନା ଓ ପରିକଳ୍ପନା, ନିଷ୍ପତ୍ତି ନେବାର ଶକ୍ତି ଏବଂ କାମ କରିବାର ଜିଦ୍ ରହିଛି। ଏହି ତିନୋଟି ଯାହା ନିକଟରେ ରହିଛି, ସେ ସବୁକାମରେ ସଫଳତା ହାସଲ କରିଥାଏ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଶନିବାର କିସ୍ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶିକ୍ଷାର ଗୁରୁତ୍ୱ ସବୁଠୁ ଉପରେ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ କହିଥିଲେ, କୌଣସି କାମ ମନୋବଳଠାରୁ ବଡ଼ ନୁହେଁ। ଯଦି ନିଜ ଭିତରେ ଦୃଢ଼ ମନୋବଳ ଓ ପ୍ରବଳ ଇଚ୍ଛାଶକ୍ତି ରହିଛି, ତେବେ ଯେ କୌଣସି କାମରେ ସଫଳତା ହାସଲ କରିହେବ।

ଉତ୍ସବରେ ଦୀକ୍ଷାନ୍ତ ଅଭିଭାଷଣ ଦେଇ ନୀତି ଆୟୋଗର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତ ଜ୍ଞାନକୁ ସମାଜ ଓ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ସମ୍ମାନସୂଚକ ଡକ୍ଟରେଟ୍

## କିସ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

■ ବିଶ୍ୱଭୂଷଣ ହରିଚନ୍ଦନ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କୁ ଡକ୍ଟରେଟ୍ ଡିଗ୍ରୀ

■ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପଦକ, ୩୦୨ଜଣଙ୍କୁ ମିଳିଲା ଡିଗ୍ରୀ ସାର୍ଟିଫିକେଟ

ଡିଗ୍ରୀ ଗ୍ରହଣ କରି କହିଲେ, ସମାଜର ଅବହେଳିତ, ଦଳିତ ଓ ନିଷ୍ପେଷିତଙ୍କ ପାଇଁ ଛାତ୍ରୀଛାତ୍ରଙ୍କର ଗୁରୁ ଦାୟିତ୍ୱ ରହିଛି। ସେଥିପାଇଁ ସେମାନଙ୍କ ନିକଟରେ ସବୁବେଳେ ଠିଆ ହୋଇ ସହଯୋଗର ହାତ ବଢ଼ାଇବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ଋଷିକେଶ ପରମାର୍ଥ ନିକେତନ ଆଶ୍ରମର ଅଧ୍ୟକ୍ଷ ତଥା ଆଧ୍ୟାତ୍ମିକ ମୁଖ୍ୟ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଡକ୍ଟରେଟ୍ ଡିଗ୍ରୀ ଗ୍ରହଣ କରି କହିଲେ, ଛାତ୍ରୀଛାତ୍ର ମେଡାଲ ଜିତନ୍ତୁ, ସମସ୍ତଙ୍କ ପାଇଁ ମଡେଲ ହୁଅନ୍ତୁ। ସିଙ୍ଗାପୁର ମନିଟାରି ଅଥରିଟିର ମୁଖ୍ୟ ଫିନ୍‌ଟେକ୍ ଅଫିସର ତଥା ସିଙ୍ଗାପୁର ବୋର୍ଡ ଅଫ୍ ଇଲେଭାଣ୍ଟିର ଅଧ୍ୟକ୍ଷ ସ୍ୱପ୍ନେନ୍ଦୁ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଭାରତୀୟ ସଙ୍ଗୀତଜ୍ଞ ତଥା ତିନିଥର ଗ୍ରାମୀ ପୁରସ୍କାର ବିଜେତା ରିକି କେଜ୍ ଯୋଗଦେଇଥିଲେ।

ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣପଦକ, କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ୩୦୨ ସ୍ନାତକୋତ୍ତର, ଏମ୍‌ଫିଲ୍, ପିଏଚ୍.ଡି. ଡିଗ୍ରୀରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଉତ୍ସବରେ କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ସତ୍ୟ ଏସ୍. ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ କୁଳପତି ପ୍ରଫେସର ଦୀପକ କୁମାର ବେହେରା ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ ଓ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର୍. ଏନ୍. ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରେଭେନ୍ସାକୁ ଏ++

■ ୨୦୧୬ରେ ମିଳିଥିଲା ନାକ୍ ମାନ୍ୟତା ■ ରାଜ୍ୟର ପ୍ରଥମ ସରକାରୀ ବିଶ୍ୱବିଦ୍ୟାଳୟ

**କଟକ,୨୫।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)**



ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ୍ ଆକ୍ରିଡେଶନ କାଉନସିଲ (ନାକ୍) ପକ୍ଷରୁ ଏ ++ ମାନ୍ୟତା ପ୍ରଦାନ କରାଯାଇଛି। ରାଜ୍ୟର ପ୍ରଥମ ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ରେଭେନ୍ସା ଏହି ମାନ୍ୟତା ପାଇଛି। ୨୦୧୬ରେ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ପ୍ରଥମ ଥର ନାକ୍ ଟିମ୍ ପରିଦର୍ଶନ କରିବା ପରେ ‘ଏ’ ମାନ୍ୟତା ମିଳିଥିଲା। ଚଳିତବର୍ଷ ନାକ୍ ଟିମ୍ ଅନୁଧ୍ୟାନ କରିବା ପରେ ‘ଏ++’ ମାନ୍ୟତା ମିଳିପାରିଛି।

ସୂଚନାଯୋଗ୍ୟ, ଗତ ୨୦ରୁ ୨୨ତାରିଖ ୩ ଦିନ ଧରି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ନାକ୍ ଟିମ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟ ଯାଞ୍ଚ କରାଯାଇଥିଲା। ନାକ୍ ଟିମ୍‌ର ଅଧ୍ୟକ୍ଷ ପ୍ରଫେସର ଦୀପକ କୁମାର ଶର୍ମା, କୋଅର୍ଡିନେଟର ପ୍ରଫେସର ବିଜୟ ଫୁଲାରୀ, ସଦସ୍ୟ ପ୍ରଫେସର ଅରିନ୍ଦମ ଗୁପ୍ତା, ପ୍ରଫେସର ଏସ୍‌ଆର ଜ୍ୟୋତି କିସ୍‌ପୋଟ୍ଟା, ପ୍ରଫେସର ମୈଥିଳୀ କେଥାଭାରପୁ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗ ବୁଲିବା ସହ ଯାଞ୍ଚ କରିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ, ଏକାଡେମିକ୍ ବ୍ଲକ, ଲାଇବ୍ରେରୀ, ହଷ୍ଟେଲ ଆଦି ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ଯାଞ୍ଚ କରିଥିଲେ। ସେହିପରି ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକଙ୍କ ସହ ଆଲୋଚନା କରିଥିଲେ। ୨୨ତାରିଖରେ ଅନୁଧ୍ୟାନ ପରେ ନାକ୍ ଟିମ୍ ଅଧ୍ୟକ୍ଷ ଦୀପକ ଶର୍ମା କୁଳପତି ସଞ୍ଜୟ ନାୟକଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଗୁରୁବାର ୟୁଜିସି ପକ୍ଷରୁ ‘ଏ++’ ଗ୍ରେଡ୍ ଘୋଷଣା କରାଯାଇଛି। ମୋଟ ୪ ପଏଣ୍ଟରୁ ରେଭେନ୍ସାକୁ ୩. ୫୮ ପଏଣ୍ଟ ମିଳିଛି। ପୂର୍ବରୁ ୨୦୧୬ରେ ନାକ୍ ପକ୍ଷରୁ କରାଯାଇଥିବା ସର୍ଭେରେ ୩.୧୧ ପଏଣ୍ଟ ସହ ମାନ୍ୟତା ମିଳିଥିଲା। ଶନିବାର ‘ଏ++’ ନାକ୍ ମାନ୍ୟତା ମିଳିବାପରେ ବିଶ୍ୱବିଦ୍ୟାଳୟ ପରିସରରେ ଖୁସିର ଲହରି ଖେଳିଯାଇଛି। ଭିତ୍ତିଭୂମି, ଗବେଷଣା, ନିଯୁକ୍ତି ସୁଯୋଗ ଆଦିରେ ଉନ୍ନତମାନର ସୁବିଧା ଥିବାରୁ ସବୁ କ୍ଷେତ୍ରରେ ରେଭେନ୍ସାକୁ ଭଲ ପଏଣ୍ଟ ମିଳିଛି। ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ମାହୋଲ ଦେଖାଦେଇଛି। କୁଳପତି ଏବଂ ଅନ୍ୟ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀଛାତ୍ରମାନେ ବାଜା ବଜାଇ ଖୁସି ମନାଇଛନ୍ତି। ଏନେଇ ପିଜି କାଉନ୍‌ସିଲ୍ ଚେୟାରମ୍ୟାନ ଲୁସି ସାମନ୍ତ କହିଛନ୍ତି, ପ୍ରଥମ ସରକାରୀ ବିଶ୍ୱବିଦ୍ୟାଳୟ ଭାବରେ ରେଭେନ୍ସାକୁ ଏ++ ମାନ୍ୟତା ମିଳିଛି। ଏହା କେବଳ ରେଭେନ୍ସା ପାଇଁ ନୁହେଁ ବରଂ ଓଡ଼ିଶାବାସୀଙ୍କ ଲାଗି ଖୁସିର ବିଷୟ। ୨୦୧୬ରେ ଆମକୁ ନାକ୍ ‘ଏ’ ମାନ୍ୟତା ମିଳିଥିଲା। କୋଭିଡ୍ ସମୟରେ ସମସ୍ତ ବ୍ୟବସ୍ଥା ପ୍ରଭାବିତ ହୋଇଥିଲା। ଏହା ସତ୍ତ୍ୱେ ବିଶ୍ୱବିଦ୍ୟାଳୟରେ ସବୁ କ୍ଷେତ୍ରରେ ସୁଧାର ଆସିଥିବାରୁ ଆମକୁ ‘ଏ++’ ମାନ୍ୟତା ମିଳିଥିବାରୁ ସମସ୍ତେ ଗୌରାନ୍ୱିତ ମନେ କରୁଛୁ ବୋଲି ସାମନ୍ତ କହିଛନ୍ତି।

‘ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସରରେ କୁମ୍ଭାରପଡ଼ା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ପଞ୍ଚାୟତ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ନିମନ୍ତେ ଆପଣମାନଙ୍କ ସହଯୋଗ କାମନା କରୁଛି ।
ଶ୍ରୀ ଚିନ୍ମୟ କୁମାର ପଣ୍ଡା
ସରପଞ୍ଚ, କୁମ୍ଭାରପଡ଼ା

ନିରପେକ୍ଷ ଓଡ଼ିଆ ଛାପା ଗଣମାଧ୍ୟମ ‘ଧରିତ୍ରୀ’ର ସ୍ୱନକ୍ଷତ୍ର ତଥା ୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ତଥା ଖଣ୍ଡପଡ଼ାବାସୀଙ୍କ ସୁଖ, ସମୃଦ୍ଧି, ଶାନ୍ତି ଏବଂ ମୈତ୍ରୀ କାମନା କରୁଛି ।
ଅଭିଳାଷ ପଣ୍ଡା
ବିଜେପି ରାଜ୍ୟ ଯୁବ ସଭାପତି

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାରକୁ ଅନେକ ଅନେକ ଶୁଭେଚ୍ଛା
ଜାଗୃତି (I)
JAGRUTI (I)
ମହିଳା ଓ ଶିଶୁ ଉତ୍ପୀଡ଼ନ ନିରାକରଣ ସମ୍ପର୍କିତ ଏକ ପ୍ରକଳ୍ପ
ଶ୍ୟାମାଚରଣପୁର, ଢେଙ୍କାନାଳ
ସହାୟତା: ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର
ପରିଚାଳନା: ଅରୁନ୍ ଗ୍ରାମ୍ୟ ବ୍ୟାପାର ପ୍ରତିଷ୍ଠାନ (ଔରା), ଢେଙ୍କାନାଳ

THE PRIDE OF MALKANGIRI
SATYANARAYAN
Secretary, Satyanarayan Group of Institutions, Malkangiri
Result of last five years in every stream is 100% with qualitative Result.
Highest % in +2 Science is 95 %, Highest % in Nursing is 90%.
GRAB A CHANCE TO BE A SATYANARAYANIAN
ଶୃଙ୍ଖଳା, ସଂସ୍କାର ଓ ଶିକ୍ଷାର ସଂଗମ ସ୍ଥଳ
SATYANARAYAN
ଧରିତ୍ରୀ ଦୈନିକ ଓଡିଆ ଖବର କାଗଜ ଓଡିଶାର ଗର୍ବ ଓ ଗୌରବ । ଏହାର ନିରପେକ୍ଷ ଖବର ଦ୍ୱାରା ଏହା ଓଡିଶାର ପୁରା ପଲ୍ଲୀର ଜଣ ମନସାରେ ସ୍ଥାନ ପାଇଛି । ଏହାର ୫୦ ତମ ସ୍ୱନକ୍ଷତ୍ର ତିଥିରେ ମୁଁ ଖବର କାଗଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।
ସମ୍ପାଦିକା,
ସତ୍ୟନାରାୟଣ ମହାବିଦ୍ୟାଳୟ,
ମାଲକାନଗିରି
Permission, Recognition, Affiliation accorded by Govt. of Odisha, DMET, ONMEB, ONMRC, INC, New Delhi, Odisha University of Health Sciences, Bhubaneswar -
- SATYANARYAN B.SC. NURSING, MALKANGIRI
- SATYANARATYAN COLLEGE OF PHARMACY, MALKANGIRI(Admission Will Start Next Month)
- SATYANARAYAN DMLT TRAINING SCHOOL, MALKANGIRI
- SATYANARAYAN +2 SCIENCE RESIDENTIAL COLLEGE, MALKANGIRI & KALIMELA
- SATYANARAYAN +3 DEGREE SCIENCE RESIDENTIAL COLLEGE, MALKANGIRI
- SATYANARAYAN COLLEGE OF MANAGEMENT(BBA/BCA), MALKANGIRI
- CRYOGENEX B.SC NURSING COLLEGE, MALKANGIRI
- ORISSA HEALTH EDUCATION SCHOOL OF NURSING, MALKANGIRI
- SATYANARAYAN GNM TRAINING COLLEGE, MALKANGIRI
SATYANARAYAN GROUP OF INSTITUTIONS, MALKANGIRI
Sambayaguda, Canal Road
Please Contact -
(9437372437, 7684058213, 8458053012)

BALAJI COLLEGE OF NURSING
BALANGIR AFFILIATED TO OUHS, ONMEB AND H&FW DEPT. GOVT. OF ODISHA
ANM +2 ANY STREAM ONLY FEMALE
GNM +2 ANY STREAM BOTH MALE & FEMALE
BSCN +2 SC. (PCB) BOTH MALE & FEMALE
Discover Your Calling
Become Heros of Everyday
ADMISSION OPEN
80% Student got Distinction & 100% Placement
JOIN THE LEADING NURSING COLLEGE OF WESTERN ODISHA
IN CAMPUS HOSTEL
TRANSPORT FACILITY
OUR KEY FEATURES
DIGITAL CLASS ROOMS
LUSH GREEN CAMPUS
ANNUAL SPORTS
STUDY TOURS
CULTURAL EVENTS
WIFI CAMPUS
NURSING FOUNDATION LAB
PRE CLINICAL SCIENCE LAB
ANATOMY, OBG & CHN LAB
ROUTINE COMMUNITY POSTINGS
SEPARET HOSTEL FOR BOYS & GIRLS
LIBRARY & COMPUTER ROOM
SPOKEN ENGLISH CLASSES
CLINICAL PLACEMENT TO HOSPITALS
COURSE FEES FREE FOR SC/ST STUDENTS
AT- NH26, SBP ROAD, BALANGIR, 767065
EMAIL: BCNBALANGIR@GMAIL.COM
/BALAJICOLLEGE
WWW.BALAJIINSTITUTES.IN
9036418009 / 9437151060

With Best Compliments From:
GEMS
GLORIOUS ENG. MED. SENIOR SECONDARY SCHOOL
AFFILIATED TO CBSE, DELHI. AFFL. NO.-1530173 AN ISO 21001-2018 CERTIFIED SCHOOL
Web: www.gloriousenglishmediumschool.com
Asmita & Abhaya Pati
Management
ADMISSION OPEN 2024-25
NURSERY TO STD-XII
LIMITED SEATS
Separate Coaching for :
NEET, IIT, JEE
HOSTEL FACILITY SEPARATE FOR BOTH BOYS & GIRLS
Transport Facility available
BENCHMARK
unacademy
GEMS ROAD, DALA , JAJPUR ROAD, PH: 9437702249, 8093913749

ଧରିତ୍ରୀ
DHARITRI
ଧରିତ୍ରୀ 50 Years


# ଆଜି ଓଡ଼ିଶା ଆସିବେ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୨୫।୧୧(ପି.ଟି.)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ଭବନ ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ସୋମବାର ରାଷ୍ଟ୍ରପତି ପାରାଦୀପ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେବାକୁ ଥିବାବେଳେ ଭର୍ଚୁଆଲି ସେ ଏକ ମଲ୍ଟି-ମଡେଲ୍ ଲଜିଷ୍ଟିକ୍ସ ପାର୍କ ଉଦ୍‌ଘାଟନ କରିବେ। ଏଥିସହିତ ରାଷ୍ଟ୍ରପତି ପାରାଦୀପ ସହର ପାଇଁ ଏକ ନୂଆ ରିଜର୍ଭୟର ଏବଂ ଜଳ ବିଶୋଧନ ପ୍ଲାଣ୍ଟର ଶିଳାନ୍ୟାସ କରିବେ। ପରବର୍ତ୍ତୀ ପିଢ଼ିର ଜାହାଜ ଟ୍ରାଫିକ୍ ପରିଚାଳନା ଏବଂ ସୂଚନା ସିଷ୍ଟମକୁ ମଧ୍ୟ ରାଷ୍ଟ୍ରପତି ଶିଳାନ୍ୟାସ କରିବେ ବୋଲି ରାଷ୍ଟ୍ରପତି ଭବନ ସୂତ୍ରରୁ କୁହାଯାଇଛି। ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ପାରାଦୀପର ମତ୍ସ୍ୟଜୀବୀମାନଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

# କୋଚି ବିଶ୍ୱବିଦ୍ୟାଳୟରେ ଦଳାଚକଟା: ୪ ମୃତ, ୬୦ ଆହତ

**କୋଚି,୨୫।୧୧**

କେରଳର କୋଚି ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ସିୟୁଏସ୍ଏଟି) ପରିସରରେ ଶନିବାର ଏକ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବାବେଳେ ପ୍ରବଳ ଗହଳି ଯୋଗୁ ଦଳାଚକଟା ହୋଇଛି। ଏଥିରେ ୪ ଜଣ ଛାତ୍ର ପ୍ରାଣ ହରାଇଥିବାବେଳେ ୬୦ ଆହତ ହୋଇଥିବା ଜଣାପଡ଼ିଛି। ଟେକ୍ ଫେଷ୍ଟ ଅବସରରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସୀମା ପୁନଃ ନିର୍ଦ୍ଧାରଣ କେବେ**

# ପ୍ରେମିକାଙ୍କୁ ୩୧ ଖଣ୍ଡ

**■ ମାଟି ତଳୁ ମିଳିଲା ଯୁବତୀଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ**

**■ ବିବାହିତ ପ୍ରେମିକ, ତାଙ୍କ ସ୍ତ୍ରୀ ଅଟକ**

**ବିବାହିତ ପୁରୁଷ, ୫ ସନ୍ତାନଙ୍କ ଜନକ। ୨ ବର୍ଷ ହେଲା ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ତାଙ୍କ ସ୍ତ୍ରୀ ଏହା ଜାଣିବା ପରେ ଘରେ ଝଗଡ଼ା ହେଉଥିଲା। ଶେଷରେ ସ୍ତ୍ରୀଙ୍କ ସହ ମିଶି ପ୍ରେମିକାଙ୍କୁ ହତ୍ୟା କଲେ। ପରେ ତାଙ୍କ ମୃତଦେହକୁ ୩୧ ଖଣ୍ଡ କରି ଜଙ୍ଗଲରେ ପୋତିଦେଲେ। ନବରଙ୍ଗପୁର ଜିଲା ରାଇଘର ଥାନା ପୋଲିସ ବାଘବେଢ଼ା ଗ୍ରାମର ତିଲା ଗଣ୍ଡ ନିଖୋଜ ମାମଲାର ତଦନ୍ତ କରି ଶନିବାର ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆଣିଛି। ୨୦୨୨ରେ ଅଫ୍‌ତାଫ୍ ପୁନାୱାଲା ତାଙ୍କ ଲିଭ୍-ଇନ୍ ପାର୍ଟନର ଶ୍ରଦ୍ଧା ୱାଲକରଙ୍କୁ ତଣ୍ଟିଚିପି ହତ୍ୟା ପରେ ୩୫ ଖଣ୍ଡ କରିବା ସହ ଦିଲ୍ଲୀର ମେହରୁଲି ଜଙ୍ଗଲରେ ଫୋପାଡ଼ି ଦେବା ଭଳି ବର୍ବରତାକୁ ସଦ୍ୟ ଘଟଣା ମନେପକାଇ ଦେଉଛି।**


ମୃତ ତିଲା ଗଣ୍ଡ

ନବରଙ୍ଗପୁର/ରାଇଘର,୨୫।୧୧
(ସଦାଶିବ ପ୍ରହରାଜ/କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ମୃତଦେହ ଶନିବାର ମାଟିତଳୁ ପୋଲିସ ଜବତ କରିଛି। ଯୁବତୀ ଜଣକ ହେଲେ ବାଗବେଢ଼ା ଗ୍ରାମର ତିଲା ଗଣ୍ଡ (୨୨)। ତିଲା ବୁଧବାର ଅପରାହ୍ନରେ ବାହାରେ କାମ ଥିବା କହି ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ଇତିମଧ୍ୟରେ ଶନିବାର ମୁରୁମଡ଼ିହି ଜଙ୍ଗଲରେ ରକ୍ତଛିଟା ଦେଖି କେତେଜଣ ଲୋକ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତିଲାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାଇଘର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଜଙ୍ଗଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମାଟି ତଳୁ ତିଲାଙ୍କ ମୃତଦେହର ଖଣ୍ଡବିଖଣ୍ଡିତ ଅଂଶ ପୋଲିସ ଜବତ କରିଥିଲା। ଘଟଣାସ୍ଥଳରୁ କଟୁରି, କାଠଖଣ୍ଡ ଓ ଶାଢ଼ି ମଧ୍ୟ ଜବତ କରାଯାଇଥିବା ପୋଲିସ କହିଛି। ନମ୍ବର ୨୦୬/୨୩ରେ ମାମଲା ରୁଜୁକରି ତଦନ୍ତ ଚଳାଇବା ସହ ପ୍ରେମିକ ଚନ୍ଦ୍ର ରାଉତ ଓ ତାଙ୍କ ସ୍ତ୍ରୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ତଦନ୍ତରୁ ଜାଣିବାକୁ ☞ପୃଷ୍ଠା-୨

# ଘାଟିରେ ଓଲଟିଲା ଟିପ୍ପର: ୬ ମୃତ

**୭ ଶ୍ରମିକ ଗୁରୁତର**

**ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଲେଖାଏ ସହାୟତା**

**ଚିତ୍ରକୋଣ୍ଡା/ମାଲକାନଗିରି/ଭୁବନେଶ୍ୱର, ୨୫।୧୧(କ୍ଷୀରୋଦ ବେହେରା/ ଦୁର୍ଯ୍ୟୋଧନ ପାତ୍ର/ଅନିଲ ଦାସ)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ହନ୍ତାଳଗୁଡ଼ା ଘାଟିରେ ଶନିବାର ଏକ ସିମେଣ୍ଟ ବୋଝେଇ ଟିପ୍ପର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୬ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ମୋତିଗାଁର ସୁନାଧର ଭତ୍ରା(୩୫), ପୂର୍ଣ୍ଣ ଭତ୍ରା(୨୭),ଜୀବର୍ଦ୍ଧନ ଭତ୍ରା(୨୨), ସୁନାଧର ଭତ୍ରା(୨୫), ପୁଲସିଙ୍ଗ ଭତ୍ରା(୨୭) ଓ ଦୁର୍ଯ୍ୟୋଧନ ଭତ୍ରା(୨୫)।

ସ୍ୱାଭିମାନ ଅଞ୍ଚଳରେ ପ୍ରମୋଦ ସ୍ୱାଇଁ ନାମକ ଜଣେ ଠିକାଦାରଙ୍କର ପୋଲ କାମ ପାଇଁ ଏକ ଟିପ୍ପର ସିମେଣ୍ଟ ଓ ରଡ୍ ବୋଝେଇ କରି ହନ୍ତାଳଗୁଡ଼ା ଘାଟି ଦେଇ ଯାଉଥିବାବେଳେ ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ମିନିଟ୍ ☞ପୃଷ୍ଠା-୨

# ରାୟଗଡ଼ାରେ ଗଡ଼ିଲା 'ଲକ୍ଷ୍ମୀ'

**୧୮୨ ପଞ୍ଚାୟତକୁ ଯୋଡ଼ିବ ୫୨ ବସ୍**


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରୁଛନ୍ତି। ନିକଟରେ ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ୍ ଉପସ୍ଥିତ।

**ଭୁବନେଶ୍ୱର/ରାୟଗଡ଼ା,୨୫।୧୧**
**(ଅନୀଲ ଦାସ/ ଆଶିଷ ରଞ୍ଜନ ପଣ୍ଡା)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାୟଗଡ଼ା ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ଜିଲାରେ ୫୨ଟି ବସ୍ ୧୮୨ ପଞ୍ଚାୟତକୁ ଚାଲିବ। ଏଥିପାଇଁ ୩୦୦ ବସ୍ ଷ୍ଟପେଜ ମଧ୍ୟ କରାଯାଇଛି। ଅନ୍‌ଲାଇନ ଜରିଆରେ କାର୍ଯ୍ୟକ୍ରମ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲକ୍ଷ୍ମୀ ଘରେ ଘରେ ଖୁସି ଓ ଆନନ୍ଦ ଆଣିବ। ଏହା ଗ୍ରାମାଞ୍ଚଳର ପରିବହନ ବ୍ୟବସ୍ଥାରେ ରୂପାନ୍ତର ଆଣିବ। ଗାଁ ଲୋକଙ୍କ ଜୀବନରେ ଗତି ଓ ପ୍ରଗତି ଆଣିବ। ମୋ ପାଇଁ ଲୋକଙ୍କ ମତାମତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ବସ୍ ସେବା ଗାଁକୁ ଗାଁ ସହିତ ଯୋଡ଼ିବ। ସାମାଜିକ ସମ୍ପର୍କ ସୁଦୃଢ଼ କରିବା ସହିତ ଗ୍ରାମାଞ୍ଚଳର ଅର୍ଥନୀତିକୁ ମଧ୍ୟ ମଜଭୁତ କରିବ। ଲକ୍ଷ୍ମୀ ବସ୍ ପିଲାମାନଙ୍କୁ ସ୍କୁଲ ଓ କଲେଜ ସହିତ, ଚାଷୀଙ୍କୁ ମାର୍କେଟ ସହ ଯୋଡ଼ିବା ସହିତ ରୋଗୀକୁ ହସ୍ପିଟାଲ ମଧ୍ୟ ନେବ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ପର୍ଯ୍ୟଟନ ତଥା ଆଞ୍ଚଳିକ ଆର୍ଥିକ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବ।

## ପଞ୍ଚାୟତ ଆମ ବିକାଶ କାର୍ଯ୍ୟକ୍ରମର ମୁଖ୍ୟ ଫୋକସ୍: ମୁଖ୍ୟମନ୍ତ୍ରୀ

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାରେ ୯୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୨୬୦୦ରୁ ଅଧିକ ପ୍ରକଳ୍ପ କରାଯାଉଛି। ପଞ୍ଚାୟତଗୁଡ଼ିକ ହେଉଛି ବିକାଶ କାର୍ଯ୍ୟକ୍ରମର ମୁଖ୍ୟ ଫୋକସ୍। ସବୁ ପଞ୍ଚାୟତରେ ରୂପାନ୍ତର ଆଣି ସାରା ଓଡ଼ିଶାର ରୂପାନ୍ତର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ରାୟଗଡ଼ାରେ ଲକ୍ଷ୍ମୀ ବସ ଯୋଜନା ଆରମ୍ଭ କରି ଘରେ ଘରେ ଲକ୍ଷ୍ମୀ ପହଞ୍ଚାଇଛନ୍ତି। ଆଜି ଓଡ଼ିଶାରେ ନାରୀମାନେ ସବୁ କ୍ଷେତ୍ରରେ ଆଗରେ ରହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଓଡ଼ିଶାରେ ନାରୀ ସଶକ୍ତୀକରଣ ହୋଇପାରିଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ☞ପୃଷ୍ଠା-୨



**ମହୁମାଛି ଆକ୍ରମଣରେ ବାପ-ପୁଅ ଗୁରୁତର**

ଘସିପୁରା,୨୫।୧୧(ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ସରେଇଁ ଗ୍ରାମରେ ମହୁମାଛି ଆକ୍ରମଣରେ ବାପ, ପୁଅ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ଗ୍ରାମର ଧରିଆ ସାହୁ ଓ ପୁଅ ସୁରେନ୍ଦ୍ର। ଧାନ କାଟିବାକୁ ନିଜ ଚାଷ ଜମିକୁ ଆସିବା ସମୟରେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥାଉ ମାନ,
ଯାଉ ଧନ।**

ମନୁଷ୍ୟର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନ ସମ୍ମାନ। ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ।ଏହାକୁ ଯିଏ ଥରେ ହରାଏ ସିଏ ଆଉ ତାହା ଫେରିପାଏନା। ଧନସମ୍ପି ଥରେ ଚାଲିଗଲେ ତାହା ହୁଏତ ଫେରି ଆସିବାର ସମ୍ଭାବନା ରହିଥାଏ, କିନ୍ତୁ ମାନସମ୍ମାନ ପୁନଶ୍ଚ ଫେରି ଆସି ନ ଥାଏ। ମାନସମ୍ମାନ ହାନି ଯୋଗୁ ବ୍ୟକ୍ତିତ୍ୱର ବଳିଷ୍ଠତା ମଧ୍ୟ ହ୍ରାସ ପାଇଥାଏ।ତେଣୁ ଏଥି ପ୍ରତି ସଜାଗ ରହିବା ବିଧେୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଥାଉ ଚିରାକନା ଯାଉ ମାଠ;
ଏଥିପାଇଁ କିଆଁ କାଠ କାଠ।**

ମଣିଷର ଆଭିଜାତ୍ୟ ଟିକିଏ ବଞ୍ଚ ରହିଲେ ସିଏ ସେଇ ଅନୁଭବରେ ହିଁ ଆନନ୍ଦ ପାଇଥାଏ। ଚଳନ୍ତି ବହୁ ମୂଲ୍ୟର ସାମଗ୍ରୀ ସେଇ ସେତକ ଆନନ୍ଦ ତୁଳନାରେ କିଛି ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଷ୍ଟମସ୍ଥ ବୁଧ ଓ ମଙ୍ଗଳଜନିତ ଭ୍ରାତୃ ବିରୋଧ, ପାରିବାରିକ ସମସ୍ୟା, ସହକର୍ମୀଙ୍କ ସହ ଝଗଡ଼ା ବିଷୟକୁ ନେଇ ଚିନ୍ତିତ ରହିବେ। ଅନ୍ୟମାନଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ସଭାସମିତି ଓ ସଙ୍ଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ।

**ବୃଷ**
ନୀଚସ୍ଥ ରାଶ୍ୟାଧିପ କାରଣରୁ ଘର ସକାଶେ, ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। ପ୍ରଶାସନ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ। ରାଜନୀତି, ଆଇନ ଓ ଅଦାଲତ କ୍ଷେତ୍ରରେ ଦୃଢ଼ ସମର୍ଥନ ଅବ୍ୟାହତ ଯୋଗୁ ଆଗେଇ ଯିବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢ଼ାଇ ପାରନ୍ତି।

**ମିଥୁନ**
ପାପଯୁକ୍ତ ଚନ୍ଦ୍ର ହେତୁ ମାନସିକ ବ୍ୟସ୍ତତା କାରଣରୁ କୌଣସି କାମ ଶୃଙ୍ଖଳିତ ହୋଇପାରିବ ନାହିଁ। ଯାହାକିଛି ବିଚାର କରିବେ, ତାହା ଶେଷ ସମୟରେ ଓଲଟପାଲଟ ହୋଇଯିବ। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ଅସହଯୋଗ କରିପାରନ୍ତି। କଳା, ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମମାନଙ୍କରେ ଉପଯୁକ୍ତ ଭାବେ ଫଳ ପାଇପାରନ୍ତି।

**କର୍କଟ**
ଗୁରୁଚାଣ୍ଡାଳ ଯୋଗ ହେତୁ କର୍ମକ୍ଷେତ୍ରରେ ସତର୍କରେ କାମ କରନ୍ତୁ। ପାରିବାରିକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ରହିଲେ ପରିସ୍ଥିତି ବଦଳିଯିବ। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ବାଣିଜ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି କରିବେ। ବନ୍ଧୁ ମେଳରେ ଅପ୍ରିୟ ସତ କହି ବିରୋଧୀ ହେବେ।

**ସିଂହ**
ଆଜି ଚତୁର୍ଥସ୍ଥ ଧନାଧିପ କାରଣରୁ ଅର୍ଥଲାଭର ଯୋଗ ରହିଛି, ଅବଶ୍ୟ ଏହା ଆପଣଙ୍କର ବହୁତ ପୂର୍ବରୁ ହିଁ ପାଇବାର ଥିଲା। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି। କର୍ମକ୍ଷେତ୍ରରେ ଅପରାହ୍ନ ସମୟରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ।

**କନ୍ୟା**
ପାପପ୍ରଭାବ ଯୁକ୍ତ ଗୁରୁ ଯୋଗୁ ଆପଣଙ୍କ ପାରିବାରିକ କ୍ଷେତ୍ରକୁ ପଡ଼ୋଶୀମାନେ ସମସ୍ୟା ବହୁଳ କରିପାରନ୍ତି। ଯାନବାହନରେ ସତର୍କ ରହିବା ଭଲ ନଚେତ୍ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ପିଲାଙ୍କ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିବେ। ବନ୍ଧୁମାନଙ୍କ ସହ ଦୀର୍ଘ ଦିନରୁ ଭାଙ୍ଗି ଥିବା ଅମେଳ ପୁଣି ଯୋଡ଼ି ହୋଇଯିବ।

**ତୁଳା**
ଦ୍ୱିତୀୟସ୍ଥ ମଙ୍ଗଳ ଓ ବୁଧ ହେତୁ କାହାର ମିଠା କଥାରେ ଭାସିଯାଆନ୍ତୁ ନାହିଁ, ଯାହାକି ସମସ୍ୟାର ହେତୁ ସ୍ୱରୂପ ହୋଇପାରେ। ବନ୍ଧୁଙ୍କ ପ୍ରାୟୋଜିତ ଚକ୍ରାନ୍ତ କର୍ମକ୍ଷେତ୍ରରେ ଆତଙ୍କିତ କରିପାରେ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟହାନି ଘଟିବାର ସମ୍ଭାବନା ରହିଛି। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ।

**ବିଛା**
ସ୍ୱଗୃହୀ ମଙ୍ଗଳଜନିତ ଆପଣଙ୍କ ପ୍ରତ୍ୟେକ ଅଭାବନୀୟ ପରିସ୍ଥିତି ଆଜିହିଁ ସୁଧୁରିଯିବ। ଲେଖାପଢ଼ାରୁ, କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ।

**ଧନୁ**
ରାହୁଯୁକ୍ତ ବୃହସ୍ପତି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ମାନସିକ ସ୍ଥିତିକୁ ବିଷାଦିତ କରିପାରେ। ଆପଣଙ୍କ ଲୋକପ୍ରିୟତା ପଡ଼ୋଶୀଙ୍କ ଈର୍ଷାପରାୟଣତାକୁ ବୃଦ୍ଧି କରିବ। କେତେକ ନୂତନ କାମର ପରିକଳ୍ପନା କରିବେ, କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

**ମକର**
ଆଜି ଶନିଙ୍କ ଦୃଷ୍ଟି ପ୍ରଭାବରେ ପାରିବାରିକ ସ୍ତରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାର ଆଶା ରହିଛି। ଅର୍ଥ ସମ୍ପର୍କିତ ଆଲୋଚନାରେ ଟେନସନ୍ କିଛି ମାତ୍ରାରେ କମିଯିବ। ହଠାତ୍ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**କୁମ୍ଭ**
ସ୍ୱଗୃହୀ ଶନି ହେତୁ ପ୍ରତ୍ୟେକ ଦିଗରୁ ଆଜି ଦିନଟି ଭଲ। ପ୍ରତି କ୍ଷେତ୍ରରେ ଜୟଯୁକ୍ତ ହେବେ। ପିଲାଙ୍କର କିଛି ସମସ୍ୟା ମନକୁ ବିଚଳିତ କରିବାର ଆଶଙ୍କା ଦେଖାଦେବ। ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ପଡ଼ି କଠିନ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ଭୁଲ୍ ବୁଝାମଣାଜନିତ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ।

**ମୀନ**
ଆଜି ସକାଳୁ ସକାଳୁ ବନ୍ଧୁ କିମ୍ବା ପରିଜନଙ୍କ ସହିତ ଭ୍ରମଣ କରିପାରନ୍ତି। କିନ୍ତୁ ରେବତୀ ନକ୍ଷତ୍ର କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇ ପାରନ୍ତି। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଗୃହ କାମରେ ବ୍ୟସ୍ତ ରହି କୌଣସି କାମକୁ ପାସୋରି ଦେଇ ପାରନ୍ତି। କୋର୍ଟ କାମ ସୁରୁଖୁରୁରେ ହେବ।

ଆଜି କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣିମା ରବିବାର, ଶ୍ରୀମନ୍ଦିରରେ ଡାଳକିଆ ବେଶ, କେଦାର ବ୍ରତ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ନଭେମ୍ବର ୨୬ ତାରିଖ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୪୯ ଗତେ ଘ.୦୯।୦୦ ମଧ୍ୟେ, ଘ.୧୨।୫୫ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୦ ଗତେ ଘ.୦୫।୦୨ ମଧ୍ୟେ ରାହୁକାଳ।




ଭୁବନେଶ୍ୱରସ୍ଥିତ ବିର୍ଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟରେ ଶନିବାର ଆୟୋଜିତ ୬ଷ୍ଠ ସମାବର୍ତ୍ତନ ଉତ୍ସବରେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧିରେ ସମ୍ମାନିତ କରାଯାଉଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବାଲୁକା କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଟ୍ଟନାୟକଙ୍କୁ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷା ଜୟଶ୍ରୀ ମୋହତା ଏହି ଉପାଧି ଦେଉଛନ୍ତି।

# ୨ ଦିନ ପରେ ମିଳିଲା ମୃତଦେହ

### ପଶ୍ଚିମବଙ୍ଗ ଛାତ୍ର ନଦୀରେ ପଡ଼ି ନିଖୋଜ ଘଟଣା

ବଡ଼ବିଲ, ୨୫।୧୧ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଲାଣୀ ଥାନା ଅଧୀନ ପୁଣ୍ଡୁଲ ଜଳପ୍ରପାତରେ ସେଲ୍ଫି ନେବା ବେଳେ ନଦୀକୁ ଖସିପଡ଼ି ନିଖୋଜ ଥିବା ପଶ୍ଚିମବଙ୍ଗ ଛାତ୍ରଙ୍କ ମୃତଦେହ ଶନିବାର ଜବତ ହୋଇଛି। ଷ୍ଟଡିଟୁର୍‌ରେ ଆସିଥିବା ଦୁଇଜଣ ଛାତ୍ର ନଦୀରେ ବୁଡିଯାଇଥିବା ବେଳେ ଜଣଙ୍କୁ ଉପସ୍ଥିତ ଲୋକେ ଉଦ୍ଧାର କରିଥିଲେ। ମୃତ ଛାତ୍ର ହେଲେ ପଶ୍ଚିମବଙ୍ଗ କୋଲକାତାସ୍ଥିତ ହୁଗୁଳି ଆରାମବାଗ ଅଞ୍ଚଳର ତାରାଶଙ୍କର ସରକାର(୨୩)। ସୂଚନା ଅନୁଯାୟୀ, ଗତ ବୁଧବାର କୋଲକାତାସ୍ଥିତ ଆଶୁତୋଷ କଲେଜର ପରିବେଶ ବିଜ୍ଞାନ ସ୍ନାତକୋତ୍ତର ବିଭାଗରୁ ୩୮ ଛାତ୍ରଙ୍କ ସହ ୫ ଜଣ ଅଧ୍ୟାପକ ଷ୍ଟଡିଟୁରରେ କେନ୍ଦୁଝର ଆସିଥିଲେ। ଗୁରୁବାର ବଲାଣୀ ଥାନା କୋଲ୍ହାପାଣ୍ଡୁଲିସ୍ଥିତ ପୁଣ୍ଡୁଲ ଜଳପ୍ରପାତ ଦେଖିବାକୁ ଯାଇଥିଲେ। ଜଳପ୍ରପାତ ନିକଟରେ ତାରାଶଙ୍କର ଓ ନୀଲାବ ଜୀ ହାତ ଧରାଧରି ହୋଇ ସେଲ୍ଫି ନେବାବେଳେ ଗୋଡ଼ ଖସିଯାଇଥିଲା। ଫଳରେ ଉଭୟ ନଦୀଗର୍ଭକୁ ଖସିପଡ଼ିଥିଲେ। ଗାଡ଼ି ଚାଳକମାନେ ଜଣଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ। ତାରାଶଙ୍କରଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ବଲାଣୀ ପୋଲିସ, ଦମକଳ ବାହିନୀ ଓ ଓଡ୍ରାଫ୍ ଟିମ୍ ଖୋଜାଖୋଜି କରି ପାଇ ନ ଥିଲେ। ଶନିବାର ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଓଡ୍ରାଫ୍ ଟିମ୍।

# ପର୍ଯ୍ୟଟକଙ୍କ କାର୍‌କୁ ଧକ୍କା ଦେଲା ଟ୍ରକ୍

### ୨ ଶିଶୁ ସମେତ ୬ ଗୁରୁତର

ପାଟଣା, ୨୫।୧୧ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ସାହାରପଡ଼ା ୨୨୦ ନମ୍ବର ଜାତୀୟ ରାଜପଥର ଧାନବେଣୀ ସ୍କୁଲ ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍‌କୁ ମିନିଟ୍ରକ୍ ସମ୍ମୁଖରୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାର୍‌ରେ ଥିବା ୨ପରିବାରର ୬ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ୩ ଶିଶୁଥିବା ଜଣାପଡ଼ିଛି। ଗୁରୁତରମାନେ ଖୋର୍ଦ୍ଧା ଅଞ୍ଚଳର ଆଦ୍ୟାରଶ୍ମି ରାଉତ(୪୫) ଓ ତାଙ୍କ ଝିଅ ଭାବ୍ୟା ପାଇକରାୟ(୩), ଭଦ୍ରକ କୁପାରୀର ଅତୁଲ୍ୟ ମହାପାତ୍ର (୪୫), ତାଙ୍କ ସ୍ତ୍ରୀ ନମିତା ମହାପାତ୍ର (୩୫), ଝିଅ ଅନନ୍ୟା ମହାପାତ୍ର(୫), ଏ. ମହାପାତ୍ର (୧୨)। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଅଞ୍ଚଳର ଅମୂଲ୍ୟ ପାଇକରାୟଙ୍କ ସ୍ତ୍ରୀ ଆଦ୍ୟାରଶ୍ମି ରାଉତ ବର୍ତ୍ତମାନରେ ରେଲ୍‌ୱେରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ଆଦ୍ୟାରଶ୍ମିଙ୍କ ଭାଉଜ ନମିତା ଓ ନମିତାଙ୍କ ଭାଇ ଅତୁଲ୍ୟ ମହାପାତ୍ର ବିହାର ବୁଲିବାକୁ ଯାଇଥିଲେ। ଶନିବାର ସେଠାରୁ ଘଟଗାଁକୁ ମା' ତାରିଣୀଙ୍କ ଦର୍ଶନ ପାଇଁ ଆସୁଥିଲେ। ଧାନବେଣୀ ନିକଟରେ ପାଟଣା ପାର୍ଶ୍ୱରୁ ଯାଉଥିବା କୋଲକାତାର ଏକ ୪୦୭ ଟ୍ରକ୍ ସହ ତାଙ୍କ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ କାର୍ ସମ୍ମୁଖ ଭାଗ ଭାଙ୍ଗିଯାଇଥିଲା। କାର୍‌କୁ ଅତୁଲ୍ୟ ଚଳାଉଥିବା ବେଳେ ସମ୍ମୁଖ ସିଟ୍‌ରେ ତାଙ୍କ ସ୍ତ୍ରୀ ନମିତା ବସିଥିଲେ। ପଛ ସିଟ୍‌ରେ ଅନ୍ୟମାନେ ବସିଥିଲେ। ସମସ୍ତେ ଗୁରୁତର ହୋଇଥିବା ବେଳେ ପାଟଣା ଅଗ୍ନିଶମବାହିନୀ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ କଟକ ପଠାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ୪୦୭ର ଚାଳକ ଓ ଖଲାସୀ ଗାଡ଼ି ଛାଡି ଫେରାର ହୋଇଯାଇଛନ୍ତି। ୨ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରହିଥିବା ପାଟଣା ଥାନା ଏସ୍ଆଇ ମନୋରମା ସ୍ୱାଇଁ କହିଛନ୍ତି।



ଦୁର୍ଘଟଣାଗ୍ରସ୍ତ କାର୍ ଓ ୪୦୭ ଟ୍ରକ୍।

### ତ୍ରୁଟି ସଂଶୋଧନ

ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ୟୁଥ୍ କନ୍‌କ୍ଲେଭ-୨୦୨୩ ଆୟୋଜିତ ହୋଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ୩ଟି ସଂସ୍ଥା ଏବଂ ୨ ବ୍ୟକ୍ତିବିଶେଷଙ୍କୁ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ପ୍ରଦାନ କରାଯାଇଥିଲା। ପୁରସ୍କୃତ ବ୍ୟକ୍ତିଙ୍କ ମଧ୍ୟରୁ ଜଳେନ୍ଦ୍ର ମହାଳିକଙ୍କ ସ୍ଥାନରେ ରାଜେନ୍ଦ୍ର ମହାଳିକ ପ୍ରକାଶ ପାଇଛି। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖ ପ୍ରକାଶ କରୁଛୁ।

### ପ୍ରଥମ ପୃଷ୍ଠାରୁ...

**ପ୍ରେମିକାଙ୍କୁ ୩୧ ...**

ପାଇଛି ଯେ, ମୁରୁମଡିହି ଗ୍ରାମର ଚନ୍ଦ୍ର ରାଉତ ଓ ତିଲାଙ୍କର ପ୍ରେମ ସମ୍ପର୍କ ଥିଲା। ପୂର୍ବରୁ ବିବାହିତ ଓ ୫ ସନ୍ତାନ ଥିବା ଚନ୍ଦ୍ରଙ୍କ ଘରେ ଏନେଇ ଅସନ୍ତୋଷ ଲାଗି ରହୁଥିଲା। ତେଣୁ ତିଲାଙ୍କୁ ଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିବାକୁ ଯାଇ ଉଭୟେ ତାଙ୍କ ମୃତଦେହକୁ ୩୧ ଖଣ୍ଡ କରି ଜଙ୍ଗଲରେ ପୋତି ଦେଇଥିଲେ। ଚନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବାବେଳେ ନ୍ୟାୟ ଦାବିରେ ଲୋକେ ଅଭିଯୁକ୍ତଙ୍କ ଘର ସାମ୍ନାରେ ପୋଡ଼ି ସତ୍କାର କରିଛନ୍ତି। ଉତ୍ତେଜନା ଲାଗି ରହିଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଉମରକୋଟରୁ ଅଧିକ ଫୋର୍ସ ମଗାଯାଇଥିବା ପୋଲିସ ସୂଚନା ଦେଇଛି। ଥାନାଧିକାରୀ ରଘୁନାଥ ମାଝି ଓ ଏସ୍‌ଡିପିଓ ଆଦିତ୍ୟ ସେନ ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି।

**ରାୟଗଡ଼ାରେ ଗଡ଼ିଲା...**

ଲକ୍ଷ୍ମୀ ବସ୍ ଯୋଗୁ ଚାଷୀ, ବ୍ୟବସାୟୀ ଓ ମା'ମାନେ ଉପକୃତ ହେବେ। ଏହି କାର୍ଯ୍ୟକ୍ରମକୁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ। ଏହି ଅବସରରେ ପାଣ୍ଡିଆନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେ ଜିଲା ଗସ୍ତ କରିଥିଲେ। ରାୟଗଡ଼ାରେ ଲୋକଙ୍କଠାରୁ ପ୍ରସ୍ତାବ ଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପରେ ଜିଲାରେ ଅନେକ ମଠ ମନ୍ଦିର ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁମୋଦନ ଦେଇଥିଲେ। ଲୋକଙ୍କ ମତକୁ ମୁଖ୍ୟମନ୍ତ୍ରୀ ସର୍ବାଧିକ ଗୁରୁତ୍ୱ ଦିଅନ୍ତି ବୋଲି ସେ କହିଛନ୍ତି।

ରାୟଗଡ଼ାସ୍ଥିତ ଜିସିଡି ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗୋ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ପ୍ରମୁଖ ଯୋଗଦେଇ ଓଡ଼ିଶାର ବିକାଶ ପାଇଁ, ରାଜ୍ୟର ଗରିବ, ଆଦିବାସୀ ଓ ମହିଳାମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସାରା ଜୀବନ ସମର୍ପିତ କରିଛନ୍ତି। ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ କହିଥିଲେ ଯେ, ଏହାଦ୍ୱାରା ଗରିବ, ଆଦିବାସୀ ଓ ମହିଳା ମାନେ ବହୁତ ଉପକାର ପାଇବେ। ରାୟଗଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝୀ ସ୍ୱାଗତ ଭାଷଣ ଦେଇଥିଲେ।

**ଘାଟିରେ ଓଲଟିଲା ...**

ସମୟରେ ଓଭଲଲୋଡ୍ ଯୋଗୁ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲା। ଗାଡ଼ିରେ ଥିବା ୧୩ ଶ୍ରମିକଙ୍କ ଉପରେ ସିମେଣ୍ଟ ଓ ରଡ୍ ଚାପି ହୋଇ ରହିଯାଇଥିଲା। ଏଥିରେ ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୭ ଜଣ ହୋଇଥିଲେ। ଗୁରୁତରଙ୍କୁ ଯୋଡ଼ାମ୍ବ ମେଡିକାଲକୁ ନେଇ ପ୍ରାଥମିକ ଚିକିତ୍ସା ପରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଯୋଡ଼ାମ୍ବ ଥାନାରେ ନଂ.୧୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ୬ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଛି। ଦୁର୍ଘଟଣାରେ ମୃତକଙ୍କ ପରିବାର ସଦସ୍ୟଙ୍କୁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ପ୍ରମୁଖ ଉପଖଣ୍ଡ ଚିକିତ୍ସାଳୟରେ ଭେଟି ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ଘୋଷଣା କରିବା ସହିତ ଆହତ ୭ ଜଣଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଘୋଷଣା କରିଛନ୍ତି।

**କୋଚି ବିଶ୍ୱବିଦ୍ୟାଳୟରେ ...**

ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଥିବା ଏକ ଖୋଲା ପ୍ରେକ୍ଷାଳୟରେ ପ୍ରଚ୍ଛଦପଟ ଗାୟିକା ନିଖିତା ଗାନ୍ଧୀ ଓ ତାଙ୍କ ଟିମ୍ ସଙ୍ଗୀତ ପରିବେଷଣ କରୁଥିବାବେଳେ ଏଭଳି ଅଭାବନୀୟ ଘଟଣା ଘଟିଛି। ଆହତମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଚିକିତ୍ସା ପାଇଁ କାଲାମସେରି ମେଡିକାଲ କଲେଜରେ ବ୍ୟବସ୍ଥା କରାଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବାବେଳେ ବର୍ଷା ହେବାରୁ ପଛରେ ଛିଡ଼ାହୋଇଥିବା ଛାତ୍ରୀଛାତ୍ର ହଠାତ୍ ଷ୍ଟେଜ୍ ଆଡ଼କୁ ମାଡ଼ିଯିବାରୁ ଦଳାଚକଟା ସ୍ଥିତି ଉପୁଜିଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଯାଜପୁରରେ ଦନ୍ତାହାତୀ ଆତଙ୍କ

## ଟ୍ରାଙ୍କୁଲାଇଜ୍ କରି କାବୁକଲା ବନ ବିଭାଗ



**ଯାଜପୁର/ବିଞ୍ଝାରପୁର/ପ୍ରୀତିପୁର (ହର୍ଷବର୍ଦ୍ଧନ ବେହେରା/ରାମକୃଷ୍ଣ ଦାସ/ସୁଶାନ୍ତ ବେହୁରିଆ),୨୫।୧୧**

ଯାଜପୁର ଜିଲା ଦଶରଥପୁର ଓ ବିଞ୍ଝାରପୁର ବ୍ଲକ୍ ଅଞ୍ଚଳରେ ଶନିବାର ଦନ୍ତାହାତୀ ଆତଙ୍କ ସୃଷ୍ଟି କରିଛି। ହାତୀଟି କେନ୍ଦୁଝର ଜିଲା ଆନନ୍ଦପୁର ରେଞ୍ଜ ଅଞ୍ଚଳରୁ ଶୁକ୍ରବାର ରାତିରେ ବୈତରଣୀ ନଦୀ କୂଳ ରାସ୍ତାରେ ଦଶରଥପୁର ବ୍ଲକ ଅଞ୍ଚଳକୁ ପ୍ରବେଶ କରିଥିଲା। ସକାଳୁ ଦଶରଥପୁର ବ୍ଲକର ବିରଜାପୁର, ପାଳଟପୁର, ନନ୍ଦିପୁର ଅଞ୍ଚଳ ଦେଇ ବିଞ୍ଝାରପୁର ବ୍ଲକର ଉତ୍ତଙ୍ଗରା, ପ୍ରୀତିପୁର ଅଞ୍ଚଳର ଧାନ ବିଲରେ ପଶି ଉପଦ୍ରବ କରିବା ସହ ଜନବସତି ମୁହାଁ ହୋଇଥିଲା। ବିରଜାପୁରର ଆତଙ୍କିତ ଲୋକମାନେ ପୋଲିସ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହାପରେ ବିଞ୍ଝାରପୁର ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ଅଳକୁଣ୍ଡ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଦାସଙ୍କ ସମେତ ବନ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ କାବୁ କରିବାକୁ ଯୋଜନା କରିଥିଲେ। ହାତୀକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ମଧ୍ୟ ଜମିଥିଲା। ଫଳରେ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ହାତୀ ନିକଟକୁ ନ ଯିବା ଓ ଭୟଭୀତ ନ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ହାତୀଟି ମନ୍ଦାରଖଣ୍ଡ ଛକ ଅତିକ୍ରମ କରି ନନ୍ଦିପୁର ପଞ୍ଚାୟତର ଚଣ୍ଡିଗୋଳ ହାଟ ପଡ଼ିଆ ନିକଟରେ କିଛି ସମୟ ରହିଥିଲା। ଏହାପରେ ବିଞ୍ଝାରପୁର ବ୍ଲକ ଅଧୀନ ଉତ୍ତଙ୍ଗରା ପଞ୍ଚାୟତର ବରିକୁଳ ଗ୍ରାମରେ ପହଞ୍ଚିବା ପରେ ପିଛା କରୁଥିବା ଜଙ୍ଗଲ ବିଭାଗ କର୍ମଚାରୀ ଓ ନନ୍ଦନକାନନରୁ ଆସିଥିବା ବିଶେଷଜ୍ଞ ଦଳ ଅପରାହ୍ନ ସାଢ଼େ ୪ଟାରେ ଟ୍ରାଙ୍କୁଲାଇଜ୍ କରି ହାତୀକୁ କାବୁ କରିଥିଲେ। କଟକ ଡିଏଫ୍‌ଓ ଅଜିତ କୁମାର ଶତପଥୀଙ୍କ ନେତୃତ୍ୱରେ ହାତୀକୁ କ୍ରେନ୍‌ରେ ଉଠାଯାଇ ସୁରକ୍ଷିତ ଭାବେ ହାଇୱା ଟ୍ରକରେ ସ୍ଥାନାନ୍ତର କରାଯିବାକୁ ପଦକ୍ଷେପ ନିଆଯାଉଛି। ହାତୀଟି କେଉଁ ପଲରୁ ବିଚ୍ଛେଦ ହୋଇଛି ତାହାର ଅନୁଧ୍ୟାନ ଚାଲିଛି। ଏହା ସ୍ପଷ୍ଟ ହେବା ପରେ ହାତୀକୁ ସ୍ଥାନାନ୍ତର କରାଯିବ ବୋଲି ଡିଏଫ୍‌ଓ ଶତପଥୀ କହିଛନ୍ତି।

ହାତୀ ଚଲାପଥ (ଏଲିଫ୍ୟାଣ୍ଟ କରିଡର) ଏବଂ ହାତୀ ସଂରକ୍ଷିତ ଅଞ୍ଚଳ (ଏଲିଫ୍ୟାଣ୍ଟ ରିଜର୍ଭ) ଯୋଜନା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଗ୍ରାମାଞ୍ଚଳରେ ହାତୀଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି।

## ଶିମିଳିପାଳ ଅସ୍ଥାୟୀ ଭାବେ ବନ୍ଦ

**ବାରିପଦା, ୨୫।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟକୁ ଅସ୍ଥାୟୀ ଭାବେ ପର୍ଯ୍ୟଟକଙ୍କ ପ୍ରବେଶକୁ ବନ୍ଦ କରାଯାଇଛି। ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ଶିମିଳିପାଳ ବନ୍ଦ ରହିବ ବୋଲି ଶିମିଳିପାଳ କର୍ତ୍ତୃପକ୍ଷ ଜଣାଇଛନ୍ତି। ସେହି ଅନୁଯାୟୀ ପର୍ଯ୍ୟଟକମାନେ ସେମାନଙ୍କର ପରିଦର୍ଶନ ଯୋଜନା କରିବାକୁ ପରାମର୍ଶ ଦେଇଛନ୍ତି। ଅଧିକ ଅନୁଧ୍ୟାନ ପାଇଁ ପର୍ଯ୍ୟଟକମାନେ ଶିମିଳିପାଳର ଅଫିସିଆଲ ୱେବ୍‌ସାଇଟ କିମ୍ବା ଇକୋଟୁର ଓଡ଼ିଶାର ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିପାରିବେ।




## ଶ୍ରମିକ ପରିବାର ସଦସ୍ୟଙ୍କୁ ନେଇ ଉତ୍ତରକାଶୀ ଗଲେ ଶ୍ରମମନ୍ତ୍ରୀ

**ଭୁବନେଶ୍ୱର,୨୫।୧୧(ଅନିଲ ଦାସ)**

ଉତ୍ତରାଖଣ୍ଡର ଉତ୍ତରକାଶୀ ସୁଡ଼ଙ୍ଗରେ ଫସିରହିଥିବା ୪୧ ଶ୍ରମିକଙ୍କ ମଧ୍ୟରେ ୫ ଜଣ ଓଡ଼ିଆ ଅଛନ୍ତି। ଟନେଲ ଭିତରେ ଥିବା ଶ୍ରମିକଙ୍କ ମନୋବଳ ବଢ଼ାଇବା ପାଇଁ ଶନିବାର ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ନାୟକ ସେମାନଙ୍କ ପରିବାର ସଦସ୍ୟଙ୍କୁ ନେଇ ବିମାନରେ ସେଠାକୁ ଯାତ୍ରା କରିଛନ୍ତି। ତେବେ ଫସିଥିବା ସମସ୍ତ ଓଡ଼ିଆ ଶ୍ରମିକ ସୁସ୍ଥ ଥିବା ସୂଚନା ମିଳିଛି। ଉତ୍ତରକାଶୀ ଯିବା ପୂର୍ବରୁ ଶ୍ରମ ମନ୍ତ୍ରୀ ସାରଦା ନାୟକ କହିଛନ୍ତି, ୧୩ ତାରିଖରେ ଓଡ଼ିଶାରୁ ୨ବରିଷ୍ଠ ଅଧିକାରୀ ଉତ୍ତରକାଶୀ ଯାଇଛନ୍ତି। ବର୍ତ୍ତମାନ ସେମାନେ ସେଠାରେ ଅଛନ୍ତି। ସେମାନେ ଫସି ରହିଥିବା ଶ୍ରମିକ ସହ କଥାବାର୍ତ୍ତା କରୁଛନ୍ତି। ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଚାଲିଛି। କୌଣସି କାରଣବଶତଃ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହେଉଛି। ଶ୍ରମିକମାନଙ୍କୁ ଖୁବଶୀଘ୍ର ଟନେଲରୁ ଉଦ୍ଧାର କରାଯିବ ବୋଲି ଆଶା କରାଯାଉଛି। ଜଗନ୍ନାଥଙ୍କ ଆର୍ଶୀବାଦରୁ ୪୧ ଜଣ ଶ୍ରମିକ ଉଦ୍ଧାର ହୋଇ ନିଜ ନିଜ ଘରକୁ ଫେରିବେ।

DADLS-56



## ଆଇଆଇଡି ନିଷ୍କ୍ରିୟ କଲେ ଯବାନ



**ମାଲକାନଗିରି, ୨୫।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲା ଆୱାପଲ୍ଲୀ ଥାନା ଅଞ୍ଚଳରେ ଦୁଇଟି ଆଇଇଡି ବୋମା ଜବତ କରି ଯବାନମାନେ ନିଷ୍କ୍ରିୟ କରିଥିଲେ। ସୂଚନା ଅନୁଯାୟୀ, ବିଜାପୁର ଜିଲା ଆୱାପଲ୍ଲୀ ଥାନା ଅନ୍ତର୍ଗତ ବାସାଗୁଡା ରାସ୍ତାରେ ମାଓବାଦୀ ଦମନ ପାଇଁ ସିଆରପିଏଫ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଉଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡିକୁ ଠାବ କରିଥିଲେ। ରାସ୍ତାରେ ପ୍ରାୟ ୪ ଫୁଟ ତଳେ ଏହି ବୋମା ଥିବା ବେଳେ ତୁରନ୍ତ ରାସ୍ତାତଳୁ ଉକ୍ତ ବୋମା ଜବତ କରି ସୁରକ୍ଷା ବାହିନୀ ଯବାନମାନେ ଘଟଣାସ୍ଥଳରେ ନିଷ୍କ୍ରିୟ କରିଛନ୍ତି। ଯବାନମାନଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀ ସଂଗଠନ ଦ୍ୱାରା ଏହି ଦୁଇଟି ୨୫କିଲୋ ଆଇଡି ଖଞ୍ଜା ଯାଇଥିଲା।

With Best Compliments From:
GURUKUL INTERNATIONAL PUBLIC SCHOOL(GIPS)
Affiliated to CBSE New Delhi, Affiliation No. 1530283
ADMISSION OPEN
FROM NURSERY to
STD - XII (Science,Arts,Commerce)
for the Session 2023-2024
Forms are available in office
From 7 a.m. to 2 p.m.
GOODS SHED ROAD, LANJIPALLI, BERHAMPUR, GANJAM, ODISHA, PIN - 760008
CONTACT No. - 9937885234 ; 8093003766
email : info.gurukulinternational@gmail.com, Website : www.gurukulinternational.net



ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ- ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ- ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା। - ଶ୍ରୀଅରବିନ୍ଦ



# ସୀମା ପୁନଃ ନିର୍ଦ୍ଧାରଣ କେବେ



ଆକାର ପଟେଲ

ପଚାଶ ବର୍ଷ ହେଲାଣି ଭାରତ ସୀମା ପୁନଃ ନିର୍ଦ୍ଧାରଣ(ଡିଲିମିଟେଶନ) ଦ୍ୱାରା ଲୋକ ସଭା ଆସନ ସଂଖ୍ୟା ପରିବର୍ତ୍ତନ କରିନାହିଁ। ଡିଲିମିଟେଶନ ଲାଗି ସାମ୍ବିଧାନିକ ଆଇନର ବ୍ୟବସ୍ଥା ଓ ଏଥିପାଇଁ ଜଣେ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ବାଛିବାର ବ୍ୟବସ୍ଥା ଥିଲେ ମଧ୍ୟ ତାହା ହୋଇପାରୁନାହିଁ। ଏବକାର ମହିଳା ସଂରକ୍ଷଣ ବିଲ୍ ପାସ୍ ହେବା ଏବଂ ଲୋକ ସଭା ଓ ବିଧାନସଭାଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ପରେ ତାହାକୁ କାର୍ଯ୍ୟକାରୀ କରାଯିବ ବୋଲି ଘୋଷଣା କରାଯିବା ପରେ ପୁନର୍ବାର ଡିଲିମିଟେଶନ ବିଷୟ ସାମ୍ନାକୁ ଆସୁଛି। ତେବେ ବର୍ତ୍ତମାନ କେଉଁ ବ୍ୟକ୍ତି ଏହାର କେନ୍ଦ୍ରରେ ଅଛନ୍ତି ତାହା ଅସ୍ପଷ୍ଟ। ଡିଲିମିଟେଶନ କମିଶନର ଶେଷ ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ବିଚାରପତି ରଞ୍ଜନା ଦେଶାଇ ୨୦୨୨ରେ ଦାୟିତ୍ୱ ଛାଡ଼ିଥିଲେ। କିନ୍ତୁ ତାଙ୍କ ନାମ ଏବେ ସୁଦ୍ଧା ଇଲେକ୍ସନ କମିଶନ ୱେବ୍‌ସାଇଟ.ଇନ୍‌ରେ ରହିଛି। ତେବେ ଆସନ୍ତୁ ସୀମା ନିର୍ଦ୍ଧାରଣ ସମ୍ବନ୍ଧିତ ମୁଖ୍ୟ ବିଷୟ ଅର୍ଥାତ୍ ଆମ ରାଜ୍ୟଗୁଡ଼ିକର ଜନସଂଖ୍ୟାରେ ଥିବା ପ୍ରଭେଦ ବିଷୟରେ ସମୀକ୍ଷା କରିବା। ଆନ୍ଧ୍ରପ୍ରଦେଶର ଜଣେ ମହିଳା ଜନ୍ମ ଦେଉଥିବା ହାରାହାରି ସଂଖ୍ୟକ ସନ୍ତାନ (ଫର୍ଟିଲିଟି ରେଟ୍) ୧.୭ ହୋଇଥିବାବେଳେ ବିହାରରେ ଏହା ୩। ଭାରତର ରିପ୍ଲେସ୍‌ମେଣ୍ଟ ରେଟ୍ (ଏକ ଦମ୍ପତିଙ୍କ ପ୍ରଜନନକ୍ଷମ ବର୍ଷଗୁଡ଼ିକ ମଧ୍ୟରେ ଜନ୍ମିତ ପିଲା) ପାଖାପାଖି ୨ରେ ଅଛି ଏବଂ ଆଉ କିଛି ଦଶନ୍ଧିରେ ଆମ ଜନସଂଖ୍ୟା ହ୍ରାସ ପାଇବାରେ ଲାଗିବ। ତେବେ ୨୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଏହା ୨ରୁ କମ୍ ହୋଇଗଲାଣି। ୫୦ ବର୍ଷ ପୂର୍ବେ ଉତ୍ତରପ୍ରଦେଶର(ଉତ୍ତରାଖଣ୍ଡ ସହ) ୮୫ ଲୋକ ସଭା ସଦସ୍ୟ(ଏମ୍‌ପି) ପ୍ରତ୍ୟେକ ୧୦ ଲକ୍ଷ ଲୋକଙ୍କର ପ୍ରତିନିଧିତ୍ୱ କରୁଥିଲେ। ସେହିଭଳି କେରଳର ୨୦, ତାମିଲନାଡୁର ୪୦, କର୍ଣ୍ଣାଟକର ୨୮ ଓ ରାଜସ୍ଥାନର ୨୫ ଏମ୍‌ପିଙ୍କ କ୍ଷେତ୍ରରେ ଏହା ସମାନ ଥିଲା। ପ୍ରଥମ ଥର ଲୋକ ସଭା ଆସନ ବୃଦ୍ଧି ହେବା ପରଠାରୁ ୫୦ ବର୍ଷ ମଧ୍ୟରେ କେରଳର ଜନସଂଖ୍ୟା ୫୬%, ରାଜସ୍ଥାନର ୧୬୬%, ତାମିଲନାଡୁର ୭୫% ଏବଂ ହରିୟାଣାର ୧୫୬% ବୃଦ୍ଧି ଘଟିଛି। ତେବେ ଉତ୍ତରାଞ୍ଚଳକୁ ଅଧିକ କ୍ଷମତା ଦେଇ ପରିବାର ନିୟୋଜନ କ୍ଷେତ୍ରରେ ପ୍ରଭାବୀ କାର୍ଯ୍ୟ କରିଥିବା ଦାକ୍ଷିଣାତ୍ୟ ଲୋକଙ୍କୁ କାହିଁକି ଦଣ୍ଡିତ କରାଯିବ। କିନ୍ତୁ ଏହା ସତ ଯେ, ଜଣେ ଉତ୍ତରାଞ୍ଚଳ ଏମ୍‌ପି ଦକ୍ଷିଣାଞ୍ଚଳର ଏମ୍‌ପିଙ୍କ ତୁଳନାରେ ଅଧିକ ସଂଖ୍ୟକ ଲୋକଙ୍କର ପ୍ରତିନିଧିତ୍ୱ କରନ୍ତି, ଯାହା ଅନୁଚିତ ମନେହୁଏ। ବିହାରର ୩୦ ଓ ଉତ୍ତରପ୍ରଦେଶର ୮୦ ଏମ୍‌ପି ପ୍ରତ୍ୟେକେ ହାରାହାରି ୩୦ ଲକ୍ଷ ଲୋକଙ୍କର ପ୍ରତିନିଧିତ୍ୱ କରନ୍ତି। କିନ୍ତୁ କେରଳର ଜଣେ ଏମ୍‌ପି ହାରାହାରି ୧୭ ଲକ୍ଷ ଏବଂ ତାମିଲନାଡୁର ହାରାହାରି ୧୯ ଲକ୍ଷ ଲୋକଙ୍କର ପ୍ରତିନିଧିତ୍ୱ କରିଥାନ୍ତି। ଜନସଂଖ୍ୟାର ପ୍ରଭେଦ ଯୋଗୁ ରାଜ୍ୟଗୁଡ଼ିକରେ ଲୋକ ସଭା ଆସନ ସଂଖ୍ୟା ମଧ୍ୟରେ ପ୍ରଭେଦ ରହିଥିଲେ ବି ପ୍ରତ୍ୟେକ ଏମ୍‌ପି ହାରାହାରି ପ୍ରାୟ ସମାନ ସଂଖ୍ୟକ ନାଗରିକଙ୍କର ପ୍ରତିନିଧିତ୍ୱ କରିଥିଲେ। ଏବେ କିନ୍ତୁ ସ୍ଥିତି ସେଭଳି ନାହିଁ। ଡିଲିମିଟେଶନ କମିଶନ ଗଠନ ହେଲେ ତାହା ଚାପରେ ରହିବ। ସମ୍ଭବତଃ ଏହି ପ୍ରକ୍ରିୟା ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବିଳମ୍ବ ହେବ, କାରଣ ଏହାପାଇଁ ପ୍ରଥମେ ଜନଗଣନାର ଆବଶ୍ୟକତା ରହିଛି। ହେଲେ ଏହାକୁ ବନ୍ଦ ରଖାଯାଇଛି। ଏହାର ଆଉ ଏକ କାରଣ ହେଉଛି, ସମସ୍ତ ଲୋକ ସଭା ଆସନରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ଆଇନ ପ୍ରଣୟନ, ଯାହା ପାଇଁ ସୀମା ପୁନଃ ନିର୍ଦ୍ଧାରଣର ଅଧିକ ଆବଶ୍ୟକତା ଅଛି।

କୌଣସି ପଦକ୍ଷେପ ନ ନେବା ସମ୍ବିଧାନ ଉଲ୍ଲଂଘନ ବୋଲି ଜଣାପଡୁଛି। ଅନୁଚ୍ଛେଦ ୮୨ (ପ୍ରତ୍ୟେକ ଜନଗଣନା ପରେ ପୁନଃ ସମାୟୋଜନ) କହେ, ପ୍ରତ୍ୟେକ ଜନଗଣନା ଶେଷ ହେବା ପରେ ତାହାକୁ ଆଧାରକରି ଦେଶରେ ଲୋକ ସଭା ଆସନ ଆବଣ୍ଟନ ଏବଂ ପ୍ରତ୍ୟେକ ରାଜ୍ୟରେ କ୍ଷେତ୍ରୀୟ ନିର୍ବାଚନ କ୍ଷେତ୍ରଗୁଡ଼ିକର ବିଭାଜନ ଏଭଳି ଅଧିକାରୀଙ୍କ ଦ୍ୱାରା ପୁନଃ ସମାୟୋଜନ କରାଯିବା ଦରକାର ଯେଭଳି ସଂସଦୀୟ ଆଇନ ଦ୍ୱାରା ତାହାକୁ ନିର୍ଦ୍ଧାରିତ କରାଯାଇପାରିବ। ଏଠାରେ ଉଲ୍ଲେଖ କରାଯାଇଥିବା 'ପ୍ରତ୍ୟେକ ଜନଗଣନା' ଶବ୍ଦକୁ ଲକ୍ଷ୍ୟ କରନ୍ତୁ ଏବଂ ଏହା ଉପରେ ବିଗତ ୫୦ବର୍ଷର ପଦକ୍ଷେପକୁ ଦେଖନ୍ତୁ। ପ୍ରକୃତରେ ଏହା ଉପରେ ସଫଳତାପୂର୍ବକ କୌଣସି ପଦକ୍ଷେପ ନିଆଯାଇନାହିଁ। ୧୯୭୨ ପର୍ଯ୍ୟନ୍ତ ପ୍ରକ୍ରିୟା ନିୟମାନୁସାରେ ଠିକ୍ ଚାଲିଥିଲା। ୧୯୫୦ ଦଶନ୍ଧିରେ ଲୋକ ସଭା ଆସନ ସଂଖ୍ୟା ୪୯୪ ଥିଲାବେଳେ ୧୯୬୦ ଦଶନ୍ଧିରେ ଏହା ୫୨୨କୁ ଏବଂ ୧୯୭୦ ଦଶନ୍ଧିରେ ପହଞ୍ଚିଲା ୫୪୩ରେ। ସେହି ସମୟରେ ଉପରେ ଦର୍ଶାଯାଇଥିବା ସଦସ୍ୟମାନେ ସବୁ ରାଜ୍ୟରେ ହାରାହାରି ସମାନ ସଂଖ୍ୟକ ଲୋକଙ୍କର ପ୍ରତିନିଧିତ୍ୱ କରୁଥିଲାବେଳେ ଦକ୍ଷିଣ ଭାରତର ସ୍ଥିତି ଭଲ ଥିଲା। ଏହି ସମୟରେ ବିଶେଷକରି ଉତ୍ତରାଞ୍ଚଳରେ ପରିବାର ନିୟୋଜନକୁ ଦେଶ ଉତ୍ସାହିତ କରିବାର ଆବଶ୍ୟକତା ରହିଥିଲା।

ଦେଶରେ ଜରୁରୀ ପରିସ୍ଥିତି ସମୟରେ ଇନ୍ଦିରା ଗାନ୍ଧୀ ସରକାର ନେଇଥିବା ପଦକ୍ଷେପ ଏବଂ ୧୯୮୦ ଦଶନ୍ଧିର ଶେଷ ପର୍ଯ୍ୟନ୍ତ ଦୂରଦର୍ଶନ ଓ ଛାପା ଗଣମାଧ୍ୟମରେ ପରିବାର ନିୟୋଜନ ଯୋଜନାର ବ୍ୟାପକ ବିଜ୍ଞାପନ ସମ୍ପର୍କରେ ଅନେକେ ଜାଣିଥିବେ। ଏଥିରୁ ସ୍ପଷ୍ଟ ଯେ, ସୀମା ନିର୍ଦ୍ଧାରଣକୁ ଦୃଷ୍ଟିରେ ରଖି ସବୁ ରାଜ୍ୟ ମଧ୍ୟରେ ସମାନତା ଆଣିବା ଲାଗି ଏହି ଦୀର୍ଘ ପ୍ରଚାର ଅଭିଯାନର ଉଦ୍ଦେଶ୍ୟ ଥିଲା। କିନ୍ତୁ ଜନଗଣନା ଏବଂ ସୀମା ପୁନଃ ନିର୍ଦ୍ଧାରଣ ମଧ୍ୟରେ ସମ୍ପର୍କ ଛିନ୍ନ ହୋଇଗଲା। ୧୯୮୦ ଓ ୧୯୯୦ ଦଶକରେ ଜନଗଣନା କଲାବେଳକୁ ସଂଖ୍ୟାରେ ଅସମାନତା ବୃଦ୍ଧି ହୋଇଥିବା ଜଣାପଡ଼ିଲା ଏବଂ ସୀମା ପୁନଃ ନିର୍ଦ୍ଧାରଣ ହୋଇପାରିଲା ନାହିଁ। ୨୦୦୨ରେ ବାଜପେୟୀ ସରକାର କିଛି ସମସ୍ୟାକୁ ଆଳକରି ଏଥିରେ ବିଳମ୍ବ କଲେ। ଏହା କେବେ ହେବ ତାହା କେହି ଜାଣନ୍ତି ନାହିଁ। ୨୦୨୧ ଜନଗଣନାକୁ ବନ୍ଦ କରାଗଲା । ଏହାର କାରଣ କୋଭିଡ୍ ମହାମାରୀ ବୋଲି ଦର୍ଶାଗଲା। କିନ୍ତୁ ମହାମାରୀ ଚାଲିଗଲା ପରେ ଏଯାବତ୍ ଜନଗଣନାର କୌଣସି ସଙ୍କେତ ନାହିଁ।

ଆଶା କରିବା, ଜନଗଣନା ଶୀଘ୍ର ହେଉ। କିନ୍ତୁ ଏଥିପାଇଁ ସରକାର କିଛି ତ୍ୱରିତ ତଥା ସ୍ପଷ୍ଟ ପଦକ୍ଷେପ ନେବାକୁ ହେବ। କିନ୍ତୁ ଦୀର୍ଘ ୫୦ ବର୍ଷ ମଧ୍ୟରେ ହୋଇଥିବା ବ୍ୟାପକ ପରିବର୍ତ୍ତନ ଓ ଅସମାନତାର ବାସ୍ତବତାକୁ ବିଚାରକଲେ ଏହା କରିବା ସହଜ ନୁହେଁ। କିନ୍ତୁ ତାହା ପାଇଁ କାର୍ଯ୍ୟ ଆରମ୍ଭ କରିବା ଦରକାର, ଯାହା ଏଯାବତ ହୋଇନାହିଁ। ଆମ ନେତାଙ୍କ ଢଙ୍ଗକୁ ଦେଖିଲେ ଏହା ଆରମ୍ଭ ହେବା ସମ୍ଭାବନା ନ ଥିବା ଜଣାପଡୁଛି।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 2 | | 9 | | | 4 |
| | | 2 | | | 3 | 1 | | |
| | | | 4 | | | | 6 | 5 |
| | 3 | | | | | | | 8 |
| | 1 | | 8 | | | | | |
| | 2 | | | 7 | | 5 | | |
| | | | | 1 | | 7 | 5 | |
| | | | 9 | | | 6 | | |
| | | 6 | | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 5 | 6 | 3 | 7 | 9 | 4 | 8 |
| 4 | 6 | 9 | 8 | 1 | 2 | 7 | 5 | 3 |
| 3 | 8 | 7 | 5 | 4 | 9 | 1 | 6 | 2 |
| 5 | 4 | 1 | 3 | 7 | 8 | 6 | 2 | 9 |
| 8 | 3 | 2 | 4 | 9 | 6 | 5 | 1 | 7 |
| 7 | 9 | 6 | 1 | 2 | 5 | 8 | 3 | 4 |
| 6 | 7 | 4 | 9 | 5 | 3 | 2 | 8 | 1 |
| 9 | 5 | 3 | 2 | 8 | 1 | 4 | 7 | 6 |
| 1 | 2 | 8 | 7 | 6 | 4 | 3 | 9 | 5 |

ଗତକାଲିର ଉତ୍ତର

# ଆମେ ଆମର ଗାତ ଖୋଳୁଛୁ



ସହଦେବ ସାହୁ

ତାତି ଆଉ ଧୂଆଁ ମଣିଷର କାଳ ହେଲାଣି। ଆମେ କ୍ଲାଇମେଟ୍ ଚେଞ୍ଜ ଉପରେ ଏତେ ସତର୍କ ହେଲା ପରେ ବି ଏବେ ପ୍ରତି ସେକେଣ୍ଡରେ ୧୩୩୭ ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଛାଡୁଛୁ। ଏଭଳି ପ୍ରଦୂଷଣ ବୃଦ୍ଧିକୁ ରୋକିବାକୁ ଆମେ ଯେତେ ଡେରି କରୁଛୁ ମଣିଷ ଜୀବନ ପ୍ରତି ବିପଦ ସେତେ ବେଶି ବଢ଼ାଉଛୁ। ୨୦୨୩ରେ ଜାଗତିକ ତାପ ଯେତେ ଗରମ ଜଣାଯାଇଛି ତାହା ଗତ ଲକ୍ଷେ ବର୍ଷ ଭିତରେ ଦେଖାଯାଇନାହିଁ। ଆମେ ନିୟନ୍ତ୍ରଣ କରିବାରେ ଯେତେ ମୁହୂର୍ତ୍ତ ଡେରି କରୁଛୁ, ବଞ୍ଚିରହିବାଟା ସେତେ କଷ୍ଟକର ହେଉଛି ଓ ମୁକାବିଲା କରିବାର ଖର୍ଚ୍ଚ ସେତେ ବେଶି ବଢୁଛି। ଧନୀମାନେ ଥଣ୍ଡା ଓ ସହନଶୀଳ ପ୍ରଦୂଷଣରେ ରହିବା ଲାଗି ଯେତେ ବେଶି ଖର୍ଚ୍ଚ କରୁଥିବେ, ପୃଥିବୀର ଜଳବାୟୁ ସେତେ ଅଧିକ ଗରମ ଓ ପ୍ରଦୂଷିତ ହେଉଥିବ। ଗରିବମାନେ ସେତେ ବେଶି ସଂଖ୍ୟାରେ ଜୀବନ ହରାଇବେ। ଗରମ ପରିବେଶ ଯୋଗୁ ୨୦୫୦ ବେଳକୁ ମୃତ୍ୟୁହାର ୪.୭ ଗୁଣ ବଢ଼ିଯିବ ବୋଲି ଲଣ୍ଡନସ୍ଥ ୟୁନିଭର୍ସିଟି କଲେଜଠାରେ 'ଲାନ୍‌ସେଟ୍ କାଉଣ୍ଟଡାଉନ୍'ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ମାରିନା ରୋମାନେଲୋ କହୁଛନ୍ତି। ଧନୀମାନଙ୍କ ଉପରେ ଗରିବର ହିଂସାତ୍ମକ କାରବାର ବଢ଼ିଯିବ, ସଂଖ୍ୟାଲଘୁ ଥିଲାବାଲାଙ୍କ ଉପରେ ସଂଖ୍ୟାଧିକ ଦୁଃଖୀଙ୍କ ଆକ୍ରମଣ ବଢ଼ିବ, ଗଣତନ୍ତ୍ର ବିପନ୍ନ ହେବ, ଧନୀଙ୍କ ସମର୍ଥିତ ନେତାଙ୍କ (ବା ନେତାଗୋଷ୍ଠୀର) ଡିକ୍ଟେଟରଶିପ୍ ଚାଲିବ। ଲୋକେ ପୋକ ମାଛି ଭଳି ସୁକୁଟି ମରିବେ। ଆଗେ ଆମେ କହୁଥିଲୁ ସରକାର, ଶିଳ୍ପପତି, କମ୍ପାନୀ, ବ୍ୟବସାୟୀ ଓ ବ୍ୟାଙ୍କ୍‌ମାନେ ଫସିଲ୍ ତେଲ ଓ ଗ୍ୟାସ୍ ଉପରେ ପୁଞ୍ଜି ଖଟାଇ ସଙ୍କଟକୁ ବଢ଼ାଉଛନ୍ତି। ଏବେ ଆମେ କହିଲୁଣି ଆମ ଚାଷୀମାନେ ପ୍ରଦୂଷଣ ବଢ଼ାଉଛନ୍ତି। ପାଖଆଖ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶର ଚାଷୀମାନେ କ୍ଷେତରେ ଅମଳ ପରେ ରହିଯାଉଥିବା ଧାନ ଖୁଣ୍ଟି ଓ ବଳି ପଡୁଥିବା ନଡ଼ାକୁ ଜାଳି ପାଉଁଶ କରୁଥିବାରୁ ଦିଲ୍ଲୀରେ ବାୟୁପ୍ରଦୂଷଣ ମାରାତ୍ମକ ହେଉଛି; ସେଠାକାର ଅଧିବାସୀମାନଙ୍କ ଆୟୁଷ ୧୦ ବର୍ଷ କମିଯାଉଛି ବୋଲି ଗବେଷକମାନେ କହିଲେଣି। ବାୟୁ ଗୁଣ ସୂଚନାଙ୍କ (ବାଗୁସୂ), ଇଂରାଜୀରେ ଏଆର୍ କ୍ୱାଲିଟି ଇଣ୍ଡେକ୍ସ, (ଏକ୍ୟୁଆଇ,) ୧୦୦ ତଳକୁ ରହିଲେ ସୁସ୍ଥ ବୋଲି ଧରାଯାଏ, କିନ୍ତୁ ନଭେମ୍ବରରେ ୪୦୦ ଉପରକୁ ରହୁଛି। ଗବେଷକମାନେ ମୁଖ୍ୟତଃ ପଞ୍ଜାବରେ ଧାନଚାଷକୁ ଦାୟୀ କରୁଛନ୍ତି।

ସ୍କୁଲରେ ପଢ଼ିଲା ବେଳଠୁଁ ଆମେ ଜାଣୁ ପଞ୍ଜାବ ଗହମ ଚାଷ ପାଇଁ ପ୍ରକୃଷ୍ଟ, ଗହମ ଅଳ୍ପ ବୃଷ୍ଟି ଦରକାର କରେ, ଅମଳପରର ଗହମ ବୁଦାମୂଳ ବା ଖୁଣ୍ଟି ପତଳା, ଗହମ ଗଛ ଛୋଟ ଓ ପତଳା। ଖୁଣ୍ଟି ଜାଳି ପାଉଁଶ କଲେ ଖତ ହୁଏ। କିନ୍ତୁ ଧାନଗଛ ବହଳିଆ ବୁଦା, ମଳା ହୋଇଥିବା ଛଣବିଣ୍ଡା ବା ଛଣଗଦା ବେଶ୍ କିଛି ଧୂଆଁ ଛାଡ଼େ। ସେସବୁ ପଶ୍ଚିମା ପବନରେ ପଞ୍ଜାବ ଓ ହରିୟାଣାରୁ ଦିଲ୍ଲୀ ଆଡ଼େ ବହେ। ଧୂଆଁ ଏଡ଼ାଇବା ଲାଗି ଖୁଣ୍ଟା ଓ ନଡ଼ା ପୋତିଦେବା ଉଚିତ ହେବ, କିନ୍ତୁ ତାହା ଖର୍ଚ୍ଚବହୁଳ। ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଦିଲ୍ଲୀ ଓ ଉତ୍ତରପ୍ରଦେଶର ପ୍ରଦୂଷଣ ତନଖି (ମନିଟର୍) କରୁଥିବା ସେଣ୍ଟ୍ରାଲ୍ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ (ସିପିସିବି) ଉପଗ୍ରହ ଜରିଆରେ ସର୍ବେକ୍ଷଣ କରି ଦେଖିଛି ଯେ ଗତ ନଭେମ୍ବର ୧୪ ଦିନ ହରିୟାଣାରେ ୪୪ ଗଦାରେ, ଉତ୍ତରପ୍ରଦେଶରେ ୧୭୬ ଗଦାରେ ନିଆଁ ହୁତୁହୁତୁ ହୋଇ ଜଳୁଥିଲା। ରାଜନୀତି-କାରଣରୁ ସେ ପଞ୍ଜାବର ତଥ୍ୟ ଦେଇନାହାନ୍ତି, କିନ୍ତୁ ଗବେଷକମାନେ କହିଲେଣି ପଞ୍ଜାବରେ ଅତିରିକ୍ତ ଧାନଚାଷ ବେଶି ପରିମାଣରେ ଦାୟୀ। ଦିଲ୍ଲୀର ପଡ଼ୋଶୀ ରାଜ୍ୟମାନଙ୍କୁ ନଡ଼ା ଓ ଖୁଣ୍ଟା ଜାଳିବାରୁ ନିବୃତ୍ତ ରହିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଲା ବେଳେ ଧାନଚାଷ ଉପରେ ଉପଦେଶ ଦେଇଥିଲେ। ଗହମ ଚାଷଠାରୁ ଧାନଚାଷକୁ ଉତ୍ସାହିତ କରୁଛନ୍ତି ସରକାର। ଚାଉଳର ନ୍ୟୂନତମ କ୍ରୟମୂଲ୍ୟ ଚାଷୀକୁ ଲାଭଜନକ ହେଉଛି, ପଞ୍ଜାବୀ ଚାଷୀ ବାହାର ରାଜ୍ୟକୁ ଚାଉଳ ପଠାଇ ବେଶି ଲାଭ ପାଉଛି, ତେଣୁ ଧାନଚାଷରୁ ମୁହଁ ଫେରାଉ ନାହିଁ। ଧାନ ପ୍ରଚୁର ଜଳ ଦରକାର କରେ, ତେଣୁ ପଞ୍ଜାବ ଭୂତଳ ଜଳର ବହୁଳ ବ୍ୟବହାର କରୁଛି। ବିଶ୍ୱର ୧୭% ଲୋକ ଥିବା ଭାରତ ବିଶ୍ୱର ୪% ମଧୁର ଜଳର ମାଲିକ, ପ୍ରକୃତି ବଡ଼ ନିର୍ଦ୍ଦୟ। ପ୍ରଚୁର ବୃଷ୍ଟି ପାଉଥିବା ପୂର୍ବ ଭାରତରେ ଧାନଚାଷ ହେଲେ ପ୍ରାକୃତିକ ପରିବେଶ ଭଲ ରହିବ, ଅଳ୍ପ ବୃଷ୍ଟି ପାଉଥିବା ଉତ୍ତର-ପଶ୍ଚିମ ଭାରତରେ ଗହମ ଓ ମିଲେଟ୍ ଚାଷ ହେବା ଉଚିତ। ପଞ୍ଜାବର ଚାଷୀ ଚାଉଳକୁ କାସ୍ କ୍ରପ୍ (ପଇସାଅଣା ଫସଲ) ରୂପେ ଗଣିଲାଣି, ସେଥିପାଇଁ ସରକାର ନିର୍ଦ୍ଧାରଣ କରୁଥିବା ନିମ୍ନତମ ମୂଲ୍ୟ ଉତ୍ସାହଜନକ ହୋଇଛି। କମିଶନ୍ ଫର୍ ଆଗ୍ରିକଲ୍ଚରାଲ୍ କଷ୍ଟମସ୍ ଆଣ୍ଡ ପ୍ରାଇସେସ୍ (ସିଏସିପି) ବିଭିନ୍ନ ଖରିଫ ଶସ୍ୟର ଉତ୍ପାଦନ ଖର୍ଚ୍ଚ ଓ ଜମିର ଭଡ଼ାକୁ ହିସାବକୁ ନେଇ ଏକର ପିଛା କେତେ ଉତ୍ପାଦନ ହେଉଛି ତା' ଉପରେ ଖରିଫ ଋତୁର ଧାନ ଉତ୍ପାଦନ ଖର୍ଚ୍ଚ (କଷ୍ଟ ଅଫ୍ ପ୍ରଡକ୍ସନ, ସିଓପି) କ୍ୱିଣ୍ଟାଲ୍ ପିଛା ଟ.୧୯୧୧ ହିସାବ



କରିଛନ୍ତି। ତେଣୁ ସାଧାରଣ ଧାନ ଓ ଗ୍ରେଡ୍‌ଏ ଧାନର କ୍ୱିଣ୍ଟାଲ୍ ପିଛା କିଣା ଦର ଟ.୨୧୮୩ ଓ ଟ.୨୨୦୩ ଧାର୍ଯ୍ୟ କଲେ। ତା' ତୁଳନାରେ ମକା (ମେଜ୍) ଖର୍ଚ୍ଚ ଟ.୧୭୯୭ ନିର୍ଦ୍ଧାରଣ ହେଲା। ୨୦୨୩-୨୪ ଖରିଫ ଧାନ ପାଇଁ ସିଏସିପି ସାଧାରଣ ଓ ଗ୍ରେଡ୍ ଏ ଧାନ ପାଇଁ ଟ.୧୭୯୭ ଓ ଏମ୍‌ଏସ୍‌ପି ଟ.୨୦୯୦ ହେଲା। ମୋଟା ଶସ୍ୟ (କୋର୍ସ ସିରିଅଲ୍) ଭିତରେ ବାଜରା (ପାର୍ଲ ମିଲେଟ୍) ଉତ୍ପାଦନ ଖର୍ଚ୍ଚ ସବୁଠୁ କମ୍ କ୍ୱିଣ୍ଟାଲ୍‌କୁ ଟ.୧୮୧୧, ଜବାର ଓ ରାଗି ଟ.୨୮୩୩ ଓ ଟ.୩୩୨୮। ଧାନ ଉତ୍ପାଦନ କଳନା ବଢ଼ିଛି, ୨୩-୨୪ ପାଇଁ ହେକ୍ଟରକୁ ୪୩.୭ କ୍ୱିଣ୍ଟାଲ୍ ଅଥଚ ଜୁଆର ୧୩.୬ କ୍ୱିଣ୍ଟାଲ୍, ବାଜରା ୧୬.୯ କ୍ୱିଣ୍ଟାଲ୍, ରାଗି ୧୯ କ୍ୱିଣ୍ଟାଲ୍ ଓ ମକା ୩୭ କ୍ୱିଣ୍ଟାଲ୍। ହିସାବ କହୁଛି ଧାନରେ ସବୁଠୁ ବେଶି ମିଳୁଛି। ଏମିତି ବେଶି ମିଳୁଥିବା ବେଳେ ଚାଷୀ କାହିଁକି ଧାନଚାଷ ନ କରିବ, ସେମାନେ ଚାଉଳ ନ ଖାଉଥିଲେ ବି! ଦେଶର କ୍ଷତି, କାରଣ ଧାନ ବେଶି ପାଣି ଦରକାର କରେ, ପଞ୍ଜାବ ଭଳି ସ୍ୱଳ୍ପବୃଷ୍ଟି ଅଞ୍ଚଳରେ ଜଳ କଷ୍ଟ ବଢ଼ାଇବ, ପୂର୍ବ ଭାରତ ଭଳି ବୃଷ୍ଟିବହୁଳ ଅଞ୍ଚଳରେ ଯେଉଁଠି ଧାନଚାଷ ହେଲେ ବି ବୋହିଯାଉଥିବା ବର୍ଷାଜଳ କାମରେ ଆସିବ, ସେଠି ଧାନଚାଷ କରି ପଞ୍ଜାବୀ ଚାଷୀଙ୍କ ଦ୍ୱାରା ହାରିଯିବେ, ଅଧିକ ପାଣି ବ୍ୟବହାର ଓ ପାଣିର ଅବ୍ୟବହାର। କମ୍ ବର୍ଷା ଯୋଗୁ ଜଳାନଡ଼ାର ଧୂଆଁରୁ ପ୍ରଦୂଷଣକାରୀ କଣିକାମାନ (ପିଏମ୍୨୫ ଭଳି) ଆକାଶରେ ଭାସି ରହନ୍ତି ଓ ଏକ୍ୟୁଆଇ ବଢ଼ାନ୍ତି।

ପ୍ରଦୂଷଣ ବୃଦ୍ଧିଜନିତ ତାତି ବୃଦ୍ଧି ଜଳପ୍ରଳୟର କାରଣ ହେଲାଣି, ମେରୁ ଅଞ୍ଚଳୀୟ ବରଫଖଣ୍ଡମାନ ତରଳି ଉପକୂଳବର୍ତ୍ତୀ ସ୍ଥଳଭାଗର ପୃଷ୍ଠଦେଶକୁ ଜଳମଗ୍ନ କରିଦେବେ, ସମୁଦ୍ରପନରୁ ସ୍ୱଳ୍ପ ଉଚ୍ଚତାରେ ଥିବା ସ୍ଥଳଭାଗ (ସେଠି ତ ଘନ ଜନବସତି) ଉପରେ ସମୁଦ୍ର ମାଡ଼ିବସିବ। କେତେକ ଧରାପୃଷ୍ଠରୁ ସମ୍ପୂର୍ଣ୍ଣରୂପେ ଲୀନ ହେବେ। ଧନ ସମ୍ପର୍କରେ ଅଜ୍ଞ ଲୋକେ ପାହାଡ଼ିଆ ବଣଜଙ୍ଗଲ (ହାଏ ଅଲ୍ଟିଚ୍ୟୁଡ୍)ରେ ବଞ୍ଚିଯିବେ ତ ଖୁବ୍ ଧନୀମାନେ ଦାମିକା ଯନ୍ତ୍ରପାତି ଘେରରେ ବଞ୍ଚି ରହିବାର ଚେଷ୍ଟା କରିବେ। ଧନ ଓ ଧର୍ମ- ଏସବୁରେ ମାତିଥିବା ଲୋକଙ୍କ ଭିତରୁ କିଞ୍ଚିତ୍ ଶତାଂଶ ଉଦ୍ଧାର ପାଇବେ- ପାହାଡ଼ ପର୍ବତ ଓ ଉଚ୍ଚତର ଭୂଖଣ୍ଡରେ ଥିବା ଯେଉଁମାନେ ରକ୍ଷାପାଇବେ, ସେହିମାନେ ହିଁ ମାନବ ସଭ୍ୟତାକୁ ପୁନଃ ସ୍ଥାପନ କରିବେ। ଯଦି ପୃଥିବୀ ବାହାରେ ମଣିଷ ଭଳି ପ୍ରାଣୀ ଅଛନ୍ତି, ସେମାନେ କେବେ ପୃଥିବୀକୁ ଆସିଗଲେ ଦେଖିବେ ଯେ ନିଜର ନୀଡ଼କୁ ଅକ୍ଷୁଣ୍ଣ ରଖିବା, ପରିବେଶକୁ ସଷ୍ଟେନେବଲ୍ ବା ଅକ୍ଷୟ ରଖିବାର ନିୟମ ହିଁ ଧର୍ମ। ୨୦୫୦ ସୁଦ୍ଧା ୧୬୭ କୋଟି ସଂଖ୍ୟା ଛୁଉଁଥିବା ଭାରତୀୟମାନଙ୍କୁ ଖାଇବା ପିଇବା ଓ ବିଜୁଳି ଯୋଗାଇବା ତଥା କୃଷି ଉପରେ ନିର୍ଭର କରୁଥିବା ୫୫% ଭାରତୀୟଙ୍କୁ ସ୍ୱଚ୍ଛଳ କରିବା ଏକ ବଡ଼ ଆହ୍ୱାନ! ଜଳବାୟୁକୁ ସୁସ୍ଥ ରଖିବା ଲାଗି ଆମ ସରକାର ୩ଟି ପଦକ୍ଷେପ ନେବା ଦରକାର: (୧) ଯାବତୀୟ ଉତ୍ପାଦନ ପ୍ରକ୍ରିୟାରେ ପ୍ରଦୂଷଣମୁକ୍ତ ଧୂଆଁ, (୨) ନିମ୍ନତମ ଆବଶ୍ୟକତାଠାରୁ ବେଶି ଜଳ ବ୍ୟବହାର ଉପରେ ଦଣ୍ଡ, ଯେଉଁଠି ବର୍ଷାପାଣି ପ୍ରଚୁର ପରିମାଣରେ ସମୁଦ୍ରକୁ ବହିଯାଉଛି ତାକୁ ଭଣ୍ଡାରରେ ରଖନ୍ତୁ ବା ଭୂତଳମୁହାଁ କରାନ୍ତୁ ଓ ଯେଉଁଠି କମ୍ ବୃଷ୍ଟି ସେଠି କମ୍ ବୃଷ୍ଟିରେ ଉଧୋଉଥିବା ଶସ୍ୟ ଫଳାନ୍ତୁ ଓ (୩) ପାଣିପାଗକୁ ଚାହିଁ କୃଷିକର୍ମ ଓ ଭୂଇଁ-ଅନୁକୂଳ ଚାଷ କରାନ୍ତୁ। ଜିଡିପି ବୃଦ୍ଧି ଚିନ୍ତାରେ ସାମାଜିକ ଧର୍ମରେ ଗ୍ଳାନି ଆସିଗଲାଣି, କେହି ଜଣେ ଅବତାରୀ ବ୍ୟକ୍ତି ସମ୍ଭବ ହେବାର ଯୁଗ ଆସିଗଲାଣି।

sahadevas@yahoo.com

# 'ଫାୟାର ବାର୍ଡ'ର ସ୍ରଷ୍ଟା

## ବ୍ୟକ୍ତିତ୍ୱ



ପେରୁମାଲ ମୁରୁଗାନ

ପରିବର୍ତ୍ତିତ ପୃଥିବୀରେ ମଣିଷ ନିଜର ସ୍ଥାୟିତ୍ୱ ବୁଝିବାରେ ଯେଭଳି ଅକ୍ଷମ। ମୁଥୁଙ୍କ ବିଶ୍ୱ ଭଙ୍ଗୁର ହୋଇଯାଉଛି ଯେତେବେଳେ ତାଙ୍କ ପିତା ପୈତୃକ ସମ୍ପତ୍ତିକୁ ଭାଗ କରିଦେଉଛନ୍ତି। ସବା ବଡ଼ ଭାଇ ଅସାଧୁ ଉପାୟ ଅବଲମ୍ବନ କରି ସାନ ଭାଇ ମୁଥୁଙ୍କୁ ଘରୁ ତଡ଼ିଦେବା ଭଳି ସ୍ଥିତି ସୃଷ୍ଟି କରିବା ପରେ ସେ ଅସହାୟ ହୋଇଯାଉଛନ୍ତି। ଶେଷରେ ଘର ଛାଡ଼ି ନୂତନ ଦୁନିଆରେ ନିଜ ସ୍ତ୍ରୀ ଓ ଛୁଆଙ୍କୁ ନେଇ ମୁଥୁ ବଞ୍ଚିବାକୁ ଚାଲିଯାଉଛନ୍ତି। ତାଙ୍କର ଅପୂରଣୀୟ କ୍ଷତିକୁ ବୁଝିବାକୁ କେହି ନାହାନ୍ତି। ଏଠାରେ ମୁଥୁ ତାଙ୍କ ସ୍ଥାୟୀ ଦୁନିଆକୁ ଛାଡ଼ି ସ୍ଥାନାନ୍ତରିତ ହେଉଥିବା ପକ୍ଷୀ ପରି ଅନ୍ୟତ୍ର ଯିବା ବେଳର ଦୃଶ୍ୟକୁ ଲେଖକ ବର୍ଣ୍ଣନା କରୁଛନ୍ତି। ଚିନ୍ତା ଉଦ୍ରେକକାରୀ 'ଫାୟାର ବାର୍ଡ' ଉପନ୍ୟାସରେ ତାମିଲ ଔପନ୍ୟାସିକ ପେରୁମାଲ ମୁରୁଗାନ ସ୍ୱାର୍ଥ ପାଇଁ ପାରିବାରିକ ବନ୍ଧନ କିଭଳି ଭାଙ୍ଗିଯାଉଛି, ତାହା ପ୍ରୟାସ କରିଛନ୍ତି। ଏଭଳି ସମ୍ପର୍କକୁ ସେ ଏକ ରହସ୍ୟମୟ ପକ୍ଷୀର ଆଖ୍ୟା ଦେଇ ବଦଳୁଥିବା ବିଶ୍ୱରେ ସ୍ଥାୟିତ୍ୱ ପ୍ରତି ମଣିଷର ପ୍ରବଳ ଇଚ୍ଛାକୁ ପ୍ରକଟ କରିବାକୁ ଚେଷ୍ଟା କରିଛନ୍ତି। ଶାସ୍ତ୍ରୀୟ ସ୍ତରର ଏହି ଉପନ୍ୟାସ ପାଇଁ ମୁରୁଗାନ ସାହିତ୍ୟ କ୍ଷେତ୍ରରେ ଜେସିବି ପୁରସ୍କାର ୨୦୨୩ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିସହିତ ତାଙ୍କ ପୁସ୍ତକକୁ ଇଂଲିଶ ଭାଷାରେ ଅନୁବାଦ କରିଥିବା ଜନନୀ କାନନ୍ ମଧ୍ୟ ପୁରସ୍କୃତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ ସ୍ତରର ନିର୍ମାଣ ଉପକରଣ ସଂସ୍ଥା 'ଜେସିବି' ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ଭାରତୀୟ ଲେଖକଙ୍କୁ ପ୍ରତିବର୍ଷ ଏହି ପୁରସ୍କାର ଦେଇଥାଏ। ଏଥିରେ ମୂଳ ଲେଖକଙ୍କୁ ୨୫ ଲକ୍ଷ ଟଙ୍କା ଓ ଅନୁବାଦକଙ୍କୁ ୧୦ ଲକ୍ଷ ଟଙ୍କା ଦିଆଯାଇଆସୁଛି।

ପେରୁମାଲ ମୁରୁଗାନ ୧୫ ଅକ୍ଟୋବର ୧୯୬୬ରେ ତାମିଲନାଡୁ ନମକ୍କଲ ଜିଲାର ଥିରୁଚ୍ଛେନ୍‌ଗୁଡେଠାରେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଚାଷଜମି ଅଳ୍ପ ଥିବାରୁ ପିତା ଥିରୁଚ୍ଛେନ୍‌ଗୁଡେଠାରେ ଥିବା ଏକ ସିନେମା ଥିଏଟର ନିକଟରେ ସୋଡ଼ା ଦୋକାନ କରି ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ମୁରୁଗାନ ଇରୋଡ୍‌ଠାରେ ତାମିଲ ସାହିତ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ କୋଇମ୍ବାଟୁରରୁ ସ୍ନାତକୋତ୍ତର ହାସଲ କରିଥିଲେ। ସେହି ତାମିଲ ସାହିତ୍ୟରେ ସେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ଏମ୍‌ଫିଲ୍ ଏବଂ ପିଏଚ୍.ଡି. ଡିଗ୍ରୀ ଅର୍ଜନ କରିଥିଲେ। ତାମିଲ ସାହିତ୍ୟର ପ୍ରଫେସର ମୁରୁଗାନ ତାଙ୍କ ଲେଖା ଓ ଗବେଷଣା ମାଧ୍ୟମରେ ତାମିଲ ଭାଷାକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ବିଶେଷକରି କୋଙ୍ଗୁନାଡୁ ଅଞ୍ଚଳର ଭାଷାକୁ ବଳିଷ୍ଠ କରିବା ଲାଗି ସେ ନୂଆ ଶବ୍ଦକୋଷ ସୃଷ୍ଟି କରିଛନ୍ତି। ନମକ୍କଲସ୍ଥିତ ଗଭର୍ନମେଣ୍ଟ ଆର୍ଟସ କଲେଜରେ ମୁରୁଗାନ ତାମିଲ ସାହିତ୍ୟର ପ୍ରଫେସର ଭାବେ କାର୍ଯ୍ୟ କରୁଥିବା ବେଳେ ଦକ୍ଷିଣପନ୍ଥୀ ଗୋଷ୍ଠୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ସ୍ଥିତି ଏଭଳି ହୋଇଥିଲ ଯେ ତାଙ୍କୁ ସେଠାରୁ ବଳପୂର୍ବକ ବିଦା କରି ଦିଆଯାଇଥିଲା। ତାଙ୍କ ଲେଖା ଦକ୍ଷିଣପନ୍ଥୀଙ୍କ କାର୍ଯ୍ୟକଳାପ ପ୍ରତି ଇଙ୍ଗିତ କରୁଥିବାରୁ ସେ ଅସହିଷ୍ଣୁତାର ଶିକାର ହୋଇଥିଲେ। ଫଳରେ ସେ ଅଙ୍କୁରସ୍ଥିତ ସରକାରୀ କଲେଜକୁ ଯାଇ ସେଠାରେ ତାମିଲ ଭାଷା ସାହିତ୍ୟର ବିଭାଗୀୟ ମୁଖ୍ୟ ହୋଇଥିଲେ। ତେବେ ଏହି ସମୟ ବ୍ୟବଧାନ ମଧ୍ୟରେ ସେ କିଛି କାଳ ଚେନ୍ନାଇସ୍ଥିତ ପ୍ରେସିଡେନ୍ସି କଲେଜରେ ଅଧ୍ୟାପନା କରିଥିଲେ।

ମୁରୁଗାନଙ୍କ ସାହିତ୍ୟିକ ଜୀବନ ଦେଖିଲେ ସେ ୧୨ ଉପନ୍ୟାସ, ୬ କ୍ଷୁଦ୍ରଗଳ୍ପ ଓ କବିତା ପୁସ୍ତକ ସହ ସାହିତ୍ୟ ଓ ଭାଷା କ୍ଷେତ୍ରରେ ୧୩ଟି ବହି ଲେଖି ପାଠକୀୟ ଆଦୃତି ପାଇଛନ୍ତି। ତାଙ୍କର ଅଧିକାଂଶ ଉପନ୍ୟାସ ଇଂଲିଶ ଭାଷାରେ ଅନୁବାଦ ହୋଇଛି। ୧୯୮୮ରୁ ୧୯୯୧ ମଧ୍ୟରେ ତାମିଲ ଭାଷାର ବିଭିନ୍ନ ପତ୍ରିକାରେ ତାଙ୍କର କ୍ଷୁଦ୍ରଗଳ୍ପ ପ୍ରକାଶ ପାଇଥିଲା। ତାଙ୍କ ଲେଖାଗୁଡ଼ିକ ବରିଷ୍ଠ ସାହିତ୍ୟିକଙ୍କ ଦ୍ୱାରା ସ୍ୱୀକୃତ ହେବା ପରେ ସେ ଉପନ୍ୟାସ ଲେଖାରେ ହାତ ଦେଇଥିଲେ। ୧୯୯୧ରେ ତାଙ୍କ ପ୍ରଥମ ଉପନ୍ୟାସ 'ଇରୁ ଭେଯିଲ୍' ପ୍ରକାଶ ପାଇ ତାମିଲ ସାହିତ୍ୟରେ ଚହଳ ପକାଇଥିଲା। ତା' ପରେ ସେ ଉପନ୍ୟାସ ପ୍ରତି ଅଧିକ ଧ୍ୟାନ ଦେଇଥିଲେ। ଫଳସ୍ୱରୂପ 'ଫାୟାର ବାର୍ଡ' ଆଜି ତାଙ୍କୁ ସର୍ବାଧିକ ପାଠକୀୟ ସମ୍ମାନ ଦେଇଛି। ଏପରି କି ଓଡ଼ିଶାର ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୨ରେ ତାଙ୍କୁ ଫକୀରମୋହନ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କ ରଚିତ 'ପୁକୁଳି' ଉପନ୍ୟାସ ଅନୁରୁଦ୍ଧ ବସୁଦେବାନଙ୍କ ଦ୍ୱାରା 'ପାୟର' ନାମରେ ଅନୁବାଦିତ ହେବା ପରେ ଅନ୍ତର୍ଜାତୀୟ ବୁକର ପୁରସ୍କାର ୨୦୨୩ର ବିସ୍ତୃତ ତାଲିକାରେ ମନୋନୀତ ହେବା ମୁରୁଗାନଙ୍କ ସାହିତ୍ୟ ବ୍ୟାପକ ଆଦୃତିଲାଭ କରୁଥିବାର ଆଭାସ ଦେଉଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଲୋକମାନେ ବିବାହ ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତୁତି କରନ୍ତି। ସବୁବେଳେ କିଛି ସ୍ୱତନ୍ତ୍ର କରିବାକୁ ମଧ୍ୟ ଚାହିଁଥା'ନ୍ତି। ଏଥିସହ ମାତାପିତାଙ୍କର ମଧ୍ୟ ସେମାନଙ୍କ ସନ୍ତାନମାନଙ୍କର ବିବାହକୁ ନେଇ କିଛି ବିଶେଷ ଇଚ୍ଛା ଥାଏ। ସେମାନେ ତାହା ପୂରଣ କରିବା ଲାଗି ସବୁକିଛି କରିପାରନ୍ତି, ଯାହା ହରିୟାଣାର ସିର୍ସାର ନାଥୁସରି କଲାର ଏକ ବିବାହରୁ ସାମ୍ନାକୁ ଆସିଛି। ନାଥୁସରିକଳା ଗାଁର ରଘୁବୀର ସିଂ କଡ଼ୱାସରଙ୍କ ପୁଅ ଆୟୁଷ ରାଜସ୍ଥାନ ନୋହରର ପିଚକାରାଇ ଗାଁର ନିଶାଙ୍କୁ ବିବାହ କରିଛନ୍ତି। ଏହି ବିବାହରେ ବର କନ୍ୟାଠାରୁ ଗୋଟିଏ ନଡ଼ିଆ ଓ ୧ ଟଙ୍କା ଗ୍ରହଣ କରିଛନ୍ତି। ହେଲେ କନ୍ୟାଙ୍କୁ ବିବାହ କରିବା ପରେ ତାଙ୍କୁ ହେଲିକପ୍ଟରରେ ଘରକୁ ଆଣିଛନ୍ତି। ଆୟୁଷଙ୍କ ପିତା ରଘୁବୀରଙ୍କର ଇଚ୍ଛା ଥିଲା ଯେବେ ବି ତାଙ୍କ ପୁଅ ବିବାହ କରିବ, ସେ ତାଙ୍କ ବୋହୂକୁ ହେଲିକପ୍ଟରରେ ଆଣିବେ। ବିବାହ ସ୍ଥିର ହେବାପରେ ଏହି ଇଚ୍ଛା ପୂରଣ ପାଇଁ ହେଲିକପ୍ଟର ନିମନ୍ତେ ଅର୍ଥ ଯୋଗାଡ଼ଠାରୁ ଆରମ୍ଭକରି ଅନ୍ୟ ପ୍ରସ୍ତୁତି ଶେଷ କରିଥିଲେ। ହେଲିକପ୍ଟରରେ ବୋହୂ ନେଇ ଆସିବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ବିବାହ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକ ତାଙ୍କ ଘରେ ପହଞ୍ଚିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ନଭେମ୍ବର ୧୯୯୮

- ପାକିସ୍ତାନ ସୈନ୍ୟବାହିନୀର କ୍ଷେପଣାସ୍ତ୍ର ପରୀକ୍ଷାସ୍ଥଳୀ ତୋମିଆଁୱାଲିରୁ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର 'ବକ୍ତାର-ଶିଖା'ର ସଫଳ ପରୀକ୍ଷଣ।
- ଅତ୍ୟାବଶ୍ୟକ ସାମଗ୍ରୀ ଖରିଦ ପାଇଁ ଇରାକକୁ ସୁଯୋଗ ଦେବା ନିମନ୍ତେ ନିରାପତ୍ତା ପରିଷଦ ପକ୍ଷରୁ ୫.୨ ବିଲିୟନ ଡଲାର ତୈଳ ଆନ୍ତର୍ଜାତିକ ବଜାରରେ ବିକ୍ରୟ ନିମନ୍ତେ ଅନୁମତି ପ୍ରଦାନ।

## ଚିରନ୍ତନୀ

ବାନ୍ଧି ସାହସ ପୁଣି ଚାରି ଖୋଜ ଉଠେ
ସଞ୍ଜ ଗଗନେ ଗୋଟି ଗୋଟି ତାରା ଫୁଟେ।
କୋଟିଏ ବାସନା ମାନସ ଆକାଶେ ତା'ର
ରଚିଲେ ଅସୀମ ଅସ୍ଥାୟୀ ଅଭିସାର।
(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ନିଲମ୍ବନ ଯଥେଷ୍ଟ ନୁହେଁ

ମହାଶୟ,

ଗୋଟିଏ କୋମଳମତି ଝିଅ ମା'ବାପାଙ୍କଠାରୁ ଅଧିକ ସ୍ନେହ ଶ୍ରଦ୍ଧା ପାଏ। କିନ୍ତୁ ପର ମୁହୂର୍ତ୍ତରେ ସେହି ଝିଅଟି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିକଟରୁ ଅଧିକ ସ୍ନେହ ଶ୍ରଦ୍ଧା ଆଶା କରେ। ଶିକ୍ଷକ ତା'ର ପଥପ୍ରଦର୍ଶକ। ଗୁରୁ ଭାବେ ସତ୍‌ବାଟରେ ଯିବା ପାଇଁ ଓ ସତ୍‌କର୍ମ କରିବା ଲାଗି ପରାମର୍ଶ ଦିଅନ୍ତୁ। ମାତ୍ର ଆଜିର ଶିକ୍ଷକଙ୍କ ନିକଟରୁ ତାହା ମିଳୁନାହିଁ। ଖବରକାଗଜ ପୃଷ୍ଠା ଓଲଟାଇଲେ କେଉଁଠି ନା କେଉଁଠି ଶିକ୍ଷକମାନଙ୍କର ହୀନମନ୍ୟତା ଚର୍ଚ୍ଚାର ପରିସରକୁ ଆସେ। ଛୋଟ ପିଲାଙ୍କ ପାଇଁ ଶିକ୍ଷକଙ୍କ ଅବଦାନ ଅତୁଳନୀୟ ବୋଲି ଆଶା କରାଯାଉ ଥିବାବେଳେ ସେହି ଶିକ୍ଷକ କିନ୍ତୁ ନିଜର କୁତ୍ସିତ ଚିନ୍ତାଧାରା ପାଇଁ ଘୃଣାର ପାତ୍ର ପାଲଟିଯା'ନ୍ତି। ସେହିପରି ନବରଙ୍ଗପୁର ଜିଲାରେ ଘଟିଥିବା ଘଟଣା ଉପରେ ଜିଲାପାଳ ଉଭୟ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି। ମାତ୍ର ଗଭୀର ଭାବେ ଚିନ୍ତାକଲେ କେବଳ ନିଲମ୍ବନ ଯଥେଷ୍ଟ ନୁହେଁ ବୋଲି ମନେହୁଏ। କାରଣ ଏତେ କୁତ୍ସିତ ଚିନ୍ତାଧାରା ରଖୁଥିବା ଶିକ୍ଷକ କେବଳ ନିଲମ୍ବନ ଦ୍ୱାରା ସୁଧୁରିଯିବେ ବୋଲି ମନେହୁଏନା। କେବଳ କଠୋରରୁ କଠୋର ଦଣ୍ଡ ହିଁ ଅନ୍ୟ ଶିକ୍ଷକଙ୍କ ପାଇଁ ଚେତାବନୀ ହେବ।

– ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

SAGARMALA
Ministry of Ports, Shipping & Waterways
Government of India
PM Gati Shakti
G20



PARADIP PORT AUTHORITY
CELEBRATES
THE GLORIOUS JOURNEY OF
ODISHA'S
MARITIME HERITAGE

ON

# BOITA BANDANA UTSAV

PORT DAY-2023

27th November 2023 (Monday) at 10 AM

Chief Guest

**Smt. Droupadi Murmu**
Hon'ble President of India

Guest of Honour

**Shri Raghubar Das**
Hon'ble Governor of Odisha

In august presence of

**Shri Shripad Yesso Naik**
Hon'ble Minister of State for Ports, Shipping and Waterways & Tourism, Govt. of India

**Shri Bishweswar Tudu**
Hon'ble Union Minister of State for Tribal Affairs and Jal Shakti

**Shri Shantanu Thakur**
Hon'ble Minister of State for Ports, Shipping and Waterways Govt. of India

**Smt. Tukuni Sahu**
Hon'ble Minister of Water Resources Commerce & Transport Govt. of Odisha

**Dr. Rajashree Mallick**
Hon'ble Member of Parliament Lok Sabha, Jagatsinghpur

**Shri Sambit Routray**
Hon'ble Member of Legislative Assembly, Paradip

Venue: Paradip Port, Paradip



# ସିରିଆ ସେନା ସେଲ୍ ମାଡ଼ରେ ୯ ମୃତ

**ବେରୁଟ୍,୨୫ା୧୧:** ସିରିଆ ଉତ୍ତର ପଶ୍ଚିମାଞ୍ଚଳରେ ଥିବା ଏକ ଗ୍ରାମ ଉପରେ ଶନିବାର ସିରିଆ ସେନା ସେଲ୍ ମାଡ଼ କରିବାରୁ ୬ ପିଲାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ଇଡ୍‌ଲିବ ପ୍ରଦେଶର କାଓକାଫିନ୍ ଗ୍ରାମରେ ଏହି ଆକ୍ରମଣ ହୋଇଛି। ରୁଷିଆ ଏବଂ ତୁର୍କିଏ ମଧ୍ୟରେ ୨୦୨୦ ମାର୍ଚ୍ଚରେ ହୋଇଥିବା ଯୁଦ୍ଧବିରତିର ଏହା ସଦ୍ୟତମ ଉଲ୍ଲଂଘନ। ସିରିଆର ବିଦ୍ରୋହୀ ଗୋଷ୍ଠୀର ୧୨ ବର୍ଷର ସଂଘର୍ଷରେ ୫ ଲକ୍ଷ ଲୋକଙ୍କ ଜୀବନ ଗଲାଣି। ତୁର୍କେଇ ଉକ୍ତ ବିଦ୍ରୋହୀ ଗୋଷ୍ଠୀକୁ ସହାୟତା କରୁଥିବା କୁହାଯାଉଛି।

# ଭୋଟ ବେଳେ ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ

**ଜୟପୁର,୨୫ା୧୧:** ରାଜସ୍ଥାନର ପାଲି ଜିଲାରେ ଶନିବାର ଭୋଟଗ୍ରହଣ ଚାଲିଥିବାବେଳେ ହୃଦ୍‌ଘାତରେ ଜଣେ ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ ଘଟିଛି। ଶାନ୍ତି ଲାଲ୍ ନାମକ ବ୍ୟକ୍ତି ଜଣେ ଭାଜପା ପ୍ରାର୍ଥୀଙ୍କ ଏଜେଣ୍ଟ ଭାବେ ସୁମେରପୁର ନିର୍ବାଚନ ମଣ୍ଡଳୀର ୪୭ ନମ୍ବର ବୁଥ୍‌ରେ ଉପସ୍ଥିତ ଥିଲେ। ହଠାତ୍ ସେ ମୂର୍ଚ୍ଛା ଯିବାରୁ ତାଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ଓ ପରେ ଜିଲା ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ସୁଡ଼ଙ୍ଗ ତଳେ ଜୀବନ

# ୪୧ ଶ୍ରମିକ, ୧୪ ଦିନ

### ଆଜିଠୁ ହାତରେ ଖନନ

**ଉତ୍ତରକାଶୀ,୨୫ା୧୧**




ଉତ୍ତରାଖଣ୍ଡର ଉତ୍ତରକାଶୀସ୍ଥିତ ସୁଡ଼ଙ୍ଗରେ ଗତ ୧୨ ତାରିଖରୁ ଫସି ରହିଥିବା ୪୧ ଶ୍ରମିକ କେବେ ବାହାରର ଆଲୋକ ଦେଖିବେ, ତାହା କହିହେଉ ନାହିଁ। ଖନନ କାର୍ଯ୍ୟରେ ନିୟୋଜିତ ଆମେରିକାର ଓଜନଦାର ମେଶିନ୍‌ର ଡ୍ରିଲିଂ ଯନ୍ତ୍ରାଂଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ଶୁକ୍ରବାର ଖନନ କାର୍ଯ୍ୟ ପୁଣିଥରେ ଅଟକିଛି। ରବିବାରଠାରୁ ହାତରେ ଖନନ ଆରମ୍ଭ ହେବ ବୋଲି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି। ସୁଡ଼ଙ୍ଗ ଭିତରେ ଫସିଥିବା ଔଗର ମେଶିନ୍‌ର ଯନ୍ତ୍ରାଂଶଗୁଡ଼ିକୁ କାଟି ବାହାର କରିବା ପାଇଁ ହାଇଦ୍ରାବାଦରୁ ଏକ ସ୍ୱତନ୍ତ୍ର ମେଶିନ୍ ଅଣାଯାଇଛି। ଉଦ୍ଧାର ପାଇଁ ସମସ୍ତ ସମ୍ଭାବ୍ୟ ଦିଗ ଉପରେ ଉଦ୍ୟମ ଜାରି ରହିଛି।

ଫସିଥିବା ଶ୍ରମିକମାନଙ୍କ ପାଖରେ ପହଞ୍ଚିବାକୁ ଆଉ ମାତ୍ର ୧୦ରୁ ୧୨ ମିଟର ଖନନ ବାକିଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପରବର୍ତ୍ତୀ ୫ ମିଟର ମଧ୍ୟରେ କୌଣସି ଧାତବ ପ୍ରତିବନ୍ଧକ ଚିହ୍ନଟ ହୋଇ ନ ଥିବା ଗ୍ରାଉଣ୍ଡ-ପେନେଟ୍ରେଟିଙ୍ଗ ରାଡାରରୁ ଜଣାପଡ଼ିଛି। ଫସିଥିବା ଶ୍ରମିକମାନଙ୍କ ପାଇଁ ସେମାନଙ୍କ ଆତ୍ମୀୟ ଓ ସମ୍ପର୍କୀୟମାନେ ସୁଡ଼ଙ୍ଗ ବାହାରେ ପଡ଼ିରହିଥିବାବେଳେ ସେମାନଙ୍କ ପ୍ରତୀକ୍ଷାର ଅନ୍ତ ଘଟୁନାହିଁ। ଦୁଇ ଦିନରେ ଦୁଇଟି ପ୍ରତିବନ୍ଧକ ସେମାନଙ୍କୁ ଧୈର୍ଯ୍ୟହରା କରିଛି। ଖନନ କାର୍ଯ୍ୟ ଅଟକିବା ପୂର୍ବରୁ ୪୬.୮ ମିଟର ପର୍ଯ୍ୟନ୍ତ ପାଇପ୍ ଟନେଲ ଭିତରକୁ ଯାଇଥିଲା। ଖନନ କାର୍ଯ୍ୟରେ ନିୟୋଜିତ ୨୫ ଟନ୍ ଓଜନର ଡ୍ରିଲିଂ ମେଶିନ୍‌ର ବ୍ଲେଡ୍ ଭାଙ୍ଗି ମାଟିତଳେ ରହିଯିବାରୁ ଉଦ୍ଧାର କାର୍ଯ୍ୟ ଅଟକିଛି। ତେଣୁ ହାତରେ ଖନନ ପନ୍ଥା ବାଛିବାକୁ ନିଷ୍ପତ୍ତି ହୋଇଛି। ଏହା ହେଲେ ଉଦ୍ଧାର କାର୍ଯ୍ୟକୁ ଆଉ କେତେକ ସପ୍ତାହ ଲାଗିପାରେ ବୋଲି କୁହାଯାଉଛି। ଶୁକ୍ରବାର ଦିନସାରା କାମ ବନ୍ଦ ରହିଥିଲା। ଔଗର ମେଶିନ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଅନ୍ତର୍ଜାତୀୟ ଟନେଲ ବିଶେଷଜ୍ଞ ଆର୍ନୋଲ୍ଡ ଡିକ୍ସ କହିଛନ୍ତି। ଶ୍ରମିକମାନେ ଖାତରେ ୧୦ରୁ ୨୦ ମିଟର ଖୋଳିବା ସହ ଉପରୁ ୮୬ ମିଟର ଗଭୀର ପର୍ଯ୍ୟନ୍ତ ଖନନ ପାଇଁ ଅନ୍ୟ ଏକ ବିକଳ୍ପ ଉପରେ ମଧ୍ୟ ବିଚାର କରାଯାଉଥିବା ସେ କହିଛନ୍ତି।

ସେପଟେ ୬ ଇଞ୍ଚ ଓସାରର ପାଇପ୍ ଦେଇ ସୁଡ଼ଙ୍ଗ ଭିତରେ ଥିବା ଶ୍ରମିକମାନଙ୍କ ପାଖକୁ ଖାଦ୍ୟ, ପାଣି ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ପଠାଯାଉଛି। ଫସିଥିବା ଶ୍ରମିକମାନଙ୍କ ପାଖକୁ ଶନିବାର ମୋବାଇଲ୍ ଫୋନ୍ ଏବଂ ଲୁଡୁ ପାଲି ପଠାଯାଇଛି। ତାହା ସେମାନଙ୍କ ଟାଇମ୍ ପାସ୍‌ରେ ସହାୟକ ହେବା ସହ ଅବସାଦ ଦୂର କରିପାରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

# ଖବରଦାତା ସୌମ୍ୟା ବିଶ୍ୱନାଥନଙ୍କ ୪ ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ନୂଆଦିଲ୍ଲୀ,୨୫ା୧୧**




ଟିଭି ଖବରଦାତା ସୌମ୍ୟା ବିଶ୍ୱନାଥନ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ୪ ଜଣଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ପଞ୍ଚମ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ ମିଳିଛି। ଅପରାଧ ବିରଳରୁ ବିରଳତମ ବର୍ଗରେ ଆସୁ ନ ଥିବାରୁ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା ନାହିଁ ବୋଲି ଅଦାଲତ କହିଛନ୍ତି। ୨୦୦୮ ସେପ୍ଟେମ୍ବର ୩୦ ରାତିରେ ୨୫ ବର୍ଷୀୟା ସୌମ୍ୟା କାର୍ ଚଳାଇ ଘରକୁ ଫେରୁଥିବାବେଳେ ଡକାୟତି ଉଦ୍ୟମରେ ତାଙ୍କୁ ହତ୍ୟା କରାଯାଇଥିଲା। ରବି କପୁର, ଅମିତ ଶୁକ୍ଲା, ବଲ୍‌ଜିତ ମଲିକ ଏବଂ ଅଜୟ କୁମାରଙ୍କୁ ଆଜୀବନ ଜେଲଦଣ୍ଡ ହୋଇଥିବାବେଳେ ଅଜୟ ସେଠୀଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଛି।

# ଜନ୍ମଦିନ ପାଳିବାକୁ ଦୁବାଇ ନ ନେବାରୁ ସ୍ତ୍ରୀ ମୁଥରେ ସ୍ୱାମୀ ମୃତ

**ପୁଣେ,୨୫ା୧୧**

ଜନ୍ମଦିନ ପାଳିବା ଲାଗି ଦୁବାଇ ନେବାକୁ ମନା କରିବାରୁ ସ୍ତ୍ରୀଙ୍କ ମୁଥ ମାଡ଼ରେ ୩୬ ବର୍ଷୀୟ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ପୁଣେର ୱାନାଭଡ଼ି ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଦମ୍ପତିଙ୍କ ଆପାର୍ଟମେଣ୍ଟରେ ଏହି ଘଟଣା ଘଟିଛି। ସ୍ୱାମୀ ନିଖିଲ ଖାନ୍ନାଙ୍କର ନିର୍ମାଣ ବ୍ୟବସାୟ ରହିଛି। ୬ ବର୍ଷ ତଳେ ସେ ରେଣୁକାଙ୍କୁ ପ୍ରେମ ବିବାହ କରିଥିଲେ। ଜନ୍ମଦିନ ପାଳିବାକୁ ଦୁବାଇ ନ ନେବା ଏବଂ ଦାମୀ ଉପହାର ନ ଦେବାକୁ କେନ୍ଦ୍ରକରି ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରେଣୁକା ଉତ୍‌କ୍ଷିପ୍ତ ହୋଇ ନିଖିଲଙ୍କ ମୁହଁକୁ ଏକ ଶକ୍ତ ମୁଥ ମାରିଥିଲେ, ଯେଉଁଥିରେ ତାଙ୍କ ନାକ ଫାଟିବା ସହ କେତୋଟି ଦାନ୍ତ ଭାଙ୍ଗିଯାଇଥିଲା। ପ୍ରବଳ ରକ୍ତସ୍ରାବ ଯୋଗୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ।

# ତେଜସ୍‌ରେ ଉଡ଼ିଲେ ମୋଦି

**ବେଙ୍ଗାଲୁରୁ,୨୫ା୧୧**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ତେଜସ୍ ପ୍ରଶିକ୍ଷଣ ବିମାନରେ ଉଡ଼ିଛନ୍ତି। ହାଲୁକା ଲଢୁଆ ବିମାନ (ଏଲ୍‌ସିଏ)ରେ ଉଡ଼ିବାରେ ମୋଦି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ। ଏହା ଏକ ଅବିଶ୍ୱସନୀୟ ଅଭିଜ୍ଞତା ଏବଂ ଆମ ଦେଶର ସ୍ୱଦେଶୀ ସାମର୍ଥ୍ୟ ଉପରେ ଆତ୍ମବିଶ୍ୱାସକୁ ବଢ଼ାଇଛି। ଏହା ତାଙ୍କୁ ଜାତୀୟ ସାମର୍ଥ୍ୟ ଉପରେ ଗର୍ବ ଓ ଆଶାର ନୂଆ ଅନୁଭୂତି ଦେଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୋଦି ଶନିବାର ରାଷ୍ଟ୍ରାୟତ୍ତ ପ୍ରତିରକ୍ଷା ଉଦ୍ୟୋଗ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍(ଏଚ୍‌ଏଏଲ୍)ର ବେଙ୍ଗାଲୁରୁ କମ୍ପ୍ଲେକ୍ସରେ ପହଞ୍ଚି ଉକ୍ତ ସଂସ୍ଥା ଓ ଏହାର କର୍ମଚାରୀମାନଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର ବେଙ୍ଗାଲୁରୁସ୍ଥିତ ଏରୋନଟିକ୍ସ ଡେଭେଲପମେଣ୍ଟ ଏଜେନ୍ସି (ଏଡିଏ) ଲାବ୍ ତେଜସ୍ ହାଲୁକା ଲଢୁଆ ବିମାନର ଡିଜାଇନ୍ କରିଥିବାବେଳେ ଏଚ୍‌ଏଏଲ୍ ଏହାର ନିର୍ମାଣ କରିଛି। ଆଉ ୯୭ଟି ତେଜସ୍ କିଣିବା ପାଇଁ ପ୍ରତିରକ୍ଷା ସରଞ୍ଜାମ ଅଧିଗ୍ରହଣ ପରିଷଦ ଅନୁମୋଦନ କରିବା ଆଶା କରାଯାଉଛି। ବର୍ତ୍ତମାନ ସୁଦ୍ଧା ସୈନ୍ୟବାହିନୀ ପାଖରେ ଥିବା ୪୦ ତେଜସ୍ ଏମ୍‌କେ୧ ବିମାନ ମଧ୍ୟରୁ ୭ଟିକୁ ପ୍ରଶିକ୍ଷଣ ବିମାନ ଭାବେ ବ୍ୟବହାର କରାଯାଉଛି। ଗତ ଅକ୍ଟୋବରରେ ବାୟୁସେନାକୁ ପ୍ରଥମ ଦୁଇ ଆସନ ବିଶିଷ୍ଟ ପ୍ରଶିକ୍ଷଣ ବିମାନ ଭାରିଆଣ୍ଟ ପ୍ରଦାନ କରାଯାଇଥିଲା। ଆଉ ୬ଟି ଟ୍ରେନର ଏବଂ ୮୩ ଏଲ୍‌ସିଏ-ଏମ୍‌କେ୧ଏ ଭାରିଆଣ୍ଟ ଖୁବ୍‌ଶୀଘ୍ର ବାୟୁସେନାକୁ ହସ୍ତାନ୍ତର କରାଯିବ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ତେଜସ୍ ଉଡ଼ାଣକୁ ନେଇ କଂଗ୍ରେସ ତାଚ୍ଛଲ୍ୟ କରିଛି। ନିର୍ବାଚନ ପୂର୍ବରୁ ଏଭଳି ଫଟୋ ଶୁଟ୍ କରିବାରେ ମୋଦି ମାଷ୍ଟର। ପୂର୍ବରୁ ସେ ଏଭଳି ଅନେକ ଉଦ୍ୟମ କରିଥିବା ସମସ୍ତେ ଜାଣନ୍ତି ବୋଲି ବିରୋଧୀ ଦଳ କହିଛି।

# ବଦଳିଛି ଦେଶର ସୁରକ୍ଷା ଭିତ୍ତିଭୂମି

**ନୂଆଦିଲ୍ଲୀ,୨୫ା୧୧**

## ୨୬/୧୧ ଆକ୍ରମଣକୁ ୧୫ ବର୍ଷ



୯/୧୧ ଆକ୍ରମଣ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ବୈଶ୍ୱିକ ଆତଙ୍କବାଦର ବିପଦକୁ ନେଇ ଜାଗ୍ରତ କରିଥିବାବେଳେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣା ଭାରତର ସୁରକ୍ଷା ଚିନ୍ତା ବଢ଼ାଇଥିଲା। ପାକିସ୍ତାନରୁ ସମୁଦ୍ର ପଥରେ ଆସିଥିବା ଆତଙ୍କବାଦୀ ଏକସଙ୍ଗେ ମୁମ୍ବାଇ ମହାନଗରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରି ୧୬୬ ଜଣଙ୍କୁ ହତ୍ୟା କରିବା ସହ ଅନେକେ ଆହତ ହୋଇଥିଲେ। ଏଭଳି ଅତର୍କିତ ତଥା ବଡ଼ ଆକ୍ରମଣର ମୁକାବିଲା ଲାଗି ଭାରତ ଉପଯୁକ୍ତ ପ୍ରସ୍ତୁତ ନ ଥିବା ଉକ୍ତ ଆକ୍ରମଣ ପ୍ରମାଣିତ କରିଦେଇଥିଲା। ୧୦ ଲଶ୍କର ଆତଙ୍କବାଦୀ କରାଚୀରୁ ମାଛଧରା ବୋଟ୍‌ରେ ଆସି ମୁମ୍ବାଇରେ ୪ ଦିନ ଧରି ଲଗାତର ଆକ୍ରମଣ ଜାରି ରଖିଥିଲେ। ଫଳରେ ଭାରତୀୟ ତଟସୁରକ୍ଷାରେ ଢିଲା ଏବଂ ଆଭ୍ୟନ୍ତରୀଣ ସୁରକ୍ଷାରେ ତ୍ରୁଟି ପଦାରେ ପଡ଼ିଯାଇଥିଲା। ଆତଙ୍କବାଦ ମୁକାବିଲା ଭିତ୍ତିଭୂମି ଏବଂ ସ୍ଥାନୀୟ ପୋଲିସ ପର୍ଯ୍ୟାପ୍ତ ନ ଥିବା ସ୍ପଷ୍ଟ ହୋଇଥିଲା।

ଏହି ଆକ୍ରମଣ ପରେ ସରକାର ଦେଶର ସୁରକ୍ଷା ଭିତ୍ତିଭୂମି ବଢ଼ାଇବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଫଳରେ ସାମୁଦ୍ରିକ ସୁରକ୍ଷାକୁ ଜୋର୍‌ଦାର କରାଯିବା ସହ ଗୋଇନ୍ଦା ବ୍ୟବସ୍ଥାରେ ରହିଥିବା ତ୍ରୁଟି ସୁଧାରିବାକୁ ପଦକ୍ଷେପ ନିଆଯାଇଥିଲା। ଆତଙ୍କବାଦର ବିଲୋପ ପାଇଁ ଦେଶର ଆଇନକୁ କଡ଼ାକଡ଼ି କରାଯିବା ସହ ଆତଙ୍କବାଦୀ ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ସଂସ୍ଥା ଗଠନ କରାଯାଇଥିଲା। ୨୬/୧୧ ଆକ୍ରମଣ ପରେ ସାମୁଦ୍ରିକ ସୁରକ୍ଷାର ସମ୍ପୂର୍ଣ୍ଣ ଦାୟିତ୍ୱ ନୌସେନାକୁ ହସ୍ତାନ୍ତର କରାଯାଇଥିବାବେଳେ ତଟସୁରକ୍ଷା ବାହିନୀକୁ ଆଞ୍ଚଳିକ ଜଳରାଶିର ସୁରକ୍ଷା ଏବଂ ଉପକୂଳରେ ନବନିର୍ମିତ ଶତାଧିକ ନୂଆ ମେରାଇନ୍ ଥାନା ସହ ଯୋଗାଯୋଗ ଦାୟିତ୍ୱ ଦିଆଯାଇଥିଲା। ସେହିପରି ୨୦ ମିଟରରୁ ଅଧିକ ଲମ୍ବା ବୋଟ ଓ ଜାହାଜଗୁଡ଼ିକରେ ସ୍ୱତଃ ଚିହ୍ନଟ ବ୍ୟବସ୍ଥା (ଏଆଇଏସ୍)କୁ ବାଧ୍ୟତାମୂଳକ କରାଯାଇଥିଲା। ଯାହା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ସମସ୍ତ ଦୃଶ୍ୟକୁ ଚିହ୍ନଟ କରିବା ସହ ଅନ୍ୟାନ୍ୟ ସୂଚନା ଦେବ। ସେହିପରି ୩୦୦ ଟନ୍‌ରୁ ଅଧିକ କ୍ଷମତା ବିଶିଷ୍ଟ ଜାହାଜ ପାଇଁ ଅନ୍ତର୍ଜାତୀୟ ନିୟମରେ ଏଆଇଏସ୍‌କୁ ବାଧ୍ୟତାମୂଳକ କରାଯାଇଥିଲା।

ଗୋଇନ୍ଦା ବ୍ୟୁରୋ (ଆଇବି)ର ମଲ୍ଟି ଏଜେନ୍ସି ସେଣ୍ଟର (ଏମ୍‌ଏସି)ର ସାମର୍ଥ୍ୟ ବଢ଼ାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କେନ୍ଦ୍ରୀୟ ସଂସ୍ଥା, ସୁରକ୍ଷା ବଳ ଏବଂ ରାଜ୍ୟ ପୋଲିସ ସହ ସୂଚନା ଆଦାନପ୍ରଦାନକୁ ସମନ୍ୱିତ କରିବା ଏହାର ପ୍ରାଥମିକ କାର୍ଯ୍ୟ। ସବୁବେଳେ ତଥ୍ୟ ଆଦାନପ୍ରଦାନ ସହ ଏହାର ସମୀକ୍ଷା ପାଇଁ ନିୟମିତ ବୈଠକକୁ ବାଧ୍ୟତାମୂଳକ କରାଯାଇଥିଲା। କେବଳ ସେତିକି ନୁହେଁ, ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ସଂଶୋଧନ କରାଯାଇ ସେଥିରେ ଆତଙ୍କବାଦର ସଂଜ୍ଞାକୁ ବିସ୍ତୃତ କରାଯାଇଥିଲା। ଦେଶରେ ପ୍ରଥମ ବାସ୍ତବ ସଂଘୀୟ ତଦନ୍ତକାରୀ ସଂସ୍ଥା ଗଠନ ନିମନ୍ତେ ପାର୍ଲାମେଣ୍ଟରେ ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ) ଆଇନ ଗୃହୀତ ହୋଇଥିଲା।

**ଫୁର୍‌ସତ୍**

# ସମ୍ବିଧାନ ପ୍ରତି ନାଗରିକଙ୍କ ପ୍ରତିବଦ୍ଧତା

## ସମ୍ବିଧାନ ଦିବସରେ ସଚେତନତା ବାର୍ତ୍ତା



**ଭା**ରତୀୟ ଜନସାଧାରଣଙ୍କ ମୌଳିକ ଅଧିକାରର ସୁରକ୍ଷା କ୍ଷେତ୍ରରେ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସମ୍ବିଧାନ ମୌଳିକ ଅଧିକାରକୁ ସୁନିଶ୍ଚିତ କରେ। ଏହା ମୌଳିକ ଅଧିକାରର ସୁରକ୍ଷା କବଚ ପାଲଟି ଥାଏ। ୨୬ ନଭେମ୍ବର ୧୯୪୯ରେ, ଭାରତର ସମ୍ବିଧାନକୁ ଗ୍ରହଣ କରାଯାଇଥିଲା। ପରେ ଏହା ୨୬ ଜାନୁୟାରୀ ୧୯୫୦ରେ କାର୍ଯ୍ୟକାରୀ ହୋଇଥିଲା। ତେଣୁ ପ୍ରତିବର୍ଷ ନଭେମ୍ବର ୨୬କୁ ଭାରତରେ ସମ୍ବିଧାନ ଦିବସ ଭାବେ ପାଳନ କରାଯାଇଥାଏ।

ଏହି ଅବସରରେ ଭାରତୀୟ ସମ୍ବିଧାନ ପ୍ରତି ନାଗରିକଙ୍କ ପ୍ରତିବଦ୍ଧତା ଏବଂ ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ସଚେତନତା ବାର୍ତ୍ତା ପ୍ରସାରିତ ହୋଇଥାଏ। ମେ ୨୦୧୫ରେ, ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ୧୨୫ତମ ଜନ୍ମ ବାର୍ଷିକୀ ଅବସରରେ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଏହି ଦିନକୁ ୨୬ ନଭେମ୍ବରରେ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦିନ ପାଳନ କରିବାର ଉଦ୍ଦେଶ୍ୟ ଥିଲା ଦେଶର ନାଗରିକଙ୍କ ମନରେ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଏବଂ ସମ୍ମାନ ଦେବା। ଗେଜେଟ ବିଜ୍ଞପ୍ତି ୧୯ ନଭେମ୍ବର ୨୦୧୫ରେ ଭାରତ ସରକାର ୨୬ ନଭେମ୍ବରକୁ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୧ ଅକ୍ଟୋବର ୨୦୧୫ରେ ମୁମ୍ବାଇରେ ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ଷ୍ଟାଚ୍ୟୁ ଅଫ ଇକ୍ୱାଲିଟି ମେମୋରିଆଲର ଶିଳାନ୍ୟାସ ଅବସରରେ ଘୋଷଣା କରିଥିଲେ।

# ୨୫ ବର୍ଷ ପରେ କରନ୍‌ଙ୍କ ସହ ସଲମାନ



**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲମାନ ଖାନ୍ ଏବଂ ନିର୍ଦ୍ଦେଶକ କରନ୍ ଜୋହର ୨୫ ବର୍ଷ ପୂର୍ବେ ଏକାଠି ଏକ ଫିଲ୍ମ କରିଥିଲେ। ଏହାପରେ ସେମାନେ ଏକ ପ୍ରୋଜେକ୍ଟ କରିବାର ଯୋଜନା କରିଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ସଫଳ ହୋଇପାରିନାହିଁ। ତେବେ ଏତେ ବର୍ଷ ପରେ ସେମାନେ ଏକାଠି ଥିବା ଏକ ଫିଲ୍ମ ଆସିବାକୁ ଯାଉଛି। ଏନେଇ ଭାଇଜାନ୍ ନିଜେ ଫିଲ୍ମର ନାମ ଘୋଷଣା କରି ଖବରକୁ ନିଶ୍ଚିତ କରିଛନ୍ତି। ଭାଇଜାନ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ 'ଦି ବୁଲ୍' ନାମକ ଏକ ଫିଲ୍ମ କରୁଛନ୍ତି। ଏହାପରେ ଦବଙ୍ଗ ଆସିବ, କିକ୍ ଆସିବ। ଏହିପରି ୩-୪ଟି ଫିଲ୍ମ ଆସୁଛି। ବିଷ୍ଣୁ ବର୍ଦ୍ଧନ ଏହି ମୁଭିରେ ନିର୍ଦ୍ଦେଶନା ଦେଇଥିବାବେଳେ ପୂର୍ବରୁ କରନ୍ ଏକ ସାକ୍ଷାତ୍‌କାରରେ ସେ 'ଦି ବୁଲ୍' ନାମକ ଏକ ମୁଭିରେ କାମ କରିବା ନେଇ ପ୍ରକାଶ କରିଥିଲେ। ତେବେ ୧୯୯୮ର ସିନେମା 'କୁଛ୍ କୁଛ୍ ହୋତା ହେ' ପରେ ସଲମାନ୍ ଏବଂ କରନ୍‌ଙ୍କୁ ଏବେ ଏକାଠି ଦେଖିବାକୁ ମିଳିବ। ଟାଇଗର ପରେ ଏହା ସଲମାନ୍‌ଙ୍କ ପରବର୍ତ୍ତୀ ମୁଭି ହେବ। ଫିଲ୍ମଟି ନଭେମ୍ବର ୨୦୨୪ରେ ପ୍ରେକ୍ଷାଳୟକୁ ଆସିବ।

# ଶ୍ୱେତ ବିପ୍ଳବ

## ଜାତୀୟ ଦୁଗ୍ଧ ଦିବସ



**ଶ୍ୱେତ** ବିପ୍ଳବର ଜନକ ଡ. ଭର୍ଗିଜ କୁରିନଙ୍କ ସମ୍ମାନରେ ପ୍ରତି ବର୍ଷ ଭାରତରେ ନଭେମ୍ବର ୨୬ରେ ଜାତୀୟ ଦୁଗ୍ଧ ଦିବସ ପାଳିତ ହୋଇଥାଏ। ଅପରେଶନ ଫ୍ଲଡ୍ ବା ଶ୍ୱେତ ବିପ୍ଳବରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ; ଯାହା ଦେଶର ସର୍ବବୃହତ୍ ନିଜସ୍ୱ ସ୍ଥାୟୀ ଉଦ୍ୟୋଗର ସ୍ଥିତି ଅଭିମୁଖେ ଭାରତର ଦୁଗ୍ଧ ଉଦ୍ୟୋଗକୁ ସୁଦୃଢ଼ କରିଥିଲା। ଭାରତୀୟ ଦୁଗ୍ଧ ସଂଗଠନ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଅନ୍ତର୍ଗତ ୨୦୧୪ମସିହାରୁ ପ୍ରତି ବର୍ଷ ଦେଶରେ ଏହି ଦିବସ ପାଳିତ ହେଉଛି।

ଭାରତର ଅର୍ଥନୈତିକ ସର୍ଭେ ୨୦୨୧-୨୦୨୨ଅନୁସାରେ, ଦୁଗ୍ଧ ଉତ୍ପାଦନରେ ଭାରତ ପ୍ରଥମ ସ୍ଥାନ ହାସଲ କରିଛି। ବିଶ୍ୱ ଦୁଗ୍ଧ ଉତ୍ପାଦନର ୨୩ପ୍ରତିଶତ ଯୋଗଦାନ ମଧ୍ୟ ଭାରତରେ ରହିଛି। ସେତିକି ନୁହେଁ, ଦୁଗ୍ଧ ହେଉଛି ଏକ ସର୍ବବୃହତ୍ କୃଷିଜାତ ଦ୍ରବ୍ୟ; ଯାହାର ଜାତୀୟ ଅର୍ଥନୀତିକୁ ୫ ପ୍ରତିଶତ ଯୋଗଦାନ ରହିଛି। ସିଧାସଳଖ ୮କୋଟିରୁ ଉର୍ଦ୍ଧ୍ୱ କୃଷକଙ୍କୁ ଏହା ନିଯୁକ୍ତି ଦେଉଛି। ଭାରତରେ ଦୁଗ୍ଧ ଉତ୍ପାଦନ ବର୍ଷକୁ ୬.୨ ପ୍ରତିଶତ ହାରରେ ବଢ଼ିଛି। ଦୁଗ୍ଧ ଉତ୍ପାଦନରେ ଭାରତକୁ ଆତ୍ମନିର୍ଭରଶୀଳ କରିଥିବା ଡ. ଭର୍ଗିଜ କୁରିନଙ୍କ ପ୍ରୟାସ ଯୋଗୁ ଏ ସମସ୍ତ ଉପଲବ୍ଧି ସମ୍ଭବ ହୋଇପାରିଛି। କୁରିନଙ୍କ ଉଦ୍ଦେଶ୍ୟ ଥିଲା ଦୁଗ୍ଧ ଉତ୍ପାଦନରେ ଭାରତ କିଭଳି ଆତ୍ମନିର୍ଭରଶୀଳ ଓ ଆସନ୍ତା ୩୦ ବର୍ଷ ମଧ୍ୟରେ କିପରି ଚାରି ଗୁଣା ଅଧିକ ଉତ୍ପାଦନ କରିବାକୁ ସକ୍ଷମ ହେବ।

# ୧୬ କୋଟିରେ ଡାକ ଟିକେଟ ନିଲାମ

**ନ୍ୟୁୟର୍କ**




ବେଳେବେଳେ ଏକ ଛୋଟ ଜିନିଷ ବି ବେଶ୍ ଅମୂଲ୍ୟ ହୋଇଯାଏ। ସାଧାରଣତଃ ଡାକ ଟିକେଟର ମୂଲ୍ୟ ୫ରୁ ଆରମ୍ଭ ହୋଇ ୧୦୦ ଟଙ୍କା ଭିତରେ ହୋଇଥାଏ। ହେଲେ ନିକଟରେ ଏକ ଡାକ ଟିକେଟ ୧୬ କୋଟି ଟଙ୍କାରେ ନିଲାମ ହୋଇଥିବା ଜଣାପଡ଼ିଛି। ଟିକେଟ ଛପାରେ କିଛି ଗଡ଼ବଡ଼ ହେବା କାରଣରୁ ଏହାର ମୂଲ୍ୟ ଏତେ ହୋଇଛି। ୧୯୧୮ ମସିହାର ଏକ ଆମେରିକା ଡାକ ଟିକେଟ ଥିଲା, ଯାହାର ବ୍ୟବହାର ବିଶ୍ୱର ପ୍ରଥମ ନିୟମିତ ରୂପରେ ସରକାରୀ ଏୟାରମେଲ୍ ସେବାର ଟିକେଟ ପାଇଁ କରାଯାଇଥିଲା। ଟିକେଟରେ ସାଧାରଣତଃ ଏକ 'ଜେନି' କର୍ଟିସ୍ ବାଇପଲେନ୍‌କୁ ଉପରକୁ ଦିଗ କରାଇ ରଖାଯାଇଛି। ହେଲେ ଛପା ଦାୟିତ୍ୱରେ ଥିବା ଲୋକେ ସେହି ଚିତ୍ରକୁ ଓଲଟା ଛାପି ଦେଇଥିଲେ। ଏହାପରେ ଯାହା ଚିତ୍ର ହେଲା, ତାହା 'ଇନ୍‌ଭର୍ଟେଡ୍ ଜେନି'ର ଥିଲା। 'ଇନ୍‌ଭର୍ଟେଡ୍ ଜେନି' ଗୋଟେ ୧୦୦ ପିସ୍ ଥିବା ସିଟ୍ ପୂର୍ବରୁ ବିକ୍ରି ହୋଇଥିଲା, ହେଲେ ଏହାର ଏକ ଭୁଲ୍ ଧରାପଡ଼ିବା ପରେ ଏହି ଟିକେଟର ମୂଲ୍ୟ ବଢ଼ିଯାଇଛି। ନ୍ୟୁୟର୍କର ସିଗଲ୍ ଅକ୍ସନ ଗ୍ୟାଲେରିସ୍‌ର ଅଧ୍ୟକ୍ଷ ସ୍କଟ ଟ୍ରିପେଲ୍‌ଙ୍କ କହିବା ଅନୁସାରେ, ଏହା 'ଷ୍ଟାମ୍ପ୍ ସଂଗ୍ରହର ପ୍ରତୀକ' ହୋଇଥିବାରୁ ଅତ୍ୟନ୍ତ ଖାସ୍ ଏବଂ ମହଙ୍ଗା ମଧ୍ୟ। ୧୯୧୮ ମସିହାରେ ସେହି ବିମାନ ବିଶେଷ ଭାବେ ଏତେ ଖାସ୍ ନ ଥିଲା। ସେତେବେଳେ ବହୁତ ଲୋକ ମଧ୍ୟ ସେହି ବିମାନ କିପରି ଦେଖାଯାଏ ତାହା ଜାଣି ନ ଥିଲେ। ସେଥିପାଇଁ ଟିକେଟର ଓଲଟା ଫଟୋ ଲୋକଙ୍କ ନଜରକୁ ଆସି ନ ଥିଲା ବୋଲି ଟ୍ରିପେଲ୍ କହିଛନ୍ତି। ଡାକଘର କିରାଣିଙ୍କୁ ପଚାରିବାରେ, ସେ ସେତେବେଳେ ବିମାନକୁ ଦେଖି ନ ଥିଲେ। ସେଥିପାଇଁ ଟିକେଟ ବିକିବା ସମୟରେ ସେ ଜାଣିପାରି ନ ଥିଲେ।

# ଗୋବରୀ ନଦୀ ପୁନରୁଦ୍ଧାର: ୧୧ କୋଟି ପାଣିରେ

ପଟ୍ଟାମୁଣ୍ଡାଇ, ୨୫।୧୧(କଳ୍ପତରୁ ନାୟକ)


ଦଳରେ ପରିପୂର୍ଣ୍ଣ ଗୋବରୀ ନଦୀ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ଗୋବରୀ ନଦୀର ପୁନରୁଦ୍ଧାର ନାଁରେ ଗତ ୭ ବର୍ଷରେ ୧୧.୩୩ କୋଟି ଟଙ୍କା ପାଣିରେ ପଡ଼ିଥିବା ଅଭିଯୋଗ ହେଉଛି। ନଦୀର ମାଟିଖୋଳା ଓ ଦଳସଫା ପାଇଁ ୨୦୧୧-୧୨ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ୧୧.୩୩ କୋଟି ବ୍ୟୟ ଅଟକଳରେ ଗୋବରୀ ନଦୀ ଖନନ ଲାଗି ଭିନ୍ନ ଭିନ୍ନ ଠିକାସଂସ୍ଥାକୁ କାମ ଦିଆଯାଇଥିଲେ ମଧ କାମ କିଛି ହୋଇ ନ ଥିବା ଭଳି ଏବେ ପରିଲକ୍ଷିତ ହେଉଛି। ଏବେ ପୁଣିଥରେ ଟେଣ୍ଡର ପ୍ରକ୍ରିୟା ପାଇଁ ପ୍ରସ୍ତୁତି କରାଯାଉଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର କହିଛନ୍ତି। ମାତ୍ର ସରକାରୀ ତହବିଲରୁ ଏତେ ଟଙ୍କା ଖର୍ଚ୍ଚ ପରେ ଗୋବରୀ ନଦୀର ପୁନରୁଦ୍ଧାର ହୋଇ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ, କ୍ଷୀରୋଦ ମଲିକ, ଦେବାଶିଷ ପଣ୍ଡା ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟ ନିକଟରୁ ଗଣ୍ଡାକିଆ ପର୍ଯ୍ୟନ୍ତ ପ୍ରାୟ ୧୬ କିଲୋମିଟର ବ୍ୟାପୀ ଗୋବରୀ ନଦୀର ଦଳ ସଫା ଓ ମାଟି ଖୋଳା ପାଇଁ ଡ୍ରେନେଜ୍ କଟ୍ ବିଭାଗ ପକ୍ଷରୁ ୨୦୧୧-୧୨ ଆର୍ଥିକ ବର୍ଷରେ ୩.୭୮ କୋଟି ବ୍ୟୟରେ ଠିକାସଂସ୍ଥାକୁ କାମ ଦିଆଯାଇଥିଲା। ଠିକାସଂସ୍ଥା ନିଜେ କାମ ନ କରି ଭିନ୍ନ ଭିନ୍ନ କୁଜି ଠିକାଦାରଙ୍କୁ ଖନନ କାର୍ଯ୍ୟ ଦେଇଥିଲା। ଠିକାଦାରମାନେ ପୋତା ନଦୀକୂଳରେ ଜେସିବି ମେଶିନ ରଖି ଖନନ କାର୍ଯ୍ୟ ଯେନେତେନ ପ୍ରକାର କରି ଚାଲିଯାଇଥିବାବେଳେ ପାଣିର ସ୍ରୋତକୁ ଅଟକାଇବା ପାଇଁ ମଝିରେ ମଝିରେ ନଦୀ ମଧ୍ୟରେ ଆଡ଼ିବନ୍ଧ ନିର୍ମାଣ କରିଥିଲେ। ଫଳରେ ନଦୀର ଜଳସ୍ରୋତ ବାଧା ପାଇବା ଓ ଏଥିରେ କଟକୀ ଦଳ ଭର୍ତ୍ତି ହୋଇ ରହିବା କାରଣରୁ ସମ୍ପୂର୍ଣ୍ଣ

## ଲୋକେ ଅସୁବିଧା ଭୋଗୁଛନ୍ତି

ନଦୀଟି ପୂର୍ବାପେକ୍ଷା ଅଧିକ ପୋତିହୋଇ ପଡ଼ିଲାଣି। ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଗୋବରୀ ନଦୀର ପୁନରୁଦ୍ଧାର ପାଇଁ ଦାବି ହୋଇ ଆସୁଥିଲା। ଦୀର୍ଘବର୍ଷ ବ୍ୟବଧାନ ପରେ ବାରମ୍ବାର ଲୋକମାନଙ୍କ ଦାବି କାରଣରୁ ରାଜ୍ୟ ସରକାର ପୁଣି ୧୬ କି.ମି ବ୍ୟାପୀ ଗୋବରୀ ନଦୀର ଖନନ ଲାଗି ଡ୍ରେନେଜ କଟ୍ ବିଭାଗକୁ ଦାୟିତ୍ୱ ଦେଇଥିଲେ। ଡ୍ରେନେଜ୍ କଟ୍ ବିଭାଗ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୭.୫୫ କୋଟି ଟଙ୍କା ବ୍ୟୟ ଅଟକଳରେ ଗୋବରୀ ନଦୀ ପୁନର୍ବାର ଖନନ କରାଯିବାକୁ ନିର୍ଦ୍ଧାରଣ କରାଯାଇ ଏହି କାର୍ଯ୍ୟକୁ ଓଡ଼ିଶା କନ୍‌ଷ୍ଟ୍ରକଶନ କମ୍ପାନୀ(ଓସିସି)କୁ ଦାୟିତ୍ୱ ଦିଆଯାଇଲା। ଓସିସି ୧୬ କି.ମି. ଖନନ କରିବା ପରିବର୍ତ୍ତେ ମାତ୍ର ୬ କି.ମି. ଖନନ କରି କାମ ବନ୍ଦ କରିଦେଇଥିଲା। ଏବେ ପୁଣି କଟକୀ ଦଳ ଭର୍ତ୍ତିହୋଇ ସମ୍ପୂର୍ଣ୍ଣ ନଦୀଟି ପୂର୍ବାପେକ୍ଷା ଅଧିକ ପୋତିହୋଇ ପଡ଼ିବାରୁ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ୧୧ କୋଟିର କାମ, କିନ୍ତୁ ୧୧ ଲକ୍ଷ ଟଙ୍କାର କାମ ହୋଇ ନ ଥିବା ନେଇ ଲୋକମାନେ ଅଭିଯୋଗ କରୁଥିବା ବେଳେ ଚଳିତଥର ପୁଣି ଟେଣ୍ଡର କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ଶେଖର କହିଛନ୍ତି। ଏହି ଗୋବରୀ ନଦୀ ସହ ୩୦ଟିରୁ ଅଧିକ ପାଟନାଳୀ ସଂଯୋଗ କରୁଛି। ଗୋବରୀ ନଦୀ ଶୁଖିଲା ପଡ଼ିଥିବା ବେଳେ ପାଟନାଳୀଗୁଡିକ ମଧ ଶୁଖିଲା ପଡ଼ିଛି। ଏହାଛଡ଼ା ଭୂତଳ ଜଳସ୍ତର ୧୦ରୁ ୧୨ ଫୁଟ କମି ଯାଇଥିବା ବେଳେ ବହୁ ସ୍ଥାନରେ ନଳକୂପରୁ ପାଣି ବାହାରୁନାହିଁ। ଫଳରେ କେନ୍ଦ୍ରାପଡ଼ା ଓ ପଟ୍ଟମୁଣ୍ଡାଇ ବ୍ଲକର ଚାଷୀମାନେ ନାହିଁ ନ ଥିବା ସମସ୍ୟା ଭୋଗ କରୁଛନ୍ତି। କାମ ନ ପାଇ ଶିକ୍ଷିତ ବେକାର ଯୁବକମାନେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲିଯିବା ଏ ଅଞ୍ଚଳ ପାଇଁ ଏକ ବଡ଼ ପ୍ରସଙ୍ଗ ହୋଇଛି। ପ୍ରକାଶଥାଉ କି, ଗୋବରୀ ନଦୀରେ ୧୧.୩୩ କୋଟି ଟଙ୍କାର ଟେଣ୍ଡର ପରେ କିଛି କାମ ନ ହୋଇ ବିଭାଗୀୟ ଅଧିକାରୀ, ଠିକାଦାର ଓ ଯନ୍ତ୍ରୀ ପକେଟ୍ ଗରମ କରିଛନ୍ତି। ସେ କ୍ଷେତ୍ରରେ ପୁଣି କିଭଳି ଟେଣ୍ଡର ପାଇଁ ପ୍ରକ୍ରିୟା ଚାଲିଛି, କୁଆଡ଼େ ଗଲା ଏତେ ଟଙ୍କା, କେଉଁ ବାଟରେ ଖର୍ଚ୍ଚ ହେଲା, କାହିଁକି ଯାଞ୍ଚ ହେଲାନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

# ବାତରା ଗଛ ଚେର ସଂଗ୍ରହ ବେଳେ ୩ ଗିରଫ



ରାଜନଗର,୨୫।୧୧(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ବାତରା ଗଛର ଚେର କାଟି ନେଉଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ହାତରେ ୩ଜଣ ଧରା ପଡିଛନ୍ତି । ଗୁରୁବାର କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ରାତ୍ରି ପାଟ୍ରୋଲିଂ କରୁଥିବା ବେଳେ ସୁବଳଡିଆ ଜଙ୍ଗଲ ମଧ୍ୟରୁ ଈଶ୍ୱରପୁର ପଞ୍ଚାୟତ ରିଘାଗଡ଼ ଗାଁର ରବୀନ୍ଦ୍ର ମଣ୍ଡଳ, ଦୀପକ ମଣ୍ଡଳ, ପପୁ ସେଠୀ ପ୍ରମୁଖ ଭିତରକନିକା ଜଙ୍ଗଲର ସୁବଳଡିଆ ଜଙ୍ଗଲ ମଧ୍ୟରୁ ବାତରା ଗଛର ଚେର ସଂଗ୍ରହ କରି ଆସୁଥିଲେ । ଏହି ସମୟରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ସେମାନଙ୍କୁ କାବୁ କରିନେଇଥିଲା । ରାତି ପ୍ରାୟ ସାଢେ ତିନିଟା ବେଳେ ବନ ବିଭାଗ କର୍ମଚାରୀ ମାନେ ୩ ଜଣ କାଠ ବ୍ୟବସାୟୀଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ୩ ବସ୍ତାରେ ଥିବା ଏକ କୁଇଣ୍ଟାଲ ୨୦କେଜି ବତରା ଗଛର ଚେର ଜବତ କରିଛି । ଏହି କାଠ ବ୍ୟବସାୟୀମାନେ ଏହି ବାତରା ଗଛର ଚେରରେ ଅରୋମାଟିକ ସେଣ୍ଟ ସ୍ପ୍ରେ କରି ତାହାକୁ ଚନ୍ଦନ କାଠ କହି ବଜାରରେ ବିକ୍ରି କରିଥାନ୍ତି । ଏହି ଚଢ଼ାଉରେ ଦୀପ୍ତି ରଞ୍ଜନ ପାଲ, ବନରକ୍ଷୀ ପ୍ରଦୋଷ ମହାପାତ୍ର, ସନ୍ଧ୍ୟାରାଣୀ ମଲିକ ପ୍ରମୁଖ ସାମିଲ ଥିଲେ ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ


ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାଜନଗର,୨୫।୧୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ସଭାପତିତ୍ୱରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, କୃଷ୍ଣ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇ ଯୁବତୀ,ଯୁବକଙ୍କ ବିକାଶ ଓ ଦକ୍ଷତା ଚୟନ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଜନାକୁ ଭୂୟସୀ ପ୍ରଶଂସା କରିଥିଲେ। ଅଧ୍ୟାପକ ପ୍ରଦୀପ ପାଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଭଗବତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ,୨୫।୧୧(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ଓ ଖଡିଅଣ୍ଟା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଶନିବାର ରାଜନଗର ବିଧାୟକ ଧ୍ରୁବ ସାହୁ କଖାରୁଣୀ ପଞ୍ଚାୟତର ଓସଙ୍ଗରାଠାରେ ୨କୋଟି ୬୧ ଲକ୍ଷ ଟଙ୍କା ବ୍ୟୟରେ ଓସଙ୍ଗରା-ସାହୁପଡା ଓ ଓସଙ୍ଗରା-ଚହଲିବାଙ୍କ ପାଟନାଳୀ ପୁନଃରୁଦ୍ଧାର ପ୍ରକଳ୍ପ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ବିଜେଡି ବ୍ଲକ ସମ୍ପାଦକ କଳାକାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ସାହୁ ଯୋଗଦେଇ କହିଲେ, ଏକ ବିକଶିତ ସମୃଦ୍ଧ ଓ ସଶକ୍ତ ଗାଁ ତିଆରି କରିବା ସହିତ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ବଳିଷ୍ଠ ପଦକ୍ଷେପ । ସମଗ୍ର ଉତିକଣ ଅଞ୍ଚଳରେ ଥିବା ହଜାରରୁ ଉର୍ଦ୍ଧ୍ୱ ଏକର ଜମିରେ ଦୀର୍ଘବର୍ଷ ଧରି ଜଳନିଷ୍କାସନ ସମସ୍ୟା ରହିଆସୁଛି । ଏହାଦ୍ୱାରା ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି । ଉତିକଣ ଅଞ୍ଚଳରୁ ଜଳନିଷ୍କାସନ ସମସ୍ୟା ହଟାଇବା ପାଇଁ ଶନିବାର ଓସଙ୍ଗରା-ସାହୁପଡା ଓ ଓସଙ୍ଗରା-ଚହଲିବାଙ୍କ ପାଟନାଳି ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଇଛି । ଏଥିସହିତ କଖାରୁଣୀ ଓ ଖଡିଅଣ୍ଟ ପଞ୍ଚାୟତର ସ୍କୁଲ, ଜଗନ୍ନାଥ ସଂସ୍କୃତି ପ୍ରଚାରପ୍ରସାର ପାଇଁ ଦେବାଦେବୀ ମନ୍ଦିର ଉନ୍ନତିକରଣ ଓ ଯୁବଶକ୍ତି ବିକାଶ ଯୁବବିକାଶ କେନ୍ଦ୍ର ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଇ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ଏହି ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ସମ୍ପାଦକ କଳାକାର ପ୍ରଧାନ, ବ୍ଲକ ଯୁବବିଜେଡି ସଭାପତି କୈଳାଶ ସିଂହ, ବ୍ଲକ ସାମାଜିକ ଗଣମାଧ୍ୟମ ସଂଯୋଜକ ନୟନ ଗିରି, ବରିଷ୍ଠ ନେତା ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

# ସାତଭାୟା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ


ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

ରାଜନଗର,୨୫।୧୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସାତଭାୟା ଗ୍ରାମ ପଞ୍ଚାୟତ ବଗପାଟିଆ ଥଇଥାନ କଲୋନୀରେ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧୀନ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ନିର୍ମାଣ କାର୍ଯ୍ୟ ଏବଂ ଜଳ ନିଷ୍କାସନ ଡିଭିଜନ କେନ୍ଦ୍ରାପଡ଼ା ଦ୍ୱାରା ଥଇଥାନ କଲୋନୀରେ କଂକ୍ରିଟ ନାଳ ନିର୍ମାଣ ସହିତ ଗ୍ରାମ ପଞ୍ଚାୟତ ପଡ଼ିଆ ଉନ୍ନତିକରଣ ଓ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କାର୍ଯ୍ୟ ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଓକିଲପାଳ ଛକଠାରୁ ବିଧାୟକଙ୍କୁ ଏକ ମୋଟରସାଇକେଲ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର , ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ , ସ୍ଥାନୀୟ ସରପଞ୍ଚ ପ୍ରଶନ୍ନ ପରିଡା , ସମିତି ସଭ୍ୟ କୌଶିକ ବେହେରାଙ୍କ ସହିତ ସରପଞ୍ଚ ନିରଞ୍ଜନ ରାଉତ ,ଗୋଲେଖ ସ୍ୱାଇଁ, ଅଶୋକ କୁମାର ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା , ଶାନ୍ତିଲତା ବିଶ୍ୱାଳ , ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି , ମିନତୀ ସାହୁ , ତପନ କୁମାର ସାହୁ , ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ବିଜୟ କୁମାର ନାୟକ , ପ୍ରାକ୍ତନ ସରପଞ୍ଚ ଗିରୀଶ ନାୟକ , ଶ୍ରୀକାନ୍ତ କୁମାର ପ୍ରଧାନ , ଦିବାକର ରାଉତ, ଖଗେଶ୍ୱର ଲେଙ୍କା , ପ୍ରାକ୍ତନ ସମିତି ସଭ୍ୟ ନିରଞ୍ଜନ ସ୍ୱାଇଁ , ଦିବ୍ୟଲୋଚନ ରାଉତ , ନାରୀନେତ୍ରୀ ରଶ୍ମିରଞ୍ଜିତା ସ୍ୱାଇଁ , ବରିଷ୍ଠ ନେତା ଲକ୍ଷ୍ମୀଧର ବାରିକ , ସୁବାସ ଦାସ , ନରହରି ଜେନା, ମନୋରଞ୍ଜନ ମଳିକ, ମଙ୍ଗୁଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ୩୦୨ ୟୁନିଟ୍ ରକ୍ତ ସଂଗୃହିତ

ରାଜକନିକା,୨୫।୧୧(ସଞ୍ଜୟ କୁମାର ଦାଶ)

ଗୁରୁବାର ଓଡ଼ିଶା ଦନ୍ତପରିଷଦ ସଭାପତି ତଥା କଟକ ବଡ଼ ମେଡ଼ିକାଲର ଦନ୍ତ ଚିକିତ୍ସକ ଡ. ଆଶିଷ କୁମାର ବାରିକଙ୍କ ୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆଳି-କନିକା ଯୁବ ସମନ୍ୱୟ ସଙ୍ଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ରାଜକନିକା ଆଥଲେଟିକ ଆସୋସିଏଶନ ପରିସରରେ ଅନୁଷ୍ଠିତ ହୋଇଥିଲା । ରାଜକନିକା ଥାନା ଭାରପ୍ରାପ୍ତ ଅଧିକାରୀ ଦିଲୀପ କୁମାର ଧଳ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ମୋଟ ୩୦୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା ।

# ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ସେମିନାର

ପଟ୍ଟାମୁଣ୍ଡାଇ, ୨୫।୧୧ (ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ପକ୍ଷରୁ ଗୁଣାତ୍ମକ ଶିକ୍ଷା ଉପରେ ସେମିନାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ସେମିନାରରେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ପ୍ରଭାକର ମଲ୍ଲିକ ଯୋଗଦେଇ ବିଷୟ ଭିତ୍ତିକ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ମୁଖ୍ୟ ନିବେଦିତା ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇକ୍ୟୁଏସି ସଂଯୋଜକ ଡ. ସୁନୀଲ ପ୍ରଧାନ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଅଧ୍ୟାପିକା ନମିତା ବେହେରା ଧନ୍ୟବାଦ ଦେଇଥିଲେ।

# କୁନି ପ୍ରବଚକଙ୍କ ହରିକଥାମୃତ


କୁନି ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣ ପ୍ରବଚନ ଦେଉଛନ୍ତି।

ମାର୍ଶାଘାଇ,୨୫।୧୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କାର୍ତ୍ତିକେଶ୍ୱରଙ୍କ ପାର୍ବଣ ଅବସରରେ ମାର୍ଶାଘାଇ ବ୍ଲକ ଶିଳିପୁର ଗ୍ରାମର କାର୍ଗିଲ କ୍ଲବ ଆନୁକୂଲ୍ୟରେ ହରିକଥାମୃତ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ କୁନି ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣ ଯୋଗ ଦେଇ ପ୍ରତିଦିନ ସନ୍ଧ୍ୟାରେ ହରିକଥା, ଜଗନ୍ନାଥଙ୍କ କଥାମୃତ ଓ ଭାଗବତ ପ୍ରସଙ୍ଗ ଉପରେ ପ୍ରବଚନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ହରିନାମ ଶ୍ରବଣ କରିଥିଲେ । ଅଧ୍ୟାପକ ସୁକାନ୍ତ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିଳିପୁର ସରପଞ୍ଚ ମଧୁସ୍ମିତା ପରିଡ଼ା, ସମିତି ସଭ୍ୟା ଭାରତୀ କାନୁନଗୋ, କ୍ଲବ ସଭାପତି ବିଶ୍ୱତୋଷ ଦାସ, ଜୟକାନ୍ତ ପ୍ରଧାନ, ଅଶ୍ୱିନୀ ପ୍ରଧାନ, ନୃସିଂହ ଚରଣ ବେହେରା, ଶୁଭ୍ରକାନ୍ତ ପ୍ରଧାନ, ଗୋବର୍ଦ୍ଧନ ସାହୁ, ରଞ୍ଜନ ବେହେରା, ସନ୍ତୋଷ ପ୍ରଧାନ, ଅମିତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀ ବଳରାମଙ୍କ ବୀରଗାଥା ତୁଳସୀକ୍ଷେତ୍ରରେ ଅଛି

କେନ୍ଦ୍ରାପଡ଼ା,୨୫।୧୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ତୁଳସୀ କ୍ଷେତ୍ର ଭାବେ ସର୍ବବିଦିତ। ଏଠାରେ ଶ୍ରୀ ବଳରାମ ପ୍ରତିପକ୍ଷ କନ୍ଦରାସୁରଙ୍କୁ ନିହତ କରି ଶାନ୍ତିସ୍ଥାପନ କରିଥିଲେ । ତାଙ୍କର ବୀରଗାଥା ଜିଲା ଓ ଆଖପାଖ ଅଞ୍ଚଳରେ ସ୍ମୃତିବହନ କରିଛି। ଏନେଇ ଅଧିକ ଗବେଷଣା ଆବଶ୍ୟକ ବୋଲି ନିଖିଳ ଓଡ଼ିଶା ତୁଳସୀ ଶ୍ରୀ ବଳରାମ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଆଲୋଚକମାନେ କହିଛନ୍ତି। ପରିଷଦ ସଭାପତି ଆଇନଜୀବୀ ନେପାଳ ପ୍ରକାଶ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ର ଖଡିଅଙ୍ଗସ୍ଥିତ ସତୀଶ ଚନ୍ଦ୍ର ସାମନ୍ତଙ୍କ ବାସଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଗୀତିକାର ଡ. ବଳରାମ ଲେଙ୍କା, ପ୍ରତାପ ଚନ୍ଦ୍ର ଲେଙ୍କା, ନୃସିଂହ ଚରଣ ରାଉତ, ମହେଶ୍ୱର ମହାପାତ୍ର, କାହ୍ନୁଚରଣ ଦାସ, ନିମାଇଁ ଚରଣ ବଳ, ବିପଦଭଞ୍ଜନ ଦାଶ, ଶ୍ରୀଧର ମହାନ୍ତି, ରାଖାଲ ଚନ୍ଦ୍ର ସାମନ୍ତ, ରବିନ୍ଦ୍ର ସାମନ୍ତ, ଆଇନଜୀବୀ ମମତା ମହାନ୍ତି, ଶୁଭାଶିଷ ପଟ୍ଟନାୟକ, ଅକ୍ଷୟ କୁମାର ମହାନ୍ତି, ପ୍ରକାଶ କୁମାର ମୁଦୁଲି, ଅଶୋକ କୁମାର ବେହେରା ଆଲୋଚକ ଭାବେ ମତ ଉପସ୍ଥାପନ କରିଥିଲେ । ସେମାନେ ପ୍ରକାଶ କରିଥିଲେ, ଜିଲାର ବିଭିନ୍ନ ସ୍ଥାନର ନାମ ଓ ବୈଶିଷ୍ଟ୍ୟ ସହିତ ପୁରାଣ, ଲୋକକଥା ଓ ଐତିହାସିକଙ୍କ ମତରେ ବହୁ ସାମଞ୍ଜସ୍ୟ ଅଛି। ଶ୍ରୀ ବଳରାମଙ୍କ ଆଗମନ, କନ୍ଦରାସୁରଙ୍କ ସହ ଯୁଦ୍ଧ, ଖଣ୍ଡବିଖଣ୍ଡିତ ଶରୀରଙ୍କୁ ବିଭିନ୍ନ ସ୍ଥାନରେ ପ୍ରକ୍ଷେପଣ କରିବାକୁ ଅଧିକ ଗବେଷଣା ହେଲେ, ଏହାର ନିଷ୍କର୍ଷ ବାହାରି ପାରିବ । ଏହି ଜିଲାକୁ କନ୍ଦରାସୁରଙ୍କ ପାଳିତା କନ୍ୟା ତୁଳସୀଙ୍କ କ୍ଷେତ୍ରରେ ପରିଣତ ହୋଇଛି । ସେହିପରି ଖଡିଅଙ୍ଗ, ବଳଗଣ୍ଡି, ଅସୁରେଶ୍ୱର, କଟିକଟା, ଚାରିଲଙ୍ଗଳ, ଅସୁରଡିହ, ବାଟ ମଙ୍ଗଳା, ମହୀପାଳ, ମଧୁସାଗର, ଗଣାମାହାଲ ଆଦି ଶ୍ରୀବଳରାମଙ୍କ ବୀରଗାଥାକୁ ପ୍ରତିପାଦିତ କରୁଛି । ତେବେ ଏନେଇ ଯଥେଷ୍ଟ ଗବେଷଣା ହୋଇନାହିଁ। ପରିଷଦ ପକ୍ଷରୁ ଏନେଇ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ କନ୍ଦରାସୁର ପୋଡି, ମଧୁଦୈତ୍ୟ ପୋଡି, ଶଙ୍ଖୁକର୍ଣ୍ଣ ପୋଡି ସହ ଆଲୋଚନା ଚକ୍ର ଆୟୋଜନ କରାଯାଉଛି । ସନାତନ ସଂସ୍କୃତିକୁ ପରିବ୍ୟାପ୍ତ ହେଲେ ଏକ ସୁସ୍ଥ ଓ ଆଧ୍ୟାତ୍ମିକ ସମାଜ ଗଠନ ହୋଇପାରିବ ବୋଲି ଆଲୋଚକମାନେ ମତ ରଖିଥିଲେ । ଏହାକୁ ପରିଷଦର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।


ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ମାନ୍ୟଗଣ୍ୟ ବ୍ୟକ୍ତି।

# ଗାନ୍ଧୀ ସ୍ମୃତିପୀଠ ପ୍ରତି ଅବହେଳା

ଡେରାବିଶ,୨୫।୧୧(ବେବର୍ତ୍ତା ଅଜୟ ଦାସ)

## ଅଧାପନ୍ତରିଆ ହୋଇ ପଡ଼ିଛି ଗାନ୍ଧୀପାର୍କ



ଦିନେ ଯେଉଁ ପଡ଼ିଆରେ ଆୟୋଜିତ ବିଶାଳ ସମାବେଶରେ ଜାତିର ପିତା ମହାତ୍ମା ଗାନ୍ଧୀ ସ୍ୱାଧୀନତାର ମନ୍ତ୍ର ଫୁଙ୍କିଥିଲେ ସେହି ସ୍ଥାନ ଇତିହାସ ପାଲଟିଛି। ହେଲେ ପ୍ରଶାସନିକ ଅବହେଳା ଯୋଗୁ ସେହି ପଡ଼ିଆ ଆଜି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ ବାରିମୂଳଠାରେ ୧୯୩୪ ମେ ୩୦ରେ ଗାନ୍ଧିଜୀ ଏକ ବିଶାଳ ସମାବେଶରେ ଉଦ୍‌ବୋଧନ ଦେଇଥିଲେ। ସେହିଦିନଠାରୁ ସ୍ୱାଧୀନତା ଆନ୍ଦୋଳନର ସ୍ମାରକୀ ଭାବେ ପରିଚିତ ବାରିମୂଳ ଗାନ୍ଧିସ୍ମୃତି ପୀଠ ସ୍ୱତନ୍ତ୍ର ପରିଚୟ ପାଇଥିଲା। ଗୋବରୀ ନଦୀ କୂଳରେ ଏହି ପଡ଼ିଆରେ ଥିବା ଏକ ବରଗଛ ମୂଳରେ କେବଳ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ପ୍ରଶାସନ ନିଜର ଦାୟିତ୍ୱ ଶେଷ କରିଛି। ଦୀର୍ଘ ବର୍ଷ ହେବ ଅବହେଳିତ ହୋଇ ପଡ଼ିଥିବା ଏହି ପୀଠର ଉନ୍ନତି ପାଇଁ ଜିଲା ସ୍ୱାଧୀନତା ସଂଗ୍ରାମୀ ସଂଘ, ବିଭିନ୍ନ ସାମାଜିକ ସଙ୍ଗଠନ ଓ ବ୍ୟକ୍ତି ବିଶେଷ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲେ ମଧ ଏ ଦିଗରେ ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ ନିଆ ନ ଯିବା ଅତ୍ୟନ୍ତ ଦୁଃଖର କଥା ବୋଲି ଜିଲା ସ୍ୱାଧୀନତା ସଂଗ୍ରାମୀ ସଂଘ ସଭାପତି ବିଦ୍ୟାଧର ମୁଦୁଲି କହିଛନ୍ତି। ଜିଲାରେ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ଗାନ୍ଧୀସ୍ମୃତି ପୀଠକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି ବୋଲି ମୁଦୁଲି କହିଛନ୍ତି। ବିଭିନ୍ନ ପ୍ରାନ୍ତରୁ ବହୁ ସଂଗ୍ରାମୀ ଓ ତାଙ୍କ ଦାୟାଦମାନେ ସ୍ମୃତିପୀଠକୁ ଦେଖିବା ଆସୁଛନ୍ତି। ହେଲେ ଅବହେଳିତ ହୋଇ ପୀଠଟି ପଡ଼ିଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହାକୁ ସରକାର ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ଜିଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ବାରିମୂଳ ମହାତ୍ମା ଗାନ୍ଧୀ ଫାଉଣ୍ଡେଶନ ଅଧ୍ୟକ୍ଷ ଆଇନଜୀବୀ ପ୍ରତାପ ମହାପାତ୍ର କହିଛନ୍ତି। ଅପରପକ୍ଷେ ବାରିମୂଳ ପଞ୍ଚାୟତ ପକ୍ଷରୁ ଏହି ସ୍ମୃତିପୀଠରେ ଏକ ପାର୍କ ନିର୍ମାଣ ମଧ କରାଯାଇଛି। ଉକ୍ତ ପାର୍କ ପାଇଁ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଥିଲେ ମଧ ଆବଶ୍ୟକ ଅର୍ଥ ଅଭାବରୁ ତାହା ଅଧାପନ୍ତରିଆ ହୋଇ ପଡ଼ିରହିଛି ବୋଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ଶୁଦ୍ଧଦେବ ବେହେରା କହିଛନ୍ତି। କେନ୍ଦ୍ରାପଡ଼ା-ଇନ୍ଦୁପୁର ରାସ୍ତାରୁ ପାର୍କ ପର୍ଯ୍ୟନ୍ତ ପଡ଼ିଥିବା ରାସ୍ତା ଦୀର୍ଘବର୍ଷ ତଳେ ବ୍ଲକ ପକ୍ଷରୁ ନିର୍ମାଣ କରାଯାଇଥିଲା। ତାହା ମଧ ଅବହେଳିତ ହୋଇରହିଛି। ଏହି ରାସ୍ତାର ଉଭୟପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯିବା ସହ ଉନ୍ନତମାନର ରାସ୍ତା ନିର୍ମାଣ କରାଯିବା ପାଇଁ ବାରିମୂଳ ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମୁଖାର୍ଜୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ ଉକ୍ତ ପୀଠର ଉନ୍ନତି ପାଇଁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କ ସହ ଆଲୋଚନା କରିବା ପରେ ଯାହା କିଛି ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

## ଆଜି କ'ଣ କେଉଁଠି

ଧର୍ମଶାଳା

- ମଧୁମେହ ରୋଗର ମାଗଣା ପରୀକ୍ଷା, ସ୍ଥାନ ସାର୍ଥକ ହସ୍ପିଟାଲ, ସମୟ: ପୂର୍ବାହ୍ନ ୮ରୁ ଅପରାହ୍ନ ୨ଟା।

# କଳସପୁର ବାଲିଘାଟକୁ ବିରୋଧ

## ଗ୍ରାମବାସୀଙ୍କ ଦ୍ୱାରା ହାଇୱା ଅଟକ

**ଯାଜପୁର ସଦର, ୨୫।୧୧ (ସମର ବିଜୟ ଶରଣ):**

ଯାଜପୁର ବ୍ଲକ ଅନ୍ତର୍ଗତ ଶ୍ୟାମଦାସପୁର ପଞ୍ଚାୟତର କଳସପୁର ଗ୍ରାମରେ ଥିବା ବାଲିଘାଟକୁ ଶନିବାର ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗଯେ, ଗାଁ ବିଦ୍ୟାଳୟରେ ପିଲା ପାଠ ପଢୁଥିବାବେଳେ ବାଲି ବୋଝେଇ ଓଭର ଲୋଡିଂ ହାଇୱାଗୁଡ଼ିକ ବିଦ୍ୟାଳୟ ଦେଇ ଯାଉଛି। ଫଳରେ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ଗ୍ରାମର ଖେଳ ପଡ଼ିଆରେ ଗାଡ଼ି ଯାଉଥିବାରୁ ପିଲାମାନେ ଖେଳି ପାରୁନାହାନ୍ତି। ଗୃହପାଳିତ ପ୍ରାଣୀମାନେ ଚରିବାକୁ ଜାଗା ପାଉନାହାନ୍ତି। ଅଣଚଉଡ଼ା ବନ୍ଧରେ ଗାଡି ଯାଉଥିବାରୁ ଅନ୍ୟ ଗାଡ଼ି ଯାଆଆସ କରି ପାରୁନାହିଁ। ଅତି କଷ୍ଟରେ ଦୁଇ ଚକିଆ ଯାନ ଯାଇପାରୁଛି। ଯଦି ଗ୍ରାମରେ କୌଣସି ଜରୁରୀ ଚିକିତ୍ସା ନିମନ୍ତେ ଅଟୋ ବି ଦରକାର ହୁଏ ତେବେ ବନ୍ଧ ରାସ୍ତାରେ ତାହା ମଧ ଯାଇ ପାରୁନାହିଁ। ଓଭର ଲୋଡିଂ ଗାଡ଼ି ଯିବା ଦ୍ୱାରା ବନ୍ଧ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଛାତ୍ରୀଛାତ୍ର ସ୍କୁଲ୍ ଓ କଲେଜକୁ ଯିବା ଆସିବା ପାଇଁ ବହୁ ହଇରାଣ ହେଉଛନ୍ତି। ବନ୍ଧ ରାସ୍ତାରେ ଦୈନିକ ଦୁର୍ଘଟଣା ଘଟୁଛି। ଏସବୁ ସମସ୍ୟାକୁ ନେଇ ଗ୍ରାମବାସୀ ଜିଲା ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଇଥିଲେ। ହେଲେ କୌଣସି ପଦକ୍ଷେପ ନିଆନଯିବାରୁ ବାଧହୋଇ ସେମାନେ ବାଲି ପରିବହନକୁ ବିରୋଧ କରିବା ସହ ବାଲି ବୋଝେଇ ହାଇୱାଗୁଡ଼ିକକୁ ଅଟକାଇଥିଲେ। ଜିଲା ପ୍ରଶାସନ ତୁରନ୍ତ ବାଲିଘାଟ ବନ୍ଦ କରିବା ସହ ବେଆଇନ ଭାବେ ପରିବହନ କରୁଥିବା ଗାଡ଼ି ଗୁଡ଼ିକୁ ଜବତ କରିବାକୁ ସେମାନେ ଦାବି କରିଛନ୍ତି।


ହାଇୱା ଅଟକାଇ ଲୋକେ ବାଲିଘାଟକୁ ବିରୋଧ କରୁଛନ୍ତି।

## ଅଶ୍ଳୀଳ ଇଙ୍ଗିତ କରୁଥିବା ଯୁବକଙ୍କୁ କାବୁକଲେ କଲେଜ ଛାତ୍ରୀ

ବ୍ରହ୍ମବରଦା, ୨୫।୧୧ (ଯଯାତି କେଶରୀ ବେହେରା): ଅଶ୍ଳୀଳ ଇଙ୍ଗିତ କରୁଥିବା ଜଣେ ଯୁବକଙ୍କୁ କଲେଜ୍ ଛାତ୍ରୀମାନେ କାବୁ କରି ବ୍ରହ୍ମବରଦା ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଧର୍ମଶାଳା ଥାନା ଅର୍ନ୍ତଗତ ନାଳକୁଳ ଗ୍ରାମର ପ୍ରମୋଦ ମଲ୍ଲିକ(୩୧)।

ଅଭିଯୋଗ ମୁତାବକ, ଶୁକ୍ରବାର କଦମପାଳ, ଅରେଇକଣା ଓ ଅରାବଳ ଅଞ୍ଚଳର ୭ ଛାତ୍ରୀ ସାଙ୍ଗ ହୋଇ ବ୍ରହ୍ମବରଦାରୁ କଲେଜ ଏବଂ କମ୍ପ୍ୟୁଟର କ୍ଲାସ ସାରି ଘରକୁ ଫେରୁଥିଲେ। ଏହି ସମୟରେ ପ୍ରମୋଦ ବାଇକ ଯୋଗେ ଆସି ବ୍ରହ୍ମବରଦା ନାଳକୁଳ ରୋଡ୍‌ରେ ଛାତ୍ରୀମାନଙ୍କୁ ଏକୁଟିଆ ଦେଖି ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏହି ସମୟରେ ଛାତ୍ରୀମାନେ ତାଙ୍କୁ କାବୁ କରି ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ସେହି ସମୟରେ ଉକ୍ତ ରାସ୍ତାଦେଇ ବ୍ରହ୍ମବରଦା ପୋଲିସ ପାଟ୍ରୋଲିଂ ସାରି ଫେରୁଥିଲା। ତେବେ ଲୋକ ରୁଣ୍ଡ ହୋଇଥିବା ଦେଖି ପୋଲିସ ଗାଡ଼ି ଅଟକାଇ ଘଟଣାର ଅନୁଧ୍ୟାନ କରି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୧୪୮/୨୩ ରୁଜୁ ହୋଇଛି।

## ବାତରା ଗଛ ଚେର ସଂଗ୍ରହ ବେଳେ ୩ ଗିରଫ

ରାଜନଗର, ୨୫।୧୧ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ବାତରା ଗଛର ଚେର କାଟି ନେଉଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ହାତରେ ୩ଜଣ ଧରା ପଡିଛନ୍ତି । ଗୁରୁବାର କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ରାତ୍ରି ପାଟ୍ରୋଲିଂ କରୁଥିବା ବେଳେ ସୁବଳଡିଆ ଜଙ୍ଗଲ ମଧ୍ୟରୁ ଈଶ୍ୱରପୁର ପଞ୍ଚାୟତ ରିଘାଗଡ଼ ଗାଁର ରବୀନ୍ଦ୍ର ମଣ୍ଡଳ, ଦୀପକ ମଣ୍ଡଳ, ପପୁ ସେଠୀ ପ୍ରମୁଖ ଭିତରକନିକା ଜଙ୍ଗଲର ସୁବଳଡିଆ ଜଙ୍ଗଲ ମଧ୍ୟରୁ ବାତରା ଗଛର ଚେର ସଂଗ୍ରହ କରି ଆସୁଥିଲେ । ଏହି ସମୟରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ସେମାନଙ୍କୁ କାବୁ କରିନେଇଥିଲା । ରାତି ପ୍ରାୟ ସାଢେ ତିନିଟା ବେଳେ ବନ ବିଭାଗ କର୍ମଚାରୀ ମାନେ ୩ ଜଣ କାଠ ବ୍ୟବସାୟୀଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ୩ ବସ୍ତାରେ ଥିବା ଏକ କୁଇଣ୍ଟାଲ ୨୦କେଜି ବତରା ଗଛର ଚେର ଜବତ କରିଛି । ଏହି କାଠ ବ୍ୟବସାୟୀମାନେ ଏହି ବାତରା ଗଛର ଚେରରେ ଅରୋମାଟିକ ସେଣ୍ଟ ସ୍ପ୍ରେ କରି ତାହାକୁ ଚନ୍ଦନ କାଠ କହି ବଜାରରେ ବିକ୍ରି କରିଥାନ୍ତି । ଏହି ଚଢ଼ାଉରେ ଦୀପ୍ତି ରଞ୍ଜନ ପାଲ, ବନରକ୍ଷୀ ପ୍ରଦୋଷ ମହାପାତ୍ର, ସନ୍ଧ୍ୟାରାଣୀ ମଲିକ ପ୍ରମୁଖ ସାମିଲ ଥିଲେ।

## ଡିସେମ୍ବର ୧ରେ ପୁରୀ ଯିବ ତୁଳସୀ

**ଯାଜପୁର ଟାଉନ, ୨୫।୧୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଜଗନ୍ନାଥ ମନ୍ଦିର ଚାରି ଦୁଆର ଖୋଲିବା, ରତ୍ନ ଭଣ୍ଡାର ଖୋଲିବା, ରତ୍ନ ଭଣ୍ଡାର ମରାମତି ଏବଂ ଏକ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ମହାପ୍ରଭୁ ଜଗନ୍ନାଥଙ୍କ ଜମିକୁ ତୁରନ୍ତ ଫେରସ୍ତ ଦାବିରେ ଡିସେମ୍ବର ୧ରେ ଯାଜପୁରରୁ ତୁଳସୀ ପୁରୀ ଅଭିମୁଖେ ଯିବ ବୋଲି ଜିଲା କଂଗ୍ରେସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଏଥିସହିତ ମନ୍ଦିର ମୁଖ୍ୟ ପ୍ରଶାସକଙ୍କ ବିବାଦୀୟ ମନ୍ତବ୍ୟକୁ କଂଗ୍ରେସ ପକ୍ଷରୁ ଦୃଢ଼ ବିରୋଧ ସହ ନିନ୍ଦା କରାଯାଉଛି ବୋଲି ଜିଲା ସଭାପତି ମନୋଜ ରାଉତ ମନ୍ତବ୍ୟ ଦେଇଛନ୍ତି। ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଦରକାର ପଡିଲେ କଂଗ୍ରେସ ରାସ୍ତାକୁ ଓହ୍ଲାଇବା ସହ ବିକ୍ଷୋଭ କରିବ ବୋଲି କୁହାଯାଇଛି। ଜିଲାର ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳର ନେତୃବୃନ୍ଦ ଡିସେମ୍ବର ୧ ତାରିଖ ସକାଳୁ ତୁଳସୀ ଆଣି ଜିଲା ସଭାପତିଙ୍କୁ ପ୍ରଦାନ କରିବା ପରେ ଏହାକୁ ଭୁବନେଶ୍ୱର ଅଭିମୁଖେ ନିଆଯିବ। ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟଠାରେ ବିଭିନ୍ନ ଜିଲାରୁ ଏକତ୍ରିତ ହୋଇଥିବା ତୁଳସୀକୁ ପୂର୍ବାହ୍ନ ୧୦ଟାରେ ଏକ ବିରାଟ ଶୋଭାଯାତ୍ରାରେ ପୁରୀ ନିଆଯିବାକୁ ସ୍ଥିର ହୋଇଛି। ସେଠାରେ ଏହି ଅବସରରେ ବିକ୍ଷୋଭ ପ୍ରଦର୍ଶନ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଯାଜପୁର ବିଧାନସଭା ନେତା ସନ୍ତୋଷ ନନ୍ଦ, ମୁଖ୍ୟ ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର, ଦଳିତ ସେଲ୍ ସଭାପତି ଦୁର୍ଯ୍ୟୋଧନ ବେହେରା ଓ ଯାଜପୁର ବ୍ଲକ ସଭାପତି ଗଦାଧର ଦାସ ପ୍ରମୁଖ ଏକ ପ୍ରେସବିଜ୍ଞପ୍ତିରେ ଏକଥା ଜଣାଇଛନ୍ତି।



ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତାମାନେ ସୂଚନା ଦେଉଛନ୍ତି।

## ପୂର୍ବତନ ଜନପ୍ରତିନିଧିଙ୍କ ସମାବେଶ

**ଧର୍ମଶାଳା, ୨୫।୧୧ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଅଧୀନ ଜାରକାସ୍ଥିତ ତ୍ରିନାଥଶ୍ୱର ମନ୍ଦିର ପରିସରରେ ଶନିବାର ତ୍ରିସ୍ତରୀୟ ପଞ୍ଚାୟତିରାଜ ପୂର୍ବତନ ଜନପ୍ରତିନିଧିଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶ ପାଇଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଷାନ ପଣ୍ଡା ଆହ୍ୱାନ ଜଣାଇଥିଲେ। ଏହି ସମାବେଶରେ ଡ. ରୁଦ୍ର ନାରାୟଣ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ଯାଜପୁର ଜିଲା ପରିଷଦର ପୂର୍ବତନ ସଭାପତି ଗୌତମ ରାୟ, ରଞ୍ଜିତା ରାଉତ, ଉପସଭାପତି ଦିଗାମ୍ବର କର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ଦୁଃଶାସନ ସାହୁ, ଶଶିଭୂଷଣ ସାହୁ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପଞ୍ଚାୟତିରାଜ ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ ପାଇଁ ସ୍ଥିର କରାଯାଇଥିଲା। ଡିସେମ୍ବର ୧୧ ତାରିଖରେ ଏହି ଦାବିପ୍ରଦାନ କରାଯିବ। ତ୍ରିସ୍ତରୀୟ ପଞ୍ଚାୟତିରାଜର ପୂର୍ବତନ ଜନପ୍ରତିନିଧିଙ୍କ ପାଇଁ ସ୍ୱାସ୍ଥ୍ୟବୀମା, ଭତ୍ତା, ଭବନ ଓ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଷ୍ଟାଣ୍ଡିଂ କମିଟିରେ ସଭ୍ୟଭାବେ ନିଆଯିବା ପାଇଁ ପ୍ରସ୍ତାବ ଦିଆଯାଇଛି। ସମାବେଶରେ ପୂର୍ବତନ ଜିଲା ପରିଷଦସଭ୍ୟ ବଟକୃଷ୍ଣ ପରିଡ଼ା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଝୁନୁବାଳା ନାୟକ, ପୂର୍ବତନ ସରପଞ୍ଚ/ସମିତିସଭ୍ୟ ଅନନ୍ତ ପ୍ରଧାନ, ନକୁଳ ଜେନା, ବାବୁଲି ମଲିକ, ଦୀପକ ବଳ, ପ୍ରାଣବନ୍ଧୁ ରାଉତ, ନରୋତ୍ତମ ନାୟକ, ଦେବେନ୍ଦ୍ର କୁମାର ମଲିକ, ବ୍ରଜକିଶୋର ମଲିକ, ଶ୍ରୀଚରଣ ମଲିକ, ସନ୍ତୋଷ ନନ୍ଦ ଓ ଗଦାଧର ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଦୁଃଶାସନ ସାହୁ ଧନ୍ୟବାଦ ଦେଇଥିଲେ।


ସମାବେଶରେ ଯୋଗଦେଇଥିବା ପୂର୍ବତନ ଜନ ପ୍ରତିନିଧିମାନେ।

## ୨ ବାଇକ୍ ମୁହାଁମୁହିଁ; ୧ ମୃତ, ୨ ଗୁରୁତର

**ଢେଙ୍କିକୋଟ, ୨୫।୧୧ (ନୀଳମଣି ମଣ୍ଡଳ):**

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର କପାସପଡ଼ା ବୁଲାଣି ରାସ୍ତାରେ ଶନିବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ପାଟଣା ଥାନା ରଥପଡ଼ାର ସୁଦର୍ଶନ ମହାନ୍ତ (୨୦)। ଗୁରୁତର ମୟୂରଭଞ୍ଜ ଜିଲା କରଞ୍ଜିଆର ବିରକିଶୋର ମାଟିଆ, ପାଟଣା ଥାନା ସାଧୁପଡ଼ାର ଘନଶ୍ୟାମ ମହାନ୍ତ।

ସୂଚନା ଅନୁଯାୟୀ, ବିରକିଶୋର ସନ୍ଧ୍ୟା ସମୟରେ ବାଇକ ଯୋଗେ କରଞ୍ଜିଆ ଯାଉଥିଲେ। ସେ ସମୟରେ ଅପରପାର୍ଶ୍ୱରୁ ଘନଶ୍ୟାମ ଓ ସୁଦର୍ଶନ ଏକ ବାଇକ୍ ଯୋଗେ ଆସୁଥିବା ବେଳେ କପାସପଡ଼ା ବୁଲାଣିରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ଦୁଇ ଜଣଙ୍କୁ ଘଟଗାଁ ଡାକ୍ତରଖାନା ଓ ଜଣକୁ କେନ୍ଦୁଝର ଡାକ୍ତରଖାନା ପଠାଇଥିଲେ। କେନ୍ଦୁଝର ଡାକ୍ତରଖାନାରେ ସୁଦର୍ଶନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅଧିକାରୀ ସୁରଥ ଚନ୍ଦ୍ର ଦେହୁରୀ ଘଟଣା ସ୍ଥଳକୁ ଯାଇ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିଥିଲେ। ଘଟଗାଁ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି। ରବିବାର ମୃତଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ବିଟ୍ ହାଉସ ଅଧିକାରୀ ପ୍ରକାଶ କରିଛନ୍ତି।

## ଜିଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବର ୫ମ ସନ୍ଧ୍ୟା

**ଯାଜପୁର ଟାଉନ, ୨୫।୧୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁରର ଦଶାଶ୍ୱମେଧଘାଟ ନିକଟ ବୈତରଣୀ ନଦୀ କୂଳରେ ଅବସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗୀତାଜାଗରଣ ପରିଷଦ ଆନୁକୂଲ୍ୟରେ ଜିଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ଚାଲିଛି। ଶନିବାର ୫ମ ସନ୍ଧ୍ୟା କାର୍ଯ୍ୟକ୍ରମରେ ପରିଷଦର ସଭାପତି ଆଇନଜୀବୀ ପ୍ରତିମା କର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର କୁମାର ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ର ପାଠ କରିଥିଲେ। ପ୍ରେରଣା ପଣ୍ଡାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ବିଶିଷ୍ଟ ପ୍ରବଚକ ବିନୋଦ ବିହାରୀ ନାୟକ ପ୍ରବଚନ ମାଧ୍ୟମରେ ଭାଗବତର ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ଅଜୟ କୁମାର ଦାସ, ବରିଷ୍ଠ ଉପଦେଷ୍ଟା ଗଦାଧର ରାଉତ, ସାମାଜିକ କର୍ମୀ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ପ୍ରଭାତ କୁମାର ତ୍ରିପାଠୀ, ଅଭିମନ୍ୟୁ ମିଶ୍ର, ଅନୁସୟା ମିଶ୍ର, ସନ୍ତୋଷ ସ୍ୱର୍ଣ୍ଣକାର, ଗାୟକ ଜଗବନ୍ଧୁ ଓଝା, ରବିନାରାୟଣ କର, ଧନଞ୍ଜୟ ପୃଷ୍ଟି, ଜନାର୍ଦ୍ଦନ ମିଶ୍ର, ସୀମା ମିଶ୍ର, ବୀରେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ କୁମାର ଖୁଣ୍ଟିଆ, ଜୀବନଜ୍ୟୋତି ପାଣିଗ୍ରାହୀ ଓ ନୀଳମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୃନ୍ଦାବନ ମିଶ୍ର ଧନ୍ୟବାଦ ଦେଇଥିଲେ।


ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ସେମିନାର

ପଟ୍ଟାମୁଣ୍ଡାଇ, ୨୫।୧୧ (ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ପକ୍ଷରୁ ଗୁଣାତ୍ମକ ଶିକ୍ଷା ଉପରେ ସେମିନାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ସେମିନାରରେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ପ୍ରଭାକର ମଲ୍ଲିକ ଯୋଗଦେଇ ବିଷୟ ଭିତ୍ତିକ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ମୁଖ୍ୟ ନିବେଦିତା ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇକ୍ୟୁଏସି ସଂଯୋଜକ ଡ. ସୁନୀଲ ପ୍ରଧାନ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଅଧ୍ୟାପିକା ନମିତା ବେହେରା ଧନ୍ୟବାଦ ଦେଇଥିଲେ।

## ଟ୍ରକ୍ ପଛରେ ପିଟିଲା ବାଇକ୍, ଜଣେ ମୃତ

କେନ୍ଦୁଝର, ୨୫।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଝାଡ଼ବେଲଦା ନିକଟରେ ଶନିବାର ସନ୍ଧ୍ୟାରେ ଏକ ବୋରୱେଲ ଖୋଳା ଗାଡ଼ି(ଟ୍ରକ୍) ପଛରେ ବାଇକ ଧକ୍କା ଦେଇ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଯୁବକ ଜଣଙ୍କ ହେଲେ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟାପଡ଼ା ଗ୍ରାମର ପ୍ରଫୁଲ୍ଲ ନାଏକଙ୍କ ପୁଅ ବସନ୍ତ ନାଏକ(୨୭)। ସେ ଟାଟାପାୱାର ଇଲେକ୍ଟ୍ରି ବିଭାଗରେ କାର୍ଯ୍ୟ କରୁଥିଲେ। ସୂଚନା ଅନୁଯାୟୀ, ବସନ୍ତ ବାଇକ୍ ଯୋଗେ ଗ୍ରାମରୁ କେନ୍ଦୁଝର ଅଭିମୁଖେ ଯାଉଥିଲେ। ଝାଡ଼ବେଲଦା ନିକଟରେ ବୋରୱେଲ ଗାଡ଼ି ପଛରେ ତାଙ୍କ ବାଇକ୍ ଧକ୍କା ହୋଇଥିଲା।

## ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ


ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭା।

**ବିଞ୍ଝାରପୁର, ୨୫।୧୧ (ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଛକ ମା' ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ମା'ଙ୍କ ପୂଜା ବେଶ ଧୁମଧାମରେ ପାଳନ କରାଯାଇଛି। ଏହି ଅବସରରେ ବିଞ୍ଝାରପୁର ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କମିଟି ଅଧ୍ୟକ୍ଷ ପରମାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥିଭାବେ ସାମାଜିକ କର୍ମୀ ରାମଚନ୍ଦ୍ର ବେହେରା, ଉପଦେଷ୍ଟା ନୃସିଂହ ଚରଣ ମିଶ୍ର ଓ ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ବିଞ୍ଝାରପୁର ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ଦେବେନ୍ଦ୍ର ସାମଲ, ବିଞ୍ଝାରପୁର ସାମ୍ବାଦିକ ୟୁନିୟନ ସଭାପତି ଦେବ ପ୍ରସାଦ ସାହୁ, ଉପସଭାପତି ଗୁଲସନ ନୱାଜ ଅଲି ଖାଁ, ସାଧାରଣ ସମ୍ପାଦକ ସେକ୍ ସନୱାର, ସମ୍ପାଦକ ବିଶ୍ୱଜିତ୍ ନାୟକ, ସଂଯୋଜକ ସତ୍ୟରଞ୍ଜନ ମଲ୍ଲିକ, ରାମକୃଷ୍ଣ ଦାସ, ଏମ୍‌ଡି ସମତାଜ, ଶଙ୍କର୍ଷଣ ସାମଲ, ରାଣାପ୍ରତାପ ମହାପାତ୍ର, ରଞ୍ଜିତ ଦାସ, ଆସମା ଖାତୁନ, ବରିଷ୍ଠ ଶିକ୍ଷାବିତ ଅକ୍ଷୟ କୁମାର ନାୟକ ଏବଂ ରତନଲାଲ ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ୟାମସୁନ୍ଦର ବେହେରା, ଉତ୍କଳ କୁମାର ଦାସ, ପ୍ରମୋଦ କୁମାର ମିଶ୍ର, ବ୍ରଜକିଶୋର ବେହେରା ଓ ଶିବପ୍ରସାଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଜରିଆରେ ପ୍ରତିଯୋଗିତା

**ରସୁଲପୁର, ୨୫।୧୧ (ରଂଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ, ଖଇରାବାଦ-ମୁଗୁପାଳ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଜରିଆରେ କଲେଜର ଯୁକ୍ତ ୨ ଓ ଯୁକ୍ତ ୩ର ଯୁବତୀଯୁବକମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପିଲାମାନଙ୍କ ମଧ୍ୟରେ କ୍ରୀଡ଼ା କୌଶଳ, ସାଂସ୍କୃତିକ କଳାକୌଶଳ, ସମାଜସେବା ଭଳି ଗୁଣକୁ ବିକାଶ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏଠାରେ ଉଭୟ ବର୍ଗର ପିଲାମାନଙ୍କୁ ନେଇ ତର୍କ, ଚିତ୍ରାଙ୍କନ, ସାହିତ୍ୟ, ବକ୍ତୃତା ଭଳି ବିଷୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କ୍ରୀଡ଼ା କ୍ଷେତ୍ରରେ କ୍ରିକେଟ, ଭଲି, ଫୁଟବଲ, କବାଡି ଭଳି ଖେଳମାନ ଆୟୋଜନ ହୋଇଥିଲା। ପରିବେଶ ସୁରକ୍ଷା, ବାୟୁମଣ୍ଡଳ ସୁରକ୍ଷା, ମୃତ୍ତିକା ସୁରକ୍ଷା, ଜଳ ସଂରକ୍ଷଣ, ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଭଳି ଅନେକ ସାମାଜିକ କାର୍ଯ୍ୟରେ ଯୋଗଦେବା, ଜନସଚେତନା ସୃଷ୍ଟି କରିବା, ରକ୍ତଦାନ, ଅସହାୟକୁ ସହାୟକ ହେବା ଭଳି ଅନେକ ସମାଜସେବାମୂଳକ କାର୍ଯ୍ୟ ଉପରେ ପିଲାମାନଙ୍କୁ ସଚେତନତା କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସେରେନ୍ଦ୍ର କୁମାର କୁଅଁର, ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ରଥ, ବିଶ୍ୱଜିତ୍ ଦାସ, କାର୍ଯ୍ୟକ୍ରମର ସଂଯୋଜକ ରମେଶ ଚନ୍ଦ୍ର ଭୋଇ, ପ୍ରଦୀପ କୁମାର ବଳ, ସୁରେଶ ଦାଶ, ସୁରେନ୍ଦ୍ର ପାତ୍ର, ବିପିନ ବିହାରୀ ସାହୁ, ସନ୍ଦିପ୍ ମାଝୀ, ମାନସ ମହାନ୍ତି, ଅଧ୍ୟାପିକା ମମତା ବୋଇତାଇ, ସୁସ୍ମିତା ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକୁ ପରିଚାଳନା କରିଥିଲେ। ଛାତ୍ରୀମାନେ ବିଭିନ୍ନ ପ୍ରକାର ରଙ୍ଗୋଲି ଆଙ୍କି କଲେଜ ପରିବେଶର ସୌନ୍ଦର୍ଯ୍ୟ ବଢାଇଥିଲେ। ଖେଳ ଶିକ୍ଷକ ଅମରେନ୍ଦ୍ର ସାହୁ କ୍ରୀଡାକୁ ପରିଚାଳନା କରିଥିଲେ। ଆୟୋଜିତ କ୍ରିକେଟ ଖେଳରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରର ଏ ଦଳ ଚମ୍ପିୟନ ହୋଇଥିବା ବେଳେ ବି ଦଳ ରନର୍ସଅପ ହୋଇଥିଲା। ସେହିଭଳି ଯୁକ୍ତ ୨ ଖେଳରେ ଦ୍ୱିତୀୟ ବର୍ଷର ଏ ଦଳ ଚମ୍ପିୟନ ଓ ବି ଦଳ ରନର୍ସ ଅପ ହୋଇ ପୁରସ୍କୃତ ହୋଇଥିଲା।


ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟରେ ଅନୁଷ୍ଠିତ କ୍ରିକେଟ ମ୍ୟାଚ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରମାନେ।

## ସଂକ୍ଷେପରେ

### ଡକାୟତି ମାମଲାରେ ଯୁବକ କୋର୍ଟ ଚାଲାଣ

ଗୋପାଳପୁର,୨୫।୧୧(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳର ବାଇକ୍ ଆରୋହୀଙ୍କଠାରୁ ଡକାୟତି କରିବା ଅଭିଯୋଗରେ ସ୍ଥାନୀୟ ଥାନା ପୋଲିସ ଜଣେ ଯୁବକଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଅଧୀନ ହାତୀଓଟ ଗ୍ରାମର ବାସୁଦେବ ନାୟକ (୨୯)। ଜରଡ଼ା ଥାନା ଅନ୍ତର୍ଗତ ଚିଡ଼ିପୁଡ଼ି ଗ୍ରାମର ଯୁ ଗୋପାଳ ବାଇକ୍ ଯୋଗେ ଗତ ଗୁରୁବାର ପିତାତଳି ରାସ୍ତା ଦେଇ ସୋରଳ ଛକ ଆସୁଥିବା ବେଳେ ରାମଚନ୍ଦ୍ରପୁଲ୍ଲି ଗ୍ରାମ ନିକଟରେ ଗୋପାଳ ଶୌଚ ହେବା ଲାଗି ବାଇକ୍‌କୁ ଷ୍ଟାଣ୍ଡ ମାରିବା ସମୟରେ ଦୁଇଟି ବାଇକ୍‌ରେ ପାଞ୍ଚ ଜଣ ଦୁର୍ବୃତ୍ତ ହଠାତ୍ ଆସି ଗୋପାଳଙ୍କୁ ନିସ୍ତୁକ ମାଡ଼ ମାରି ସୁନା ଚେନ ଓ ମୋବାଇଲ ଛଡେଇ ନେଇଥିଲେ। ଗୋପାଳଙ୍କ ଏତଲାକ୍ରମେ ଗୋଳନ୍ଥରା ପୋଲିସ ନଂ.୬୦୪/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶୁକ୍ରବାର ବିଳମ୍ବିତ ରାତିରେ ଅଟୋନଗର ଅଞ୍ଚଳରେ ବାସୁଦେବଙ୍କୁ ଉଠେଇ ନେଇ ଥାନାରେ ଅଟକ ରଖି ପଚରା ଉଚରା କରିଥିଲା। ଘଟଣା ସମୟରେ ବ୍ୟବହୃତ ହୋଇଥିବା ବାଇକ୍ ଓ ମୋବାଇଲକୁ ପୋଲିସ ବାସୁଦେବଙ୍କଠାରୁ ଜବତ କରିବା ସହ ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଅନ୍ୟ ଚାରି ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛନ୍ତି।

### ସରପଞ୍ଚଙ୍କ ମାତୃ ବିୟୋଗ

ଦିଗପହଣ୍ଡି,୨୫।୧୧(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ବ୍ଲକ କରପଡା ପଞ୍ଚାୟତ ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀଙ୍କ ମା' ପ୍ରୀତିରାଣୀ ଗୋସ୍ୱାମୀ ୮୩ବର୍ଷ ବୟସରେ ମୃତ୍ୟୁ ଘଟିଛି। ସେ ବାଲିଯୋଡି ଗ୍ରାମସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ବହୁ ସରପଞ୍ଚ, ସମିତି ସଭ୍ୟ ଏବଂ ଜିଲା ପରିଷଦ ସଦସ୍ୟ ତାଙ୍କ ଶେଷ ଦର୍ଶନ କରି ଅମର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ସେହିପରି ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ୨ ପୁଅ ଫନିନ୍ଦ୍ର ଓ ମନିନ୍ଦ୍ର, ବୋହୁ, ୨ ଝିଅ, ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ଜଣାପଡିଛି।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ସୋରଡ଼ା, ୨୫।୧୧ (ଲମ୍ବୋଦର ପାଣିଗ୍ରାହୀ):

ସୋରଡା ପିସିଏମ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧକ୍ଷା ସଞ୍ଜୁକ୍ତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶୁଭାରମ୍ଭ ହୋଇଛି । ମୁଖ୍ୟ ଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନଏସି ଅଧକ୍ଷ ଶିବଶଙ୍କର ପଣ୍ଡା, ସାମାଜିକର୍ମୀ ବସନ୍ତ ସ୍ୱାଇଁ, ରାଜେଶ ସାହୁ ଯୋଦେଇଥିବା ବେଳେ ଅଧାପକ ରାଜେଶ ପାତ୍ର, ଅଧାପିକା ଏଲିଜା ପଟନାୟକ, ଧ୍ରୁବା ଚରଣଙ୍କ ପରିଚାଳନରେ ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇ ଯୁବ ପିଢିର ବିକାଶ ତଥା ସମାଜରେ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଅଧାପିକା ରଶ୍ମିତା ପଣ୍ଡା, ରୋହିତ କୁମାର ବିଶୋଇ, କର୍ମଚାରୀ ନିନି ପାଢୀ, ଗୋପାଳ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ବିଦ୍ୟାଳୟରେ ଅଗ୍ନିଶମ ବିଭାଗର ମକଡ୍ରିଲ

ଧରାକୋଟ,୨୫।୧୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ଅଗ୍ନିଶମ ବିଭାଗ ତରଫରୁ ନିକଟସ୍ଥ ଘୋଡାଦେଇ ଉଚ୍ଚ ବିଦ୍ୟାଳୟ ଡାକିବଜା ପରିସରରେ ଅଗ୍ନିଶମ ଅଧିକାରୀ ଚିତ୍ତରଞ୍ଜନ ସାହୁଙ୍କ ନେତୃତ୍ୱରେ ଜୀବନ ରକ୍ଷାକାରୀ କୌଶଳ ବା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ କର୍ମଚାରୀ ପବିତ୍ର ବେହେରା, କାଳନ୍ଦି ପାଣ୍ଡିଆ, ଯୁଧିଷ୍ଠିର ମାଝି, ସଞ୍ଜିତ ସେଠୀ ଓ ଗୋପୀନାଥ ନାୟକ ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଅଚେତ ଓ ଆହତ ବ୍ୟକ୍ତିଙ୍କୁ ଉଚ୍ଚ ସ୍ଥାନରୁ ଉଦ୍ଧାର, ସିଡି ଦ୍ୱାରା ଉଦ୍ଧାର, ଗ୍ୟାସ ଦୁର୍ଘଟଣାର ସଫଳ ମୁକାବିଲା, ପାଣି ଭିତରୁ ଉଦ୍ଧାର କାର୍ଯ୍ୟ ଏବଂ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମ୍ବନ୍ଧୀୟ କୌଶଳ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମମତା କୁମାରୀ ଦେବୀ, ସୀମାଞ୍ଚଳ ଗୌଡ଼, ମହେନ୍ଦ୍ର ଷଡ଼ଙ୍ଗୀ, ସଦାନନ୍ଦ ତ୍ରିପାଠୀ, ହର୍ଷ ବିଷୋୟୀ, ଟୁନା ଦୋରା, ମୁରଲୀ ବାଡତ୍ୟା ଓ ପୁରୁଷୋତ୍ତମ ନାୟକ ସହଯୋଗ କରିଥିଲେ।

# ମହାରାଷ୍ଟ୍ରରୁ ଆସି ଗଜପତିରେ ପହଞ୍ଚିଛି ବାଘ

## ୨ହଜାର କିଲୋମିଟର ଅତିକ୍ରମ କରି ନିଜ ସାଥି ସନ୍ଧାନରେ



ପାରଳାଖେମୁଣ୍ଡି,୨୫।୧୧ (ଗିରିଧାରୀ ପରିଛା):

ଦୀର୍ଘ ୨ହଜାର କିଲୋମିଟର ଅତିକ୍ରମ କରି ଅନୁକୂଳ ପରିବେଶ ଓ ନିଜ ସାଥି ଅନୁସନ୍ଧାନରେ ଗଜପତିରେ ପହଞ୍ଚିଛି ମହାବଳ ବାଘ, ଯାହା ବନବିଭାଗକୁ ୱାଇଲଡଲାଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ତଥ୍ୟରୁ ଜଣାପଡିଛି । ଯାହା କି ଭାରତର ବିରଳ ବୋଲି ବନବିଭାଗ କହିଛି। ଗତ ଅକ୍ଟୋବର ୨୦ରେ ଗଜପତିରେ ପହଞ୍ଚିଥିଲା ମହାବଳ ବାଘ। ପ୍ରଥମେ ମହେନ୍ଦ୍ର ବନାଚଳ ସନ୍ତୋଷପୁର ଗ୍ରାମରେ ଗୋଟିଏ ଗାଇକୁ ଖାଇବା ଘଟଣା ସାମ୍ନାକୁ ଆସିବା ପରେ ବାଘ ଆସିଥିବା ସନ୍ଦେହ କରି ବନ ବିଭାଗ ଟ୍ରାପ କ୍ୟାମେରା ଲଗାଇ ଜାଣିବାକୁ ପାଇଥିଲା। ଏହାପରେ ବନବିଭାଗର ୩୫ ଜଣ କର୍ମଚାରୀ ୧୬ଟି ଟିମ ହୋଇ ବାଘର ଗତିବିଧି ଉପରେ ନଜର ରଖିଥିଲେ। ଗତ ସପ୍ତାହରେ ଆନ୍ଧ୍ର ଓଡିଶା ସୀମାନ୍ତ ଦଶରଥପୁର, ସରାଳି ଅଞ୍ଚଳରେ ବୁଲୁଥିବା ପାଦ ଚିହ୍ନ ଆନ୍ଧ୍ରପ୍ରଦେଶ ବନବିଭାଗ ସଂଗ୍ରହ କରିଥିଲା। ଏହାପରେ ୫ଦିନ ତଳେ ରାୟଗଡ ବ୍ଲକ ଅଁଳାବର ଜଙ୍ଗଲରେ ବାଘ ଆଉ ଗୋଟିଏ ଗାଇକୁ ଖାଇବା ଘଟଣା ସାମ୍ନାକୁ ଆସିବା ପରେ ସେଠାରେ ବନ ବିଭାଗ ଟ୍ରାପ କ୍ୟାମେରା, ବାଘର ପାଦ ଚିହ୍ନ ସଂଗ୍ରହ କରି ୱାଇଲଡ଼ ଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆକୁ ପଠାଇଥିଲେ। ସେଠାରେ ବାଘର ପାଦ ଚିହ୍ନ, ବାଘର ଫଟୋ ଓ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ୱାଇଲଡ଼ ଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ଜାଣିବାକୁ ପାଇଥିଲେ ଯେ, ବାଘଟି ମହାରାଷ୍ଟ୍ରର ବିଦ୍ଧର୍ବ ବ୍ରହ୍ମପୁରୀ ବନାଞ୍ଚଳର। କାରଣ ୱାଇଲଡ଼ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ୨୦୨୧ରେ ତାଙ୍କ ଟ୍ରାପ କ୍ୟାମେରାରେ ଯେଉଁ ଫଟୋ ଉତ୍ତୋଳନ କରିଥିଲେ ତାହାକୁ ଅନୁଧାନ କଲେ ବର୍ତ୍ତମାନ ସେହି ବାଘଟି ୨୦୦୦ କିମି ଅତିକ୍ରମ କରି ଗଜପତିରେ ଆସି ପହଁଚିଛି ବୋଲି ଜଣାପଡ଼ିଛି। ଏବେ ହୁଏତ ବାଘ ପାଇଁ ଅନୁକୂଳ ପରିବେଶ କିମ୍ବା ନିଜ ସାଥୀ ସନ୍ଧାନରେ ବାଘଟି ଚାଲି ଆସିଥିବା ସନ୍ଦେହ କରାଯାଉଛି ବୋଲି କହିଛନ୍ତି ଏସିଏଫଓ ଅଶୋକ ବେହେରା। ପରିବେଶବିତ ଓ ପଶୁପ୍ରେମୀଙ୍କ ମତ ଆନୁସାରେ ନିଜ ସାଥିକୁ ଖୋଜିବାରେ ବାଘ ବାହାରିଛି। ନିଜ ପଥରେ କେତେ ପାହାଡ଼, ବିଲ, ଜଙ୍ଗଲ ଅତିକ୍ରମ କରିଛି, ଯାହା ସନ୍ଦେହ କରାଯାଉଛି ବର୍ତ୍ତମାନ ଯାଏ ତା'ର ଲକ୍ଷ୍ୟ ପୂରଣ ହେଉନଥିବାରୁ ଘୁରି ବୁଲୁଛି ବୋଲି ପରିବେଶବିତ ମଧୁସୂଦନ ପାଢ଼ୀ କହିଛନ୍ତ।

## ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗୋପାଳପୁର,୨୫।୧୧(ନବୀନ ରାଜ ଆଚାରୀ)

ଗୋପାଳପୁର ନିର୍ବାଚନମଣ୍ଡଳୀ ଅଧୀନ ଡୁରା ଗ୍ରାମସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଶନିବାର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ରାମନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଭାଗନେଇ ଗତ ତିନି ଦିନ ଧରି କବାଡ଼ି, ସାଇକେଲ ରେସ୍, ଖୋ ଖୋ, ହାଇଜମ୍ପ, ଲଙ୍ଗ୍‌ଜମ୍ପ ଓ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ପରିଷଦ ଉପସଭାପତି ଏସ୍. ରାଜେଶ୍ୱରୀ ଦୋରା, ବ୍ରହ୍ମପୁର ଏମ୍‌ପିଙ୍କ ପ୍ରତିନିଧି ଅଜିତ କୁମାର ଦାଶ, ସାମାଜିକ କର୍ମୀ ରାମ ହରି ପାତ୍ର, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ସିଏଚ୍ ନରେଶ, ୫୫ନଂ. ଜିଲା ପରିଷଦ ସଭ୍ୟ ତୋପୋଇ ଦାସ ଓ ଅନ୍ୟମାନେ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି ଅବସରରେ ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ବିଧୁଭୂଷଣ ନାୟକ, ନୋଡାଲ ଅଫିସର ପ୍ରଶାନ୍ତ କୁମାର ପାତ୍ର, ଡ. କବୀନ୍ଦ୍ର ସେଠୀ, ଶର୍ମିଳା ପଣ୍ଡା, ଗଗନ ବିହାରୀ ପୁରୋହିତ, ସୁଶୀଲ କୁମାର ରଥ, ଏମ୍. ଭେଙ୍କେୟ, ଅମରଞ୍ଜନ ରଣା, ଡୁରା ସରପଞ୍ଚ ବିଷ୍ଣୁପ୍ରିୟା ବେହେରା, ଡୁରା ସମିତି ସଭ୍ୟ ଲକ୍ଷ୍ମୀ ସେଠୀ, ବିଦ୍ୟାଳୟର ଅଧାପିକା, ଅଧାପକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଛତ୍ରପୁର ସହରକୁ ଅଧିକ ସୌନ୍ଦର୍ଯ୍ୟକରଣ କରିବାକୁ ଲକ୍ଷ୍ୟ



ଛତ୍ରପୁର,୨୫।୧୧(ଦିଲ୍ଲୀପ ସାମଲ):

ଗଞ୍ଜାମ ଜିଲା ଛତ୍ରପୁର ସହରକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଏନଏସି ପ୍ରଶାସନ ପକ୍ଷରୁ ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉଛି । ଏହି ପରିପ୍ରେକ୍ଷୀରେ ସହରକୁ ଆହୁରି ଅଧିକ ସୌନ୍ଦର୍ଯ୍ୟକରଣ କରିବା ଲକ୍ଷ୍ୟ ନେଇ ବିଭିନ୍ନ ପ୍ରକଳ୍ପ ଗୁଡିକ ହାତକୁ ନିଆଯାଇଛି। କେତେକ ପ୍ରକଳ୍ପ କାମ ଚାଲୁଥିବା ବେଳେ ଆଉ କେତକ ପ୍ରକଳ୍ପକର କାମ ଶେଷ ହୋଇଯାଇଛି। ଏନେଇ ଶନିବାର ଛତ୍ରପୁର ଏନଏସି ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଉଦଘାଟନ ହୋଇଯାଇଛି। ଏନଏସି ଅନ୍ତର୍ଗତ ପୁତିଗୋପାଳପୁର ଠାରେ ଏଲଇଡିର ସୁସଜ୍ଜିତ ସ୍ୱାଗତ ସାଇନ ବୋର୍ଡ ଓ ବିଭିନ୍ନ ସୌନ୍ଦର୍ଯ୍ୟକରଣ ଏଲଇଡି ଲାଇଟ, ଷ୍ଟେଶନ ରୋଡଠାରେ ଥିବା ଶୌଚାଳୟର ନବୀକରଣ ଓ ସାଇନ ବୋର୍ଡ ଏବଂ ସ୍ଥାନୀୟ ଷ୍ଟାଡିୟମ ପରିସରରେ ଏକ ଖୋଲା ଜିମ ଉଦଘାଟିତ ହୋଇଯାଇଛି । ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପଗୁଡିକର ଉଦଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି.ପାପା ରାଓ, ପ୍ରୋବେସନାଲ ଆଇଏଏସ ଅଫିସର ସମୀର କୁମାର ଜେନା, ଡୁଡା ପିଡି ନୀଳମାଧବ ଭୋଇ ଓ ଛତ୍ରପୁର ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସମ୍ବିତ ସଂଗ୍ରାମଜିତ ସାହୁଙ୍କ ସମେତ ବହୁ କାଉନସିଲର ଥିଲେ।

## ପୋଖରୀରେ ପାଣି ଭର୍ତ୍ତିକଲେ ଯୁବଗୋଷ୍ଠୀ

ପାତ୍ରପୁର,୨୫।୧୧(ଉମାଚରଣ ନେପାକ)

ପାତ୍ରପୁର ଗ୍ରାମର ଗୋପାଳ ବନ୍ଧରେ କେନାଲ ପାଣି ଭର୍ତ୍ତି କରିବାର ସଫଳ ପ୍ରୟାସ କରିଛନ୍ତି ଗ୍ରାମର କିଛି ଯୁବଗୋଷ୍ଠୀ। ଚଳିତ ବର୍ଷ ବର୍ଷା କମ୍ ଯୋଗୁ ପାତ୍ରପୁର ବ୍ଲକର ଅଧିକାଂଶ ଅଞ୍ଚଳର ପୋଖରୀ, ଗାଡ଼ିଆ, ନାଳ ଶୁଖିଲା ପଡ଼ିଥିବା ଦେଖିବାକୁ ମିଳିଛି। କମ୍ ବୃଷ୍ଟିପାତ ଯୋଗୁ ଅଞ୍ଚଳକୁ ପୂରା ମରୁଡ଼ି ଘୋଷଣା କରିବା ପାଇଁ ବିଭିନ୍ନ ମହଲରେ ଦାବି ଜୋର୍ ଧରିଥିବା ବେଳେ ଆସନ୍ତା ଖରାଦିନରେ ପଶୁପକ୍ଷୀମାନଙ୍କୁ ପିଇବା ପାଇଁ ପାଣି ମିଳିବନାହିଁ ବୋଲି ଆଶଙ୍କା କରାଯାଉଛି। ଏହି ପ୍ରସ୍ତୁତିରେ ଗ୍ରାମର ଲିଲୁ ମହାପାତ୍ର, ଏମ୍. କୁରେଶୁ, ସାହିବ ପଣ୍ଡା, ସମୀର ଯାଦବ, ସୀମାଞ୍ଚଳ ସାହୁ, କାଶୀନାଥ ସାହୁ, ସୁରେଶ କୁମାର ପଟ୍ଟନାୟକ, ସଦାନନ୍ଦ ନାୟକ, ଅନାଦି ଚରଣ ପଣ୍ଡିତ, ଜି. ଭାଲୁ, ପୂର୍ଣ୍ଣ ବେହେରା, ରୁତୁପୂର୍ଣ୍ଣ ରେଡ୍ଡୀ, ତୋଟାଦ୍ରି ରେଡ୍ଡୀ, ଶଙ୍କର ସାହୁ, ରାମକୃଷ୍ଣ ମହାନ୍ତି ପ୍ରମୁଖ ପାଣି ଭରିବାରେ ସହଯୋଗ କରିଥିଲେ।

## ପୋକ୍‌ସୋ ଆଇନ ସଚେତନତା ଶିବିର

ପୁରୁଷୋତ୍ତମପୁର,୨୫।୧୧(ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର କୋର୍ଟର ତାଲୁକ ଆଇନସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ଅଧ୍ୟକ୍ଷ ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଶରତ କୁମାର ସାହୁ ପୌରୋହିତ୍ୟ କରିଥିବା ବେଳେ ପ୍ରଥମଶ୍ରେଣୀ ବିଚାରପତି ପୂଜା ପ୍ରିୟଦର୍ଶନୀ ପତି ଯୋଗଦେଇଥିଲେ। ଏହି କୋର୍ଟ ଓ ଆଇନ ମାଧ୍ୟମରେ କିଭଳି ପୀଡ଼ିତାଙ୍କୁ ଠିକ୍ ସମୟ ମଧ୍ୟରେ ନ୍ୟାୟ ପ୍ରଦାନ କରାଯିବା ସହ ଅଭିଯୁକ୍ତଙ୍କୁ ଦଣ୍ଡବିଧାନ କରାଯିବ ସେଥିନେଇ ସଚେତନ କରାଇଥିଲେ। ଏଥିରେ ଓକିଲ ସଂଘର ଉପସଭାପତି ଗୌରୀ ଶଙ୍କର ରାଉଳ, ସମ୍ପାଦକ ସୀମାଞ୍ଚଳ ମିଶ୍ର, ସହସଂପାଦକ ଅକ୍ଷୟ କୁମାର ବେହେରା, ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, କୃଷ୍ଣଚନ୍ଦ୍ର ଗୌଡ଼, ବରିଷ୍ଠ ଓକିଲ ଅମରେଶ ତ୍ରିପାଠୀ, ପ୍ରଭାତ କୁମାର ପଟ୍ଟନାୟକ, ଦୟାନିଧି ପଣ୍ଡା, ପ୍ରଭାତ କୁମାର ଦାଶ, ରବୀନ୍ଦ୍ର କୁମାର ସାହୁ, ରବୀନ୍ଦ୍ର ବେହେରା ଯୋଗଦେଇଥିଲେ।

## ଏନଏସି ଅଧ୍ୟକ୍ଷଙ୍କ ପରିବାର ସମ୍ପର୍କ ଯାତ୍ରା



ଖଲ୍ଲିକୋଟ, ୨୫।୧୧ (ପ୍ରଶାନ୍ତ କୁମାର ମିଶ୍ର):

ଖଲିକୋଟ ଏନଏସି ଅଧ୍ୟକ୍ଷ ନିରଞ୍ଜନ ବେହେରା ପ୍ରତେକ ପଞ୍ଚାୟତକୁ ଯାଇ ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ଭାବେ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଶନିବାର ବାକୁଟଗାଁ ପଞ୍ଚାୟତର ସରପଞ୍ଚ ଗଣେଷ ସାହୁ, ସମିତି ସଭ୍ୟା ସରସ୍ୱତୀ ପ୍ରଧାନ, ସନ୍ତୋଷ ପ୍ରଧାନ, ବନମାଳୀ ପ୍ରଧାନ ଓ ବହୁ ବିଜେଡି କର୍ମୀଙ୍କ ଶହ ମିଶି ବାକୁଟଗାଁ, ସିଙ୍ଗିପୁର ପ୍ରଭୃତି ଗ୍ରାମରେ ପରିବାର ସମ୍ପର୍କ ଯାତ୍ରା କରିଥିଲେ। ଏହି ସମୟରେ ପୂର୍ବତନ ସରପଞ୍ଚ ସୁବଳ ସାହୁ, ରାଜୁ ପାଢୀ, ନିରଞ୍ଜନ ମୁନି ଉପସ୍ଥିତ ଥିଲେ।

## ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଦାବିପତ୍ର

ପୋଲସରା,୨୫।୧୧(ସୁବ୍ରତ ବେହେରା)

ବିଭିନ୍ନ ସମସ୍ୟା ନେଇ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାଘୁଆ ଜଳସେଚନ ବିଭାଗ ଅଧୀନରେ ଥିବା ପୋଲସରା ଖଜୁରି ବନ୍ଧର ପୁନରୁଦ୍ଧାର କରିବା, ୨୬ କ୍ଷୁଦ୍ର ଜଳସେଚନ ବିଭାଗ ଗଞ୍ଜାମ-୨ ଅଧୀନରେ ଥିବା ଜେ.ପି. ଖମାନାଳର ପୁନରୁଦ୍ଧାର କାର୍ଯ୍ୟ କରିବା ଓ ରୁମାଗଡ଼, ମନ୍ଦାର, ହାତୀଓଟ, କଣଛାଇ ଗ୍ରାମପଞ୍ଚାୟତରେ ଥିବା ସମସ୍ତ ଜଳଭଣ୍ଡାର ଗୁଡ଼ିକର ମରାମତି ଓ ପୁନରୁଦ୍ଧାର କରିବା, କାଶୀନାଥପୁର ଏମ୍‌ଆଇପି, ହରିଜନଆଗୁଳ ଏମ୍‌ଆଇପି (ବନ୍ଧପଲ୍ଲୀ) ଜଳଭଣ୍ଡାର ଗୁଡିକର ମରାମତି କରିବା, ବିଭିନ୍ନ ପଞ୍ଚାୟତରେ ରାଜସ୍ୱ ଗ୍ରାମରେ ମରୁଡ଼ି ଦ୍ୱାରା ଓ ବାର୍‌ହା ଦ୍ୱାରା କୃଷକମାନଙ୍କର ବହୁତ ଫସଲ କ୍ଷତି ହୋଇଛି, ତା'ର ତଦନ୍ତ କରାଇ ଆର୍ଥିକ ସହାୟତା ପ୍ରଦାନ କରାଯାଉ ବୋଲି ଋଷିକୁଲ୍ୟା ରୟତ ମହାସଭା ଦାବି କରିଛି । ବିଭିନ୍ନ ସମସ୍ୟା ନେଇ ପୋଲସରା ଋଷିକୁଲ୍ୟା ରୟତ ମହାସଭାର ସଭାପତି ସତ୍ୟବାନ ପ୍ରଧାନ, ଉପସଭାପତି ଦୁଃଖୀଶ୍ୟାମ ପ୍ରଧାନ, ସହ ସମ୍ପାଦକ ଜ୍ୟୋତିର୍ମୟ ଦାସ, ମୁଖ୍ୟ ଉପଦେଷ୍ଟା ବନମାଳୀ ସାହୁ, ଉପଦେଷ୍ଟା ରଘୁନାଥ ପଣ୍ଡା, ବିପିନ ବିହାରୀ ପ୍ରଧାନ, ମିଡିଆ ଉପଦେଷ୍ଟା ଖବରଦାତା ସୁବ୍ରତ ବେହେରା, ହୀନ ସ୍ୱାଇଁ, ଶ୍ୟାମସୁନ୍ଦର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକଙ୍କ ଜରିଆରେ ତହସିଲଦାର ଓ ପୋଲସରା ଏନ୍ଏସି ଅଧୀନରେ ଥିବା ଖଜୁରିବନ୍ଧ ପୁନରୁଦ୍ଧାର ନିମନ୍ତେ କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝିଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ମହାମହିମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଅଧୀକ୍ଷଣ ଯନ୍ତ୍ରୀ, ଡ୍ରେନେଜ୍ ବିଭାଗ, ବ୍ରହ୍ମପୁର ଡିଭିଜନ (ଗଞ୍ଜାମ), କନିଷ୍ଠ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ, ଗଞ୍ଜାମଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପୋଷ୍ଟ ମାଧ୍ୟମରେ ପତ୍ର ପ୍ରେରଣ କରାଯାଇଛି।

## ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ

ଫିରିଙ୍ଗିଆ,୨୫।୧୧(ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା କେଳାପଡ଼ା ପଞ୍ଚାୟତ ଅନ୍ତର୍ଗତ କଡିସରୁ ପାହାଡ଼ରେ ମହିକର୍ଣ୍ଣ ବେହେରାଙ୍କ ପୁଅ କୁନାଲ (୨୦)ଙ୍କ ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ ଶନିବାର ପୋଲିସ ଜବତ କରିଛି। ମୃତ ଯୁବକ କେଳାପଡ଼ା ପଞ୍ଚାୟତ ବିଶିସାହିର। ଗତ ୧୩ ତାରିଖରେ କୁନାଲଙ୍କ ମା' ସୁମିତ୍ରା ଥାନାରେ ଏ ନେଇ ନିଖୋଜ ଅଭିଯୋଗ କରିଥିଲେ। ଶନିବାର ଫିରିଙ୍ଗିଆ ଥାନା ଅଧିକାରୀ କଡିସରୁ ଜଙ୍ଗଲରୁ କୁନାଲଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ.୧୦/୨୩ରେ ଏକ ମାମଲା ରୁଜୁ ହୋଇଛି।

## ଜି ଭେଙ୍କେଟ ରାବଣାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ପାରଳାଖେମୁଣ୍ଡି,୨୫।୧୧(ଗିରିଧାରୀ ପରିଛା):

ପାରଳାଖେମୁଣ୍ଡି ରାଜନୀତିରେ ପ୍ରମୁଖ ଭୂମିକା ନେଉଥିବା ଯୁବନେତା ଜି. ରାବଣାଙ୍କ ବିୟୋଗ ସମସ୍ତଙ୍କୁ ମର୍ମାହତ କରିଛି। ତାଙ୍କ ଛାତ୍ର ଜୀବନର ସହପାଠୀମାନେ ସ୍ଥାନୀୟ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ନିଜ ରାଜନୈତିକ ଜୀବନ ଛାତ୍ର ସମୟରୁ ସହପାଠୀ ବନ୍ଧୁମାନଙ୍କ ସହାୟତାରେ ଛାତ୍ର ନେତା ହିସାବରେ ନିଜ ରାଜନୈତିକ କ୍ୟାରିଆର ଆରମ୍ଭ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଷ୍ଣୁ ପ୍ରସାଦ ହୋତା, ମୁନା ପରିଛା, ଜଗନ୍ନାଥ ମହାପାତ୍ର, ଶ୍ରୀକାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ପ୍ରଦର୍ଶନୀ



ଚିକିଟି,୨୫।୧୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମସ୍ଥିତ ସାନ୍ଦିପନି ବିଦ୍ୟାନିକେତନ ପରିସରରେ ଶନିବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଇପାରି ସୀମାଞ୍ଚଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ମୁଖ୍ୟ ଅତିଥିଭାବେ ନୂଆପଡା ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଏ. ସଦାନନ୍ଦ, ସମ୍ମାନିତ ଅତିଥିଭାବେ ଶିକ୍ଷୟିତ୍ରୀ ସୁଶୀଳା କୁମାରୀ ନାୟକ ଯୋଗଦେଇ ଆଜିର ଯୁଗରେ ବିଜ୍ଞାନର ଅବଦାନ କ'ଣ ରହିଛି ସେ ଉପରେ ଆଲୋକପାତ କରିଥିଲେ। ଏହି ପ୍ରଦର୍ଶନୀରେ ଅନୁଷ୍ଠାନର ୪୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିମଧ୍ୟରୁ ୧୦ ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ମନୋନୀତ ହୋଇଥିବା ପ୍ରଧାନାଚାର୍ଯ୍ୟ ବିବେକାନନ୍ଦ ପଟ୍ଟନାୟକ କହିଛନ୍ତି। ଏହି ମେଳାକୁ ଭାରପ୍ରାପ୍ତ ପ୍ରଧାନାଚାର୍ଯ୍ୟ ଅଜିତ କୁମାର ପଣ୍ଡା, ବରିଷ୍ଠ ଓ ଆଦର୍ଶ ଗୁରୁମା' ରଶ୍ମିରେଖା ପଣ୍ଡା, ସସ୍ମିତା ଜେନା ଗୁରୁମା' ପରିଚାଳନା କରିଥିବା ବେଳେ ଗୁରୁଜୀ ଉମାକାନ୍ତ, ସନ୍ତୋଷ, ଶୁଭାଶିଷ, ରଞ୍ଜନ, ଗୁରୁମା ସନ୍ଧ୍ୟାରାଣୀ ବାଡ଼ତ୍ୟା, ପି. ସୋନି, ରାଜେଶ୍ୱରୀ, ଗାୟତ୍ରୀ ଶିବାନୀ, ଦିବାନି, ଈଶ୍ୱରୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଭୋଟରତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟର ସମୀକ୍ଷା

## ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଗଞ୍ଜାମ ଜିଲା ଗସ୍ତ



ଛତ୍ରପୁର, ୨୫।୧୧ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଜିଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ନିର୍ଭୁଲ ସଂଶୋଧନ କାର୍ଯ୍ୟ ଚାଲିଛି । ସାଧାରଣ ନିର୍ବାଚନ ୨୦୨୪ ପୂର୍ବରୁ ଶେଷ ଥର ପାଇଁ ଭୋଟର ତାଲିକା ସଂଶୋଧନ ଯେପରି ତ୍ରୁଟିଶୂନ୍ୟ ରହିବ ସେଥି ସକାଶେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଗଞ୍ଜାମ ଜିଲାକୁ ଦୁଇ ଦିନିଆ ଗସ୍ତରେ ଆସି ସଂଶୋଧନ ପ୍ରକ୍ରିୟା କାର୍ଯ୍ୟର ସମୀକ୍ଷା କରିଛନ୍ତି । ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଓସ୍ୱାନ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଓଡିଶା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ନିର୍ବାଚନ ପୂର୍ବବର୍ତ୍ତି ସଂଶୋଧନ ପ୍ରକ୍ରିୟା ଯେପରି ସଠିକହେବ ସେଥି ସକାଶେ ଜିଲାପାଳ ପରିଡା ଗୁରୁତ୍ୱ ଦେଇଛନ୍ତି । ଜିଲାର ସମସ୍ତ ଭୋଟର ପଞ୍ଜିକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏହି କାର୍ଯ୍ୟକୁ ସଠିକ ଭାବରେ ପରିଚାଳନା କରିବା ନିମନ୍ତେ ଶ୍ରୀ କର ଉପଦେଶ ଦେଇଥିଲେ । ଜିଲାର ସମସ୍ତ ଭୋଟଦାତା ମାନଙ୍କର ନାମ ଯେମିତି ନିର୍ଭୁଲ ରହି ଭୋଟର ତାଲିକା ପ୍ରକାଶ ହେବ ଏବଂ ୧୮ ବର୍ଷ ବୟସର ସମସ୍ତ ଯୁବକଙ୍କ ନାମ ଯେମିତି ଏହି ତାଲିକାରୁ ବାଦ ଯିବ ନାହିଁ ସେଥି ସକାଶେ ପ୍ରଶାସନ ପକ୍ଷରୁ ପ୍ରଚେଷ୍ଟା ଚାଲିଛି। ଯେଉଁ ଯୁବକ ମାନଙ୍କ ବୟସ ୧୭ ବର୍ଷ ସେମାନେ ଯେମିତି ଅଗ୍ରିମ ନିର୍ଦ୍ଧାରିତ ଫର୍ମ ପୂରଣ କରି ପଞ୍ଜିକରଣ କରାଇବେ ସେଥି ସକାଶେ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା ନିର୍ବାଚନ ପରିଚାଳନା ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଅବଗତ କରାଇଛନ୍ତି। ଶ୍ରୀ କର ସମୀକ୍ଷା ବୈଠକରେ ଯୋଗଦେବା ସହିତ ସ୍ୱତନ୍ତ୍ର ପ୍ରଚାର ଦିବସରେ ଭୋଟ ଗ୍ରହଣ କେନ୍ଦ୍ରଗୁଡିକୁ ଗସ୍ତ କରି ବୁଥସ୍ତରୀୟ ଅଧିକାରୀମାନଙ୍କ ସହିତ ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଛତ୍ରପୁର, ଖଲିକୋଟ ଓ ଗୋପାଳପୁର ନିର୍ବାଚନ ମଣ୍ଡଳୀର କେତେକ ବୁଥ ଅଚାନକ ଗସ୍ତ କରି ଏହି ପ୍ରକ୍ରିୟା ସଠିକ ଚାଲୁଥିବା ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଏହି ଗସ୍ତ ସମୟରେ ସମସ୍ତ ନିର୍ବାଚନ ପରିଚାଳନା ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସଂପୃକ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ସତ୍ୟସାଇଙ୍କ ଜୟନ୍ତୀ ପାଳିତ

**ପାଣିକୋଇଲି, ୨୫।୧୧ (ବିକାଶ ମଲ୍ଲିକ):** ପାଣିକୋଇଲି ସତ୍ୟସାଇ ଭଜନମଣ୍ଡଳୀ ପକ୍ଷରୁ ଓଡିନ୍ଦା ରୋଡରେ ଥିବା ସାଇ ମନ୍ଦିର ପରିସରରେ ସତ୍ୟସାଇଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃରୁ ଓଁକାରମ୍, ସୁପ୍ରଭାତମ୍, ନଗର ସଙ୍କୀର୍ତ୍ତନମ୍, ପରେ ଷୋଡ଼ଶ ଉପଚାର ପୂଜା, ଲକ୍ଷାର୍ଚ୍ଚନା, ଚତୁର୍ଥ ସଙ୍କଳ୍ପିତ ଭଜନ, ପ୍ରତୀମା ସେଠୀ ଓ ସନ୍ଧ୍ୟାରାଣୀ ବେହେରାଙ୍କ ଦ୍ୱାରା ସାଇ ଅନୁଭୂତି ଏବଂ ନିରୁପମା ପଣ୍ଡାଙ୍କ ଦ୍ୱାରା ଭକ୍ତି ସଂଗୀତ ଗାନ କରାଯାଇଥିଲା। ମୁଖ୍ୟଅତିଥିଭାବେ ଯାଜପୁର ଜିଲା ପୋଲିସର ଡେପୁଟି ସୁପରିଟେଣ୍ଡେଣ୍ଟ ପ୍ରଭାତ କୁମାର ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଧର୍ମାନନ୍ଦ ସାହୁ ଅତିଥି ପରିଚୟ କରିଥିବାବେଳେ ସୁକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାତ୍ମିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ଅମୃତ କଳସ ଦାନ ଓ ନାରାୟଣ ସେବା କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ ମଙ୍ଗଳ ଆଳତୀ କରାଯାଇ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା। ଲତିକା ପୃଷ୍ଟି, ସୁରେନ୍ଦ୍ର ସେଠୀ, ବିଦ୍ୟାଧର ଦାସ, ନରୋତ୍ତମ ଓଝା, ଧର୍ମାନନ୍ଦ ସାହୁ, ସୁକାନ୍ତ ସାହୁ, ସନ୍ତୋଷ ମହାକୁଡ଼ ଓ ସୁଧାଂଶୁ ବାରିକଙ୍କ ସମେତ ପାଣିକୋଇଲି ସାଇ ଭଜନ ମଣ୍ଡଳୀର ସମସ୍ତ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆଦର୍ଶ ଶିକ୍ଷକ ଗୌରହରି ତ୍ରିପାଠୀଙ୍କ ପରଲୋକ

**ବାଲିଚନ୍ଦ୍ରପୁର, ୨୫।୧୧ (ଗିରିଜା ପ୍ରସାଦ ସାହୁ):**



ବଡ଼ଚଣା ବ୍ଲକ ବାଲିପଡ଼ିଆ ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଗୌରହରି ତ୍ରିପାଠୀଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକ ଖବରପାଇ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଶେଷଦର୍ଶନ କରିବା ସହ ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ବଡ଼ଚଣା ଭାଜପା ନେତା ଅମର ନାୟକ ଗୌରହରିଙ୍କ ବାଲିପଡ଼ିଆସ୍ଥିତ ବାସଭବନରେ ପହଞ୍ଚି ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ଗୌରହରି ଅବସରପରେ ପଞ୍ଚାୟତର ବାଳିକା ବିଦ୍ୟାଳୟରେ ଅବୈତନିକ ଶିକ୍ଷାଦାନ କରିବା ସହିତ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ତାଙ୍କର ବେଶ ସୁନାମ ରହିଥିଲା। ମରଶରୀର ଶନିବାର ବାଲିପଡ଼ିଆରେ ପହଞ୍ଚିବା ପରେ ବହୁ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀରକୁ ପଞ୍ଚାୟତ ପରିକ୍ରମା କରାଯାଇ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସୁରେଶ ମୁଖାଗ୍ନି ଦେଇଥିଲେ।

# ଲୁଟେରାଙ୍କ ନଜରରେ କାଏମା ପାହାଡ଼

## ଐତିହାସିକ ହାତିଆଶୁଣୀ ପ୍ରତି ପ୍ରଶାସନର ନଜର ପଡୁନି

**କାଏମା, ୨୫।୧୧ (ଶିବପ୍ରସାଦ ମହାନ୍ତି):**



କାଏମା ପାହାଡ଼।

ଧର୍ମଶାଳା ତହସିଲ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ ମଧ୍ୟଭାଗରେ କାଏମା ପାହାଡ଼ ବା ଗୋଗଳ ପାହାଡ଼ ଅବସ୍ଥିତ। ହେଲେ ଏହି ପାହାଡ଼ ଏବେ ମାଫିଆଙ୍କ ନଜରରେ। ମାଫିଆ ଏଠାରୁ ମୋରମ ଲୁଟ୍ କରୁଥିବା ଦେଖିବାକୁ ମିଳିଛି। ଦିନରାତି ମୋରମ ଲୁଟ୍ କରିବାରେ ଲାଗିଛନ୍ତି। ଫଳରେ ପାହାଡ଼ର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଏଭଳି ଭାବେ ପାହାଡ଼ ତଡ଼ାଯାଏ ତେବେ ଭବିଷ୍ୟତରେ ପୌରାଣିକ କାଏମା ପାହାଡ ମାନଚିତ୍ରରୁ ହଜିଯିବ ବୋଲି ଆଲୋଚନା ହେଉଛି।

ଏ ପାହାଡ଼ର ଅନେକ ଐତିହାସିକ ଓ ପୌରାଣିକ କଥା ଶୁଣିବାକୁ ମିଳେ। ଇତିହାସ କୁହେ ରାଜା ସମ୍ରାଟ ଅଶୋକଙ୍କ ସମୟରେ ବୌଦ୍ଧ ଧର୍ମାବଲମ୍ବୀ ଏଠାରେ ଧ୍ୟାନ କରୁଥିଲେ। ଏହାର ପୁରାତନ ନାମ ଗୋଗଳ ଗିରି ବା ସୁରଭ ଗିରି ବୋଲି କୁହାଯାଏ। ପାହାଡ଼ରେ ୫ ପଥର କଟା ଗୁମ୍ଫା ଥିବା ଦେଖିବାକୁ ମିଳେ। ବ୍ରାହ୍ମଣୀ ନଦୀର ଶାଖା କେଲୁଅ ନଦୀ ଅବବାହିକାରେ ଏହି ପାହାଡ଼ ଅବସ୍ଥିତ। ପ୍ରାକୃତିକ ପରିବେଶ ମନକୁ ଛୁଇଁଥାଏ।

ପାହାଡ଼ରୁ ପାଖାପାଖି ୨୫୦ ବର୍ଷ ତଳର ବୌଦ୍ଧ କୀର୍ତ୍ତିରାଜି ମାନ ଖନନ ଦ୍ୱାର ଦେଖିବାକୁ ମିଳିଛି। ଏହାର ପାଦଦେଶରେ ବୌଦ୍ଧକୀର୍ତ୍ତି ସମ୍ପନ୍ନ ହାତିଆଶୁଣୀ ପୂଜା ପାଉଛନ୍ତି। ଗବେଷକ ସ୍ୱଗତ ଡ. ନୃସିଂହ ଚରଣ ସାହୁଙ୍କ ସହଯୋଗରେ ରାଜ୍ୟ ସଂସ୍କୃତି ବିଭାଗ ଓ କେନ୍ଦ୍ର ପତ୍ନତାତ୍ତ୍ୱିକ ବିଭାଗ ପକ୍ଷରୁ ୨୦୦୪ରେ ଏହାର ପୁନରୁଦ୍ଧାର ନିମନ୍ତେ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଥିଲା। ହେଲେ ଏବେ ଅପରିଷ୍କାର ହୋଇଛି।

ଐତିହାସିକ ହାତିଆଶୁଣୀର ରକ୍ଷଣାବେକ୍ଷଣ ଅଭାବ ଓ ସୁରକ୍ଷା ପ୍ରତି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ପାହାଡ଼ ଉପର ଭାଗରେ ପାଖାପାଖି ଦୁଇ ଶହ ବର୍ଷ ପୁରାତନ ମହାପୁରୁଷ ଶ୍ରୀହରି ଅବଧୂତମଠ ସ୍ଥାପିତ ସହ ସେଠାରେ ତାଙ୍କ ସମାଧି ଥିବା ଦେଖିବାକୁ ମିଳେ। ମଠକୁ ସ୍ୱର୍ଗତ ଗୋଲଖ ଚନ୍ଦ୍ର ଦାସ ଦେଖାରଖା କରୁଥିଲେ। ସେହି ସମୟରେ ବୌଦ୍ଧ ଗବେଷକଙ୍କ ଆଗମନ ଦେଖିବାକୁ ମିଳୁଥିଲା। ବୌଦ୍ଧ ଗବେଷକମାନେ ପାହାଡ଼ ପରିଦର୍ଶନ କରିବା ସମୟରେ ପାହାଡ଼ ଉପରଭାଗରୁ ବହୁ ପ୍ରାଚୀନ ଇଟା ଦେଖିବାକୁ ପାଇଥିଲେ। ପରେ ଖନନ କରାଯାଇ ଏହାକୁ ସଂଗ୍ରହ କରାଯାଇଥିଲା। ଏହା ମଧ୍ୟରେ ଆହୁରି ଅନେକ ବୌଦ୍ଧ କୀର୍ତ୍ତିରାଜି ଥିବା ଅନୁମାନ କରାଯାଇ ଏହାର ସୁରକ୍ଷା ନିମନ୍ତେ ପାହାଡ଼ର କିଛି ସ୍ଥାନକୁ ତାର ଜାଲି ବ୍ୟବସ୍ଥା କରାଯିବା ସହ ନିଷିଦ୍ଧ ଅଞ୍ଚଳ ଘୋଷଣାକରି ବୋର୍ଡ଼ ଲଗାଯାଇଥିଲା। ଏବେ ଆଉ ସେ ବୋର୍ଡ଼ ଦେଖିବାକୁ ମିଳୁନାହିଁ। ତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପୁଅ ଜ୍ଞାନେନ୍ଦ୍ରୀୟ ଦାସ ପୂଜାପାଠ କରିବା ସହ ଏହାର ରକ୍ଷାଣାବେକ୍ଷଣା କରୁଛନ୍ତି। ରଜ ସମୟରେ ଏହି ପାହାଡ଼ ଉପର ଭାଗରେ ୩ ଦିନ ଧରି ମହାଯଜ୍ଞ କରାଯାଇଥାଏ। ଚାଲିଚାଲି ବହୁ ଭକ୍ତ ଏଠାକୁ ଆସନ୍ତି। ପାହାଡ଼ ଉପରକୁ ଗାଡ଼ି ମୋଟର ଯିବାଆସିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଅନେକ ବୃଦ୍ଧାବୃଦ୍ଧ ଆସିପାରନ୍ତି ନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥାଏ।

ପୌରାଣିକ ତଥ୍ୟ ଅନୁସାରେ ପାଣ୍ଡବମାନଙ୍କର ଅଜ୍ଞାତ ବନବାସ ସମୟରେ ଅର୍ଜୁନ ସ୍ୱୟଂଶଙ୍କର ଭଗବାନଙ୍କୁ ଉପାସନା କରିବା ନିମନ୍ତେ ଶତେ ଅର୍କ ପୁଷ୍ପ ଚୟନରେ ଇତସ୍ତତଃ ହୋଇ ପାହାଡ଼ର ମାର୍ଗରେ ଭ୍ରମଣ କରୁଥାଆନ୍ତି। ଅର୍ଜୁନ ପୁଷ୍ପ ଚୟନ କରିବା ବେଳେ ଏକ ସର୍ପ ତାଙ୍କ ପାଦକୁ ଦଂଶନ କରିଥିଲା। ଭ୍ରାତା ସହଦେବ ସଙ୍ଗେସଙ୍ଗେ ଉପସ୍ଥିତ ହୋଇ ମାତା କୁନ୍ତୀଙ୍କୁ ସର୍ପଦର୍ଶନ କଥା ଜଣାଇଥିଲେ। ତତ୍‌କ୍ଷଣାତ କୁନ୍ତୀ କୃଷ୍ଣଙ୍କୁ ସ୍ମରଣ କରିବା ପରେ କୃଷ୍ଣ ଭଗବାନ ଦୈବବାଣୀ ଦେଇଥିଲେ। ପରେ ଅର୍ଜୁନଙ୍କ ପ୍ରାଣସତ୍ତା ଫେରିଆସିଲା ସତ, କିନ୍ତୁ ଅର୍ଜୁନ ଜ୍ଞାନ ଫେରି ପାଇଲେନାହିଁ। ତତ୍ପରେ ମାତା କୁନ୍ତୀ ଓ ପୁତ୍ର ଅର୍ଜୁନ ଜ୍ଞାନଦାତା ବାବା ଗଜାନନଙ୍କୁ ପୂଜାର୍ଚ୍ଚନା କରିଥିଲେ। ହଠାତ୍ ଦୈବବାଣୀ ହେଲା ଯେ ଗୋଗଳ ପର୍ବତର ପଶ୍ଚିମ ଭାଗରେ ତପସ୍ୟା କରିବା ପାଇଁ। ଶେଷରେ ଶଙ୍କର ଭଗବାନଙ୍କୁ ଉପାସନା କରି ଅର୍ଜୁନଙ୍କର ଜ୍ଞାନପ୍ରାପ୍ତ ହୋଇଥିଲା। ଏହି ପାହାଡ଼ର ଇତିହାସ ଓ ପୌରାଣିକ କଥା ଅତି ଚମତ୍କାର। ବର୍ତ୍ତମାନ ଏହାର ଚତୁଃପାର୍ଶ୍ୱ ପରିବେଶକୁ ସବୁଜ ଓ ସୁରକ୍ଷିତ ରଖିବା ପାଇଁ ଚଣ୍ଡିଖୋଲ ବନ ବିଭାଗ ଅଧୀନରେ 'କମଲେଇ ବନ' ଯୋଜନା ନାମରେ ବହୁ ଗଛ ଲଗାଯାଇଛି। କିନ୍ତୁ ତାହା ମଧ୍ୟ ସୁରକ୍ଷା ଅଭାବରୁ କଟା ହେଉଥିବା ଅଭିଯୋଗ ହେଉଛି। ଏହି ପୁରାତନ ପାହାଡ଼ଟି ସୁରକ୍ଷା ଅଭାବରୁ ସୌନ୍ଦର୍ଯ୍ୟ ହରାଇବାକୁ ବସିଲାଣି। ତେଣୁ ଏହା ଉପରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିବାକୁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।

### ୨ ଜଣଙ୍କୁ ଉଠାଇ ନେଲା ରେଲୱେ ପୋଲିସ

**ଛତିଆ, ୨୫।୧୧ (ସୌମ୍ୟ ରଞ୍ଜନ ସାହୁ):** ସାମଗ୍ରୀ ଚୋରି ସନ୍ଦେହରେ ରେଲ୍‌ୱେ ପୋଲିସ ୨ ଯୁବକଙ୍କୁ ଉଠାଇ ନେଇଛି। ସେମାନେ ବୈରୀ ଗ୍ରାମର ସାନୁଆ କାଣ୍ଡି ଓ ସନାତନ କାଣ୍ଡି ବୋଲି ଜଣାପଡ଼ୁଛି। ସୂଚନା ମୁତାବକ, ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ରେଳଷ୍ଟେଶନ ନିକଟ ସମେତ ବରୀଠେଙ୍ଗଡ଼ ଓ ଉକ୍ତ ଅଞ୍ଚଳର ଅନେକ ସ୍ଥାନରେ ରେଲୱେର ବିଭିନ୍ନ କାର୍ଯ୍ୟ ଚାଲୁରହିଛି। ଉକ୍ତ କାର୍ଯ୍ୟ ନିମନ୍ତେ ବ୍ୟବହୃତ ସାମଗ୍ରୀ ଓ ଅନ୍ୟ ଉପକରଣ ପଡ଼ି ରହିଛି। ଏହାର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ସାମଗ୍ରୀ ଚୋରି କରିନେଉଛନ୍ତି। ଏହା ରେଳବାଇ ପୋଲିସର ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏହାକୁ ଦୃଷ୍ଟିରେ ରଖି ରେଲ୍‌ୱେ ପୋଲିସ ସଜାଗ ରହିଥିଲା। ଶନିବାର ଭୋର୍ ସମୟରେ ବୈରୀ ରେଳ ଷ୍ଟେଶନ ନିକଟରୁ ୩ ଯୁବକ ଏକ ବାଇକରେ ଯାଉଥିବା ବେଳେ ବୈରୀ ପେଟ୍ରୋଲ ପମ୍ପ ନିକଟରେ ରେଲ୍‌ୱେ ପୋଲିସ ସେମାନଙ୍କୁ ଅଟକାଇ ଛାନ୍‌ଭିନ୍ କରିଥିଲା। ପରେ ଜଣେ ଯୁବକଙ୍କୁ ଛାଡ଼ି ଦେଇ ଉପରୋକ୍ତ ୨ ଯୁବକଙ୍କୁ ନେଇ ଯାଇଥିଲା। ପୋଲିସ ଛାଡ଼ି ଦେଇଥିବା ଯୁବକ ଜଣକ ସେମାନଙ୍କ ସହ ଲିଫ୍ଟ ମାଗି ଯାଉଥିଲେ ବୋଲି ସୂଚନା ମିଳିଛି।

# ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ କାର୍ଯ୍ୟକ୍ରମ କରାଯିବ



ଉଦୟଗିରି ବୁଦ୍ଧ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ପତ୍ରିକା ଉନ୍ମୋଚନ କରୁଛନ୍ତି।

**ଚଣ୍ଡିଖୋଲ, ୨୫।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି):**

**ଉଦୟଗିରି ବୁଦ୍ଧ ମହୋତ୍ସବ ଉଦ୍‌ଯାପିତ**

ଅନ୍ତର୍ଜାତୀୟସ୍ତରରେ ଉଦୟଗିରିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି। ମାନଚିତ୍ରରେ ପ୍ରାଚୀନ କୀର୍ତ୍ତିରାଜିର ଏକ ନିଆରା ପରମ୍ପରା ରହିଛି। ରାଜ୍ୟ ସରକାର ୩ ଥର ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଉଦୟଗିରିଠାରେ କରି ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛନ୍ତି। ଆଗାମୀ ଦିନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଅଧିକ ଆକର୍ଷଣୀୟ କରାଯିବ ବୋଲି ୧୪ତମ ଉଦୟଗିରି ରାଜ୍ୟସ୍ତରୀୟ ବୁଦ୍ଧ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଧାୟକ ଅମର ପ୍ରସାଦ ଶତପଥୀ ଏକଥା ପ୍ରକାଶ କରିଛନ୍ତି।

ମହୋତ୍ସବ କମିଟି ସଭାନେତ୍ରୀ ଡ. ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଏହି ମହେତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ବୁଦ୍ଧଙ୍କ ଜୀବନ ଶୈଳୀ ଓ ବିଚାର ଧାରା ଏକ ପ୍ରେରଣା ପ୍ରଦାନ କରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ସର୍କଲର ପ୍ରତ୍ନତାତ୍ତ୍ୱିକ ବିଭାଗ ଅଧୀକ୍ଷକ ଡ. ବ୍ରଜସୁନ୍ଦର ଦିବିଷ ଗଡ଼ନାୟକ, ସମ୍ମାନୀତ ଅତିଥି ଭାବରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଓ ଯତିନ୍ଦ୍ର ନାୟକ ଯୋଗ ଦେଇଥିଲେ। ମହୋତ୍ସବ କମିଟି ଆବାହକ ମହେଶ୍ୱର ବଳ ପ୍ରାରମ୍ଭିକ ସୂଚନା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭା ସଞ୍ଚାଳନ କରିଥିଲେ କମିଟିର ସଦସ୍ୟ ଶୁଭେନ୍ଦୁ ଭୂୟାଁ। କିଶୋର ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ। ସକାଳ ଅଧିବେଶନରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ବୌଦ୍ଧ ଭିକ୍ଷୁ ଧନ ଗୋଲେସୋ ଯୋଗ ଦେଇଥିଲେ। ମହୋଦଧି ସୋସାଇଟି ଅଫ ଇଣ୍ଡିଆର ଟ୍ରଷ୍ଟି ସୌରେନ୍ଦ୍ର କୁମାର ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ବୌଦ୍ଧ ଗବେଷକ ଡ. ହରିଶ ଚନ୍ଦ୍ର ପୃଷ୍ଟି, ବୌଦ୍ଧ ଭୀକ୍ଷୁ ଧନ ଗଲେସୋ ଓ ସୌରେନ୍ଦ୍ର କୁମାର ମହାପାତ୍ରଙ୍କୁ ଉଦୟଗିରି ବୁଦ୍ଧ ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ବରିଷ୍ଠ ନାଗରିକ ମଞ୍ଚର ନୂତନ ଗୃହ ପ୍ରବେଶ ଉତ୍ସବ

**ପାଣିକୋଇଲି, ୨୫।୧୧ (ବିକାଶ ମଲ୍ଲିକ):** ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚର ନୂତନ ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ କୋରେଇ ବ୍ଲକ ଅଧ୍ୟକ୍ଷ ଧରଣୀଧର ଘଡ଼ାଇ ଓ ମୁଖ୍ୟବକ୍ତା ପ୍ରାଧ୍ୟାପକ ଡା. ଦାମୋଦର ମହାପାତ୍ର, ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇ ଯୋଗଦେଇଥିଲେ। ବୟସ୍କମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମ୍ପାଦକଙ୍କ ପ୍ରସ୍ତାବକ୍ରମେ ସତ୍ୟରଞ୍ଜନ ସ୍ୱାଇଁଙ୍କୁ ସଂଗଠନ ସମ୍ପାଦକ ଓ ବୃନ୍ଦାବନ ଜେନାଙ୍କୁ ସହକାରୀ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ମୁରଲୀଧର କାଣ୍ଡି, ଗୌରାଙ୍ଗ ଚରଣ ବାରିକ, ଅଭିରାମ ବାରିକ, ସୁଦର୍ଶନ ପହି, ବସନ୍ତ କୁମାର ବେହେରା, ଚନ୍ଦ୍ରମଣି ସ୍ୱାଇଁ, ନିରଞ୍ଜନ ରାଉତ, ସତ୍ୟାନନ୍ଦ ମହାରଣା, ପ୍ରାଣକୃଷ୍ଣ ନାୟକ, ମଦନ ମୋହନ ବେହେରା, ରାଜକିଶୋର ଦାସ, ପ୍ରହ୍ଲାଦ ଜେନା, ଗୋକୁଳାନନ୍ଦ ମହାରଣା, ଅକ୍ଷୟ କୁମାର ସ୍ୱାଇଁ, ବୈଷ୍ଣବ ସାହୁ, ମଦନ ମୋହନ ମହାପାତ୍ର, ରାମଚନ୍ଦ୍ର ମଲିକ, ଜଗନ୍ନାଥ ମାଝି ଓ ସତ୍ୟବାଦୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାବା ଜ୍ଞାନେଶ୍ୱର ପୀଠରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ



ଯଜ୍ଞ ପାଇଁ ନଦୀ କୂଳରେ ପୂଜାକରାଯାଉଛି।

**କାଏମା, ୨୫।୧୧ (ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଭୟପୁର ପଞ୍ଚାୟତ ନୀଳାଦେଇପୁର ଗ୍ରାମର ବାବା ଜ୍ଞାନେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଆରମ୍ଭ ହୋଇଛି। ଏହା ୩ ଦିନ ଧରି ଅନୁଷ୍ଠିତ ହେବ। ଶନିବାର ଭୋର ସମୟରୁ କଳସ ଶୋଭାଯାତ୍ରା କରାଯାଇ ନିକଟ କେଲୁଅ ନଦୀରୁ ଜଳ ଅଣାଯାଇ ଯଜ୍ଞ ମଣ୍ଡପରେ ଘଟସ୍ଥାପନ କରାଯାଇଥିଲା। ଶୋଭାଯାତ୍ରାରେ ବହୁ ମହିଳା ଓ ପୁରୁଷ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ସଙ୍କୀର୍ତ୍ତନମଣ୍ଡଳୀଙ୍କ ସହ ଘଣ୍ଟ, ହୁଳହୁଳି ଓ ମନ୍ତ୍ର ଉଚ୍ଚାରଣରେ କମ୍ପି ଉଠି ଥିଲା ସମଗ୍ର ଅଞ୍ଚଳ। କାଏମା କମଲେଇ ମନ୍ଦିର ସମ୍ମୁଖରେ ମହିଳାମାନେ କଳସକୁ ଧୂପ ଦୀପ ସହ ବନ୍ଦାପନା କରିଥିଲେ। ପରେ କାଏମା ବଜାରରେ ବ୍ୟବସାୟୀମାନେ ମଧ୍ୟ ପୂଜାର୍ଚ୍ଚନା କରିଥିଲେ। ରାସ୍ତା ପାର୍ଶ୍ୱରେ ଥିବା ପ୍ରତ୍ୟେକ ପରିବାର ମହିଳାଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ରବିବାର ଷୋଡ଼ଶ ଉପଚାର ପୂଜା, ଗୀତାପାଠ, ଚଣ୍ଡିପାଠ, ଶ୍ରୀଜୀଉଙ୍କୁ ମୂଳମନ୍ତ୍ରରେ ଆମୃତ ପ୍ରଦାନ ଓ ସନ୍ଧ୍ୟାରେ ପୁଷ୍ପାଞ୍ଜଳି ପ୍ରଦାନ କରାଯିବ। ସୋମବାର ରାହାସ ପୂର୍ଣ୍ଣିମାରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ଯଜ୍ଞକର୍ତ୍ତା ଶ୍ରୀବତ୍ସ ପାଢ଼ୀ, ପୂଜକ ଆଲୋକ ଚନ୍ଦ୍ର ପଣ୍ଡା ଓ ତାଙ୍କ ସହଯୋଗୀ ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଉଛନ୍ତି। ପ୍ରଭାକର ପାଢ଼ୀ, ବୃନ୍ଦାବନ ପାଢ଼ୀ, କାମଦେବ ପାଢ଼ୀ, ହରିହର ପାଢ଼ୀ, ଜୟପ୍ରକାଶ ରାଉତ, ତ୍ରିଲୋଚନ ରାଉତ, ଅଶୋକ ପ୍ରଧାନ, ନୀଳମଣି ପରିଡ଼ା ଓ ଅକ୍ଷୟ କୁମାର ବିଶ୍ୱାଳଙ୍କ ସମେତ ଜ୍ଞାନେଶ୍ୱର ଯୁବକ ସଂଘ ମିଳିତ ସହଯୋଗରେ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୪।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ):** ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଗୁରୁବାର ସନ୍ଧ୍ୟାରେ ବାଲିଚନ୍ଦ୍ରପୁରଠାରେ ପାଳିତ ହୋଇଯାଇଛି। ନବପ୍ରତିଭା ସାହିତ୍ୟ ସଂଗଠନ ଓ ନବକୃଷ୍ଣ ଚୌଧୁରୀ ସ୍ମୃତି କମିଟି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ରୁଦ୍ରପ୍ରସନ୍ନ ସାମଲ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ବରାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ପ୍ରଫେସର ଡ. ବସନ୍ତ କୁମାର ସାହୁ ଯୋଗଦେଇ ନବକୃଷ୍ଣ ଚୌଧୁରୀ ଜଣେ ସରଳ, ଆମୟିକ ବ୍ୟକ୍ତି ଥିଲେ। ତାଙ୍କର ବହୁମୁଖୀ ପ୍ରତିଭା ଆଜିର ଯୁବପିଢ଼ିଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଆଗାମୀ ଶତାବ୍ଦୀ ପତ୍ରିକାର ସମ୍ପାଦକ ସେକ୍ ମାସୁଦ ଅଲ୍ଲି ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନ ଓ ସେ ମୁଖ୍ୟମନ୍ତ୍ରୀ ସମୟରେ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଧର୍ମଶାଳା ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାତ୍ର ଓ ହୋଲି ଜେଶସ ବିଦ୍ୟାଳୟ ଅଧ୍ୟକ୍ଷା କାମିନୀ ନାୟକ ଯୋଗଦେଇ ନବକୃଷ୍ଣଙ୍କ ନୀତି, ଆଦର୍ଶ ସମ୍ପର୍କରେ ବହୁ ତଥ୍ୟ ଉପସ୍ଥାପନ କରିଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ପଣ୍ଡିତ ପ୍ରଭାତ କୁମାର କର। ସ୍ମୃତି କମିଟି ସମ୍ପାଦକ ଏକାଦଶୀ ସେଠୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଦିଲୀପ କୁମାର ଦେବତା ବେଦ ପାଠ କରିଥିଲେ। ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ଲଛମନ ରାଉତ, ନିରଞ୍ଜନ ଜେନା, ଜ୍ଞାନେନ୍ଦ୍ର କୁମାର ତ୍ରିପାଠୀ, ସୁଜିତ କୁମାର ସାହୁ ଓ ସୁଲତାନ ସୈଫୁଲା ଖାଁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନବପ୍ରତିଭା ସାହିତ୍ୟ ସଂଗଠନର ସମ୍ପାଦକ ରମେଶ ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ।





ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀରେ ମଞ୍ଚାସୀନ ଅତିଥି।

# କାଳୀ ମେଳଣରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଜନସମାଗମ

- ଶାନ୍ତି ଶୃଙ୍ଖଳାରେ ଭସାଣି ସମାପନ
- ପୂଜା କମିଟି ଓ ସହରବାସୀଙ୍କୁ ଧନ୍ୟବାଦ ଦେଲା ପ୍ରଶାସନ





ମଞ୍ଚରେ ଉପସ୍ଥିତ ଅତିଥି, ପୂଜା କମିଟିର ସଭାପତି ଓ ସମ୍ପାଦକ।

**ଯାଜପୁରରୋଡ୍, ୨୫।୧୧ (ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ସହରରେ ଚଳିତ ବର୍ଷ କାଳୀପୂଜା ଭସାଣି ଓ ମେଳଣ ଉତ୍ସବରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜନସମାଗମ ହୋଇଛି। ବୁଧବାର ଅନୁଷ୍ଠିତ ଭସାଣିରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ପାରମ୍ପରିକ ବାଦ୍ୟନୃତ୍ୟ ଯଥା; ଓଡ଼ିଶୀ, ଗୋଟିପୁଅ, ଆଦିବାସୀ ମହିଳାଙ୍କ କଳସ, ଆଦିବାସୀ ନୃତ୍ୟ, ପୁରୀ ବୈଦରାଜପୁରର ଘଣ୍ଟୁଆ, କୀର୍ତ୍ତନ, ସିଂହାଜା ସହ ପଞ୍ଜାବୀ ବ୍ୟାଣ୍ଡ ପାର୍ଟି, ଏର୍ନାକୁଲମର ନୃତ୍ୟ, ବେଙ୍ଗଲୀ ମାଠିଆ ନୃତ୍ୟ, ହରିୟାଣାର ଅଘୋରୀ ଓ ଶିବ ତାଣ୍ଡବ ପ୍ରମୁଖ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରଦର୍ଶନ କରାଯାଇଥିଲା। ଏହାଦର୍ଶକଙ୍କ ମନମୁଗ୍ଧ କରିଥିଲା। ଅପରାହ୍ନ ୩ଟାରୁ ମେଢ଼ଗୁଡିକ ଗୋପବନ୍ଧୁ ଛକଠାରୁ ଶୋଭାଯାତ୍ରାରେ ବାହାରି ଚୋରାଦା ବାଇପାସ ହୋଇ ରାତି ୧୧ ଘଟିକା ସୁଦ୍ଧା ମେଳଣ ପଡିଆରେ ପହଞ୍ଚିଥିଲେ। ଗୋପବନ୍ଧୁ ଛକଠାରୁ ମେଳଣ ପଡ଼ିଆ ପର୍ଯ୍ୟନ୍ତ ରାସ୍ତାର ଦୁଇ କଡ଼େ ଥିବା ଘର ଛାତ ଓ ରାସ୍ତାରେ ହଜାରହଜାର ଦର୍ଶକଙ୍କ ଭିଡ଼ ଜମିଥିଲା। ଚୋରଦା ବାଇପାସ ଛକରେ ଯାଜପୁରରୋଡ୍ ଆଦର୍ଶ ଥାନା ପକ୍ଷରୁ ଏକ ବନ୍ଧୁମିଳନ କରାଯାଇଥିଲା। ଏହିମଞ୍ଚରେ ପ୍ରତ୍ୟେକ ପୂଜା କମିଟିର ସଭାପତି, ସମ୍ପାଦକ ଓ ଶାନ୍ତିକମିଟି ସଭ୍ୟଙ୍କୁ ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ମେଢ଼ଗୁଡିକ ମେଳଣ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଚଣ୍ଡୀ କ୍ଲବ ପକ୍ଷରୁ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚଣ୍ଡୀ କ୍ଲବ ସଭାପତି ପ୍ରମୋଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, କୋରେଇ ବିଧାୟକ ଅଶୋକ କୁମାର ବଳ, ପୌରପରିଷଦର ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ଉପନଗରପାଳ ସୁବାସ ବଳ, ଶାନ୍ତି କମିଟି ଆବାହକ ବିଦ୍ୟାଧର ମହାନ୍ତି, ବିବେକାନନ୍ଦ ମହାନ୍ତି, ପୌର ଅଧିକାରୀ ତରୁଣ କୁମାର ମହାପାତ୍ର, ପ୍ରତ୍ୟେକ ପୂଜା କମିଟିର ସଭାପତି, ସମ୍ପାଦକ, କଳିଙ୍ଗନଗର ଅତିରିକ୍ତ ଏସପି ସିଲଭାରିୟସ ଟପ୍ପୋ, ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ଓ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବ୍ୟାସନଗର ଭାଇଚାରାର ସହର ବୋଲି ବକ୍ତବ୍ୟ ରଖିଥିଲେ। ଚଣ୍ଡୀକ୍ଲବ ସଭାପତି ପ୍ରମୋଦ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଶିଶିର କୁମାର ରାଉତ ମେଳଣ ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପାଠ କରିଥିଲେ। ସହରରେ ଶାନ୍ତି ଶୃଙ୍ଖଳା ସହ କାଳୀପୂଜା ଓ ମେଳଣ ଉତ୍ସବ ଶେଷ ହୋଇଥିବାରୁ ଶାନ୍ତି କମିଟି ଆବାହକ, ଜିଲା ପ୍ରଶାସନ, ପୋଲିସ ଅଧିକାରୀମାନେ ସମସ୍ତ ପୂଜା କମିଟିର ସଭାପତି, ସମ୍ପାଦକ ସଭ୍ୟ ଓ ସହରବାସୀଙ୍କୁ ଧନ୍ୟବାଦ ଦେଇଥିଲେ।

# 'ଭାବାବେଗ ଅପେକ୍ଷା କର୍ତ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ'

## ଶ୍ରୀକୃଷ୍ଣ ଏକାଡେମୀ ପ୍ଲାଟିନମ ଜୁବିଲି ସମାରୋହ

ଜଗତ୍‌ସିଂହପୁର, ୨୫।୧୧
(ପ୍ରମୋଦ କୁମାର ନାୟକ)



ଅତିଥିମାନେ ସ୍ୱତନ୍ତ୍ର ଡାକ ଟିକେଟ୍ ଓ ମୁଖପତ୍ର ଅଳକା ଉନ୍ମୋଚନ କରୁଛନ୍ତି।

ସମ୍ପ୍ରତି ଦେଖାଯାଉଛି ଅନେକ ସମୟରେ ପିଲାମାନଙ୍କ ପଢ଼ାରେ ମୋବାଇଲ ବାଧକ ସାଜୁଛି। ତେଣୁ ପିଲାମାନେ ମୋବାଇଲ ଅପେକ୍ଷା ପାଠକୁ ଗୁରୁତ୍ୱ ଦିଅନ୍ତୁ। ଏଥିସହ ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ଶନିବାର ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଏହି ଶିକ୍ଷାନୁଷ୍ଠାନର ପ୍ଲାଟିନମ୍ ଜୁବିଲି ସମାରୋହକୁ ଉଦ୍‌ଘାଟନ କରି ଭାରତୀୟ ସ୍ଥଳସେନାର ପ୍ରାକ୍ତନ ଉପମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତି ଏହା କହିଛନ୍ତି। ଏହି ଅବସରରେ ସେ ନିଜ ସାନଭାଇ ଦେବୀପ୍ରସାଦ ମହାନ୍ତିଙ୍କ କଥା ମନେପକାଇଥିଲେ। ସେ କହିଥିଲେ, ଦେବୀ ଏହି ଶିକ୍ଷାନୁଷ୍ଠାନର ପ୍ଲାଟିନମ୍ ଜୁବିଲି ସମାରୋହରେ ଯୋଗଦେବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତା'ପରେ ବାପାଙ୍କ ମୃତ୍ୟୁ ହୋଇଗଲା। ଏ ସମୟରେ ପରିବାରରେ ଶୋକାକୁଳ ପରିବେଶ। ତଥାପି ଶ୍ରୀକୃଷ୍ଣ ଏକାଡେମୀ ଉତ୍ସବରେ ଯୋଗଦେବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। କାରଣ ଭାବାବେଗ ଅପେକ୍ଷା କର୍ତ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ। ସେନାରେ କର୍ତ୍ତବ୍ୟକୁ ସର୍ବାଗ୍ରେ ରଖାଯାଇଛି। ତେଣୁ ପିଲାମାନେ ଭାବାବେଗଠାରୁ ଊର୍ଦ୍ଧ୍ୱରେ ରହି କର୍ତ୍ତବ୍ୟ କରିବାକୁ ଚଣ୍ଡିପ୍ରସାଦ କହିଥିଲେ।

ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଥିଲେ, ଶ୍ରୀକୃଷ୍ଣ ଏକାଡେମୀର ଛାତ୍ରୀଛାତ୍ର କେବଳ ଜିଲା ନୁହେଁ, ରାଜ୍ୟ ଓ ଦେଶରେ ସୁନାମ ଅର୍ଜନ କରିପାରିଛନ୍ତି। କିନ୍ତୁ ଆଜି ଏହି ଶିକ୍ଷାନୁଷ୍ଠାନ କେଉଁ ସ୍ଥିତିରେ ଅଛି ତାହା ପରଖିବା ଦରକାର। ସରକାର ୫-ଟିରେ ବିଦ୍ୟାଳୟ ରୂପାନ୍ତରୀକରଣ କରୁଛନ୍ତି । ଭିତ୍ତିଭୂମିର ଉନ୍ନତି ସାଙ୍ଗକୁ ସ୍ମାର୍ଟ କ୍ଲାସରୁମ୍ ହେଉଛି। ପୁରାତନ ଛାତ୍ର ସଂସଦ ଯେତିକି ସହଯୋଗ କରୁଛନ୍ତି ସରକାର ତା'ର ୨ ଗୁଣ ଶିକ୍ଷାନୁଷ୍ଠାନକୁ ଅନୁଦାନ ଦେଉଛନ୍ତି। ଅର୍ଥର ଅଭାବ ରହୁନି । ଶିକ୍ଷକ ଅଛନ୍ତି, କିନ୍ତୁ ଆଶାଜନକ ପିଲା ନାହାନ୍ତି । କାହିଁକି ଏପରି ହେଉଛି ସେନେଇ ପ୍ରତ୍ୟେକେ ଚିନ୍ତା କରିବାର ଆବଶ୍ୟକତା ରହିଛି। ପିଲାମାନଙ୍କୁ ଉତ୍ତମ ଶିକ୍ଷା ଦେବା ପାଇଁ ଦାୟିତ୍ୱବାନ୍ ହେବାକୁ ପଡ଼ିବ। ବିଶେଷକରି ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପାଇଁ ଶିକ୍ଷାନୁଷ୍ଠାନରେ ଆଧ୍ୟାତ୍ମିକ ଜ୍ଞାନ ବିତରଣର ଆବଶ୍ୟକତା ଜରୁରୀ ବୋଲି ମନ୍ତ୍ରୀ ନାୟକ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ତଥା ଏମ୍‌ପି ଡ. ଅଚ୍ୟୁତ ସାମନ୍ତ କହିଥିଲେ, ସେ ଏକ ଗରିବ ପରିବାରରୁ ଆସି ଶୃଙ୍ଖଳା ଓ ଶିକ୍ଷା କାରଣରୁ ଏ ସ୍ଥାନରେ ପହଞ୍ଚି ପାରିଛନ୍ତି । ତେଣୁ ପିଲାମାନେ କେବେହେଲେ ବି ଶୃଙ୍ଖଳା ଓ ଶିକ୍ଷାକୁ ପଛରେ ପକାନ୍ତୁ ନାହିଁ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, କଟକ ଦକ୍ଷିଣ ମଣ୍ଡଳର ଡାକଅଧୀକ୍ଷକ ଗଜେନ୍ଦ୍ର ପ୍ରସାଦ କର, ପ୍ରଧାନ ଶିକ୍ଷକ ଶୁକଦେବ ସାହୁ, ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରଶାନ୍ତ ମୁଦୁଲି ଅତିଥିଭାବେ ଯୋଗଦେଇଥିଲେ। ପୁରାତନ ଛାତ୍ର ତଥା ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ସ୍ୱତନ୍ତ୍ର ମୁଖପତ୍ର ଅଳକା ଏବଂ ସ୍ୱତନ୍ତ୍ର ଡାକ ଟିକେଟ୍ ଉନ୍ମୋଚିତ ହୋଇଥିଲା। ସେହିପରି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ଶ୍ରୀକୃଷ୍ଣ ମହାପାତ୍ରଙ୍କ ନାତୁଣୀ ଡ. ପ୍ରତିମା ମହାପାତ୍ର, ସାହିତ୍ୟିକ ଭାଗୀରଥି ଦାସ, କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ, ଅବସରପ୍ରାପ୍ତ ପ୍ରଶାସକ କୃଷ୍ଣଚନ୍ଦ୍ର ବଡୁ, ଅବସରପ୍ରାପ୍ତ ପ୍ରଫେସର ନିରଞ୍ଜନ ରାଉତ ଓ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପୁରାତନ ଛାତ୍ର ସଂସଦ ଉପସଭାପତି ବିପ୍ଳବ ଚୌଧୁରୀ ସ୍ୱାଗତ ଭାଷଣ ଓ ଶେଷରେ ସଂସଦର ଅନ୍ୟତମ ଉପସଭାପତି ପ୍ରଣବ ଦେ ଧନ୍ୟବାଦ ଦେଇଥିଲେ। ସକାଳେ ସହରରେ ସାଂସ୍କୃତିକ ଶୋଭାଯାତ୍ରା କରାଯାଇଥିଲା। ଶିକ୍ଷାନୁଷ୍ଠାନରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ପ୍ଲାଟିନମ୍ ଜୁବିଲି ସ୍ମୃତିସ୍ତମ୍ଭ ଉଦ୍‌ଘାଟିତ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ଇଫ୍‌କୋକୁ ଏନ୍‌ଭାଇରନ୍‌ମେଣ୍ଟ ଗ୍ରୀନ୍‌ଟେକ୍ ଆୱାର୍ଡ



ଇଫ୍‌କୋର ସାଧାରଣ ପରିଚାଳକ ଆର.କେ. ପାଣ୍ଡେ ପୁରସ୍କାର ଗ୍ରହଣ କରୁଛନ୍ତି।

ପାରାଦୀପ, ୨୫।୧୧ (ଶରତ ରାଉତ)

ପାରାଦୀପ ଇଫ୍‌କୋ ସାର କାରଖାନାକୁ ଶୁକ୍ରବାର ଜମ୍ମୁ-କଶ୍ମୀରଠାରେ ୨୩ତମ ଏନ୍‌ଭାଇରନ୍‌ମେଣ୍ଟ ଗ୍ରୀନ୍‌ଟେକ୍ ଆୱାର୍ଡ ମିଳିଛି। ଏହି ଆୱାର୍ଡକୁ ଇଫ୍‌କୋର ସାଧାରଣ ପରିଚାଳକ ଆର.କେ. ପାଣ୍ଡେ ଗ୍ରହଣ କରିଥିଲେ। ସିଙ୍ଗାରେନି କୋଲିରିଜ୍ କମ୍ପାନୀ ଲିମିଟେଡ୍ ଅଧ୍ୟକ୍ଷ ଏନ୍. ଶ୍ରୀଧର ଏହି ଆୱାର୍ଡ ପ୍ରଦାନ କରିଥିଲେ। ଇଫ୍‌କୋ ଅଧ୍ୟକ୍ଷ ଉଦୟ ଶଙ୍କର ଅଗସ୍ତିଙ୍କ ନେତୃତ୍ୱରେ କମ୍ପାନୀର ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଅତ୍ୟନ୍ତ ଉଚ୍ଚମାନର ରହିଛି। ଇଫ୍‌କୋ ନିର୍ଦ୍ଦେଶକ କେ.ଜେ. ପଟେଲଙ୍କ ଶୂନ ଦୁର୍ଘଟଣା ନୀତି ଯୋଗୁ ଏହା ସମ୍ଭବ ହୋଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ମାଲେସିଆରୁ ଶୁଖୁଆ ଉତ୍ପାଦନ ସମ୍ପର୍କିତ ତାଲିମ ନେଲେ ମନୋରମା

କୁଜଙ୍ଗ/ରାହାମା, ୨୫।୧୧
(ମନୋଜ ପ୍ରଧାନ/ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଜ୍ୟୋତି ଫେଡେରେଶନର ସଭାନେତ୍ରୀ ମନୋରମା ମହାପାତ୍ର ମାଲେସିଆରୁ ଶୁଖୁଆ ଉତ୍ପାଦନ ଓ ନିରାପତ୍ତା ସମ୍ପର୍କରେ ତାଲିମ ନେଇ ଫେରିଛନ୍ତି। ଏହାପରେ ତାଙ୍କୁ ରାଜ୍ୟ ମିଶନ ଶକ୍ତି ସଚିବ ସୁଜାତା ଆର୍ କାର୍ତ୍ତିକେୟନ ୨୨ ତାରିଖରେ ଭୁବନେଶ୍ୱରରେ ସମ୍ବର୍ଦ୍ଧିତ କରିଥିବା ବେଳେ ଶୁକ୍ରବାର କୁଜଙ୍ଗ ବ୍ଲକ ପରିସରରେ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ରାଜଶ୍ରୀ ସାହୁ, ବିପିଏମ୍ ପଙ୍କଜିନୀ ଦାସ ଓ ବିପିସି ଜ୍ୟୋତ୍ସ୍ନାରାଣୀ ମନ୍ତ୍ରୀ , ଜ୍ୟୋତି ଫେଡେରେଶନର ସରୋଜିନୀ ମିଶ୍ର ଓ ଆଇସିଡିଏସ୍‌ର ସୁପରଭାଇଜର, ସହକାରୀ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

କୁଜଙ୍ଗ ବ୍ଲକର ସ୍ୱୟଂ ସହାୟିକ ଗୋଷ୍ଠୀମାନଙ୍କ ଶୁଖୁଆ ଉତ୍ପାଦନ ବଢ଼ିବା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ୧୩ରୁ ୨୧ ତାରିଖ ୯ଦିନ ପର୍ଯ୍ୟନ୍ତ ମନୋରମାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଲେସିଆ ପଠାଯାଇଥିଲା। ସେଠାରେ କିପରି ମାଛକୁ କମ୍ ସମୟ ମଧ୍ୟରେ ସୋଲାର ଡ୍ରାଏର ମାଧ୍ୟମରେ ଶୁଖାଯିବ, ମାଛି, ମଶା ଓ ପିମ୍ପୁଡି କବଳରୁ ମାଛକୁ କିପର ସୁରକ୍ଷିତ ରଖିହେବ ସେନେଇ ମନୋରମାଙ୍କୁ ତାଲିମ ଦିଆଯାଇଛି। ସୂଚନାଯୋଗ୍ୟ, ୱାର୍ଲ୍ଡ ଫିସ୍ ଓ ମିଶନ ଶକ୍ତି ସହଭାଗିତାରେ ଶୁଖୁଆର ମାନ ଓ ଉତ୍ପାଦନ ବୃଦ୍ଧିପାଇଁ ୨୦୨୦ରେ ରାଜ୍ୟ ସରକାରଙ୍କ ତରଫରୁ ୧୦ଟି ସୋଲାର ଡ୍ରାଏର ପରୀକ୍ଷା ମୂଳକଭାବେ ଅଣାଯାଇଥିଲା । ସେଥିମଧ୍ୟରୁ ୨ଟି ଜଗତ୍‌ସିଂହପୁର ଜିଲାକୁ ଦିଆଯାଇଥିଲା। ସୌଭାଗ୍ୟବଶତଃ ଉଭୟ ସୋଲାର ଡ୍ରାଏର କୁଜଙ୍ଗ ବ୍ଲକର ମା' ଏସ୍‌ଏଚ୍‌ଜି ଓ ମା' ରାମଚଣ୍ଡୀ ପ୍ରଡ୍ୟୁସର ଗ୍ରୁପ୍ ବଗଦିଆକୁ ପ୍ରଦାନ କରାଯାଇଥିଲା । ଏହି ସୋଲାର ଡ୍ରାଏର ଲାଗିବା ଦ୍ୱାରା ଶୁଖୁଆର ମାନ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଉତ୍ପାଦନ ମଧ୍ୟ ବୃଦ୍ଧିପାଇବ।

## ସଂକ୍ଷେପରେ

### ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍‌କାର ନିଷ୍ପତ୍ତି ରଦ୍ଦ ହେବାରୁ ଅସନ୍ତୋଷ

ପାରାଦୀପ, ୨୫।୧୧
(ଶରତ ରାଉତ)

ରାଷ୍ଟ୍ରପତିଙ୍କ ଗସ୍ତ ଓ ପ୍ରଶାସନିକ ବନ୍ଦୋବସ୍ତ ଉପରେ ଅସନ୍ତୋଷ ପ୍ରକଟ କରିଛନ୍ତି ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ସଭାପତି ଶ୍ରୀକାନ୍ତ ପରିଡ଼ା। କାରଣ ତାଙ୍କ ସଂଘର ୨୫ ମତ୍ସ୍ୟଜୀବୀଙ୍କ ସହିତ ରାଷ୍ଟ୍ରପତି ମୁର୍ମୁ ସାକ୍ଷାତ୍ କରିବେ ବୋଲି ସୂଚନା ଦିଆଯାଇଥିଲା। ଶନିବାର ଉକ୍ତ ନିଷ୍ପତ୍ତି ରଦ୍ଦ କରାଯାଇଛି ବୋଲି ଶ୍ରୀକାନ୍ତ କହିଛନ୍ତି। ତାଙ୍କ ସୂଚନା ମୁତାବକ, ରାଷ୍ଟ୍ରପତି ମୁର୍ମୁ ବୋଇତ ବନ୍ଦାଣ ଉତ୍ସବ ପରେ ୨୫ ଜଣ ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରିବେ ବୋଲି ୧୦ ଦିନ ତଳେ ମତ୍ସ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକ ତୁଷାରକାନ୍ତି ମହାପାତ୍ର ସୂଚନା ଦେଇଥିଲେ। ସେମାନଙ୍କ ନାମ ତାଲିକା ମଧ୍ୟ ଦିଆଯାଇଥିଲା। ଶୁକ୍ରବାର ୫ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ଅନ୍ୟମାନଙ୍କ କୋଭିଡ୍ ପରୀକ୍ଷା ହେବା ପୂର୍ବରୁ ଆମ ନାମ ବାଦ୍ ଦିଆଯାଇ ଅନ୍ୟମାନଙ୍କୁ ସେଥିରେ ସାମିଲ କରାଯାଇଛି ବୋଲି ଏଡିଏଫ୍ ମହାପାତ୍ର ତାଙ୍କୁ କହିଥିଲେ। ଏହି ତାଲିକା ଉପରିସ୍ଥ ଅଧିକାରୀମାନେ ଚୟନ କରିଛନ୍ତି ବୋଲି ସେ ଜଣାଇଥିଲେ। ଏପରି ନିଷ୍ପତ୍ତି ଆମକୁ ଆଘାତ ଦେଇଛି। ଆଗାମୀ ଦିନରେ ଆମେ ଆଉ ପ୍ରଶାସନିକ ଆଲୋଚନା ବେଳେ କୌଣସି ସହଯୋଗ କରିବୁ ନାହିଁ ବୋଲି ପରିଡ଼ା କହିଛନ୍ତି।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ବ୍ୟାପକ ଫୋର୍ସ ମୁତୟନ

ପାରାଦୀପ, ୨୫।୧୧ (ଶରତ ରାଉତ)



ପାରାଦୀପ ବନ୍ଦର ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ପାରାଦୀପ ଆସିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବନ୍ଦର ସହରରେ ଶନିବାରଠାରୁ ପୋଲିସ ଛାଉଣି ହୋଇଗଲାଣି। ଘନ ଘନ ହେଲିକପ୍ଟର ଉଡ଼ାଣ ହେଉଛି। ବାୟୁସେନା ଓ କୋଷ୍ଟଗାର୍ଡ ହେଲିକପ୍ଟର ଅସ୍ଥାୟୀ ହେଲିପ୍ୟାଡ୍ ଗୋପବନ୍ଧୁ ଷ୍ଟାଡିୟମରେ ଅବତରଣ ଉଡ଼ାଣ କରିଛନ୍ତି। ଏଥିସହ ଷ୍ଟାଡିୟମଠାରୁ ମେରାଇନ୍ ଜେଟି ପର୍ଯ୍ୟନ୍ତ ରାସ୍ତାରେ ବାରିକେଡ୍ କରାଯାଇଛି। ରାସ୍ତାକୁ ରଙ୍ଗରେ ସଜାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ଆଇଜିଙ୍କ ସମେତ ଜଣେ ଏସ୍‌ପି, ୫ କମାଣ୍ଡିଂ ଅଫିସର, ୧୩ ଡିଏସ୍‌ପି ଓ ୩୦ ପ୍ଲାଟୁନ୍ ପୋଲିସ ମୁତୟନ କରାଯାଇଛି।

# ବାପା ଏକ ଶବ୍ଦ ନୁହେଁ ଆତ୍ମବିଶ୍ୱାସର ଆୟୁଧ

## ସାମାଜିକ କର୍ମୀଙ୍କ ସ୍ମୃତିସଭା

କୁଜଙ୍ଗ, ୨୫।୧୧ (ମନୋଜ ପ୍ରଧାନ)

କୁଜଙ୍ଗ ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ ତଥା ଶିଳ୍ପପତି ମଦନ ମୋହନ ସ୍ୱାଇଁଙ୍କ ବାପା ସ୍ୱର୍ଗତ ଦୁର୍ଲଭ ଚରଣ ସ୍ୱାଇଁଙ୍କ ୨ୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତିସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବାପା ଏକ ଶବ୍ଦ ନୁହେଁ ଆତ୍ମବିଶ୍ୱାସର ଆୟୁଧ ବୋଲି ଶନିବାର ନବାଡ଼ିଆସ୍ଥିତ ବାସଭବନ ପ୍ରାଙ୍ଗଣରେ ପୂର୍ବତନ ସରପଞ୍ଚ ବିଜୟ ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥିଭାବେ ବାଲିଘରର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ଅନ୍ୟତମ ଅତିଥିଭାବେ ନଗେନ୍ଦ୍ରନାଥ ସ୍ୱାଇଁ, ରୁନିବାଳା ମଲ୍ଲିକ, ଗୀତା ଦାସ, ନିତମ୍ବିନୀ ସାମନ୍ତରାୟ, ବାବୁରାମ ଚୌଧୁରୀ, ଆଇନଜୀବୀ ଉଷ୍ମରଶ୍ମି ବିଶ୍ୱାଳ, ଅଧ୍ୟାପକ ହିରଣ୍ୟ ସ୍ୱାଇଁ, ଶିବ ପ୍ରସାଦ ସାହୁ, ସତ୍ୟଶଙ୍କର ମିଶ୍ର, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା ପ୍ରମୁଖ ଯୋଗଦେଇଥିଲେ। ମଧ୍ୟମା ବୋହୂ କବୟିତ୍ରୀ ମାନସୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବାପା ଶୀର୍ଷକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମଞ୍ଜୁଶ୍ରୀ ପ୍ରଧାନ, ଶଙ୍କର ଦାସ, ସରୋଜିନୀ ମିଶ୍ର, ନବୀନ ପ୍ରଧାନ ପ୍ରମୁଖ ବହୁ କବୟିତ୍ରୀ, କବି ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ବହୁ ଖବରଦାତାଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଜ୍ଞାନ ବଳରେ ମଣିଷ ବିକାଶ ପଥରେ ବାଟଚାଲୁଛି

## ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା : ୧୦୮ ପ୍ରକଳ୍ପ ପ୍ରଦର୍ଶିତ

ବିରିଡି, ୨୫।୧୧ (ପ୍ରଶାନ୍ତ କୁମାର ରାଉତ)


ଜଣେ କୃତୀ ପ୍ରତିଯୋଗୀଙ୍କୁ ବିଧାୟକ ବିଜୟ ଶଙ୍କର ଦାସ ପୁରସ୍କୃତ କରୁଛନ୍ତି।

ବିଜ୍ଞାନ ବଳରେ ମଣିଷ ଆଜି ବିକାଶ ପଥରେ ବାଟ ଚାଲୁଛି । ଯାତାୟାତ ଠାରୁ ଆରମ୍ଭ କରି ପ୍ରଯୁକ୍ତି ବିଦ୍ୟାରେ ସଫଳତା ପାଇବା ବିଜ୍ଞାନ ଯୋଗୁ ସମ୍ଭବ ହୋଇଛି ବୋଲି ଶୁକ୍ରବାର ବିରିଡି ବ୍ଲକ ଦିବ୍ୟମଧୁ ଜୟନ୍ତୀ ଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ୨୫ତମ ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ମେଳାରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଏଥିରେ ବ୍ଲକ ଶିକ୍ଷାଧିକାରୀ ସୌଦାମିନୀ ମହାପାତ୍ର ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ବିରିଡି ବିଡିଓ ବେବିତା ମଞ୍ଜରୀ ନାୟକ, ମୁଖ୍ୟବକ୍ତାଭାବେ ପୂର୍ବତନ ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ରାମଚନ୍ଦ୍ର ସ୍ୱାଇଁ, ବାସନ୍ଦରାର ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା, ବିଜ୍ଞାନ ମେଳାର ସମ୍ପାଦକ ପ୍ରଧାନଶିକ୍ଷକ ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ମହାପାତ୍ର ପୌରୋହିତ୍ୟ କରିଥିବାବେଳେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ଅନ୍ୟତମ ଅତିଥିଭାବେ ବ୍ଲକଅଧ୍ୟକ୍ଷା ମମତା ପାତ୍ର, ମୁଖ୍ୟବକ୍ତାଭାବେ ଜିଲାପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାସ, ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ସରପଞ୍ଚ ଜେନା, ସମିତିସଭ୍ୟ ସ୍ନେହାଶିଷ ଜେନା, ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ହରେକୃଷ୍ଣ ସାହୁ ଯୋଗଦେଇଥିଲେ। ମେଳାରେ ମୋଟ ୧୦୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ଜିଲାସ୍ତରକୁ ୫ ବାଲ୍‌ବୈଜ୍ଞାନିକ, ରାଷ୍ଟ୍ରୀୟ ଅଭିଯାନରେ ୬ଟି ପ୍ରକଳ୍ପ ଓ ପ୍ରାଥମିକ ବିଦ୍ୟାଳୟସ୍ତରରେ ୫ ପ୍ରକଳ୍ପ ମନୋନୀତ ହୋଇଛି । ଶେଷରେ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

# କେନ୍ଦ୍ର ପାନୀୟ ଜଳ ପ୍ରକଳ୍ପକୁ ଅଣଦେଖା ଅଭିଯୋଗ

## ଭାଜପାର ଖବରଦାତା ସମ୍ମିଳନୀ

ଏରସମା, ୨୫। ୧୧
( ଦୀପ୍ତି ରଞ୍ଜନ ଖଣ୍ଡୁଆଳ )




ଏରସମା ଭାଜପା ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଦଳୀୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ମିଳନୀରେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ନୃସିଂହ ସାହୁ, ଓବିସି ମୋର୍ଚ୍ଚା ଜିଲା ସଂଯୋଜକ ନିମାଇଁ ଚରଣ ଜେନା ପ୍ରମୁଖ ଉପସ୍ଥିତ ରହି ପାନୀୟ ଜଳ ଉପରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ପ୍ରତି ରାଜ୍ୟ ସରକାର ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ଏହି ଅବସରରେ ସଂଯୋଜକ ସାହୁ କହିଲେ, ଜନସଂଖ୍ୟା ବୃଦ୍ଧି ଓ ସମୁଦ୍ର ଉପକୂଳ ଅଞ୍ଚଳରେ ଗଢ଼ି ଉଠୁଥିବା ଶିଳ୍ପାୟନ ଯୋଗୁ ଜଳସ୍ତର କମିଯାଉଛି। ଫଳରେ ଲୋକେ ମଧୁର ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି । ଏହି ସମସ୍ୟାକୁ ଦୂର କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ଏହାକୁ ରାଜ୍ୟରେ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଗୁରୁତ୍ୱାରୋପ କରିଆସୁଛନ୍ତି। ମାତ୍ର ପରିତାପର ବିଷୟ, କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ପ୍ରଶାସନ କାର୍ଯ୍ୟକ୍ଷମ କରୁନାହାନ୍ତି। ଜଗତ୍‌ସିଂହପୁର ଜିଲାର ୨ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କ୍ଷେତ୍ରରେ ଆଶାତୀତ ମନ୍ଥରତାକୁ ଏଠାରେ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ ବୋଲି ସଂଯୋଜକ ସାହୁ କହିଥିଲେ। ଏ ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ବାରମ୍ବାର ସମୀକ୍ଷା କରି ଆସୁଥିଲେ ମଧ୍ୟ ଜିଲା ପ୍ରଶାସନର ଅବହେଳା ଯୋଗୁ ଜନସାଧାରଣ ତାହାର ସୁଫଳ ପାଇପାରୁନାହାନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀରେ ଦାବି କରାଯାଇଥିଲା। ନଚେତ ବାଧ୍ୟ ହୋଇ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଯୋଜକ ସାହୁ ଚେତାବନୀ ଦେଇଛନ୍ତି।

# ଯୁବକମାନେ ହିଁ ସମାଜ ପରିବର୍ତ୍ତନର ଅମୋଘ ଅସ୍ତ୍ର

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଏରସମା, ୨୫।୧୧ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ, କଲେଜ ଅଧ୍ୟକ୍ଷ ଅଶୋକ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କଲେଜ ପରିଚାଳନା କମିଟିର ସଭାପତି ଶକ୍ତି ପ୍ରସନ୍ନ ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବକମାନଙ୍କ ସର୍ବାଙ୍ଗୀନ ଉନ୍ନତି ସାଧନ କରିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। କାରଣ ଯୁବକମାନେ ହିଁ ସମାଜ ପରିବର୍ତ୍ତନର ଅମୋଘ ଅସ୍ତ୍ର ବୋଲି ସେ ପ୍ରକାଶ କରିଥିଲେ। ଏଥିରେ ଯୁକ୍ତ ୨ ଅଧ୍ୟକ୍ଷ ବିଭୁ ରଞ୍ଜନ ଦାସ, ଅଧ୍ୟାପକ ଚିତ୍ତରଞ୍ଜନ ମହାପାତ୍ର, ଅଶୋକ କୁମାର ସାମଲ, କାହ୍ନୁ ଚରଣ ନାୟକ, ଯୁକ୍ତ ୩ ନୋଡାଲ ଅଫିସର ଧୀରେନ କୁମାର ପାତ୍ର, ଯୁକ୍ତ ୨ ନୋଡାଲ ଅଫିସର ଅତୁଲ୍ୟ କୁମାର ଖଣ୍ଡୁଆଳ, ସଞ୍ଜୀବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବିତା ପାଠ, ବକ୍ତୃତା, ଚିତ୍ରାଙ୍କନ, ଗ୍ରାଫିକ୍ସ ଆର୍ଟ, ବ୍ୟଙ୍ଗ ଚିତ୍ର, ମୋବାଇଲ ମାଧ୍ୟମରେ ଯୁବ ଚଳଚ୍ଚିତ୍ର ନିର୍ମାଣ,ସଙ୍ଗୀତ, ନୃତ୍ୟ, କମେଡି ଓ ପାରମ୍ପରିକ ନୃତ୍ୟ ଉପରେ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ପିଆଇସିଟି ଫାଟକ ବନ୍ଦକଲେ ଶ୍ରମିକଙ୍କ ପରିବାର

ପାରାଦୀପ, ୨୫।୧୧ (ଶରତ ରାଉତ)



କମ୍ପାନୀ ଫାଟକ ଆଗରେ ଶ୍ରମିକମାନେ ପରିବାର ସହ ବସିଛନ୍ତି।

- ୨୨ରୁ ୧୦ ଦଫା ଦାବିରେ ଧାରଣାରେ ବସିଥିଲେ
- ଡିସେମ୍ବର ୧୨ରେ ଆଲୋଚନା ପ୍ରତିଶ୍ରୁତି ପରେ ଓହରିଲେ

ପାରାଦୀପ ବନ୍ଦରର ୫ ନମ୍ବର ଗେଟ୍ ପାଖ ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ଫାଟକ ବନ୍ଦକରି ଶନିବାର ଶ୍ରମିକମାନେ ପରିବାର ସହ ଧାରଣା ଦେଇଥିଲେ। ଫଳରେ ପିଆଇସିଟି ବର୍ଥରେ ପଣ୍ୟ ପରିବହନ ଅଚଳାବସ୍ଥା ହେବାରୁ କମ୍ପାନୀ, ଜିଲା ପ୍ରଶାସନ ଓ ୟୁନିୟନ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଡିସେମ୍ବର ୧୨ରେ ଆଲୋଚନା ମାଧ୍ୟମରେ ଶ୍ରମିକମାନଙ୍କ ଏସବୁ ଦାବି ଉପରେ ଆଲୋଚନା ପାଇଁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ଉଠିଥିଲା ବୋଲି ୟୁନିୟନ ପରାମର୍ଶଦାତା ସୁଧାକର ମନ୍ତ୍ରୀ ସୂଚନା ଦେଇଛନ୍ତି। ପିଆଇସିଟି ମଧ୍ୟରେ କେତେକ ଠିକାସଂସ୍ଥାର କର୍ମଚାରୀମାନଙ୍କୁ ଛଟେଇ, ନିୟମିତ ଦରମା ଦେବା, ବୋନସ, ପୁରୁଣା ବକେୟା, ଅତିକୁଶଳୀ ଭାବେ ମଜୁରି ଦେବା ଭଳି ୧୦ ଦଫା ଦାବି ନେଇ ଗତ ୨୨ରୁ ଶ୍ରମିକମାନେ ଧାରଣା ଦେଇଥିଲେ। ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନ ଏହି ଦାବିପତ୍ର ପିଆଇସିଟି, ବନ୍ଦର ପ୍ରଶାସନ ଓ ଜିଲା ପ୍ରଶାସନକୁ ଦେଇଥିଲା।

ଶାନ୍ତିପୂର୍ଣ୍ଣ ଧାରଣା ଦ୍ୱାରା କୌଣସି ସୁଫଳ ନ ମିଳିବାରୁ ଫାଟକ ଅବରୋଧ କରିବା ପାଇଁ ଆମେ ବାଧ୍ୟହେଲୁ ବୋଲି ୟୁନିୟନ ସମ୍ପାଦକ ରତ୍ନାକର ସ୍ୱାଇଁ କହିଛନ୍ତି। ଘଟଣା ସମ୍ପର୍କରେ ପିଆଇସିଟି କମ୍ପାନୀ ମାନବ ସମ୍ବଳ ବିଭାଗ ଅଧିକାରୀ ଶାରଦା ନାୟକ କୁହନ୍ତି, ଆମେ ସବୁପ୍ରକାର କଥା ଶୁଣିଛୁ। ଯେଉଁ ଠିକାସଂସ୍ଥା ଉପରେ ଅଭିଯୋଗ କରିଛନ୍ତି ତାହା ଶ୍ରମ କମିଶନରଙ୍କ ପାଖରେ ବିଚାରାଧୀନ ରହିଛି। ଆଲୋଚନା ପାଇଁ ଏକାଧିକ ବାର ଚିଠି ଯୋଗେ ଡକାଯାଇଥିଲେ ହେଁ ୟୁନିୟନ କର୍ମକର୍ତ୍ତା ବୈଠକକୁ ଯାଉନାହାନ୍ତି। ଏପରି ଧାରଣା ଦେବା ଦ୍ୱାରା ଆମର ଜାହାଜ ବର୍ଥ ଓ କାରବାର ବାଧାପ୍ରାପ୍ତ ହୋଇଛି। ଏଥିରେ କମ୍ପାନୀର କୋଟିଏରୁ ଅଧିକ ଟଙ୍କା କ୍ଷତି ହୋଇଛି। ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ଏପରି ଧାରଣା ପ୍ରସଙ୍ଗ ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସଂକ୍ଷେପରେ

### ଡ୍ରେନ୍‌ରେ ପଡୁଛି ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ଲାଗି ତୁଳସୀ

**ନୟାଗଡ଼,୨୫।୧୧(ଲୋକନାଥ ମିଶ୍ର):** ନୟାଗଡ଼ ପୁରୁଣା ସହରର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ତୁଳସୀ, ଫୁଲ ଡ୍ରେନରେ ପକାଯାଉଥିବାର ଅଭିଯୋଗ ହୋଇ ଆସୁଛି । ଏହାର ପ୍ରତିକାର ପାଇଁ ବିଭିନ୍ନ ସମୟରେ ପ୍ରତିବାଦ, ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଉଥିଲେ ମଧ୍ୟ ପ୍ରତିକାର ନାହିଁ । ସେହିପରି ଜଗନ୍ନାଥ ମନ୍ଦିର ପରିସରରେ ଥିବା ଜଗନ୍ନାଥଙ୍କ ପାର୍ଶ୍ୱଦେବତାଙ୍କ ଫୁଲ, ତୁଳସୀ, ବେଲପତ୍ର ମଧ୍ୟ ଡ୍ରେନ ଓ ମନ୍ଦିର ପ୍ରାଚୀର କଡରେ ପଡୁଛି । କେତେଜଣ ଟହଲିଆ ଏପରି କରୁଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ବିଷ୍ଣୁ ଏକାଦଶୀରେ ୮ ନଂ. ୱାର୍ଡର ଡ୍ରେନରେ ଜଗନ୍ନାଥଙ୍କ ଶ୍ରୀଅଙ୍ଗ ଲାଗି ତୁଳସୀ, ଫୁଲ ଫୋପଡା ଯାଇଥିଲା । ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ତେବେ ଏହାର ପ୍ରତିକାର ଆଜି ପର୍ଯ୍ୟନ୍ତ ହୋଇନାହିଁ ବୋଲି ସ୍ଥାନୀୟ ଲୋକମାନେ କହୁଛନ୍ତି ।

### ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

**ଗୋପାଳପୁର,୨୫।୧୧(ନବୀନ ରାଜ ଆଚାରୀ)**

ହତ୍ୟା ଉଦ୍ୟମ ମାମଲାର ଫେରାର ଥିବା ଅନ୍ୟତମ ଅଭିଯୁକ୍ତଙ୍କୁ ଶନିବାର ସନ୍ଧ୍ୟାରେ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ରଣ୍ଡା ଗ୍ରାମ ହରିଜନ ସାହିର କାହ୍ନା ଦାସ। ପଚାର ଉଚରା ପରେ କାହ୍ନାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଏହି ଥାନା ଅଧିନସ୍ଥ ପଞ୍ଚମା ଗ୍ରାମରେ ସେପ୍ଟେମ୍ବର ୨୦ ତାରିଖ ମଧ୍ୟାହ୍ନ ସମୟରେ ରାଜେଶ ଦାସ ସହିତ ସେହି ଗ୍ରାମର ଭୀମା ପ୍ରଧାନଙ୍କ ମଧ୍ୟରେ କୌଣସି କଥାକୁ ଝଗଡା ମାରପିଟ ହୋଇଥିଲା। ପୁଣି ସନ୍ଧ୍ୟାରେ ରାଜେଶ ଓ ଦୁଇ ଜଣ ମିଶି ଭିମା ଘରକୁ ଯାଇ ଖୋଜିଥିଲେ। ପରେ ରାଜେଶ ଭିମା ଘରେ ପଶି ତାଙ୍କ ବାପା ନିରଞ୍ଜନ ପ୍ରଧାନଙ୍କୁ କାତିରେ ମରଣାନ୍ତକ ଆକ୍ରମଣ କରି ଘଟଣାସ୍ଥଳରୁ ରାଜେଶ ଚମ୍ପଟ ମାରିଥିଲା। ଏ ନେଇ ଭିମା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ବାସ୍କେଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବୁଗୁଡ଼ା,୨୫।୧୧(କାଳୀଚରଣ ଦାଶ)**

ସ୍ଥାନୀୟ ପିପୁଲ୍ସ କଲେଜ କ୍ରୀଡ଼ା ପ୍ରାଙ୍ଗଣରେ ୫୪ତମ ଆନ୍ତଃ ମହାବିଦ୍ୟାଳୟ ବାସ୍କେଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଦ୍ୱିଦିବସୀୟ ଟୁର୍ନାମେଣ୍ଟକୁ ପିପୁଲ୍ସ କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର କାର୍ଯ୍ୟନିର୍ବାହୀ ସଦସ୍ୟ ଜେ. କାମେଶ୍ୱର ରାଓ, ପିପୁଲ୍ସ କଲେଜ ଆଇକ୍ୟୁଏସି ସଂଯୋଜକ ପ୍ରଦୀପ କୁମାର ଦାଶ ଓ କ୍ରୀଡ଼ା ସଂଘ ଉପସଭାପତି ସୁଶାନ୍ତ କୁମାର ସାହୁ ଯୋଗଦେଇଥିଲେ। ପିପୁଲ୍ସ କଲେଜର ଆଥ୍‌ଲେଟିକ୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ ଉକ୍ତ ଟୁର୍ନାମେଣ୍ଟରେ ୭ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ଟି ଗୋପାଳପୁର କଲେଜ ଓ ବୁଗୁଡ଼ା କଲେଜ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

# ଆଜିର ଜିଜ୍ଞାସୁ ଶିଶୁ କାଲିର ବୈଜ୍ଞାନିକ

**ଖଣ୍ଡପଡ଼ା ବ୍ଲକସ୍ତରୀୟ ବିଜ୍ଞାନମେଳା, ୫ ପ୍ରକଳ୍ପ ମନୋନୀତ**

**ଖଣ୍ଡପଡ଼ା,୨୫।୧୧(ଅଜୟ କୁମାର ମହାରଣା)**

ପ୍ରତ୍ୟେକ ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ପ୍ରତିଭା ଲୁଚି ରହିଛି। ବାରମ୍ବାର ପ୍ରଶ୍ନ ପଚାରିବାର ଜିଜ୍ଞାସା ବୈଜ୍ଞାନିକ ସୃଷ୍ଟି କରିବା ଲକ୍ଷଣ। ତେଣୁ ସେସବୁ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ମା’, ବାପା ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାମାନଙ୍କୁ ସୁଯୋଗ ଦେଲେ ସେମାନେ ନିଶ୍ଚିତ ଭାବେ ଭବିଷ୍ୟତରେ ଜଣେ ବୈଜ୍ଞାନିକ ହୋଇ ପାରିବେ । ଏଣୁ ଆଜିର ଜିଜ୍ଞାସୁ ଶିଶୁ ଆସନ୍ତାକାଲିର ଜଣେ ବୈଜ୍ଞାନିକ ବୋଲି ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗୋକୁଳାନନ୍ଦଜୀଉ ବିଦ୍ୟାମନ୍ଦିର ପରିସରରେ ବୁଧବାର ଆୟୋଜିତ ବ୍ଲକସ୍ତରୀୟ ୨୯ତମ ବିଜ୍ଞାନମେଳାକୁ ଉଦ୍‌ଘାଟନ କରି ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଛନ୍ତି । ମୁଖ୍ୟବକ୍ତାଭାବେ ବରିଷ୍ଠ ଜିଲାପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ଓ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ସିଧାମୂଳା ସରପଞ୍ଚ ଗୀତାଳି ଜେନା, ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ , ନାରାୟଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁ ଏଥିରେ ସଂଯୋଜନା କରିଥିଲେ। ଯୋଗିଆପଲ୍ଲୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବରିଷ୍ଠ ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ସାହୁ ବିଜ୍ଞାନମେଳା ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ଶୁଭଶ୍ରୀ ଦାଶ ଓ ପ୍ରଜ୍ଞା ପାରମିତା ଦାଶ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

ଅପରାହ୍ନରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲା ସହକାରୀ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ସମ୍ମାନୀତ ଅତିଥି ରୂପେ ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ୬ନଂ. ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, ସମିତି ସଭ୍ୟ ମହେଶ୍ୱର ରାଉତ, ମୋ ସ୍କୁଲ ଅଭିଯାନ ସଭାପତି ନିରଞ୍ଜନ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୀପକ ରଞ୍ଜନ ରାଉତ ଏବଂ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ମୁଖ୍ୟ ସଂଯୋଜକ ଭାବେ ଯୋଗଦେଇଥିଲେ । ଖଣ୍ଡପଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ସର୍ବକନିଷ୍ଠ ବର୍ଗରେ ୩୨ଟି, କନିଷ୍ଠ ବର୍ଗରେ ୬୪ ଓ ବରିଷ୍ଠ ବର୍ଗରେ ୪୯ ଏହିପରି ସର୍ବମୋଟ ୧୪୫ ଟି ପ୍ରକଳ୍ପ ବିଜ୍ଞାନମେଳାରେ ପ୍ରଦର୍ଶିତ ହୋଇଥିଲା। ଅଭିଜ୍ଞ ବିଚାରକମଣ୍ଡଳୀଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ୫ ଟି ଶ୍ରେଷ୍ଠ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଛି। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାରର ବିତରଣ କରାଯାଇଥିଲା।

# କାର୍‌ରୁ ୩୦ କେଜି ଗଞ୍ଜେଇ ଜବତ

- ଏସି ବକେଟ୍‌ରେ ରଖାଯାଇଥିଲା
- ଶାଳକ,ଭିଣୋଇ ଗିରଫ

**ନୟାଗଡ଼,୨୫।୧୧(ଲୋକନାଥ ମିଶ୍ର)**



ଗିରଫ ହୋଇଥିବା ଶାଳକ, ଭିଣୋଇ ।

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ଜଗନ୍ନାଥ ମନ୍ଦିର ନିକଟରୁ ନୟାଗଡ଼ ଅବକାରୀ ସ୍କ୍ୱାର୍ଡ ୩୦ କେଜି ଗଞ୍ଜେଇ ସହ ଏକ କାର ଜବତ କରିଛି । ଜବତ କାରର ଏସି ବକେଟ୍ ଭାଙ୍ଗି ୩୦ କେଜି ଗଞ୍ଜେଇ ଜବତ ହୋଇଛି । ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗକରେ ଅବକାରୀ ସ୍କ୍ୱାର୍ଡ ବୌଦ୍ଧଜିଲା ପୁରୁଣାକଟକ ଥାନା ଆଦେନୀଗୁଡ଼ା ଗାଁର ଅମରଜିତ୍ ଦୀପ(୩୬) ଓ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ବାବଡାଗିଆ ଗାଁର ମାନସ ଦିଗା(୨୫)ଙ୍କୁ ଗିରଫ କରିଛି । ଏମାନେ ସମ୍ପର୍କରେ ଶାଳକ ଭିଣୋଇ ବୋଲି ସୂଚନା ମିଳିଛି । ଉଭୟଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ । ଅବକାରୀ ସ୍କ୍ୱାର୍ଡ ଇନ୍ସପେକ୍ଟର ଭକ୍ତ ପ୍ରସାଦ ବର୍ମାଙ୍କ ସୂଚନା ଅନୁଯାୟୀ, ଫୁଲବାଣୀ ଅଞ୍ଚଳରୁ ଏକ କାର(ନଂ.ଓଡି-୩୩-୭୬୫୬)ରେ ଗଞ୍ଜେଇ ଚାଲାଣ ହେଉଥିବା ଅଭିଯୋଗ ମିଳିଥିଲା । ଖବର ପାଇ ନୟାଗଡ଼ ଅବକାରୀ ବିଭାଗର ସ୍କ୍ୱାର୍ଡ ନୟାଗଡ଼ ନୂଆ ବସଷ୍ଟାଣ୍ଡ ନିକଟରେ ଯାନବାହାନ ଧରପଗଡ଼ କରୁଥିଲେ । ଗଞ୍ଜେଇ ଚାଲାଣ ହେଉଥିବା କାରଟିକୁ ଅବକାରୀ ବିଭାଗର କର୍ମଚାରୀ ଅଟକାଇଥିଲେ ମଧ୍ୟ ରହି ନ ଥିଲା । ଅବକାରୀ ସ୍କ୍ୱାର୍ଡ ପକ୍ଷରୁ ଜଗନ୍ନାଥ ମନ୍ଦିର ନିକଟରୁ ଶନିବାର କାରକୁ ଅଟକାଇ ଯାଞ୍ଚ କରାଯାଇଥିଲା । ତେବେ ଗଞ୍ଜେଇ ଜବତ କରାଯାଇ ପାରି ନ ଥିଲା । ପରେ ସୂଚନାକାରୀଙ୍କ ସୂଚନା ଅନୁସାରେ ଏସି ବକେଟ୍‌କୁ ତନଖି ପରେ ଗଞ୍ଜେଇ ଥିବା ଜଣାପଡିଥିଲା । ଗଞ୍ଜେଇ ଭୁବନେଶ୍ୱର ଚାଲାଣ ହେଉଥିବାର କୁହାଯାଉଥିଲେ ହେଁ ତଦନ୍ତ ଚାଲୁ ରହିଛି ବୋଲି ସେ କହିଛନ୍ତି ।

# ଓଡ଼ଗାଁରେ ଶ୍ରୀସତ୍ୟସାଇ ବାବାଙ୍କ ଜୟନ୍ତୀ



ସତ୍ୟସାଇଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

**ଓଡ଼ଗାଁ,୨୫।୧୧(ଆଦର୍ଶ କୁମାର ପଟ୍ଟନାୟକ)**

ସତ୍ୟ,ଧର୍ମ,ଶାନ୍ତି,ପ୍ରେମ ଓ ଅହିଂସାର ପ୍ରତୀକ ଶ୍ରୀସତ୍ୟସାଇ ବାବାଙ୍କ ୯୮ ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି । ଶ୍ରୀସତ୍ୟସାଇ ଆଧାତ୍ମିକ ଶିକ୍ଷା ଓ ସାମୁହିକ ସେବା ସଙ୍ଗଠନ ତଥା ଶ୍ରୀସତ୍ୟସାଇ ସମିତି ଆନୁକୂଲ୍ୟରେ ଆୟୋଜିତ ଉତ୍ସବ ଅବସରରେ ଭୋରୁ ନଗର ସଂକୀର୍ତ୍ତନ, ଷୋଡଶଉପଚାର ପୂଜା, ମଧ୍ୟାହ୍ନ ଓ ସନ୍ଧ୍ୟାରେ ସାମୁହିକ ଭଜନ, ନାରାୟଣ ସେବା ସହିତ ବୃଦ୍ଧାଶ୍ରମରେ ଅନ୍ନବସ୍ତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସହିତ ଶ୍ରଦ୍ଧାଳୁଙ୍କ ଘରେ ସାଇ ଜ୍ୟୋତି ନିମନ୍ତ୍ରଣ ପୂର୍ବକ ଭଜନ ଚାଲୁ ରହିଥିଲା । ଏହି କାର୍ଯ୍ୟକ୍ରମ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଥିଲା । ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ୯୮ ପ୍ରଦୀପ ପ୍ରଜ୍ୱଳନ କରାଯାଇ ହାପି ବାର୍ଥ ଡ଼େ ଟୁ ୟୁ ସାଇ ଗାନ କରାଯାଇଥିଲା । ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁଙ୍କ ସମେତ ଆଖପାଖରୁ ଶତାଧିକ ସାଇ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ । ସମିତି ଆବାହକ ଲଳିତେନ୍ଦୁ ନନ୍ଦ, କିଶୋର ଚନ୍ଦ୍ର ସାହୁ, ପ୍ରସନ୍ନ କୁମାର ଭଞ୍ଜ ଏହାକୁ ପରିଚାଳନା କରିଥିଲେ । ସାମୁହିକ ସେବା କେନ୍ଦ୍ର ସଭାପତି ଆଦର୍ଶ କୁମାର ପଟ୍ଟନାୟକ ଓ ଯୁବ ସଂଯୋଜକ ଚନ୍ଦନ କୁମାର ପାତ୍ର ସେବା କେନ୍ଦ୍ରର ସାମୁହିକ ଉନ୍ନତି ନିମନ୍ତେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

### ସତ୍ୟସାଇଙ୍କ ଜୟନ୍ତୀ ପାଳିତ

**ଦଶପଲ୍ଲା,୨୫।୧୧(ପ୍ରକାଶ କୁମାର ପାଣି)**

ଗୁରୁବାର ଶ୍ରୀସତ୍ୟ ସାଇବାବାଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ନଗର କୀର୍ତ୍ତନ, ଷୋଡ଼ଶ ଉପଚାର ପୂଜା, ଜରାଶ୍ରମ ଓ ଡାକ୍ତରଖାନାରେ ଫଳ ବଣ୍ଟନ, ଦେବାଳୟରେ ପ୍ରସାଦ ବଣ୍ଟନ କରାଯିବା ପରେ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ବେଦ ପାଠ ଭଜନ ସହ ସନ୍ଧ୍ୟାରେ ବାଲ୍ ବିକାଶ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥି ସହ ଜନ୍ମଦିନର ବାର୍ତ୍ତା ଏବଂ ମଙ୍ଗଳ ଆରତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବହୁ ସାଇ ଭକ୍ତଙ୍କ ସମାଗମ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସତ୍ୟ ସାଇ ସେବା ସମିତି କର୍ମକର୍ତ୍ତା ପରିଚାଳନା କରିଥିଲେ।

# ଦଶପଲ୍ଲାରେ ଚାରାରୋପଣ, ବଣ୍ଟନ



ଶ୍ରୀହରି ଆଧାତ୍ମିକ ପକ୍ଷରୁ ଚାରାରୋପଣ କରାଯାଇଛି।

**ଦଶପଲ୍ଲା,୨୫।୧୧(ପ୍ରକାଶ କୁମାର ପାଣି)**

ଦିନକୁ ଦିନ ସବୁଜିମା, ଘଞ୍ଚ ବନରାଜି, ଜୈବ ବିବିଧତା ଧ୍ୱଂସ ହେବାକୁ ବସିଛି। ଜନଜୀବନ ପାଇଁ ଶୁଦ୍ଧ ବାୟୁ, ଜଳ ଓ ପରିବେଶ ମିଳୁନାହିଁ । ଏହାକୁ ଆଖି ଆଗରେ ରଖି ଶ୍ରୀହରି ଅଧାତ୍ମିକ ଅନୁଷ୍ଠାନ ପକ୍ଷରୁ କୁଆଁରିଆଠାରେ ଚାରା ରୋପଣ କାର୍ଯ୍ୟକ୍ରମ ହରିଦ୍ୱାର ଋଷିକେଶର ସ୍ୱାମୀ ହରିଶରଣ ମହାରାଜାଙ୍କ ଆବାହକତ୍ୱରେ ନୟାଗଡ଼ ଜିଲା ସମେତ ସମଗ୍ର ଓଡ଼ିଶାରେ ଆରମ୍ଭ ହୋଇଛି । ଏହି ଅବସରରେ ବର, ଅଶ୍ୱତ୍ଥ ପରି ଦୀର୍ଘସ୍ଥାୟୀ ଚାରା ରୋପଣ କରାଯାଇଛି। ଦଶପଲ୍ଲାରେ ବିଜୟ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଲୋକଙ୍କୁ ମାଗଣାରେ ଚାରା ବଣ୍ଟନ କରାଯାଉଛି । ଏହାକୁ ନୟାଗଡ଼ ଜିଲାରେ ବ୍ୟାପକ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଦଶପଲ୍ଲାରେ ଡିସେମ୍ବର ୨୪ରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

# ମହିଳା ମହାବିଦ୍ୟାଳୟରେ ଯୁବ ବିକାଶ କାର୍ଯ୍ୟକ୍ରମ

**ଖଣ୍ଡପଡ଼ା,୨୫।୧୧(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଷେକ ଉଦ୍‌ଘାଟନ କରିଥିଲେ ।ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସ୍ୱେଚ୍ଛାସେବା ବିଭାଗ ଆନୁକୁଲ୍ୟରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମକୁ ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜନ କରାଯାଇଥିଲା । ଗତ ୧୫ରୁ ଡ଼ିସେମ୍ବର ୩୧ ମଧ୍ୟରେ ସାରା ରାଜ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାମାଜିକ ସେବା ମୂଳକ କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ପ୍ରତିଭା ଉନ୍ମୋଚନ ଓ ଯୁବ ଓଡ଼ିଶା ଗଠନ ଦିଗରେ ଯୁବଶକ୍ତିର ବିନିଯୋଗ ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସୂଚନା ମିଳିଛି । ଆୟୋଜିତ କାର୍ଯ୍ୟକ୍ରମେ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଭାପୁର ମୁଖ୍ୟ ଚିକିତ୍ସାଧାରୀ ଡ଼ାକ୍ତର ପ୍ରଦୀପ କୁମାର ପାଇକରାୟ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର ସଭାପତିତ୍ୱରେ କରିଥିବା ବେଳେ ଅଧାପିକା ବିଶ୍ୱଭାରତୀ ମହାରଣା ଅତିଥି ପରିଚୟ, ପ୍ରଦାନ କରିଥିଲେ। ଏଥିରେ ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇଥିଲେ । ବରିଷ୍ଠ ନୋଡାଲ ଅଫିସର ଅଧାପିକା କୃଷ୍ଣପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପକ ଡ, ଅଜିତ ବସନ୍ତରାୟ, ବିରଞ୍ଚି କୁମାର ମହାରଣା, ତୃପ୍ତି ପ୍ରିୟା ସେଠୀ, ନିବେଦିତା ପଟ୍ଟନାୟକ, ଜାହ୍ନବୀ ପଟ୍ଟନାୟକ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଜରଡ଼ ପଞ୍ଚାୟତରେ ତାଲା ପ୍ରତିବାଦରେ ଏତଲା

**କବିସୂର୍ଯ୍ୟନଗର, ୨୫।୧୧ (କୃପାସିନ୍ଧୁ ସ୍ୱାଇଁ):** ଦୀର୍ଘ ଦିନ ହେଲା ଜରଡ଼ ପଞ୍ଚାୟତରେ ଅସ୍ଥିରତା ଲାଗି ରହିଛି। କିଛି ଗ୍ରାମବାସୀଙ୍କୁ ଧରି ଦୁଇ ବିଜେଡି ଗୋଷ୍ଠୀ ମଧ୍ୟରେ ଚାଲିଛି ଛକାପଞ୍ଝା। ଜରଡ଼ ଗ୍ରାମର ବିଭିନ୍ନ କାନ୍ଥବାଡ଼ରେ କୋଟି କୋଟି ଟଙ୍କାର ଦୁର୍ନୀତି ହେବାନେଇ ପୋଷ୍ଟର, ଫ୍ଲେକ୍ସ ଲଗାଯାଇଛି । ଗତକାଲି ଜନପ୍ରତିନିଧିଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଠୁଙ୍କି ପ୍ରତିବାଦ ଜଣାଇଛନ୍ତି ଏକ ଗୋଷ୍ଠୀ । ଶନିବାର ଅନ୍ୟ ଏକ ଶାସକ ଗୋଷ୍ଠୀ ସହ ଗ୍ରାମବାସୀ ମିଶି ଅଭିଯୋଗ ଦୃଢ଼ଭାବେ ଖଣ୍ଡନ କରିବା ସହ ତଦନ୍ତଙ୍କୁ ସମ୍ମୁଖୀନ ହେବାପାଇଁ ଆହ୍ୱାନ ଦେଇଛନ୍ତି । ଗ୍ରାମର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀ କରି ସରପଞ୍ଚ ଓ ସମିତିସଭ୍ୟ ଡକାଇ ସଫେଇ ଦେଇଥିଲେ।

# ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା କାର୍ଯ୍ୟକ୍ରମ

**ଫୁଲବାଣୀ, ୨୫।୧୧(ରାକେଶ କୁମାର ରାଉତ):** ଜିଲା ଶିଶୁ ସୁରକ୍ଷା ସମିତି, ବାଲିଗୁଡ଼ା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା ପକ୍ଷରୁ ସ୍ଥାନୀୟ ଜଳ ବିଭାଜିକା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସରୋଜବାଳା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ପୋଷ୍ୟ ସନ୍ତାନ ଗ୍ରହଣରେ କ’ଣ ସବୁ ଆଇନ ବ୍ୟବସ୍ଥା ରହିଛି, ତାହା ଉପରେ ସମ୍ୟକ୍ ଧାରଣା ଦେଇଥିଲେ। ବେଆଇନ ଭାବେ ପୋଷ୍ୟ ସନ୍ତାନ ଆପଣାଇବା ଦ୍ୱାରା ଶିଶୁର ପ୍ରକୃତ ଅଧିକାର କିପରି କ୍ଷୁଣ୍ଣ ହୋଇଥାଏ ସେ ବିଷୟରେ ଆଲୋଚନା କରିଥିଲେ। ଯେଉଁ ପରିବାରର ଅଧିକ ସନ୍ତାନ ସନ୍ତତି ଅଛନ୍ତି କିମ୍ବା ଅନୈତିକ ସମ୍ପର୍କ ଯୋଗୁ ଛୁଆ ଜନ୍ମ ହୋଇଛି, ସେମାନଙ୍କୁ ଏଣେତେଣେ ଫୋପାଡ଼ି ନ ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବନବାସୀ ସେବା ସମିତିରେ ବ୍ୟବସ୍ଥିତ ଥିବା କ୍ରେଡଲ୍ ଶିଶୁକେନ୍ଦ୍ରରେ ସେମାନଙ୍କୁ ନିରାପଦରେ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଜିଲା ଶିଶୁ ସୁରକ୍ଷା ସମିତିର କର୍ମଚାରୀ ସରୋଜ କୁମାର କହଁର ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାର ପ୍ରକଳ୍ପ ପରିଚାଳକ ସରୋଜ ଆଳଡିଆ, ଜଳ ବିଭାଜିକା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରସନ୍ନ ବିଶୋଇ, ମମତା ଦାଶ ପ୍ରମୁଖ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁନୀଲ କୁମାର ପ୍ରଧାନ, ଚିନ୍ମୟ ବେହେରା ଓ ଟିକେରାମ ବାଗ୍ ସହଯୋଗ କରିଥିଲେ।

# ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୯.୯୦କୋଟି ମଞ୍ଜୁର

**ଶରଣକୁଳ,୨୫।୧୧(ଦୀପକ କର)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ଜିଲାର ସର୍ବପୁରାତନ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୩୦ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣ ପାଇଁ ୯.୯୦କୋଟି ଟଙ୍କା ମଞ୍ଜୁର କରିଛନ୍ତି । ସେହିପରି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କ ସରକାରୀ ବାସଗୃହ ପାଇଁ ୩କୋଟି ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପୁରୀ ଏମ୍‌ପି ପିନାକୀ ମିଶ୍ର, ନୟାଗଡ ବିଧାୟକ ଡ.ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ରଣପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଓ ସଂଯୁକ୍ତା ପଡିହାରୀ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ,ଦୀପ୍ତିରଞ୍ଜନ ପରିଡା ଓ ସୌଭାଗିନୀ ସାହୁ, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ଜେନା, ସମାଜିକ କର୍ମୀ ବିକ୍ରମ କୁମାର ଦାଶ ଓ ବୈକୁଣ୍ଠନାଥ ସିଠ, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା.ଅବିନାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଣୀମୁଖା ନୃତ୍ୟ ଦର୍ଶକଙ୍କ ମନ ମୋହିଲା

**ବୋଇତ ବନ୍ଦାଣ ଉତ୍ସବର ତୃତୀୟ ସନ୍ଧ୍ୟା**

**ନୟାଗଡ଼,୨୫।୧୧(ଲୋକନାଥ ମିଶ୍ର)**



ଜଣେ କଳାକାର ପାଣିମୁଖା ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ନୟାଗଡ଼ ପୁରୁଣା ସହରର ମା’ ଦକ୍ଷିଣକାଳୀଙ୍କ ଯାତ୍ରା ପଡ଼ିଆରେ ବୋଇତ ବନ୍ଦାଣ ଉତ୍ସବ ଚାଲିଛି। ଶନିବାର ଏହାର ତୃତୀୟ ସନ୍ଧ୍ୟାରେ ପ୍ରାଣୀମୁଖା ନୃତ୍ୟ ଦର୍ଶକଙ୍କ ମନ ମୋହିଛି। ନୟାଗଡ଼ ବୋଇତ ବନ୍ଦାଣ କମିଟିର ସଭାପତି କିଶାନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଓ ଜିଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡାକ୍ତର ସିଦ୍ଧାର୍ଥ ଦାସ ପ୍ରମୁଖ ଯୋଗ ଦେଇଥିଲେ । ବୋଇତ ବନ୍ଦାଣ ଉତ୍ସବରେ ଅନୀଲ ଡ୍ୟାନ୍ସ ଗୃପ, ରକ୍ଷାର ଡ୍ୟାନ୍ସ ଗୃପ, ଶିବାନୀ ଡ୍ୟାନ୍ସ ଗୃପ, ବର୍ଷା ଡ୍ୟାନ୍ସ ଗୃପ ଓ ଡାଇନୋମିକ ଡ୍ୟାନ୍ସ ଗୃପ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଉପେନ୍ଦ୍ର ଭଞ୍ଜ ଲୋକ କଳା ଦ୍ୱାରା ପ୍ରାଣୀ ମୁଖା ନୃତ୍ୟ ପରିବେଷଣ କରାଯାଇଥିଲା । ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ କଳାକାର ନାରାୟଣ ମହାରଣାଙ୍କ ଦ୍ୱାରା ଏହି ପ୍ରାଣୀମୁଖା ନୃତ୍ୟ ପରିବେଷଣ କରାଯାଇଥିଲା । ମେଲୋଡି ସୁରତରଙ୍ଗ ପକ୍ଷରୁ ଗୀତ ପରିବେଷଣ କରାଯାଇଥିଲା । ବରିଷ୍ଠ କଣ୍ଠଶିଳ୍ପୀ ଇରା ମହାନ୍ତି ଦର୍ଶକମାନଙ୍କୁ ମତୁଆଲା କରିଥିଲେ । ଖବରଦାତା ରଜତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ଗାଁ କଲେଜ ରୂପାନ୍ତରଣ ଶ୍ରେଣୀଗୃହ ଉଦ୍‌ଘାଟିତ

**ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ, ୧୨୦ ୟୁନିଟ୍ ରକ୍ତ ସଂଗ୍ରହ**

**ଓଡ଼ଗାଁ,୨୫।୧୧(ଆଦର୍ଶ କୁମାର ପଟ୍ଟନାୟକ)**




ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।

ନୟାଗଡ଼ ଜିଲା ଓ ରଘୁନାଥ ସମବାୟ ମହାବିଦ୍ୟାଳୟର ବିଜ୍ଞାନ ବ୍ଲକର ଉପରମହାଲରେ ଶନିବାର ରୂପାନ୍ତରଣ ହୋଇଥିବା ୪ ଶ୍ରେଣୀ ଗୃହ ସହିତ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ବିଧାୟକ ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। ଅତିରିକ୍ତ ଶ୍ରେଣୀ ଗ୍ରହ ନିର୍ମାଣ ନିମନ୍ତେ କଲେଜ ପାଣ୍ଠିରୁ ୧ କୋଟି ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଅବଶିଷ୍ଟ ୫୦ ଲକ୍ଷ ୫-ଟି ଅନ୍ତର୍ଗତ ପାଣ୍ଠିରୁ ମିଳିଛି । ସେହି ଅନୁଦାନ ସ୍ମାର୍ଟ କ୍ଲାସ ଉପକରଣ ପାଇଁ ମଧ୍ୟ ବିନିଯୋଗ ହୋଇଛି । ଅନ୍ୟପକ୍ଷେ ୧୨ ଲକ୍ଷ ଟଙ୍କା ଅନୁଦାନରେ କଲେଜ କ୍ୟାଣ୍ଟିନ ସଂଲଗ୍ନ ଏକ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପକୁ ବିଧାୟକ ଉଦ୍‌ଘାଟନ କରିଛନ୍ତି । ହେଲେ ବିଧାୟକ ସାହୁ ସ୍ମାର୍ଟକ୍ଲାସ୍ ରୁମ ପରିଦର୍ଶନ କରିବାକୁ ଯାଇଥିବା ବେଳେ, ସେଠାରେ ଲାଗିଥିବା ସମସ୍ତ ଏଲ୍‌ଇଡି ଟିଭିର ଆକାର ଓ ପ୍ରକାର ଠିକ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ସାହୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ, ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଏନଏସି ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ, କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁ ଓ ପୁରାତନ ଛାତ୍ର ତଥା କ୍ରୀଡ଼ାବିତ ଦିବାକର ନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ କଲେଜ ପରିସରରେ ଆୟୋଜିତ ରକ୍ତଦାନ ଶିବିରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୨୦ରୁ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ମୂର୍ତ୍ତି ଚୋରଙ୍କୁ ଧରିବାରେ ପୋଲିସ ଫେଲ୍

ଯାଜପୁର,୨୫।୧୧(ହର୍ଷବର୍ଦ୍ଧନ ବେହେରା)

ଐତିହ୍ୟ ଓ ସଂସ୍କୃତିସମ୍ପନ୍ନ ଯାଜପୁର ଜିଲାରେ ଅତି ପ୍ରାଚୀନ ମୂର୍ତ୍ତିଗୁଡ଼ିକର ଚୋରି ବଢ଼ିବାରେ ଲାଗିଛି। ଜିଲାରେ ଗତ ଦୁଇ ଦଶନ୍ଧି ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ମନ୍ଦିରରୁ ବିଭିନ୍ନ ମୂର୍ତ୍ତି ଓ ଅଳଙ୍କାର ଚୋରି ହୋଇଛି। ସେଗୁଡ଼ିକୁ ଉଦ୍ଧାର କରିବାରେ ପୋଲିସ ସେତେଟା ସଫଳ ହୋଇପାରୁନାହିଁ। କେତେକ କ୍ଷେତ୍ରରେ ଅଭିଯୁକ୍ତମାନଙ୍କ ସମ୍ପର୍କରେ ଖବର ପାଉଥିଲେ ମଧ୍ୟ ସେମାନଙ୍କୁ ଗିରଫ କରିବାରେ ପୋଲିସ ବଳ ପାଉନି ବୋଲି ସାଧାରଣରେ ଆଲୋଚନା ହେଉଛି। ଏଠାରେ ଜିଲାର ବଡ଼ଚଣା ଥାନା ଅନ୍ତର୍ଗତ ଦର୍ପଣଗଡ଼ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ କୋଟ୍ରାକ୍ଷୀଙ୍କ ଅଷ୍ଟଧାତୁରେ ନିର୍ମିତ ଦୁର୍ଲଭ ଓ ପ୍ରାଚୀନ ମୂର୍ତ୍ତି ଚୋରି ଘଟଣାକୁ ଉଦାହରଣ ଭାବେ ନିଆଯାଇପାରେ। ୨୦୨୧ ଜାନୁୟାରୀ ୧୧ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିରର ତାଲା ଭାଙ୍ଗି ମୂର୍ତ୍ତି ଚୋରି କରି ନେଇଯାଇଥିଲେ। ଏନେଇ ବଡଚଣା ଥାନାରେ ଗ୍ରାମବାସୀଙ୍କ ଏତଲା କ୍ରମେ ମାମଲା (ନଂ୧୪/୨୦୨୧) ରୁଜୁ ହୋଇଥିଲା। ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ ଆରମ୍ଭ କରିବା ସହ ନିକଟବର୍ତ୍ତୀ ଅଞ୍ଚଳର ସିସିଟିଭି ଫୁଟେଜ୍ ସବୁ ଯାଞ୍ଚ କରିଥିଲା। ତଦନୁଯାୟୀ ବିଳମ୍ବିତ ରାତିରେ ସେହି ଅଞ୍ଚଳକୁ ଆସିଥିବା ଏକ ସ୍କର୍ପିଓ ଗାଡ଼ି ଉପରେ ସେତେବେଳେ ସନ୍ଦେହ ହୋଇଥିଲା। ଯାଜପୁରର ତତ୍କାଳୀନ ଏସ୍‌ପି ରାହୁଲ ପି.ଆର୍. ମଧ୍ୟ ସେତେବେଳେ ଦୁଇ ଥର ଗ୍ରାମକୁ ଆସି ତଦନ୍ତ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। କିନ୍ତୁ ଚୋରି ମୂର୍ତ୍ତି କିମ୍ବା ଚୋରଙ୍କ ସନ୍ଧାନ ପାଇବାରେ ପୋଲିସ ବିଫଳ ରହିଥିଲା। ଫଳରେ ମନ୍ଦିରରେ ମା’ଙ୍କ ଆସ୍ଥାନ ବର୍ଷାଧିକ କାଳ ଖାଲି ପଡ଼ିଥିଲା। ଶେଷରେ ଗ୍ରାମବାସୀ ବାଧ୍ୟ ହୋଇ ମା’ କୋଟ୍ରାକ୍ଷୀଙ୍କ ଅନ୍ୟ ଏକ ମୂର୍ତ୍ତି ନିର୍ମାଣ କରି ପ୍ରାଣ ପ୍ରତିଷ୍ଠା ପୂର୍ବକ ଖାଲି ପଡ଼ିଥିବା ଆସ୍ଥାନରେ ସ୍ଥାପନ କରିଥିଲେ। ଏହାପରେ ୨୦୨୨ ନଭେମ୍ବରରେ ଏହି ଦୁର୍ଲଭ ମୂର୍ତ୍ତି କାର୍ଗୋ ବିମାନ ଯୋଗେ ଏକ ଏଜେନ୍ସି ମାଧ୍ୟମରେ ବ୍ୟାଙ୍କକ୍‌କୁ ଚୋରି ପାଇଁ ଉଦ୍ୟମ ହେଉଥିବାବେଳେ ଦିଲ୍ଲୀ ବିମାନ ବନ୍ଦରରେ କେନ୍ଦ୍ରୀୟ ସୀମା ଶୁଳ୍କ ଓ କଷ୍ଟମ ବିଭାଗ ଅଧିକାରୀଙ୍କ ଦ୍ୱାରା ଜବତ ହୋଇଥିଲା। ମୂର୍ତ୍ତିଟି ଯେହେତୁ

## ଦିଲ୍ଲୀରୁ ମା’ କୋଟ୍ରାକ୍ଷୀଙ୍କ ମୂର୍ତ୍ତି ଜବତ ମାମଲା

■ ବିମାନରେ ବୁକ୍ କରିଥିବା ବ୍ୟକ୍ତି ଫେରାର: ପୋଲିସ


ଦିଲ୍ଲୀରୁ ଉଦ୍ଧାର ହୋଇଥିବା ମା’ କୋଟ୍ରାକ୍ଷୀଙ୍କ ମୂର୍ତ୍ତି।

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ)ର ଏକ ଚିହ୍ନିତ ପ୍ରାଚୀନ ମୂର୍ତ୍ତି ଥିଲା ତେଣୁ କେନ୍ଦ୍ରୀୟ ସୀମା ଶୁଳ୍କ ଓ କଷ୍ଟମ ବିଭାଗ ତାହାକୁ ଏଏସ୍‌ଆଇକୁ ହସ୍ତାନ୍ତର କରିଦେଇଥିଲା। ଏହା ପଛରେ ଏକ ଅନ୍ତର୍ଜାତୀୟ ମୂର୍ତ୍ତି ଚୋରି ର୍ୟାକେଟ ସମ୍ପୃକ୍ତ ଥିବା ସ୍ପଷ୍ଟ ହୋଇଥିଲା। କେନ୍ଦ୍ରୀୟ ସୀମା ଶୁଳ୍କ ଓ କଷ୍ଟମ ବିଭାଗ ଦ୍ୱାରା ମୂର୍ତ୍ତି ଜବତ ହେବା ସମ୍ପର୍କରେ ଯାଜପୁର ଏସ୍‌ପିଙ୍କୁ ବିଧିବଦ୍ଧ ଭାବେ ଅବଗତ କରାଯାଇଥିଲା। ଏହାପରେ ଯାଜପୁର ଏସ୍‌ପି ଭିନିତ ଅଗ୍ରୱାଲ ଜିଲା ପୋଲିସ ମୁଖ୍ୟାଳୟରୁ ଜଣେ ଡିଏସ୍‌ପି ଏବଂ ବଡ଼ଚଣା ଥାନାର ଜଣେ ସବ୍‌ଇନ୍ସପେକ୍ଟରଙ୍କ ସମେତ ଦର୍ପଣଗଡ଼ର କେତେଜଣ ପ୍ରତିନିଧିଙ୍କୁ ମୂର୍ତ୍ତି ଚିହ୍ନଟ ପାଇଁ ଗତ ମାସ ଶେଷ ସପ୍ତାହରେ ନୂଆଦିଲ୍ଲୀ ପଠାଇଥିଲେ। ଏହାପରେ ଆବଶ୍ୟକ ଆଇନଗତ କାଗଜପତ୍ର ପ୍ରସ୍ତୁତ କରାଯାଇ ଚଳିତ ମାସ ୯ତାରିଖରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ମା’ କୋଟ୍ରାକ୍ଷୀଙ୍କ ଅଷ୍ଟଧାତୁ ନିର୍ମିତ ପ୍ରାଚୀନ ମୂର୍ତ୍ତିକୁ ଅଣାଯାଇ ମନ୍ଦିରରେ ପୁନଃ ସ୍ଥାପନ କରାଯାଇଛି। କିନ୍ତୁ ମୂର୍ତ୍ତିଟିକୁ କିଏ କିଭଳି ମନ୍ଦିରରୁ ଚୋରି କରି ନେଇ କେଉଁଠାରେ ଏକ ବର୍ଷ ୯ ମାସ ଧରି ରଖିଥିଲେ ତାହା ରହସ୍ୟାବୃତ ହୋଇ ରହିଯାଇଛି। ସେହି ମୂର୍ତ୍ତି ଚୋରି ର୍ୟାକେଟର ପର୍ଦ୍ଦାଫାଶ କରିବା ଦିଗରେ ଓଡ଼ିଶା ପୋଲିସର ନିଷ୍କ୍ରିୟତାକୁ ନେଇ ଏବେ ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ବଡଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ମୂର୍ତ୍ତିକୁ ବିଦେଶ ନେବାକୁ ବିମାନରେ ଯେଉଁ ବ୍ୟକ୍ତି ବୁକ୍ କରିଥିଲେ ସେ ଫେରାର ଅଛନ୍ତି। ତାଙ୍କୁ ଗିରଫ କରିବା ପରେ ସମସ୍ତ ତଥ୍ୟ ମିଳିପାରିବ। ତେଣୁ ତାଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି।

# ବାଲିଯାତ୍ରା ପ୍ରଜ୍ଞାପନ ମେଢ଼କୁ ସମ୍ବର୍ଦ୍ଧନା


ପ୍ରଜ୍ଞାପନ ମେଢ଼କୁ ସମ୍ବର୍ଦ୍ଧନା ଅବସରରେ ଉପସ୍ଥିତ ଜନସାଧାରଣ।

ଛତିଆ,୨୫।୧୧(ସୌମ୍ୟ ରଞ୍ଜନ ସାହୁ):

କଟକର ଐତିହାସିକ ବାଲିଯାତ୍ରାକୁ ଆହୁରି ଲୋକାଭିମୁଖୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ମାସ ୨୨ ତାରିଖରୁ ଏକ ସୁସଜ୍ଜିତ ପ୍ରଜ୍ଞାପନ ମେଢ଼କୁ କଟକ ସମେତ ପୁରୀ, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ଜଗତ୍‌ସିଂହପୁର ଆଦି ୬ ଜିଲା ପରିକ୍ରମା କରାଯାଉଛି। ଶନିବାର ଯାଜପୁର ଜିଲା ବଡ଼ଚଣା ବ୍ଲକର ଛତିଆଠାରେ ମେଢ଼ ପହଞ୍ଚି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି। ଏହି ଅବସରରେ ଐତିହ୍ୟ ଓ ପରମ୍ପରାର ବାର୍ତ୍ତା ବାଣ୍ଟୁଥିବା ଏହି ମେଢ଼କୁ ଛତିଆ ପଞ୍ଚାୟତ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇ, ଆକର୍ଷଣୀୟ ପରେଡ କରି ମେଢ଼କୁ ସ୍ୱାଗତ କରି ବଜାର ପରିକ୍ରମା କରିଥିଲେ। ଲକ୍ଷ୍ମୀଧର ବେହେରା, କେଶବ ସେଠୀ, ରଶ୍ମିରଞ୍ଜନ ଓଝା, ସନ୍ତୋଷ କୁମାର ସିଂ, ଛତିଆ ସମାଜସେବୀର ସଭାପତି ସୌମ୍ୟରଞ୍ଜନ ବେହେରା, ରଞ୍ଜନ କୁମାର ସିଂ, ହୃଷୀକେଶ ସେଠୀ, ଅମିତ ସାହୁ, ଜିତେନ୍ଦ୍ର ସାହୁ, ଜିତେନ୍ଦ୍ର ସିଂ, ନିରଞ୍ଜନ ବେହେରା ଓ ଅନ୍ୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ବିଜ୍ଞାନମେଳାରେ ଛାତ୍ରଙ୍କୁ ୫ ସ୍ୱର୍ଣ୍ଣ ପଦକ

କଳିଙ୍ଗନଗର,୨୫।୧୧(ଶୁଭାଶିଷ ରାଉତ):

ନିକଟରେ ଗୋଆଠାରେ ଆୟୋଜିତ ଅନ୍ତର୍ଜାତୀୟ ବିଜ୍ଞାନ ପ୍ରତିଯୋଗିତାରେ ଭାଗନେଇ ଯାଜପୁର ଜିଲା ପାଣିକୋଇଲି ପିଏମ୍ ନବୋଦୟ ସ୍କୁଲ୍‌ର ଦ୍ୱାଦଶ ଶ୍ରେଣୀ ଛାତ୍ର ଜ୍ଞାନରଞ୍ଜନ ମିଶ୍ର ୫ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେ ତାଙ୍କ ଲାଇଫାଇ ପ୍ରୋଜେକ୍ଟ ପ୍ରଦର୍ଶନ କରି ଏହି ସମ୍ମାନ ପାଇଛନ୍ତି। ଏହି ପ୍ରତିଯୋଗିତାରେ ୧୨ ଦେଶର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ଭାରତରୁ ୬ ଜଣ ଥିଲେ। ଓଡ଼ିଶାରୁ କେବଳ ଜ୍ଞାନରଞ୍ଜନ ଅଂଶଗ୍ରହଣ କରିଥିଲେ।

ଦାନଗଦି ବ୍ଲକ କବି ତିରା ଗାଁର ଜ୍ଞାନରଞ୍ଜନ ସବୁବେଳେ ନୂଆ କିଛି କରିବା ପାଇଁ ଚେଷ୍ଟା କରିଥାନ୍ତି। ସେ ବିଭିନ୍ନ ସମୟରେ ବିଜ୍ଞାନ କର୍ମଶାଳା ଓ ପ୍ରଦର୍ଶନୀରେ ଭାଗନେଇଥାନ୍ତି। ବର୍ତ୍ତମାନ ଇଣ୍ଟରନେଟ ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଇଣ୍ଟରନେଟକୁ ୱାଇଫାଇ ମାଧ୍ୟମରେ ବ୍ୟବହାର କରାଯାଉଛି। କିନ୍ତୁ ଜ୍ଞାନରଞ୍ଜନ ଏହାଉପରେ ଗବେଷଣା କରି ଲାଇଫାଇରେ ଇଣ୍ଟରନେଟ ବ୍ୟବହାର କରାଯାଇପାରିବ ବୋଲି ପ୍ରମାଣ କରି ଦେଖାଇଛନ୍ତି। ଅର୍ଥାତ୍ ଲାଇଟ ଜଳିଲେ ଇଣ୍ଟରନେଟ୍ ଚାଲିବ ବୋଲି ସେ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି। ଏନେଇ ନିକଟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜ୍ଞାନରଞ୍ଜନଙ୍କୁ ପ୍ରଶଂସା କରିବା ସହ ପୁରସ୍କୃତ କରିଛନ୍ତି। ଏହି ସଫଳତା ପରେ ତାଙ୍କ ମନୋବଳ ଦୃଢ଼ୀଭୂତ ହେବା ସହ ଆଗାମୀ ଦିନରେ ନୂଆ କିଛି କରିବାକୁ ପ୍ରେରଣା ମିଳିଥିବା ଜ୍ଞାନ କହିଛନ୍ତି। ଅନ୍ୟପକ୍ଷରେ ଜ୍ଞାନରଞ୍ଜନ ସଫଳତା ପାଇ ସ୍କୁଲ, ଗାଁ, ଜିଲା ଓ ରାଜ୍ୟକୁ ଗର୍ବିତ କରିଛନ୍ତି। ଯାହାକୁ ନେଇ ଅଭିଭାବକ ଓ ସ୍କୁଲ କର୍ତ୍ତୃପକ୍ଷ ଗର୍ବିତ ହେବା ସହ ଖୁସିବ୍ୟକ୍ତ କରିଛନ୍ତି।

## ଲାଇଟ ପଡ଼ିଲେ ଚାଲିବ ଇଣ୍ଟରନେଟ୍


ବାପା, ମା’ଙ୍କ ଗହଣରେ ଜ୍ଞାନରଞ୍ଜନ ମିଶ୍ର।

# ଗର୍ଭବତୀଙ୍କ ଆତ୍ମହତ୍ୟା

ଖଇରା,୨୫।୧୧,(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସାରଡାଙ୍ଗ ଗ୍ରାମର ଶଶିକାନ୍ତ ଦାସଙ୍କ ସ୍ତ୍ରୀ ପ୍ରିୟଙ୍କା ଶନିବାର ଶୋଇବା ଘରେ ଆତ୍ମହତ୍ୟା କରିଛନ୍ତି। ଖଇରା ପୋଲିସ ପ୍ରାଥମିକ ତଦନ୍ତ ପରେ ସ୍ୱାମୀ ଶଶିକାନ୍ତଙ୍କୁ ଥାନାରେ ଅଟକ ରଖିଛି। ପ୍ରିୟଙ୍କା ବିହାର ରାଜ୍ୟର ହୋଇଥିବା ବେଳେ ସେ ପରିବାର ସହ ବାଙ୍ଗାଲୋରରେ ରହୁଥିଲେ। ସେଠାରେ ଶଶିକାନ୍ତ ତାଙ୍କୁ ଭଲ ପାଇ ୫ମାସ ତଳେ ବିବାହ କରି ଘରକୁ ଆଣିଥିଲେ। ସେ ଏବେ ଗର୍ଭବତୀ ଥିଲେ। ହେଲେ ସେ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳଯାଇଛି।

# ବନମାଳୀ ରଥଙ୍କୁ ଓଡ଼ିଶାର ଲୌହ ମାନବ ଉପାଧି


ଯୋଗରତ୍ନ ବନମାଳୀ ରଥଙ୍କୁ ସମ୍ମାନିତ କରାଯାଉଛି।

ରସୁଲପୁର,୨୫।୧୧(ରଂଜିତ ରାଉତ):

ରସୁଲପୁର ବ୍ଲକ ବଡ଼କଇଞ୍ଚ ପଞ୍ଚାୟତ ଗରୁଆଳ ଗ୍ରାମ ନିବାସୀ ଯୋଗରତ୍ନ ବନମାଳୀ ରଥଙ୍କୁ ରାଜ୍ୟ ଯୋଗ ଚିକିତ୍ସା ସଂଘ ପକ୍ଷରୁ ଓଡ଼ିଶାର ଲୌହ ମାନବ ଉପାଧି ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନ ମିଳିଛି। ରଥଙ୍କ ଜୀବନ ଶୈଳୀ, କାର୍ଯ୍ୟଧାରା, ଯୋଗର ପ୍ରଚାର ପ୍ରସାର ଦିଗରେ ରହିଥିବା ଅବଦାନକୁ ଦୃଷ୍ଟିରଖି ସଂସ୍ଥା ପକ୍ଷରୁ ଏଭଳି ସମ୍ମାନ ଦିଆଯାଇଛି। ମିଳୁଥିବା ସମ୍ମାନକୁ ସେ ପ୍ରେରଣାର ଉତ୍ସ ଭାବେ ବିବେଚନା କରୁଛନ୍ତି। ଏହି ପ୍ରେରଣା ତାଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ ବୋଲି ମତ ରଖିଛନ୍ତି।

୧୯୭୬ରେ ରଥ ମାଟ୍ରିକ ପାସ କରିଥିଲେ। ତେବେ ପାରିବାରିକ ଆର୍ଥିକ ଦୁର୍ବଳ ସ୍ଥିତିରୁ ସେ ଉଚ୍ଚ ଶିକ୍ଷାଲାଭ କରିପାରି ନ ଥିଲେ। ପରିବାର ଅନିଚ୍ଛା ସତ୍ତ୍ୱେ ସେ ସେନା ବାହିନୀରେ ଯୋଗଦେଇଥିଲେ। ପରିବାରର ବାରଣ ଯୋଗୁ ସେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଘରୋଇ ଭାବରେ ଉଚ୍ଚ ଶିକ୍ଷାଲାଭ କରିଥିଲେ। ଶିକ୍ଷକତା ଚାକିରି ପାଇଁ ତାଲିମ ନେଇ ଚାକିରିରେ ଯୋଗଦେଇଥିଲେ। ଚାକିରିରୁ ଅବସର ନେବା ପରଠାରୁ ସେ ଯୋଗର ପ୍ରଚାରପ୍ରସାର ଦିଗରେ କାର୍ଯ୍ୟ କରିଆସୁଛନ୍ତି। ଯୋଗ ଶିକ୍ଷାରେ ସ୍ନାତକୋତ୍ତର ପାଠ୍ୟକ୍ରମରେ କୃତକାର୍ଯ୍ୟ ହେବା ସହ ଯୋଗର ପ୍ରଚାର ପ୍ରସାର ପାଇଁ ଯାଜପୁର ଜିଲାରେ ଚିଦାନନ୍ଦ ଯୋଗ ସଂସ୍କୃତି ସଂସ୍ଥାନ(ଏମ୍.ଏ. ଇନ୍ ଯୋଗ) ନାମକ ଏକ ଯୋଗ କଲେଜ ଖୋଲି ଶିକ୍ଷାଦାନ କରିଆସୁଛନ୍ତି। ଏଥିସହିତ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ହୋଇ ଯୋଗଶିକ୍ଷା ପ୍ରଦାନ କରୁଛନ୍ତି। ସେ ଯୋଗ ସଞ୍ଜିବନୀ ନାମରେ ଏକ ପୁସ୍ତକ ରଚନା କରିଛନ୍ତି।

# ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ଘରୋଇ ଚିକିତ୍ସାଳୟ ସିଲ୍

ଧର୍ମଶାଳା,୨୫।୧୧(ବଟକୃଷ୍ଣ ପରିଡ଼ା):

ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ଧର୍ମଶାଳା ବ୍ଲକ ଅଧୀନ ଶାନ୍ତବଜାରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଲ୍ କରାଯାଇଛି। ଉକ୍ତ ଚିକିତ୍ସାଳୟରେ ପାଣିକୋଇଲି ଅଞ୍ଚଳର ତୃପ୍ତିମୟୀ ଦାସଙ୍କ ଏକ ଶିଶୁ ଜନ୍ମ ହୋଇଥିଲା। ତେବେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଶିଶୁଟିର ମୃତ୍ୟୁ ହୋଇଯାଇଥିଲା। ଶିଶୁର ମା’ ଗୁରୁତର ହୋଇଥିଲେ। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପରିବାର ଲୋକେ ମୃତଦେହ ରଖି ଚିକିତ୍ସାଳୟ ଆଗରେ ଧାରଣା ଦେଇଥିଲେ। ଏଥିସହିତ ଥାନା ଓ ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଧର୍ମଶାଳା ଥାନାରେ ନଂ.୬୩୪/୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଟିମ ଆସି ଅଭିଯୋଗର ତଦନ୍ତ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଚିକିତ୍ସାଳୟର ଲାଇସେନ୍ସ ନ ଥିଲା। ସେବା ଯୋଗାଣ ଓ ଅନ୍ୟ ଅବହେଳାକୁ ଦୃଷ୍ଟିରେ ରଖି ଅନିର୍ଦ୍ଦିଷ୍ଟକାଳ ପାଇଁ ଚିକିତ୍ସାଳୟକୁ ସିଲ୍ କରାଯାଇଛି। ସମ୍ପୃକ୍ତ ଚିକିତ୍ସାଳୟ ସିଡିଏମ୍‌ଓଙ୍କ ନିର୍ଦ୍ଦେଶ ଅମାନ୍ୟ କରି ସେବା ଦେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଚିକିତ୍ସାଳୟ ମାଲିକଙ୍କ ସହ ଯୋଗାଯୋଗ କରିବାରୁ ସେ ଚିକିତ୍ସାଳୟ ସିଲ ହୋଇଥିବା ସୂଚନା ଦେଇଛନ୍ତି।

# ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଯିବ ତାଲୁଙ୍ଗା ଗ୍ରାମରାସ୍ତା

## ଅତିରିକ୍ତ ଜିଲାପାଳଙ୍କ ସହ ସଂଗ୍ରାମ ସମିତିର ଆଲୋଚନାରେ ପ୍ରତିଶ୍ରୁତି

ଯାଜପୁରରୋଡ୍,୨୫।୧୧(ପବିତ୍ର ରଞ୍ଜନ ମହାନ୍ତି):

କୋରେଇ ବ୍ଲକ ଅଧୀନ ଜହ୍ନା ପଞ୍ଚାୟତ ତାଲୁଙ୍ଗା ଗ୍ରାମ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନକୁ ଯିବ। ପରେ ଏହାର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

ଏହି ରାସ୍ତାକୁ ନେଇ ଗ୍ରାମବାସୀ ଗତ ୨ ତାରିଖରେ ଆନ୍ଦୋଳନ କରିଥିଲେ। ପରେ କୋରେଇ ସଂଗ୍ରାମ ସମିତି ପକ୍ଷରୁ ଏନେଇ ଜିଲାପାଳଙ୍କୁ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଜାତୀୟ ରାଜପଥ ୨୦କୁ ସଂଯୋଗ କରୁଥିବା ଏହି ରାସ୍ତାଟି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏଠାରେ ଥିବା ସିମେଣ୍ଟ ଗୋଦାମକୁ ବହୁ ସଂଖ୍ୟାରେ ଭାରିଯାନ ଆସିବା ସହ ଅନେକ ସମୟରେ ଟ୍ରକ୍‌ଗୁଡିକ ଠିଆହୋଇ ରହିବା ଦ୍ୱାରା ଯାତାୟାତରେ ବ୍ୟାପକ ଅସୁବିଧା ହେଉଛି ବୋଲି ଦାବିପତ୍ରରେ ଦର୍ଶାଯାଇଥିଲା।


ଅତିରିକ୍ତ ଜିଲାପାଳଙ୍କ ନିକଟକୁ ଆସିଥିବା ସଂଗ୍ରାମ ସମିତି କର୍ମକର୍ତ୍ତା ଓ ଗ୍ରାମବାସୀ।

ସଂଗ୍ରାମ ସମିତି ଦାବିକୁ ନେଇ ଶୁକ୍ରବାର କଳିଙ୍ଗନଗର ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି, ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପସଭାପତି ଆଲୋକ ମହାନ୍ତି, ଅକ୍ଷୟ କୁମାର ଚାନ୍ଦ, ନିହାର ରଞ୍ଜନ ସାହୁ, ନାରାୟଣ ସାହୁ, ବାବାଜି ମଲ୍ଲିକ, ଅଭିଷେକ ଚାନ୍ଦ, ସରୋଜ ମଲ୍ଲିକ ଓ ବଳରାମ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

ରାସ୍ତା ପ୍ରଶସ୍ତୀକରଣ ନ ହେବା ପର୍ଯ୍ୟନ୍ତ ଭାରିଯାନ ଯାଇପାରିବ ନାହିଁ ବୋଲି ଗ୍ରାମବାସୀ ଜିଦ ଧରିଥିଲେ। ଅତିରିକ୍ତ ଜିଲାପାଳ ମିଶ୍ର ଜିଲାପାଳଙ୍କ ସହିତ ଆଲୋଚନା କରି ଏହା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ପର୍ଯ୍ୟନ୍ତ ସେଠାରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଦ୍ୱାରା ରାସ୍ତା ମରାମତି କରାଯିବ। ଏଥିସହିତ ଗ୍ରାମର ଶ୍ରମିକ ଓ ଯୁବକମାନଙ୍କୁ ନିଯୁକ୍ତି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ଆନ୍ଦୋଳନ ସ୍ଥଗିତ ରହିଲା ବୋଲି ସଂଗ୍ରାମ ସମିତି ପକ୍ଷରୁ ଘୋଷଣା କରାଯାଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିବେକ୍


@ ମହେନ୍ଦ୍ର


@ ଦୀପକ


@ ପ୍ରେମାନନ୍ଦ


@ ରାଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ସଚେତନତା ଶିବିର

**ଶରଣକୁଳ,୨୫।୧୧(ଦୀପକ କର)**

ଶରଣକୁଳ ନିକଟବର୍ତ୍ତୀ ପଞ୍ଚରିଡାମାନପୁର ପଞ୍ଚାୟତ ପାଇକବାଡ଼ ଗ୍ରାମର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରଠାରେ ଲେପ୍ରା ସୋସାଇଟି ତରଫରୁ ରେଡ଼କ୍ରସ ସହାୟତାରେ ପଞ୍ଚାୟତରେ ଥିବା ଫାଇଲେରିଆ ରୋଗରେ ଆକ୍ରାନ୍ତ ୩୦ଜଣ ପୁରୁଷ ଓ ମହିଳାଙ୍କୁ ସ୍ୱାସ୍ଥ୍ୟ ସହାୟତା କିଟ୍ ବଣ୍ଟନ କରାଯିବା ସହିତ ରୋଗ ବିଷୟରେ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶରଣକୁଳ ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ଭାସ୍କର ମହାପାତ୍ର, ସ୍ୱାସ୍ଥ୍ୟକର୍ମୀ ରଶ୍ମିରାଣୀ ସାହୁ, ସିଏଚ୍‌ଓ ସୁସ୍ମିତା ପ୍ରଧାନ, ଲେପ୍ରା ସୋସାଇଟିର କୋଷାଧ୍ୟକ୍ଷ ଅମୂଲ୍ୟ ନାଏକ, ପ୍ରୋଗ୍ରାମ ଆସୋସିଏଟ ମନମୋହନ ମିଶ୍ର ଓ ମନିଟରିଂ ଇଭାଉଲେଶନ ଅଫିସର ଦିଲୀପ କୁମାର ସେଠୀ ଉପସ୍ଥିତ ଥିଲେ। ଲେପ୍ରା ସୋସାଇଟିର ବିଏଚ୍‌ସି ତାମସୀ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### କାର୍ତ୍ତିକ ମହୋତ୍ସବ ପ୍ରସ୍ତୁତି

**ଖଣ୍ଡପଡ଼ା,୨୫।୧୧(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ୍‌ର ମର୍ଦ୍ଦରାଜପୁର ଗ୍ରାମ ମୁଣ୍ଡିଆ ହନୁମାନଙ୍କ ପୀଠରେ କାର୍ତ୍ତିକ ମହୋତ୍ସବ ପାଳନ ନେଇ ବ୍ୟାପକ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୬ରେ ମୁଣ୍ଡିଆ ହନୁମାନପୀଠ ପରିସରରେ ପ୍ରଭୁ ଶ୍ରୀ ରାମଚନ୍ଦ୍ର, ପତିତପାବନ ଓ ହନୁମାନଙ୍କ ଏକ ବିରାଟ ବିଗ୍ରହ ଉନ୍ମୋଚନ ହେବ । ୨୭ ତାରିଖରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।

### ଖଣ୍ଡପଡ଼ାରେ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ

**ଖଣ୍ଡପଡ଼ା,୨୫।୧୧(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ସହର ଓ ଏହାର ଆଖପାଖ ଅଞ୍ଚଳର ପୂଜା ମଣ୍ଡପରେ କାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ ହୋଇଛି। ପୂଜା ମଣ୍ଡପରେ କାର୍ତ୍ତିକେଶ୍ୱରଙ୍କ ପ୍ରତିମୂର୍ତ୍ତି ପୂଜା ପାଉଛନ୍ତି । ବିଭିନ ରଙ୍ଗର ଆଲୋକମାଳାରେ ପୂଜା ମଣ୍ଡପଗୁଡ଼ିକ ଝଲସି ଉଠୁଛି। ଆସନ୍ତା କାର୍ତ୍ତିକ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପ୍ରଭୁ କାର୍ତ୍ତିକେଶ୍ୱର ଦେବ ମଣ୍ଡପରେ ପୂଜା ପାଇବେ ବୋଲି ପୂଜା କମିଟିର ସଦସ୍ୟମାନେ କହିଛନ୍ତି ଏ ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

### ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

**ଶରଣକୁଳ,୨୫।୧୧(ଦୀପକ କର):** ଶରଣକୁଳସ୍ଥିତ ନାରାୟଣ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବିଜ୍ଞାନ ବିଭାଗର ସଞ୍ଚାଳକ ପ୍ରଜ୍ଞାପାରମିତା ସାହୁ, ବିଜ୍ଞାନ ଶିକ୍ଷୟିତ୍ରୀ ସୁନିତା ସାହୁ, ବିଜ୍ଞାନ ଶିକ୍ଷକ ଜନାର୍ଦ୍ଦନ ପରିଡ଼ା, ଗୌରାଙ୍ଗ ସାହୁ, ରୋଜାଲିନ ମିଶ୍ର, ଦାମୋଦର ସାହୁଙ୍କ ସହଯୋଗରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ସୁଚାରୁ ରୂପେ ପ୍ରଦର୍ଶିତ ହୋଇଛି। ଅତିଥି ରୂପେ ଜିଲା ପରିଷଦ ସଭ୍ୟ ଚିନ୍ମୟୀ ଦାଶ ଯୋଗ ଦେଇ ମେଳାକୁ ଉଦଘାଟନ କରିଥିଲେ । ଏଥିରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ପ୍ରାୟ ୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଗୋଡିପଲି ଗୋପୀନାଥ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରକାଶ କିଶୋର ପ୍ରଧାନ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର ଏବଂ ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ସାହୁ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରଥମ ସ୍ଥାନ ପାଇଥିବା ପ୍ରକଳ୍ପ ବ୍ଲକସ୍ତରୀୟ ବିଜ୍ଞାନମେଳା ପାଇଁ ମନୋନୀତ ହୋଇଥିଲା।

# ପ୍ରଦୂଷଣ ଆଁରେ ନୟାଗଡ଼

- ସଙ୍କଟରେ ପରିବେଶ
- ସୁରକ୍ଷିତ ନୁହେଁ ଜଙ୍ଗଲ
- ସୁରକ୍ଷା ଚିନ୍ତା ଥାଇ ବି ପ୍ରତିକାର ନାହିଁ

**ନୟାଗଡ଼,୨୫।୧୧(ଲୋକନାଥ ମିଶ୍ର)**

ସଙ୍କଟରେ ପରିବେଶ । ବର୍ତ୍ତମାନ ପରିବେଶ, ଅସନ୍ତୁଳିତ ଜଳବାୟୁ ଓ ବିପର୍ଯ୍ୟୟ ମୁଖୀ ସବୁଜିମା ନୟାଗଡ଼ ଜିଲାରେ ଜୀବଜଗତକୁ ଧ୍ୱଂସ ମୁହଁକୁ ଠେଲି ଦେଇଛି । ପ୍ରଦୂଷଣ ଆଁରେ ରହି ଯାଇଛି ନୟାଗଡ଼ ଜିଲା । ହେଲେ ଏହାର ପ୍ରଭାବ କାଠ, ପଥର ଚୋର, କରତ କଳ ଓ କ୍ରସର ମାଲିକ, ପରିବେଶକୁ ନଷ୍ଟ କରୁଥିବା ମଣିଷ ଓ ବନବିଭାଗ ଉପରେ ପଡୁନି । ଜିଲାର ବିଭିନ୍ନ ପାହାଡ଼ ଓ ଜଙ୍ଗଲିଆ ଅଞ୍ଚଳରେ ପଥରଚୋରମାନେ କମ୍ପ୍ରେସର ଲଗାଇ ମୁଣ୍ଡିଆରୁ ପଥର ବ୍ଲାଷ୍ଟିଂ କରୁଛନ୍ତି । ଏଥିରେ ଡିଟୋନେଟର, ଜିଲୋଟିନ୍, ଆମୋନିୟମ ନାଇଟ୍ରେଟ ଭଳି ବିସ୍ଫୋରକ ବ୍ୟବହାର କରାଯାଉଛି। ବ୍ଲାଷ୍ଟିଂ ଯୋଗୁ ପରିବେଶ ପ୍ରଦୂଷିତ ହେଉଛି । ସେହିପରି କେତେକ କ୍ରସର ମାଲିକ ନୀତି ନିୟମକୁ ମାନୁ ନାହାନ୍ତି । ଲାଇସେନ୍ସ ନ ଥାଇ ବି କ୍ରସର ଚାଲିଛି । ଏକ୍ଷେତ୍ରରେ ଜିଲା ପ୍ରଶାସନ ଓ ପ୍ରଦୂଷଣ ବୋର୍ଡ ନୀରବତା ଅବଲମ୍ବନ କରୁଛନ୍ତି । ପୁଣି ଜିଲାରେ ଯାନବାହନ ସଂଖ୍ୟା ବଢ଼ି ଚାଲିଛି। କିଛି ଯାନବାହାନ କିରୋସିନି ଓ ଗ୍ୟାସରେ ଚାଲୁଥିଲେ ମଧ୍ୟ ନଜର ନାହିଁ । ଖରାଦିନେ ଜଙ୍ଗଲରେ ନିଆଁ ଲାଗି ଔଷଧୀୟ ବୃକ୍ଷ ସମେତ ଅନ୍ୟ ଗଛ ପୋଡୁଛି । ଅଙ୍ଗାର ଓ ପୋଡୁ ଚାଷ ଯୋଗୁ ଜଙ୍ଗଲ ଜଳୁଛି । ବେଆଇନ ଶିକାରର ପ୍ରଭାବ ମଧ୍ୟ ପରିବେଶ ଉପରେ ପଡୁଛି। ରାସ୍ତା କଡ, ବିଭିନ୍ନ ଅଞ୍ଚଳ ଓ ଜଙ୍ଗଲରୁ ଯେଉଁ ପରିମାଣର ଗଛକଟା ଯାଉଛି ସେତିକି ଗଛ ଲଗା ଯାଉ ନାହିଁ । ଚାରା ରୋପଣର ବାହାବା ନିଆଯାଉଛି । ହେଲେ ଯେତିକି ଚାରା ଲାଗୁଛି ୮ ପ୍ରତିଶତ ଚାରା ବଞ୍ଚୁ ନାହିଁ । କେତେଜଣ ଲୋକ ଧରାଧରି କରି ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ ପୁରସ୍କାର ହାତେଇ ବାହାବା ନେଉଛନ୍ତି ।

ଏନେଇ ପରିବେଶବତ୍ ଆଦିତ୍ୟ ଦାଶ କୁହନ୍ତି, ଭାଷଣ ବାଜି ନ କରି ପରିବେଶର ସୁରକ୍ଷା ପାଇଁ କାମ କରିବା ଦରକାର । ବିଭିନ୍ନ କାରଣରୁ ପରିବେଶ ପ୍ରଦୂଷିତ ହୋଇ ଚାଲିଛି । ଏହାକୁ ରୋକିବାକୁ ମିଳିମିଶି କାମ କରିବା ଦରକାର । ଚାରା ରୋପଣ କରି ଯେପରି ବାହାବା ନିଆଯାଉଛି ସେପରି ସେଗୁଡିକୁ ବଞ୍ଚାଇଲେ ପରିବେଶର ରୁପ ବଦଳିବ। ପରିବେଶବିତ୍ ବିଭୁ ପ୍ରସାଦ ଦାଶ କୁହନ୍ତି, ଧିରେ ଧିରେ ପରିବେଶ ପ୍ରଦୂଷିତ ହୋଇ ଚାଲିଛି । ଆମେ ଅଣନିଃଶ୍ୱାସୀ ହେବା ଆରମ୍ଭ ହୋଇଥିଲେହେଁ ଏହାକୁ ବଦଳାଇବାକୁ ପଦକ୍ଷେପ ନେଉନାହୁଁ। ପ୍ରତିବର୍ଷ କେତେଜଣ ଲୋକ ଚାରା ରୋପଣ କରି ବାହାବା ନେଉଛନ୍ତି । ଜଙ୍ଗଲକୁ ଧ୍ୱଂସ କରି ପରିବେଶବିତ୍ ପୁରସ୍କାର ହାତଉଛନ୍ତି । ସରକାର ନିଜର ନୀତିରେ ପରିବର୍ତ୍ତନ ଆଣନ୍ତୁ । ପରିବେଶ ଉପରେ ପ୍ରାଧାନ୍ୟ ଦେଇ କାମ କରାନ୍ତୁ । ପରିବେଶବିତ୍ ଗଛ ସାର ଅନ୍ତର୍ଯ୍ୟାମୀ ସାହୁ କୁହନ୍ତି, କେହି କାହାରିକୁ ଦୋଷାରୋପ ନ କରି ପରିବେଶ ସୁରକ୍ଷା ପାଇଁ ଆଗେଇ ଆସିବା ଦରକାର। ପରିବେଶକୁ ବଦଳାଇବାକୁ ହେଲେ ସମସ୍ତଙ୍କ ସହଯୋଗ ଦରକାର । ଭାସଣବାଜି କରିଦେଲେ ପରିବେଶ ବଦଳିବ ନାହିଁ ବୋଲି ପ୍ରକାଶ କରିଛନ୍ତି । ପରିବେଶବିତ୍ ସଞ୍ଜୟ ସାହୁ କୁହନ୍ତି, କ୍ରସର, ବିସ୍ଫୋରକ କାରବାର, ଯାନବାହାନ ପରି କିଛି କାରଣରୁ ପ୍ରଦୂଷଣ ବଳୟରେ ନୟାଗଡ଼ ଜିଲା ରହିଥିବା ଅଭିଯୋଗ ହୋଇ ଆସୁଛି । ଜିଲାରେ ଠେଙ୍ଗାପାଳି ଓ ବନ ସୁରକ୍ଷା ସମିତି ମାଧ୍ୟମରେ ଜଙ୍ଗଲର ସୁରକ୍ଷା କରାଯାଉଥିଲେହେଁ ଜିଲାର ୩୭ ପ୍ରତିଶତ ଜଙ୍ଗଲ ସୁରକ୍ଷିତ ନୁହେଁ। ବିକାଶ ନାଁରେ ବିନାଶ ଚାଲିଥିବାରୁ କେବଳ ସ୍ଥଳ କି ଆକାଶ ନୁହେଁ ଜଳ ବି ପ୍ରଦୂଷିତ ହୋଇ ଚାଲଛି । ପରିବେଶର ସୁରକ୍ଷା ସମସ୍ତଙ୍କୁ ଘାରିଥିଲେ ମଧ୍ୟ ପ୍ରତିକାର କରାଯାଉନାହିଁ। ସମୟ ଆସିଛି ପରିବେଶକୁ ସୁରକ୍ଷା କଲେ ଆମେ ଓ ଆମର ବଂଶଧର ସୁରକ୍ଷିତ ରହିବେ, ନ ହେଲେ ସବୁ ବିଗିଡି ଚାଲିବ । ଶେଷରେ ଜୀବଜଗତ ସଙ୍କଟରେ ପଡିବେ ବୋଲି କହିଛନ୍ତି ।



ପଞ୍ଚକ ଅବସରରେ ଶନିବାର ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କର ରାମବଳରାମ ବେଶ।

### ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଶରଣକୁଳ,୨୫।୧୧(ଦୀପକ କର):** ନୟାଗଡ଼ ଜିଲା ଓଡ଼ଗାଁ କ୍ଲବ୍ ଅନ୍ତର୍ଗତ ସୋଲପଟା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ୨୮ତମ ମଣ୍ଡଳ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶ ଗ୍ରହଣ କରିଥିବା ୧୮୩ ପ୍ରକଳ୍ପ ମଧ୍ୟରୁ ବରିଷ୍ଠ ବର୍ଗରେ ୧୩୬ ଓ କନିଷ୍ଠ ବର୍ଗରେ ୪୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ବରିଷ୍ଠ ବିଭାଗରୁ ୫ ଓ କନିଷ୍ଠ ବିଭାଗରୁ ୩ ପ୍ରକଳ୍ପ ଜିଲସ୍ତରକୁ ମନୋନିତ ହୋଇଛି। ଏଥରର ବିଷୟ ଥିଲା ସମାଜ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା । ପ୍ରଥମ ଅଧିବେଶନରେ ଇଂ.ଦେବାଶିଷ ପଟ୍ଟନାୟକ, ନୟାଗଡ଼ ଜିଲା ପରିଷଦ ସଭାପତି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ରଣପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ସତ୍ୟନାରାୟଣ ପ୍ରଧାନ ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ରୂପେ ଓଡ଼ଗାଁ ବିଇଓ ଗୀତାଞ୍ଜଳୀ ସାହୁ, ସୁଶାନ୍ତ କୁମାର ଜେନା, ବିନୟ କୁମାର ବରାଡ଼, କୁବେର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିବେକ୍



@ ମହେନ୍ଦ୍ର



@ ଦୀପକ



@ ପ୍ରେମାନନ୍ଦ



@ ରାଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନଡ଼ିଆ କତା ଶିଳ୍ପ ତାଲିମ ଶିବିର

**ଖଣ୍ଡପଡା,୨୫।୧୧(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର ଗୋକୁଳାନନ୍ଦ ଜୀଉ କଲ୍ୟାଣ ମଣ୍ଡପ ପରିସରରେ ନଡ଼ିଆ କତା ଶିଳ୍ପ ପ୍ରତିଷ୍ଠା ସମ୍ପର୍କୀତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ନଡ଼ିଆ କତାଶିଳ୍ପ ଉଦ୍ୟୋଗ ପରିଷଦର ଆଞ୍ଚଳିକ କ୍ଷେତ୍ରାଧିକାରୀ ବି.ସୁନିଲ୍ କୁମାର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ଦଳେଇ, ସମ୍ମାନୀତ ଅତିଥି ଭାବେ ସାମାଜିକ କର୍ମୀ ବିଜୟ କୁମାର ନନ୍ଦ, ଅପରାଜିତା ମହାନ୍ତିଙ୍କ ସମେତ ସ୍ଥାନୀୟ କାନାରା ବ୍ୟାଙ୍କ ଶାଖା ପରିଚାଳକ ଯୋଗଦେଇଥିଲେ।




ତାଲିମ ଶିବିରରେ ଯୋଗଦେଇଥିବା ଅତିଥି।

ରାଜ୍ୟ ଓ ରାଜ୍ୟ ବାହାରର ଉଦ୍ୟୋଗୀମାନେ ନଡ଼ିଆ କତାଶିଳ୍ପ ପ୍ରତିଷ୍ଠା କରି କିଭଳି ସ୍ୱାବଲମ୍ବୀ ହୋଇପାରିଛନ୍ତି ଓ ଅନ୍ୟମାନଙ୍କୁ ମଧ୍ୟ ରୋଜଗାରକ୍ଷମ କରାଇପାରିଛନ୍ତି ସେ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ସୂଚନା ପ୍ରଦାନ କରିଥିଲେ। ସାମାଜିକ କର୍ମୀ ଅନିରୁଦ୍ଧ ମିଶ୍ର ଶିବିରରେ ସଂଯୋଜନା କରିଥିବା ବେଳେ ଗଣେଶ ପଣ୍ଡା ଧନ୍ୟବାଦ ଦେଇଥିଲେ। ଆଖପାଖ ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷିତ ବେକାର, ଯୁବତୀ, ଯୁବକ ଓ ଗୃହିଣୀମାନେ ଶିବିରରେ ଯୋଗଦେଇ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରିଥିଲେ।

## ଡିସେମ୍ବର ୧୮ରୁ ଖଣ୍ଡପଡ଼ା ମହୋତ୍ସବ

**ଖଣ୍ଡପଡ଼ା,୨୫।୧୧(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା କଳା ବିକାଶ ପରିଷଦ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମହୋତ୍ସବର ଆୟୋଜନ କରାଯାଉଥିବା ବେଳେ ଚଳିତ ବର୍ଷ ଡ଼ିସେମ୍ବର ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ୫ ଦିନ ମହୋତ୍ସବ ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡ଼ିୟମ ପରିସରରେ ଅନୁଷ୍ଠିତ ହେବ ବୋଲି କଳାବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ର ଘୋଷଣା କରିଥିଲେ । ଏ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶୁଭମଣ୍ଡପ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମହୋତ୍ସବ କମିଟିର ଅଧକ୍ଷ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହୋତ୍ସବ କମିଟିର ଅଧକ୍ଷ ତଥା ଖଣ୍ଡପଡ଼ା ବ୍ଲକ୍ ଉପାଧକ୍ଷ ଶିଶିର କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ତହସିଲଦାର ଧୋବେଇ ନାଏକ, ଏସ୍‌ଡ଼ିପିଓ ବିମଳ କୁମାର ବାରିକ, ଏବିଡ଼ିଓ ସୁବାସ ଚନ୍ଦ୍ର ସେଠୀ, ଖଣ୍ଡପଡ଼ା ଥାନାଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ, ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋ, ଉପ-ନିବନ୍ଧକ ସନ୍ତୋଷ କୁମାର ଦଳବେହେରା, ଖଣ୍ଡପଡ଼ା ବ୍ଲକ୍ ଆତ୍ମା କମିଟିର ଅଧକ୍ଷ ନାରାୟଣ ଆଚାର୍ଯ୍ୟ, କୃଷି ଅଧିକାରୀ ମିଳନ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ, ପଞ୍ଚାୟତ ଲୋକପ୍ରତିନିଧିମାନେ ସମ୍ମତି ପ୍ରଦାନ କରିଥିଲେ। କଳାବିକାଶ ପରିଷଦର ଉପଦେଷ୍ଟା ରମେଶ କୁମାର ମହାନ୍ତି ମହୋତ୍ସବ ଆୟୋଜନର ରୂପରେଖ ଓ ବ୍ୟୟ ଅଟକଳ ସମ୍ପର୍କରେ ସୁଚନା ଦେଇଥିଲେ। ସେହିପରି ଗଣମାଧ୍ୟମର ପ୍ରତିନିଧିମାନେ ମହୋତ୍ସବ କିପରି ସରସ ସୁନ୍ଦର ହୋଇପାରିବ ସେ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ। କଳାବିକାଶ ପରିଷଦର ସମସ୍ତ ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ବାଙ୍କଚୂଡ଼ା, ନୃସିଂହ ଅବତାର ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ



**ଖଣ୍ଡପଡା,୨୫।୧୧(ଅଜୟ କୁମାର ମହାରଣା):** କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଶ୍ରୀଜୀଉ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର ପରମ୍ପରା ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ଶ୍ରୀନୀଳମାଧବଙ୍କୁ ସନ୍ଧ୍ୟାରେ ବାଙ୍କଚୁଡ଼ ବେଶରେ ସଜାଯାଇଥିଲା। ଏହି ବେଶରେ ଠାକୁର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ସେହିପରି ଖଣ୍ଡପଡ଼ା ଶ୍ରୀଜଗନ୍ନାଥ ଜୀଉ ନୃସିଂହ ଅବତାର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କ ଏହି ଦେବ ଦୁର୍ଲ୍ଲଭ ବେଶ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ସନ୍ଧ୍ୟାରେ ବହୁଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ସାତକୋଶିଆ ସ୍ୟାଣ୍ଡ ରିସୋର୍ଟରେ ବିଦେଶୀ ପର୍ଯ୍ୟଟକଙ୍କ ଭିଡ଼

**ଗଣିଆ,୨୫।୧୧(ସନ୍ତୋଷ କୁମାର ପ୍ରଧାନ)**

ରାଜ୍ୟର ପ୍ରମୁଖ ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକ ମଧ୍ୟରେ ନୟାଗଡ଼ ଜିଲା ଗଣିଆ ବ୍ଲକ ସାଉଥ ବଡମୂଳ ମଙ୍ଗାନାସୀଠାରେ ଥିବା ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ଅନ୍ୟତମ । ଏହି ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ର ଦେଶ ଓ ବିଦେଶୀ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏଠାକୁ ବିଭିନ୍ନ ଦେଶରୁ ପର୍ଯ୍ୟଟକମାନେ ଆସିବାରେ ଲାଗିଛନ୍ତି । ଗୁରବାର ଏହି ସ୍ୟାଣ୍ଡ ରିସୋର୍ଟକୁ ଫ୍ରାନସ୍‌ର ମାର୍କୋଟିପି କୋଟପିକନ୍, ହୁଭିଲିୟର ଆନିଏ ଡାନିଏଲ, ଜାପାନର ଇଷାକ୍ ସିମ୍ପଲ, ୟାନୋ ସାହୋ , ଥାଇଲ୍ୟାଣ୍ଡର ଚୁନୁବୁରି ଥାକରନ୍ କାଖାଇକିଥ୍‌ୱାଟ ଓ ବ୍ୟାଙ୍କ୍‌କର ସାନସାନି ଚୁଆଇଓ ପ୍ରମୁଖ ପର୍ଯ୍ୟଟକ ଆସିଥିଲେ । ଗୁରବାର ପୂର୍ବାହ୍ନରେ ଏହି ବିଦେଶୀ ପର୍ଯ୍ୟଟକମାନେ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ପରିସରରେ ପହଞ୍ଚିବା ପରେ ରିସୋର୍ଟ ପରିଚାଳନା କମିଟି ତରଫରୁ ଫୁଲ ଚନ୍ଦନ ଦେଇ ହୁଳହୁଳି ସହ ସ୍ୱାଗତ କରାଯାଇଥିଲା । ଏଠାରେ ଗୋଟିଏ ଦିନ ରହଣି ମଧ୍ୟରେ ସାତକୋଶିଆ ଗଣ୍ଡରେ ବୋଟିଂ,ଘଞ୍ଚ ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଜଙ୍ଗଲ ଟ୍ରାକିଂ, ଓଡ଼ିଶାର ଦେଶୀୟ ଖାଦ୍ୟ, ମହାନଦୀର ବାଲୁକା ଶଯ୍ୟାରେ ରାତ୍ରୀଯାପନ, ସ୍ଥାନୀୟ ଲୋକନୃତ୍ୟ ସହ ପରିଚାଳନା କମିଟିର ଆତିଥ୍ୟେୟତା ବେଶ୍ ଆକୃଷ୍ଟ କରିଥିବା ଏହି ବିଦେଶୀ ପର୍ଯ୍ୟଟକମାନଙ୍କ ମଧ୍ୟରୁ ଜାପାନର ୟାନୋ ସାହୋ କହିଥିଲେ । ଚଳିତ ବର୍ଷ ଏହି ପର୍ଯ୍ୟଟକମାନେ ଗୋଟିଏ ଦିନ ପାଇଁ ଆସିଥିଲେ । ଆସନ୍ତା ବର୍ଷ ୨ରୁ ୩ଦିନ ରହି ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ନିଶ୍ଚିତ ଆସିବାକୁ ବ୍ୟାଙ୍କ୍‌କର ସାନସାନି ଚୁଆଇଓ ସୂଚନା ଦେଇଛନ୍ତି। ତେବେ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୈବ ବିବିଧତାର ଗନ୍ତାଘର ପାଲଟିଥିବା ସାତକୋଶିଆଗଣ୍ଡ ଅଭୟାରଣ୍ୟ ମଧ୍ୟରେ ଥିବା ଏହି ପର୍ଯ୍ୟଟନ କେନ୍ଦ୍ରଟି ଦିନକୁ ଦିନ ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳୁଛି ।



ସାତକୋଶିଆ ସ୍ୟାଣ୍ଡ ରିସୋର୍ଟକୁ ଆସିଥିବା ବିଦେଶୀ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଉଛି।

# ଦରମା ଏକ, ଆଶା ଅନେକ



ଆଜିର ଯୁବପିଢ଼ିଙ୍କ ସ୍ୱପ୍ନ ଆକାଶଛୁଆଁ, ଯେଉଁଥିପାଇଁ ଆବଶ୍ୟକ ପ୍ରଚୁର ଅର୍ଥ। ମାସିକ ଦରମାରେ ଯାହା ପୂରଣ କରିବା କଷ୍ଟ। ତେଣୁ ଅନେକେ ଜବ୍ ସହ ଅନ୍ୟାନ୍ୟ କାର୍ଯ୍ୟ କରୁଥିବା ବି ଦେଖାଯାଏ। ହେଲେ ଏହା ଯଦି ନିଜ କାର୍ଯ୍ୟ କିମ୍ବା କାର୍ଯ୍ୟାଳୟ ପ୍ରତି ଅବହେଳାର କାରଣ ସାଜେ, ତେବେ ଏଥିପାଇଁ କେବେ ପଦୋନ୍ନତି ସହ ଦରମା ବୃଦ୍ଧି ଅଟକିଯାଏ ତ ଆଉ କେବେ ହରାଇବାକୁ ହୋଇଥାଏ ଜବ୍। ତେଣୁ ଗୋଟିଏ ଜବ୍‌ରେ ଥାଇ ମଧ୍ୟ ଜଣେ ସ୍ମାର୍ଟ ଉପାୟରେ ନିଜ ସ୍ୱପ୍ନ ସାକାର କରିପାରିବେ...

**ଉଦ୍ୟମ କରନ୍ତୁ:** ଅଧିକ ରୋଜଗାର କରିବା ଲକ୍ଷ୍ୟ ଥିଲେ କେବଳ ସ୍ୱପ୍ନ ଦେଖିଲେ ଏହା ପୂରଣ ହୋଇଯିବ ନାହିଁ। ଏହାକୁ ସାକାର କରିବା ଲାଗି ସର୍ବଦା ନିଜ କର୍ମରେ ସଚ୍ଚୋଟ ହେବା ସହ ଉଦ୍ୟମ ଜାରି ରଖନ୍ତୁ।

**ହୁଅନ୍ତୁ ପ୍ରଥମ:** ନିଜ କର୍ମକ୍ଷେତ୍ରରେ ପ୍ରତ୍ୟେକ କାର୍ଯ୍ୟକୁ ସମୟ ପୂର୍ବରୁ କରିବାକୁ ଚେଷ୍ଟା କରନ୍ତୁ। କଷ୍ଟ ହେବ କିମ୍ବା କରି ନ ପାରିଲେ ଅପଦସ୍ଥ ହେବାକୁ ପଡ଼ିବ ଭାବି ଡରି ଯାଆନ୍ତୁ ନାହିଁ। ବରଂ ଯେକୌଣସି କାମ ଦିଆଗଲେ ସକାରାତ୍ମକ ଭାବେ ଏହାକୁ ଗ୍ରହଣ କରନ୍ତୁ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବାକୁ ଚେଷ୍ଟା କରନ୍ତୁ। କୌଣସି ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ଅନୁପସ୍ଥିତିରେ କିମ୍ବା ଜବ୍ ଛାଡ଼ିଥିବା କୌଣସି କର୍ମଚାରୀଙ୍କ ସ୍ଥାନରେ ତାଙ୍କ କାମ କରିବାକୁ ବି ପଛାନ୍ତୁ ନାହିଁ। ଆପଣଙ୍କର ଏହି କାର୍ଯ୍ୟକଳାପ ବସ୍‌ଙ୍କୁ ଖୁସି କରିବା ସହ ଆପଣଙ୍କ ପଦୋନ୍ନତିରେ ବେଶ୍ ସହାୟକ ହୋଇପାରିବ।

**ମଲ୍ଟି ଟାସ୍କିଂ ହେବା ଭଲ:** ଅଫିସ୍‌ରେ କେବଳ ନିର୍ଦ୍ଧାରିତ କାମରେ ନିଜକୁ ସୀମିତ ରଖନ୍ତୁ ନାହିଁ। ଏହାଦ୍ୱାରା କେବଳ ଗୋଟିଏ ଦିଗରେ ହିଁ ଦକ୍ଷତା ବୃଦ୍ଧି ପାଇବ। ନିଜ କାମରେ ବେଷ୍ଟ ଦେବା ସହ ଯଦି ଫାଙ୍କା ସମୟ ପାଆନ୍ତି, ତେବେ ଅନ୍ୟାନ୍ୟ କାର୍ଯ୍ୟରେ ଆଗ୍ରହ ଦେଖାନ୍ତୁ। ଦେଖିବେ, ଆପଣ ମଲ୍ଟି ଟାସ୍କିଂ ହୋଇ ଏକାଧିକ କ୍ଷେତ୍ରରେ ଦକ୍ଷତା ହାସଲ କରିପାରିବେ। ଫଳରେ ଧୀରେ ଧୀରେ ଏହା ଆପଣଙ୍କ ପ୍ରତି ସଭିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆପଣଙ୍କୁ ଜଣେ ଦକ୍ଷ କର୍ମଚାରୀର ପରିଚୟ ଦେବ ଏବଂ ଯଥାଶୀଘ୍ର ଦରମା ବୃଦ୍ଧିରେ ସାହାଯ୍ୟ କରିବ।

**ଟାର୍ଗେଟ୍ ପୂରଣ କରନ୍ତୁ:** ପ୍ରତ୍ୟେକ ଅଫିସ୍‌ରେ ବିଭିନ୍ନ କାମକୁ ନେଇ ଟାର୍ଗେଟ୍ ଏବଂ ଡେଡ୍‌ଲାଇନ୍ ରହିଥାଏ। ତେଣୁ ଡେଡ୍‌ଲାଇନ୍ ପୂର୍ବରୁ ଅଧିକରୁ ଅଧିକ ଟାର୍ଗେଟ୍ ପୂରଣ କରିବାକୁ ଚେଷ୍ଟା କରନ୍ତୁ। ଏହା ଆପଣଙ୍କ କ୍ୟାରିୟର ବୁଷ୍ଟ କରିବାରେ ବେଶ୍ ସାହାଯ୍ୟ କରିବ।

**ଆତ୍ମପରିଚୟ ସୃଷ୍ଟି କରନ୍ତୁ:** ଗୋଟିଏ ଜବ୍‌ରେ ରହି ଯଦି ଇନ୍‌କ୍ରିମେଣ୍ଟ କିମ୍ବା ପ୍ରମୋଶନ୍ ଆଶା ରଖୁଛନ୍ତି, ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନୁଷ୍ଠାନରେ ଆପଣଙ୍କର ସକ୍ରିୟ ଯୋଗଦାନ। କାରଣ ଅନେକ କର୍ମଚାରୀ ଏମିତି ଅଛନ୍ତି, ଯେଉଁମାନେ କାମ ଜାଣିଥିଲେ ସୁଦ୍ଧା କେବଳ ନିଜ କାମ ବ୍ୟତୀତ ଆବଶ୍ୟକ ସମୟରେ ବି ଅଫିସ୍‌ର ଅନ୍ୟ କୌଣସି କାମରେ ଯୋଗଦାନ କରନ୍ତି ନାହିଁ। ଫଳସ୍ୱରୂପ ତାଙ୍କ ଭିତରେ କେତେ ପାରଦର୍ଶିତା ରହିଛି, ତା' ଲୋକଲୋଚନକୁ ଆସିପାରେ ନାହିଁ ଏବଂ ବର୍ଷ ବର୍ଷ ଧରି ତାଙ୍କ ପଦବୀ ସମାନ ହିଁ ରହିଥାଏ। ତେଣୁ ଯଦି ଆପଣଙ୍କର ବିଭିନ୍ନ କାମରେ ଦକ୍ଷତା ରହିଛି, ତେବେ ସୁଯୋଗ ମିଳିଲେ ନିଶ୍ଚୟ ଭାବେ ଏହା ପ୍ରଦର୍ଶନ କରନ୍ତୁ। ଏହା ନିଶ୍ଚିତ ଭାବେ ବସ୍‌ଙ୍କ ମନରେ ଆପଣଙ୍କ ପ୍ରତି ଭଲ ଭାବନା ଏବଂ ବିଶ୍ୱାସ ସୃଷ୍ଟି କରିବ, ଯାହାକି ଆପଣଙ୍କ କ୍ୟାରିୟର ପାଇଁ ଖୁବ୍ ଭଲ ସଂକେତ।

**ଲିଡରଶିପ୍ ନିଅନ୍ତୁ:** ଅଫିସ୍‌ରେ ଅନେକ କାମ ଏକା କରିବା କଷ୍ଟ। ତେଣୁ ଏକ ଟିମ୍ ବା ଗ୍ରୁପ୍ ଗଠନ କରାଯାଇଥାଏ। ତେଣୁ ସବୁବେଳେ ଏଭଳି ଟିମ୍‌ରେ ଲିଡରଶିପ୍ ନେବାକୁ ଚେଷ୍ଟା କରନ୍ତୁ ଏବଂ ସଭିଙ୍କ ଭିତରେ କାମକୁ ଏଭଳି ବାଣ୍ଟିଦିଅନ୍ତୁ, ଯେପରି ତାହା ଶୀଘ୍ର ଏବଂ ସଠିକ୍ ଭାବେ ସମାପ୍ତ ହୋଇପାରିବ। ଏପରି କରିବା ଦ୍ୱାରା ଧୀରେ ଧୀରେ ଆପଣଙ୍କ ଟିମ୍‌କୁ ବଡ଼ ବଡ଼ ପ୍ରୋଜେକ୍ଟ ଦେବା ପାଇଁ କମ୍ପାନିର ବିଶ୍ୱାସ ବଢ଼ିବ ଏବଂ ଇନ୍‌ସେଣ୍ଟିଭ୍, ବୋନସ୍ ଆଦି ସହିତ ଇନ୍‌କ୍ରିମେଣ୍ଟ ଶୀଘ୍ର ମିଳିପାରିବ।

**ବଢାନ୍ତୁ କ୍ୱାଲିଫିକେଶନ୍:** ଆପଣ ଯେଉଁ ପୋଷ୍ଟରେ କାର୍ଯ୍ୟ କରୁଛନ୍ତି ତା'ଠାରୁ ବଡ ପୋଷ୍ଟକୁ ଯାଇ ଅଧିକ ଦରମା ଆଶା ରଖୁଥିଲେ ପ୍ରଥମେ ନିଜର କ୍ୱାଲିଫିକେଶନ୍ ବଢାନ୍ତୁ। ଅଫିସ୍ କାମ ପରେ ସମୟ ବାହାର କରି ହାୟର ଷ୍ଟଡି କିମ୍ବା ବିଭିନ୍ନ ଶର୍ଟ ଟର୍ମ କୋର୍ସ କରନ୍ତୁ। ଏହାଦ୍ୱାରା ଗୋଟିଏ ଜବ୍‌ରେ ଥାଇ ସୁଦ୍ଧା ଇନ୍‌କ୍ରିମେଣ୍ଟ ପାଇ ପାରିବେ ଏବଂ ଆପଣଙ୍କର ଅଧିକ ରୋଜଗାର କରିବାର ସ୍ୱପ୍ନ ସାକାର ହୋଇପାରିବ।

**ଆକର୍ଷଣୀୟ ପର୍ସନାଲିଟି ସାଜନ୍ତୁ:** ନିଜ ପର୍ସନାଲିଟିକୁ ଏମ୍ପ୍ରେସିଭ୍ କରିବାକୁ ଚେଷ୍ଟା କରନ୍ତୁ। କାମ ଭଲ କଲେ ପ୍ରଶଂସା ମିଳେ। ହେଲେ ଏଥିରେ ଅଧିକ ଖୁସି ହୋଇ ଆତ୍ମଗର୍ବ କରିବା କିମ୍ବା କାମରେ ଅବହେଳା କରିବା ଭଳି ଭୁଲ୍ ଆଦୌ କରନ୍ତୁ ନାହିଁ। ସବୁବେଳେ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରନ୍ତୁ ଦେଖିବେ ଆପଣଙ୍କ କାମ ହିଁ ସବୁ ଆଶା ପୂରଣ କରିବାରେ ସାହାଯ୍ୟ କରିବ।







## ଏ ସପ୍ତାହର ପ୍ରଶ୍ନ

୧– ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଡ୍ରୋଲୋଜି ........... ଠାରେ ଅବସ୍ଥିତ ?
୨– ............. ମିନିଷ୍ଟ୍ରି ଦ୍ୱାରା 'ଓମେନ୍ ଫର୍ ୱାଟର, ୱାଟର ଫର୍ ଓମେନ୍' କ୍ୟାମ୍ପେନ୍ ଆରମ୍ଭ କରାଯାଇଛି ?
୩– 'ଜେଡ୍‌ଇଭି'ର ଫୁଲ୍‌ଫର୍ମ ................ ?
୪– ...................... ହେଉଛି ମଣିଷକୃତ ପ୍ରଥମ ପ୍ଲାଷ୍ଟିକ୍ ?
୫– ପୃଥିବୀର ସବୁଠାରୁ ବଡ଼ ଆଗ୍ନେୟଗିରି .............. ?

## ଗତ ସପ୍ତାହର ଉତ୍ତର

୧ ସେ ନୋ ଟୁ କରପ୍ସନ୍, କମିଟ୍ ଟୁ ଦି ନେଶନ
୨ ଝାଡ଼ଖଣ୍ଡ
୩ ଦିଲ୍ଲୀ
୪ ୮୫% କ୍ଷୁଦ୍ରଚାଷୀ
୫ ଜୁଲାଇ ୨ ତାରିଖ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ସୁନୀଲ କୁମାର ବେହେରା, ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଦ୍ରୁତଗାମୀ ଜଳଜୀବ



| | |
|---|---|
| ୧– ମାର୍ଲିନ୍ | ୧୧୦କି.ମି. ପ୍ରତି ଘଣ୍ଟା |
| ୨– ସ୍ୱୋର୍ଡଫିସ୍ | ୯୭ କି.ମି.ପ୍ରତି ଘଣ୍ଟା |
| ୩– ମାକୋ ସାର୍କ | ୭୪ କି.ମି.ପ୍ରତି ଘଣ୍ଟା |
| ୪– ୟେଲୋଫିନ୍ ଟୁନା | ୭୪କି.ମି.ପ୍ରତି ଘଣ୍ଟା |
| ୫– ଫ୍ଲାଇଂ ଫିସ୍ | ୬୯ କି.ମି. ପ୍ରତି ଘଣ୍ଟା |
| ୬– ବୋନ୍ ଫିସ୍ | ୬୪ କି.ମି. ପ୍ରତି ଘଣ୍ଟା |
| ୭– ବୋନିଟୋ | ୬୪ କି.ମି.ପ୍ରତି ଘଣ୍ଟା |
| ୮– କିଲର୍ ହ୍ୱେଲ୍ | ୫୫ କି.ମି. ପ୍ରତି ଘଣ୍ଟା |
| ୯– ବାରା କୁଡ଼ା | ୨୭ କି.ମି. ପ୍ରତି ଘଣ୍ଟା |
| ୧୦– ପାଇଲଟ୍ ହ୍ୱେଲ୍ | ୩୨ କି.ମି.ପ୍ରତି ଘଣ୍ଟା |

## ଜାଣନ୍ତୁ ଦୁନିଆ

# ରୁଦ୍ରାକ୍ଷ



ଆମ ଦେଶରେ ରୁଦ୍ରାକ୍ଷ ମାଳିକୁ ଏକ ଧାର୍ମିକ ପ୍ରତୀକ ଭାବେ ଗ୍ରହଣ କରାଯାଏ। ଏହାକୁ ପିନ୍ଧିଲେ ଏକ ସକାରାତ୍ମକ ଶକ୍ତି ମିଳିବା ସହ ବିଭିନ୍ନ ଶାରୀରିକ ସମସ୍ୟାରୁ ମଧ୍ୟ ଉପଶମ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଜାଣିବା ଏହି ମାଳି ସମ୍ପର୍କରେ କିଛି ରୋଚକ ତଥ୍ୟ...

- ରୁଦ୍ରାକ୍ଷ ଶବ୍ଦଟି ଦୁଇଟି ସଂସ୍କୃତ ଶବ୍ଦ ରୁଦ୍ର ଅର୍ଥାତ୍ ଶିବ ଏବଂ ଅକ୍ଷ ଅର୍ଥାତ୍ ଆଖି ଶବ୍ଦରୁ ଆସିଛି। କିମ୍ବଦନ୍ତୀ ଅନୁଯାୟୀ ଥରେ ମହାଦେବ ଧ୍ୟାନ କରୁଥିବା ସମୟରେ ତାଙ୍କ ଆଖିରୁ ଲୁହ ଝରିଥିଲା, ଯାହା ମାଟିରେ ପଡ଼ିବା ପରେ ରୁଦ୍ରାକ୍ଷ ଗଛ ଉଠିଥିଲା। ସେବେଠୁ ଏହାକୁ ମହାଦେବଙ୍କ ପ୍ରତୀକ ଭାବେ ଗ୍ରହଣ କରାଯାଇଛି।
- ମହାଦେବଙ୍କ ଗଳାରେ ଏହା ଶୋଭା ପାଉଥିବାରୁ ଏହାକୁ ଶିବଭକ୍ତମାନେ ହାତରେ ଏବଂ ଗଳାରେ ଧାରଣ କରିଥା'ନ୍ତି।
- ଏକ ମୁଖୀରୁ ଆରମ୍ଭ ହୋଇ ଚଉଦ ମୁଖୀ ପର୍ଯ୍ୟନ୍ତ ରୁଦ୍ରାକ୍ଷ ବିଭିନ୍ନ ପ୍ରକାରର ରହିଛି। ପ୍ରତ୍ୟେକ ରୁଦ୍ରାକ୍ଷର ମହତ୍ତ୍ୱ ଏବଂ ଏହାକୁ ନେଇ ବୀଜମନ୍ତ୍ର ମଧ୍ୟ ଭିନ୍ନ ଭିନ୍ନ। ସେହିପରି ଆକାର ଅନୁଯାୟୀ ଏହାକୁ ୩ ପ୍ରକାରରେ ବିଭକ୍ତ କରାଯାଇଛି ଯଥା– ବଡ଼ ବା ଅଁଳା ଆକାରର, ମଧ୍ୟମ ବା କୋଳି ଆକାରର ଏବଂ କ୍ଷୁଦ୍ର ବା ଚଣା ଆକାରର। ଭକ୍ତମାନେ ନିଜ ପସନ୍ଦ ଆକାରର ରୁଦ୍ରାକ୍ଷ ଧାରଣ କରିଥା'ନ୍ତି।
- ରୁଦ୍ରାକ୍ଷକୁ ପୁରାତନ ଯୁଗରେ ମୁନି ଋଷିମାନେ ପୂଜା କରିବା ବ୍ୟତୀତ ଖାଦ୍ୟ ଏବଂ ପାନୀୟ ପଦାର୍ଥର ଶୁଦ୍ଧତା ପରୀକ୍ଷା କରିବାକୁ ବ୍ୟବହାର କରୁଥିଲେ। ସେମାନେ ଜଙ୍ଗଲରେ ବୁଲୁଥିବା ସମୟରେ କୌଣସି ସ୍ଥାନରୁ ପାଣି ପିଇବା ପୂର୍ବରୁ ଏହା ବିଷାକ୍ତ କି ନୁହେଁ ଜାଣିବା ଲାଗି ସେଥିରେ ରୁଦ୍ରାକ୍ଷ ବୁଡ଼ାଉଥିଲେ। ଯଦି କ୍ଲକ୍ ୱାଇଜ୍ ବୁଲିଲା ତେବେ ପାଣି ଶୁଦ୍ଧ ଏବଂ ଆଣ୍ଟି କ୍ଲକ୍ ୱାଇଜ୍ ବୁଲିଲେ ପାଣି ବିଷାକ୍ତ ବୋଲି ଜାଣିପାରୁଥିଲେ।
- ସାଧାରଣତଃ ୧୦୮ଟି ରୁଦ୍ରାକ୍ଷଯୁକ୍ତ ମାଳା ଲୋକ ପିନ୍ଧିଥା'ନ୍ତି। କେହି କେହି ଏହାଠାରୁ କମ୍ ବି ବ୍ୟବହାର କରିଥା'ନ୍ତି। ତେବେ ଗୋଟିଏ ମାଳାରେ ସର୍ବନିମ୍ନ ୮୪ଟି ରୁଦ୍ରାକ୍ଷ ରହିବା ଦରକାର।
- ଏହି ମାଳା ପିନ୍ଧିଲେ ଏହାର ସୁଫଳ ପାଇବା ଲାଗି ଆମିଷ ନ ଖାଇବା, ଘରଦ୍ୱାର ସଫା ରଖିବା, ନିଶା ସେବନଠୁ ଦୂରେଇ ରହିବା, ବଡ଼ଙ୍କୁ ସମ୍ମାନ ଦେବା ଭଳି ବିଭିନ୍ନ ଦିଗକୁ ନେଇ କେତେକ ନିୟମ ରହିଛି ।
- କୁହାଯାଏ, ରୁଦ୍ରାକ୍ଷ ସବୁବେଳେ ଭଲପିନ୍ଧିବା ଦରକାର। ଅର୍ଥାତ୍ ଭଙ୍ଗା, ପୋକଖିଆ ରୁଦ୍ରାକ୍ଷ ପିନ୍ଧିବା ଠିକ୍ ନୁହେଁ। ହେଲେ ଏହାକୁ ପିନ୍ଧିବା ପୂର୍ବରୁ ଶିବଲିଙ୍ଗ ସହ ଏହାର ଅଭିଷେକ କରିବା ଦରକାର।
- ରୁଦ୍ରାକ୍ଷ ପିନ୍ଧିବା ଦ୍ୱାରା ଈଶ୍ୱରକୃପା ମିଳିଥାଏ ଏବଂ ସକାରାତ୍ମକ ଶକ୍ତି ମିଳିଥାଏ। କେବଳ ଏତିକି ନୁହେଁ, ଏହା ବିଭିନ୍ନ ଚର୍ମରୋଗ, ସ୍ନାୟୁ ରୋଗ, ରକ୍ତଚାପ ଆଦି ସମସ୍ୟା ବି ଦୂର କରିଥାଏ।





## ସ୍ୱାସ୍ଥ୍ୟ ଆଲର୍ଟ

# କାନ ସଫା କରୁଥିଲେ

ପରିଷ୍କାର ପରିଚ୍ଛନ୍ନ ରହିବା ପାଇଁ କେବଳ ପ୍ରତିଦିନ ଗାଧୋଇବା ଯଥେଷ୍ଟ ନୁହେଁ। ତେଣୁ ପାଟି, ନାକ, ଆଖି ସହ କାନ ସଫା କରିବା ବି ଦରକାର। ହେଲେ ଆପଣ ଜାଣନ୍ତିକି କାନ ସଫା କରିବା ବେଳେ ସାମାନ୍ୟ ଅସାବଧାନତା କାନକୁ କ୍ଷତି ପହଞ୍ଚାଇବା ସହ ଶ୍ରବଣ ସମସ୍ୟାର କାରଣ ସାଜିପାରେ। ତେଣୁ କାନର ସୁରକ୍ଷା ପାଇଁ କେତୋଟି କଥା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...

- କାନର ପରଦା ଅଧିକ ସମ୍ବେଦନଶୀଳ। ତେଣୁ କାଠି କିମ୍ବା ଟାଣ ଜିନିଷ ଆଦୌ କାନରେ ପୂରାନ୍ତୁ ନାହିଁ। କାରଣ ଇୟରବଡ୍‌ର ନରମ ତୁଳା ମଧ୍ୟ ସେଠାରେ ବାଜିବାମାତ୍ରେ କ୍ଷତ ହେବାର ଆଶଙ୍କା ରହିଛି। ତେଣୁ କାନ ପୋଛିବା ଲାଗି କାନ ଭିତରେ ଇୟରବଡ୍‌କୁ ନ ରଗଡି ଧୀରେ ଧୀରେ ପୋଛନ୍ତୁ, ଯେପରି କାନ ଭିତରର ଚର୍ମ ବା ତ୍ୱଚା ରାମ୍ପି ହୋଇ କଷ୍ଟ ଅନୁଭବ ହେବ ନାହିଁ।
- ଇଅରବଡ୍‌ରେ କାନ ସଫା କରିବା ବେଳେ କେବେକେବେ ମଳି ବାହାରିବା ପରିବର୍ତ୍ତେ ଭିତରକୁ ଠେଲି ହୋଇଯାଇଥାଏ, ଯାହାକି ପରଦା ପାଖରେ ଜମା ହୋଇ କମ୍ ଶୁଭିବା କିମ୍ବା କାନ ଭିତରେ ହ୍ୱିସିଲ୍ ମାରିବା ଭଳି ଶୁଭିଥାଏ। ଏଥିପ୍ରତି ବିଶେଷ ସତର୍କ ରୁହନ୍ତୁ।
- କାନକୁ ସଫା ରଖିବା ଆଳରେ ଅଧିକ ଥର କିମ୍ବା ପ୍ରତିଦିନ ସଫା କରନ୍ତୁ ନାହିଁ। କାରଣ ଏପରି କରିବା ଦ୍ୱାରା ବାହାର ମଳି ଭିତରକୁ ଯିବାରେ ଅବରୋଧ କରିବା ଲାଗି କାନ ଭିତରେ ଥିବା ଅଠାଳିଆ ଅଂଶ ଛାଡ଼ିଯାଇଥାଏ ଏବଂ ଧୂଳି ସହଜରେ ଭିତରକୁ ଯାଇଥାଏ। ଫଳରେ ଇନ୍‌ଫେକ୍ସନ୍ ହେବାର ଆଶଙ୍କା ବୃଦ୍ଧି ପାଇଥାଏ।
- କେବେକେବେ ଅଜାଣତରେ କାନ ଭିତରେ ଇୟରବଡ୍‌ରୁ କିଛି ତୁଳା ରହିଯାଇଥାଏ। ପରେ ଗାଧୋଇବା ଭୁଲରେ କାନ ଭିତରକୁ ପାଣି ପଶିଗଲେ ତୁଳା ତାହାକୁ ଶୋଷିନିଏ, ଫଳରେ ଫଙ୍ଗାଲ ଇନ୍‌ଫେକ୍ସନ ହୋଇ କାନ ଭିତରେ ଘା' ହେବା ସହ ବିନ୍ଧା ହୋଇଥାଏ।
- କେବେକେବେ କାନ ସଫା ବେଳେ ପରଦାରେ କ୍ଷତ ହୋଇ ରକ୍ତସ୍ରାବ ହେବା କିମ୍ବା ଫାଟିଯିବା ଭଳି ସମସ୍ୟା ଉପୁଜିଥାଏ, ଯାହାକି ନା କେବଳ କଷ୍ଟଦାୟକ ବରଂ ଏହି ସାମାନ୍ୟ ଅସତର୍କତା ଯୋଗୁ କେବେକେବେ ଶ୍ରବଣ ଶକ୍ତି ହରାଇବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରେ ନାହିଁ।
- ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅପରିଷ୍କାର କାଠି, ପୁରୁଣା କିମ୍ବା ପୂର୍ବରୁ ବ୍ୟବହୃତ ଇଅରବଡ୍‌ରେ ଆଦୌ କାନ ସଫା କରନ୍ତୁ ନାହିଁ। ଏହାଦ୍ୱାରା ମଳି ଯାଇ କାନ ଭିତରେ ଇନ୍‌ଫେକ୍ସନ କରାଇଥାଏ।
- କାନ ସଫା କରିବା ଲାଗି ଏଣୁ ତେଣୁ ତେଲ ପକାନ୍ତୁ ନାହିଁ। କାନ ସଫା କରିବା ବେଳେ କୌଣସି ଅସୁବିଧା ହେଲେ ମନ ଇଛା ଇୟର ଡ୍ରପ୍ ନ ପକାଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।



# ବିଜିୟୁର ୬ଷ୍ଠ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୨୫।୧୧

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ର ୬ଷ୍ଠ ସମାବର୍ତ୍ତନ ଉତ୍ସବ ଶନିବାର ବିଶ୍ୱବିଦ୍ୟାଳୟର ଭୁବନେଶ୍ୱର କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ବିଜିୟୁର ୨୦୨୧-୨୩ ବ୍ୟାଚ୍‌ର ସ୍ନାତକୋତ୍ତର ଏବଂ ୨୦୨୦-୨୩ ବ୍ୟାଚ୍‌ର ସ୍ନାତକ ଛାତ୍ରୀଛାତ୍ରମାନଙ୍କ ପାଇଁ ଉକ୍ତ ସମାବର୍ତ୍ତନ ଉତ୍ସବ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଜିୟୁର ମ୍ୟାନେଜମେଣ୍ଟ, କମ୍ୟୁନିକେଶନ, କମର୍ସ, ସୋସିଆଲ ସାଇନ୍ସ ଏବଂ ଲ'ବିଭାଗର କୃତୀ ଛାତ୍ରୀଛାତ୍ରମାନଙ୍କୁ ଡିଗ୍ରୀ ଏବଂ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲାବେଳେ ମହିନ୍ଦ୍ରା ଡିଫେନ୍ସ ଆଣ୍ଡ୍ ଏରୋସ୍ପେସ୍‌ର ଅଧ୍ୟକ୍ଷ ପ୍ରକାଶ ଶୁକ୍ଲା ଏବଂ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ପକ୍ଷରୁ ସମ୍ମାନଜନକ ଡି.ଲିଟ୍ ଉପାଧି ପ୍ରଦାନ କରାଯାଇଛି। ସେହିଭଳି ବିର୍ଲା ଏକାଡେମି ଅଫ୍ ଆର୍ଟ ଆଣ୍ଡ୍ କଲ୍‌ଚର ଏବଂ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଅଧ୍ୟକ୍ଷା ଜୟଶ୍ରୀ ମୋହତା ସମାବର୍ତ୍ତନ ଉତ୍ସବରେ ସଭାପତିତ୍ୱ କରିଥିଲେ। ଡିଗ୍ରୀ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁକ୍ଲା ଅଭିନନ୍ଦନ ଜଣାଇବା ସହ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ମଧ୍ୟରେ ଆବଶ୍ୟକ ହେଉଥିବା ସନ୍ତୁଳନକୁ ବଜାୟ ରଖିବା ଉପରେ ଶୁକ୍ଲା ଗୁରୁତ୍ୱାରୋପ କରିଥିଲେ। ଏପରିକି ଏକ ଟିମ୍ ମଧ୍ୟରେ କାର୍ଯ୍ୟ କରିବାର ପ୍ରାଧାନ୍ୟକୁ ଜଣେ ଅନୁଭବ କରିବା ସହ ସଂସ୍ଥାର ନିର୍ଭରଯୋଗ୍ୟ ବ୍ୟକ୍ତି ରୂପେ ପାରଦର୍ଶିତା ଲାଭ କରିବା ଉଚିତ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ବିଜିୟୁର ଭିସି ପ୍ରଫେସର ପି.ପି.ମାଥୁର ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ସହ ବିଶ୍ୱବିଦ୍ୟାଳୟର ସଫଳତା ଆଦି ବିଷୟରେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଉକ୍ତ ଉତ୍ସବରେ ବିଜିୟୁର ବୋର୍ଡ ଅଫ୍ ଗଭର୍ନର୍ସ ଏବଂ ବୋର୍ଡ ଅଫ୍ ମ୍ୟାନେଜମେଣ୍ଟର ସଦସ୍ୟ, ଫାକଲ୍ଟି, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

# ୩୩,୦୦୦କୋଟିରେ ପହଞ୍ଚିଛି ଗ୍ରାମୀଣ ବ୍ୟବସାୟ

## ଏଫ୍‌ପିଓ ଏବଂ ଏସ୍‌ଏଚ୍‌ଜିଙ୍କ ଦକ୍ଷତା ବୃଦ୍ଧି ପାଇଁ ନାବାର୍ଡର ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୨୫।୧୧ (ଅଭୟ ଦାଶ)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷକ ଉତ୍ପାଦ ସଙ୍ଗଠନ (ଏଫ୍‌ପିଓ) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ମାଧ୍ୟମରେ ଦେଶର କୃଷକ, ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବାର ଦାୟିତ୍ୱ ନେଇଛନ୍ତି ବୋଲି ଶନିବାର ନାବାର୍ଡ ପକ୍ଷରୁ ଆୟୋଜିତ 'ଷ୍ଟେଟ୍ ଲେଭଲ କନ୍‌କ୍ଲେଭ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନାବାର୍ଡ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ଏଫ୍‌ପିଓ ଓ ଏସ୍‌ଏଚ୍‌ଜିଙ୍କର ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ସଶକ୍ତୀକରଣ କରିବା ଲକ୍ଷ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନ ଏହା କହିଛନ୍ତି। ଆମ ଦେଶର ଗ୍ରାମୀଣ ବିକାଶ ଏବଂ ସଶକ୍ତୀକରଣରେ ନାବାର୍ଡର ବିଶେଷ ଭୂମିକା ରହିଆସିଛି। ଏପରିକି ଓଡ଼ିଶାର ଗ୍ରାମାଞ୍ଚଳରେ ଆର୍ଥିକ ବ୍ୟବସାୟ ପାଇଁ ୨୦୧୪ରେ ୧୩,୦୦୦ କୋଟି ଟଙ୍କା ବ୍ୟୟବରାଦ ହେଉଥିବା ବେଳେ ୨୦୨୩ରେ ଉକ୍ତ ଆର୍ଥିକ ପ୍ରବନ୍ଧନ ଅଢେଇ ଗୁଣା ବୃଦ୍ଧି ପାଇ ୩୩,୦୦୦କୋଟି ଟଙ୍କାରେ ପହଞ୍ଚିଛି। ବିଶେଷକରି ଏଫ୍‌ପିଓ ଏବଂ ଏସ୍‌ଏଚ୍‌ଜିଙ୍କୁ କମ୍ ସୁଧରେ ତଥା ନାମକୁ ମାତ୍ର ଋଣ ପ୍ରଦାନ କରିବା ବହୁତ ସହଜ ହୋଇଛି। କେନ୍ଦ୍ର ସରକାର ଏସ୍‌ଏଚ୍‌ଜିମାନଙ୍କୁ ୧୧% ସୁଧରେ ଋଣ ଦେଉଥିବା ବେଳେ ଉକ୍ତ ଋଣର ୭% କେନ୍ଦ୍ର ସରକାର ପରିଶୋଧ କରୁଥିବା ବେଳେ ରାଜ୍ୟ ସରକାର ୪% ସୁଧ ପରିଶୋଧ କରୁଛନ୍ତି। ଅପରପକ୍ଷରେ ଋଣ ନେଉଥିବା ଏସ୍‌ଏଚ୍‌ଜି ଗ୍ରୁପ୍‌ଗୁଡ଼ିକ ବ୍ୟବସାୟକୁ ବଢାଇ ସ୍ୱାବଲମ୍ବୀ ହେବା ପାଇଁ ଋଣ ଅର୍ଥ ଉପଯୋଗ କରିବା ପାଇଁ ପ୍ରଧାନ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ସରକାରରେ ଗରିବ, ମହିଳା, ଚାଷୀ ପ୍ରାଥମିକତାରେ ଅଛନ୍ତି। ଓଡ଼ିଶାରେ ପ୍ରତି ବର୍ଷ ୩୩ଲକ୍ଷ ଚାଷୀଙ୍କ ପରିବାରକୁ ପିଏମ୍ କିଷାନ ସମ୍ମାନ ନିଧିରେ ୬ ହଜାର ଟଙ୍କା ଲେଖାଏ ଦିଆଯାଉଛି। ଫସଲ ବୀମା ବାବଦରେ ୫ହଜାର କୋଟି ମିଳୁଛି। ଏହି ଅବସରରେ ଏଫ୍‌ପିଓ ତଥା ଏସ୍‌ଏଚ୍‌ଜିର ମାଆ ଭଉଣୀମାନଙ୍କୁ ସେମାନଙ୍କର ବ୍ୟବସାୟ ବଢ଼ାଇବା ପାଇଁ ପ୍ରଧାନ ନାବାର୍ଡ ପକ୍ଷରୁ ଋଣ ପ୍ରଦାନ କରିଥିଲେ।

With Best Complements From:
JAJPUR SAW MILL OWNERS ASSOCIATION



Ratikanta Samal
President
Sk. Majharbux
Deepak Ku. Behera
Joint Secretary
SAVE FOREST SAVE EARTH
ଆସନ୍ତୁ ଗଛଟିଏ ଲଗାଇ ପରିବେଶକୁ ସନ୍ତୁଳନ କରିବା
JARAKA INDUSTRIAL ESTATE, PANDUA, DHARMASALA, JAJPUR

ଦୈନିକ ଖବରକାଗଜ 'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧରିତ୍ରୀର ସମସ୍ତ ପାଠିକା ପାଠକ ଓ ପରିବାରବର୍ଗଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ।

ଅଙ୍କିତା ପ୍ରିୟଦର୍ଶିନୀ
ଜି ଉଦୟଗିରି

With Best Complements From:
MUKUNDAPATRA JUNIOR COLLEGE PRINCIPAL & STAFF

ସୁସ୍ଥ ପରିବେଶରେ ଶିକ୍ଷାଦାନ କରାଯାଉଅଛି।
ହେମନ୍ତ କୁମାର ଦାଶ
ଅଧ୍ୟକ୍ଷ, ବଳରାମପୁର, ଧର୍ମଶାଳା, ଯାଜପୁର

With Best Complements From:
Dharmasala Public School
A Senior Secondary School Affiliad to CBSE, Newdelhi from Std.-I to Std.-XII Excellent teaching, Library, Sophisticated Computer and Science Labs.
Chairman
PRACHI PATRA
Principal
SABITRU TRIPATHY

With Best Complements From:
SJ. PRADEEPTA KUMAR BARAL
FOUNDER PRESIDENT OF ROTARY CLUB, JARAKA

ରୋଟାରୀ କ୍ଲବ୍ ଦେଶରୁ ପୋଲିଓ ମୁକ୍ତ କରିବା ପାଇଁ ଆଗେଇ ଚାଲିଛି। ଧର୍ମଶାଳାର ଉନ୍ନତି ପାଇଁ ରୋଟାରୀ କ୍ଲବ୍‌ରେ ସଭ୍ୟ ହେବା ସହିତ ସହଯୋଗର ହାତ ବଢ଼ାନ୍ତୁ।
PRADIPTA KU. BARAL



ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଶୁଭ ଅବସରରେ
'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ଶୁଭ ଅବସରରେ ଧର୍ମଶାଳାର ଭାଇ ଓ ଭଉଣୀମାନଙ୍କୁ ଅଭିନନ୍ଦନ।

ଗୌତମ ସାହୁ
ଜିଲ୍ଲା ସାଧାରଣ ସମ୍ପାଦକ
ବିଜୁ ଯୁବ ଜନତା ଦଳ, ଯାଜପୁର



ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁଭ ଅବସରରେ
ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ ଧର୍ମଶାଳା ବିଧାୟକ ଶ୍ରୀଯୁକ୍ତ ପ୍ରଣବ କୁମାର ବଳବନ୍ତରାୟଙ୍କ ଦୃଢ଼ ନେତୃତ୍ୱ ପଞ୍ଚାୟତରୁ ବ୍ଲକ୍‌ଯାଏ ପ୍ରଗତି ପଥରେ ଆଗେଇ ଚାଲିଛି।

ଶ୍ରୀଯୁକ୍ତ ଜଳଧର ମହାନ୍ତି
ସଭାପତି
ଧର୍ମଶାଳା ବିଜୁ ଜନତା ଦଳ ଓ ଜିଲ୍ଲାପରିଷଦ ସଭ୍ୟ

With Best Complements From:
MUKUNDAPATRA DEGREE COLLEGE PRINCIPAL & STAFF

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ କଲେଜର ପ୍ରତିଷ୍ଠାତା, ପରିଚାଳନା କମିଟି ସଭ୍ୟ, ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା।
KABITA BISWAL
PRINCIPAL
MUKUNDAPATRA DEGREE COLLEGE

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁଭ ଅବସରରେ





ଓଡ଼ିଶା ସରକାରଙ୍କ ଉପରେ କୃଷକ, ଗରିବ ଓ ଶିକ୍ଷିତ ଯୁବତୀଯୁବକମାନେ ଅତିଷ୍ଠ। ନାରୀ ନିର୍ଯାତନା ବୃଦ୍ଧି ପାଇଛି। ଧର୍ମଶାଳାବାସୀ ଆଗେଇ ଆସନ୍ତୁ ଓଡ଼ିଶା ସରକାରଙ୍କୁ ଜବାବ ଦେବା।
ଶ୍ରୀଯୁକ୍ତ କିଷାନ ପଣ୍ଡା
ଧର୍ମଶାଳା କଂଗ୍ରେସ ନେତା ଓ ପିସିସି ପୂର୍ବତନ ସାଧାରଣ ସମ୍ପାଦକ

With Best Complements From:
SJ. LAXMIDHAR MOHANTY
SPECIAL CLASS CONTRACTOR

Special for:
NH & Other Deptt. Work
At: Deuli,
P.O.: Dharmasala
Dist: Jajpur-755008

With Best Complements From:
M/S. BHUBANESWARI CONSTRUCTION
AT: BHUBAN, P.O.: DHARMASALA, DIST: JAJPUR, PIN-755008
SJ. AKSHAYA KUMAR NAYAK
MANAGING PARTNER

Office:
At/P.O. Jaraka
Dist: Jajpur-755050

With Best Complements From:
A WELL WISHER
DHARMASALA, JAJPUR
ODISHA

# ବୋଲିଂରେ ସୁଧାର ଆଣିବ ଭାରତ

**ଥିରୁଭାନନ୍ତପୁରମ,୨୫।୧୧(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ସଂଘର୍ଷପୂର୍ଣ୍ଣ ୨ ଉଇକେଟ ଜିତିବା ପରେ ରବିବାର ଥିରୁଭାନନ୍ତପୁରମ୍‌ରେ ଖେଳାଯିବ ଦ୍ୱିତୀୟ ମ୍ୟାଚ୍। ଏହି ମ୍ୟାଚ୍‌ରେ ଭାରତୀୟ ବୋଲର ନିଜ ଫର୍ମ ସୁଧାରିବାକୁ ଚେଷ୍ଟା କରିବେ। ପ୍ରଥମ ମ୍ୟାଚ୍‌ରେ ଭାରତ

## ଆଜି ଦ୍ୱିତୀୟ ଟି୨୦

ବିଜୟୀ ହୋଇଥିଲେ ମଧ୍ୟ ଏଥିରେ ବ୍ୟାଟରଙ୍କ ଅବଦାନ ଅଧିକ ରହିଥିଲା। ଭାରତୀୟ ବୋଲର ୨୦୮ ରନ୍ ବ୍ୟୟ କରିଥିବା ବେଳେ କେବଳ ମୁକେଶ କୁମାର ଓ ଅକ୍ଷର ପଟେଲ ପ୍ରଭାବ ବିସ୍ତାର କରିପାରିଥିଲେ। ଉଭୟ ବୋଲର ଅଷ୍ଟ୍ରେଲୀୟ ବ୍ୟାଟରଙ୍କ ରନଗତି ରୋକିବାରେ ସମର୍ଥ ହୋଇଥିଲେ। ତେବେ କେରଳର ଗ୍ରୀନ୍ ଫିଲ୍ଡ ଷ୍ଟାଡିୟମରେ ଖେଳା ଯିବାକୁ ଥିବା ମ୍ୟାଚ୍‌ରେ ମଧ୍ୟ ଆଉ ଏକ ରନ୍ ଭୋଜି ଦେଖିବାକୁ ମିଳିବ। ତେଣୁ ଭାରତୀୟ ବୋଲର ଏହି ମ୍ୟାଚ୍‌ରେ ଫର୍ମକୁ ଫେରିବାକୁ ପ୍ରୟାସ କରିବେ। ଟି୨୦ ବିଶ୍ୱକପ ପାଇଁ ଭାରତୀୟ ଦଳ ପ୍ରସ୍ତୁତି କରୁଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଦଳ ଏକ ଅପରିବର୍ତ୍ତିତ ଏକାଦଶ ସହ ଓହ୍ଲାଇବା ନେଇ ଆଶା କରାଯାଏ। ପ୍ରଥମ ମ୍ୟାଚ୍‌ରେ ଅର୍ଶଦୀପ ସିଂ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଇକୋନୋମୀ ଯଥାକ୍ରମେ ୧୦.୨୫ ଓ ୧୨.୫୦ ରହିଥିଲା। ଅନ୍ୟପକ୍ଷରେ ଲେଗ୍ ସ୍ପିନର ରବି ବିଷ୍ଣୋଇ ସବୁଠାରୁ ମହଙ୍ଗା ସାବ୍ୟସ୍ତ ହୋଇଥିବା ବେଳେ ତାଙ୍କ ଇକୋନୋମୀ ୧୩.୫୦ ରହିଥିଲା। ଟି୨୦ର ବିବିଧତା ଏହି ୩ ଖେଳାଳିଙ୍କ ନିକଟରେ ଦେଖିବାକୁ ମିଳି ନ ଥିଲା। ତେଣୁ ଭାରତୀୟ ମ୍ୟାନେଜମେଣ୍ଟ ଆଭେଶ ଖାନ୍ ଓ ୱାଶିଂଟନ୍ ସୁନ୍ଦରଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ଦେଇପାରେ। ମୁକେଶ କୁମାର ଯେଉଁଭଳି ଭାବେ ନିଜର ଲାଇନ୍, ଲେନ୍ଥ ପରିବର୍ତ୍ତନ କରୁଥିଲେ ଓ ୟର୍କର ପକାଉଥିଲେ ଅନ୍ୟ ଭାରତୀୟ ବୋଲର ତାଙ୍କଠାରୁ ଶିଖିବା ଆବଶ୍ୟକ। ତେବେ ଏହି ଦଳର ଥିବା ଏକାଧିକ ବୋଲର ଦୀର୍ଘ ଦିନ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରୁଥିବାରୁ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ଖାସ୍ କରି ରବି ବିଷ୍ଣୋଇଙ୍କ ବୋଲିଂରେ ଏହା ସ୍ପଷ୍ଟ ନଜର ଆସୁଛି।

ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ମଧ୍ୟ ଅପରିବର୍ତ୍ତିତ ରହିବ। ପ୍ରଥମ ମ୍ୟାଚ୍‌ରେ ଜୟସ୍ୱାଲ ଦ୍ରୁତ ଆରମ୍ଭ କରିଥିଲେ ମଧ୍ୟ ଏହାକୁ ବଡ ସ୍କୋରରେ ପରିଣତ କରି ପାରି ନ ଥିଲେ। ଅନ୍ୟପକ୍ଷରେ ଋତୁରାଜ ଗାଏକ୍ୱାଡ୍ ଦୁର୍ଭାଗ୍ୟଜନକ ଭାବରେ ରନ୍ ଆଉଟ ହୋଇଥିଲେ। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ସମାନ ଲାଇନଅପ୍ ସହିତ ଓହ୍ଲାଇବାର ସମ୍ଭାବନା ଅଧିକ। ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଶନ୍‌ଙ୍କ ବ୍ୟାଟିଂ ଚମତ୍କାର ରହିଥିବା ବେଳେ ରିଙ୍କୁ ସିଂଙ୍କ ଫିନିଶ ଅତ୍ୟନ୍ତ ଚମତ୍କାର ରହିଥିଲା। ଅନ୍ତିମ ଓଭରରେ ୩ ବ୍ୟାଟର ରନ୍ ଆଉଟ ହୋଇଥିଲେ ମଧ୍ୟ ରିଙ୍କୁ ଯେଉଁଭଳି ଭାବରେ ବ୍ୟାଟିଂ କରିଥିଲେ ତାହା ପ୍ରଶଂସନୀୟ। ପ୍ରଥମ ମ୍ୟାଚ୍‌ରେ ଗୋଟିଏ ବି ବଲ୍ ଖେଳିବା ପୂର୍ବରୁ ଆଉଟ ହୋଇଥିବା ଋତୁରାଜ ଗାଏକ୍ୱାଡ୍ ମଧ୍ୟ ଫର୍ମକୁ ଫେରିବାକୁ ପ୍ରୟାସ କରିବେ। ସେହିପରି ନିର୍ଭରଯୋଗ୍ୟ ତିଳକ ବର୍ମାଙ୍କ ବ୍ୟାଟରୁ ମଧ୍ୟ କିଛି ରନ୍ ଆଶା କରିବ ଭାରତୀୟ ମ୍ୟାନେଜମେଣ୍ଟ।

ଅନ୍ୟପକ୍ଷରେ ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ପକ୍ଷରୁ ଦ୍ରୁତତମ ଶତକ ହାସଲ କରିଥିବା ଜୋଶ ଇଂଲିଶଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଷ୍ଟିଭ୍ ସ୍ମିଥ୍‌ଙ୍କୁ ଓପନ କରାଇବାର ରଣନୀତି ଫେଲ୍ ମାରିଥିବା ବେଳେ ଅନ୍ୟ ବିକଳ୍ପ ଉପରେ ନଜର ପକାଇବ ଅଷ୍ଟ୍ରେଲିଆ। ସ୍ମିଥ୍ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଏକାଧିକ ଡଟ୍ ବଲ୍ ଖେଳି ଅନ୍ୟ ଖେଳାଳିଙ୍କୁ ଚାପରେ ରଖିଥିଲେ। ସେହିପରି ତନଭୀର ସାଂଘାଙ୍କ ସ୍ଥାନରେ ଆଡାମ ଜାମ୍ପାଙ୍କୁ ଖେଳାଇପାରେ ଅଷ୍ଟ୍ରେଲିଆ।

**ମ୍ୟାଚ୍ ସ୍ଥାନ: ଗ୍ରୀନ୍ ଫିଲ୍ଡ, କେରଳ**
**ସମୟ: ସନ୍ଧ୍ୟା ୭.୦୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**


ଗ୍ରୀନ୍‌ଫିଲ୍ଡର ପିଚ୍‌କୁ ନିରୀକ୍ଷଣ କରୁଛନ୍ତି ଋତୁରାଜ ଗାଏକ୍ୱାଡ।

# ବର୍ଷା କାରଣରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର,୨୫।୧୧(ସରୋଜ ଜେନା)**

## ବିଜୟ ହଜାରେ ଟ୍ରଫି

ସର୍ବଭାରତୀୟ ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ପ୍ରଥମ ପରାଜୟ। ବର୍ଷା କାରଣରୁ ଭିଜେଡିରେ ଫଳାଫଳ ନିର୍ଣ୍ଣୟ ହୋଇଥିବା ବେଳେ ରେଲୱେ ବିପକ୍ଷ ମ୍ୟାଚ୍‌କୁ ଦଳ ୨୪ ରନ୍‌ରେ ହାରି ଯାଇଥିଲା। ପ୍ରଥମେ ବ୍ୟାଟିଂ କରି ରେଲୱେ ୪୦ ଓଭରରେ ୧୯୩ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ୨୦.୨ ଓଭରରେ ୪ ଉଇକେଟ ହରାଇ ୬୭ ରନ୍ କରିଥିବା ବେଳେ ବର୍ଷା ହୋଇଥିଲା। ଭିଜେଡି ନିୟମ ଅନୁସାରେ ଓଡ଼ିଶା ୨୪ ରନ୍ ପଛରେ ରହି ମ୍ୟାଚ ହାରିଯାଇଥିଲା।

ଆଲୁରରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ରେଲ୍‌ୱେ ପ୍ରଥମେ ବ୍ୟାଟିଂ ନେଇଥିଲା। ତେବେ ଦେବବ୍ରତ ପ୍ରଧାନ ଓ ରାଜେଶ ମହାନ୍ତଙ୍କ ଘାତକ ବୋଲିଂ ବଳରେ ଦଳ ୧୯୩ ରନ୍‌ରେ ଅଲଆଉଟ ହୋଇଥିଲା। ରେଲୱେ ୭୩ ରନ୍‌ରେ ୬ ଉଇକେଟ ହରାଇଥିଲେ ମଧ୍ୟ ପ୍ରଥମ ସିଂଙ୍କ ୫୦ ଓ କର୍ନ ଶର୍ମାଙ୍କ ୭୨ ରନ୍ ବଳରେ ଦଳ ଲଢୁଆ ୧୯୩ ରନ୍ କରିଥିଲା। କର୍ନ ଶର୍ମା ୬୭ ବଲ୍ ଖେଳି ୫ ଚୌକା ଓ ୬ ଛକା ମାରିଥିଲେ। ଓଡ଼ିଶା ପକ୍ଷରୁ ଦେବବ୍ରତ ପ୍ରଧାନ ୪ ଓ ରାଜେଶ ମହାନ୍ତି ୩ ଉଇକେଟ ନେଇଥିଲେ।

ପ୍ରଥମ ମ୍ୟାଚ୍ ପରି ଓଡ଼ିଶାର ଆରମ୍ଭ ଅତ୍ୟନ୍ତ ଦୟନୀୟ ରହିଥିଲା। ଦଳର ଟପ୍ ୪ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଅନୁରାଗ ଷଡଙ୍ଗୀ(୯), ଶାନ୍ତନୁ ମିଶ୍ର(୨), ଶୁଭ୍ରାଂଶୁ ସେନାପତି(୪) ଓ କାର୍ତ୍ତିକ ବିଶ୍ୱାଳ(୬) ବିଫଳ ହୋଇଥିଲେ। ୧୭ ରନ୍‌ରେ ଦଳ ୩ ଉଇକେଟ ହରାଇଥିବା ବେଳେ ୬୩ ରନ୍‌ରେ ଚତୁର୍ଥ ଉଇକେଟ ହରାଇଥିଲା। ମ୍ୟାଚ୍‌ର ୨୦.୨ ଓଭରରେ ବର୍ଷା ହେବାରୁ ଓଡ଼ିଶା ୨୪ ରନ୍ ପଛରେ ରହି ଯାଇଥିଲା। ଅଧିନାୟକ ବିପ୍ଳବ ସାମନ୍ତରାୟ ଅପରାଜିତ ୪୧ ରନ୍ ସ୍କୋର କରିଥିଲେ। ରେଲୱେ ପକ୍ଷରୁ ରାହୁଲ ଶର୍ମା ୨ ଉଇକେଟ ନେଇଥିବା ବେଳେ ଯୁବରାଜ ସିଂ ଓ ଆକାଶ ପାଣ୍ଡେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରେଲୱେ ୪୦ ଓଭରରେ ୧୯୩/୧୦(କର୍ନ ଶର୍ମା–୭୨, ପ୍ରଥମ ସିଂ–୫୦, ଦେବବ୍ରତ ପ୍ରଧାନ–୪/୩୫, ରାଜେଶ ମହାନ୍ତି–୩/୩୫, ପ୍ରୟାସ ସିଂ–୨/୪୦)।

ଓଡ଼ିଶା ୨୦.୨ ଓଭରରେ ୬୭/୪(ବିପ୍ଳବ ସାମନ୍ତରାୟ–୪୧*, ରାହୁଲ ଶର୍ମା–୨/୧୧, ଯୁବରାଜ ସିଂ–୧/୨୦, ଆକାଶ ପାଣ୍ଡେ–୧/୬)।

# ଓଡିଏମ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା

**ଭୁବନେଶ୍ୱର, ୨୫।୧୧ (ବିଜୟ ରଣା)**

ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲର ୩୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ ରେଲୱେ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ହକି ଇଣ୍ଡିଆର ସଭାପତି ତଥା ପଦ୍ମଶ୍ରୀ ଡଃ ଦିଲୀପ କୁମାର ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାର ଉଦ୍‌ଘାଟନ କରିଥିଲେ। ଦୁଇ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଶେଷ ହୋଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ କ୍ରୀଡ଼ା ପତାକାର ଅବତରଣ କରି ଏହାର ଉଦ୍‌ଯାପନୀ ଘୋଷଣା କରିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ପି.କେ. ଦାସ, ବିଓ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଶିକ୍ଷା ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ.ରାଜେଶ କୁମାର ପାଢୀ ପ୍ରମୁଖ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ପୀତି ହାଉସ୍‌କୁ ଚାମ୍ପିୟନ ଘୋଷଣା କରାଯାଇଥିଲା।

# ସୋନପୁର, କୁଚିଣ୍ଡା, ଝାରସୁଗୁଡ଼ା, ଫୁଲବାଣୀ ସେମିରେ

**ଉଲୁଣ୍ଡା,୨୫।୧୧(ଉରୁକ୍ରମ ପାଣ୍ଡିଆ)**

## ଉଲୁଣ୍ଡା କପ୍ ଫୁଟବଲ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ ହେଉଥିବା ୨୬ତମ ରାଜ୍ୟସ୍ତରୀୟ ଉଲୁଣ୍ଡା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାର ଆରମ୍ଭ ହୋଇଛି। ବିଶିପଡ଼ା ସରପଞ୍ଚ ଦଇତାରି ବେହେରା, ଉଲୁଣ୍ଡା ସରପଞ୍ଚ ରଶ୍ମିତା ଭୋଇ, ସମିତିସଭ୍ୟା ସନ୍ତୋଷିନୀ ଭୋଇ, ପଞ୍ଚମହଲା ସରପଞ୍ଚ ଅଶୋକ ପଣ୍ଡା ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ରାମଧୁନ କ୍ଲବ ସୋନପୁର ଦଳ ସୁନାବେଡ଼ା ଦଳକୁ ୩–୨ ଗୋଲରେ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଝାରସୁଗୁଡ଼ା ଦଳ କଟକ ଦଳକୁ ୫–୪ ଗୋଲରେ, କୁଚିଣ୍ଡା ଦଳ ଅନୁଗୋଳକୁ ୨–୦ ଗୋଲରେ ଏବଂ ଫୁଲବାଣୀ ରାଉରକେଲା ଦଳକୁ ୧–୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ସୋନପୁର ବନାମ କୁଚିଣ୍ଡା ଏବଂ ଦ୍ୱିତୀୟ ସେମିଫାଇନାଲ ଝାରସୁଗୁଡ଼ା ବନାମ ଫୁଲବାଣୀ ମଧ୍ୟରେ ହେବ। ଖେଳକୁ ଦିଲୀପ କୁମାର ରାଉତ, ସଲିଲ ବେହେରା, ସୁଜି ରାଜହଂସ, ପ୍ରଶାନ୍ତ ବେହେରା, ଜିତେନ୍ଦ୍ର ଥନାପତି ଓ ପ୍ରଶାନ୍ତ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଆନ୍ତଃ ଜିଲା କ୍ୟାରମ୍ ପ୍ରତିଯୋଗିତା ଆରମ୍ଭ

**ପୁରୁଣା ଭୁବନେଶ୍ୱର, ୨୫।୧୧(ଡି.ଏନ୍.ଏ)**

ଓଡ଼ିଶା କ୍ୟାରମ୍ ଆସୋସିଏଶନ ଏବଂ ଭୁବନେଶ୍ୱର କ୍ୟାରମ୍ ଆସୋସିଏଶନର ସହଯୋଗକ୍ରମେ ୧୦ମ ଆନ୍ତଃ ଜିଲା କ୍ୟାରମ୍ ପ୍ରତିଯୋଗିତା ଗଙ୍ଗାଯମୁନା ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଶନିବାର ପୁରୁଣା ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଏହା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପୁରୁଷ ଓ ମହିଳା ଦଳଗତ, ପୁରୁଷ ଓ ମହିଳା ସିଙ୍ଗଲ୍ସ ଏବଂ ଡବଲ୍ସ ଏବଂ ଭେଟେରାନ୍ ସିଙ୍ଗଲ୍ସ ଓ ଡବଲ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗଙ୍ଗାଯମୁନା ଉନ୍ନୟନ ପରିଷଦ ସଭାପତି ଧୀରେନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଯୁବନେତା ଅମିୟ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।

# ସାତ୍ୱିକ–ଚିରାଗ ଫାଇନାଲରେ

**ଶେନ୍‌ଝେନ୍, ୨୫।୧୧(ପି.ଟି.)**

ଭାରତର ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ସୁପର–୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ବିଶ୍ୱର ନମ୍ବର ୱାନ୍ ଭାରତୀୟ ଯୋଡ଼ି ଚାଇନାର ହି ଜି ଟିଙ୍ଗ୍ ଓ ରେନ୍ ଜିଆଙ୍ଗ ୟୁଙ୍କୁ ୨୧–୧୫, ୨୨–୨୦ରେ ହରାଇ ଦେଇଛନ୍ତି। ସାତ୍ୱିକ–ଚିରାଗ ଗତବର୍ଷ ଫ୍ରେଞ୍ଚ୍ ଓପନରେ ସେମାନଙ୍କର ପ୍ରଥମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ସୁପର–୭୫୦ ଟାଇଟଲ ଜିତିଥିଲେ। ଟପ୍ ସିଡ୍ ଯୋଡ଼ି ଫାଇନାଲରେ ଚେନ୍ ବୋ ୟାଙ୍ଗ୍ ଓ ଲିୟୁ ୟି ଏବଂ ଦ୍ୱିତୀୟ ସିଡ୍ ଲିଆଙ୍ଗ ୱି କେଙ୍ଗ ଓ ୱାଙ୍ଗ୍ ଚାଙ୍ଗ୍ ଯୋଡ଼ିଙ୍କ ମଧ୍ୟରେ ଖେଳାଯିବାକୁ ଥିବା ଅନ୍ୟ ସେମିଫାଇନାଲ ବିଜେତାଙ୍କୁ ଭେଟିବ। ଚଳିତ ବର୍ଷ ସାତ୍ୱିକ–ଚିରାଗ ଯୋଡ଼ିଙ୍କ ପ୍ରଦର୍ଶନ ଭଲ ରହିଆସିଛି। ସେମାନେ ଇତିମଧ୍ୟରେ ବ୍ୟାଡ୍‌ମିଣ୍ଟନ ଏସିଆନ ଚାମ୍ପିୟନଶିପ୍, ଇଣ୍ଡୋନେସିଆ ସୁପର ୧୦୦୦, କୋରିଆ ସୁପର ୫୦୦, ସୁଇସ୍ ସୁପର ୩୦୦ ଜିତିବା ସହ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିପାରିଛନ୍ତି। ବିଡବ୍ଲ୍ୟୁଏଫ୍ (ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ) ୱାର୍ଲ୍ଡ ଟୁର୍‌କୁ ୬ଟି ବିଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ୱାର୍ଲ୍ଡ ଟୁର୍ ଫାଇନାଲ୍ସ, ୪ ସୁପର ୧୦୦୦, ୬ ସୁପର ୭୫୦, ୭ ସୁପର ୫୦୦ ଓ ୧୧ ସୁପର ୩୦୦। ଏହାଛଡ଼ା ଅନ୍ୟ ଏକ କାଟେଗୋରି ଟୁର୍ନାମେଣ୍ଟ ହେଲା ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଲେଭଲ, ଯେଉଁଥିରେ କି ର୍‍ୟାଙ୍କିଙ୍ଗ୍ ପଏଣ୍ଟ ବ୍ୟବସ୍ଥା ରହିଛି। ଏହିସବୁ ଟୁର୍ନାମେଣ୍ଟରେ ପୃଥକ୍ ପୃଥକ୍ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ଏବଂ ପୁରସ୍କାର ରାଶିର ବ୍ୟବସ୍ଥା ରହିଛି। ସୁପର ୧୦୦୦ ସ୍ତରରେ ସବୁଠାରୁ ଅଧିକ ପଏଣ୍ଟ ଏବଂ ପୁରସ୍କାର ବ୍ୟବସ୍ଥା ରହିଛି।

**DISTRICT PROJECT OFFICE, SAMAGRA SHIKSHA, KANDHAMAL**
Medical Road, Phulbani, Infront of A.J.O.High School, Phulbani
E-mail-dpcssakandhamal@gmail.com
No.3681, Dated 23.11.2023
**NOTICE INVITING TENDER (NIT)**

**No.n-225:** Sealed tenders are invited from the reputed & credible printers/firms/agencies for printing & supply of "Multi Lingual Education Text Books for the students of Class-I to V for the year 2023-24" in two bid sytems (Technical & Financial Bid) as detailed below.

| Name of the Tender | Bid processing fees | Amount of EMD | Last Date & Time of receipt of Bid | Date & Time of opening of Technical Bid |
|---|---|---|---|---|
| Printing & Supply of MI.E. Text Books for the students of Class-I to V Students, 2023-24 | Rs.1000/- (Rupees One thousand only) | Rs.30,000/- (Rupees thirty thousand only) | 1 P.M. on 12.12.2023 | 5 P.M. on 12.12.2023 same day |

The detailed BID document is available in the website www.osepa.odisha.gov.in & www.kandhamal.nic.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website. The tender inviting authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

By the order of Collector-cum-Chairperson, SS, Kandhamal
OIPR-27136/11/0002/2324 Sd./- DEO-cum-DPC, RTE-SS, Kandhamal

# ଏନ୍‌ବିଏ ତଦନ୍ତର ସମ୍ମୁଖୀନ ହେବେ ଜୋଶ୍

**ନ୍ୟୁୟର୍କ,୨୫।୧୧(ପି.ଟି.)**

ଏନ୍‌ବିଏ ଦଳ ଓକ୍ଲାହୋମା ସିଟି ଥଣ୍ଡରଗାର୍ଡ ଖେଳାଳି ଜୋଶ ଗିଡେ ଅଡୁଆରେ। ଜଣେ ନାବାଳିକାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ନେଇ ଅଭିଯୋଗ ଆସିବା ପରେ ଏନ୍‌ବିଏ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଏକ ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରାଯାଇଥିଲା। ଗିଡେଙ୍କ ସହିତ ଏକାଧିକ ଭିଡିଓରେ ନଜର ଆସିଥିବା ବାଳିକା ଜଣକ ଜଣେ ହାଇସ୍କୁଲ ଛାତ୍ର ବୋଲି ଉକ୍ତ ଆକାଉଣ୍ଟରୁ ଦାବି କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଉକ୍ତ ଆକାଉଣ୍ଟକୁ ଡିଆକ୍ଟିଭେଟ୍ କରାଯାଇଥିଲା। ଏନ୍‌ବିଏର ଭବିଷ୍ୟତର ତାରକା ଭାବେ ଗିଡେଙ୍କୁ ବିବେଚନା କରାଯାଏ। ଅଷ୍ଟ୍ରେଲିଆର ଏହି ୨୧ ବର୍ଷୀୟ ଖେଳାଳି ଜଣକ ଏହି ମାମଲାକୁ ନେଇ ନୀରବତା ଅବଲମ୍ବନ କରିଛନ୍ତି। ତେବେ ଏନ୍‌ବିଏ ସ୍ୱତନ୍ତ୍ର ଭାବରେ ଏହି ମାମଲାର ତଦନ୍ତ କରିବ ବୋଲି ମୁଖପାତ୍ର ମାଇକେଲ୍ ବାସ୍ କହିଛନ୍ତି। ଖବରଦାତା ଏହି ମାମଲାକୁ ନେଇ ଗିଡେଙ୍କୁ ପ୍ରଶ୍ନ କରିବା ପରେ ସେ ବର୍ତ୍ତମାନ ଏହାକୁ ନେଇ କୌଣସି ମତାମତ ଦେବାକୁ ଚାହୁଁ ନ ଥିବା ପ୍ରକାଶ କରିଥିଲେ।

# ଉଦୟ ସହରନ ଭାରତ ଅଧିନାୟକ

**ମୁମ୍ବାଇ, ୨୫।୧୧(ପି.ଟି.)**

## ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ୧୯ ବର୍ଷରୁ କମ୍ ପୁରୁଷ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଡିସେମ୍ବର ୮ରୁ ଖେଳାଯିବ। ଉଦୀୟମାନ ବ୍ୟାଟର ଉଦୟ ସହରନଙ୍କୁ ଗତଥରର ଚାମ୍ପିୟନ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ସହରନ ହେଉଛନ୍ତି ପଞ୍ଜାବର ଜଣେ ୧୯ ବର୍ଷୀୟ କ୍ରିକେଟର। ସେ ଚୟନକର୍ତ୍ତାଙ୍କ ନଜରରେ ରହିଆସିଥିଲେ। ଗତବର୍ଷ ଆଣ୍ଟିଗୁଆଠାରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବେଳେ ଭାରତୀୟ ଦଳ କୋଭିଡ୍‌ର ଶିକାର ହୋଇଥିବା ବେଳେ ତାଙ୍କୁ ଜଣେ ବ୍ୟାକ୍‌ଅପ୍ ଖେଳାଳି ଭାବେ ମନୋନୀତ କରାଯାଇଥିଲା। ସୌମି କୁମାର ପାଣ୍ଡେଙ୍କୁ ୧୫ ଜଣିଆ ଦଳର ଉପଅଧିନାୟକ କରାଯାଇଛି। ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ହେଉଛି ସବୁଠାରୁ ସଫଳତା ହାସଲ କରିଥିବା ଦଳ। ଏହି ଦଳ ୮ଥର ଟାଇଟଲ ଜିତିପାରିଛି। ଟୁର୍ନାମେଣ୍ଟରେ ପାକିସ୍ତାନ, ଆଫଗାନିସ୍ତାନ ଓ ନେପାଳ ସହିତ ଭାରତ ଗ୍ରୁପ୍ ଏ'ରେ ସ୍ଥାନ ପାଇଛନ୍ତି। ଡିସେମ୍ବର ୮ରେ ଆଇସିସି ଏକାଡେମୀ ଓଭାଲ–୧ଠାରେ ଆଫଗାନିସ୍ତାନକୁ ଭେଟି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଭାରତ ମଧ୍ୟ ସମାନ ଭେନ୍ୟୁରେ ପାକିସ୍ତାନକୁ ଡିସେମ୍ବର ୧୦ରେ ଭେଟିବ। ଦଳ ନେପାଳ ବିପକ୍ଷ ଫାଇନାଲ ଗ୍ରୁପ୍ ମ୍ୟାଚ୍ ଡିସେମ୍ବର ୧୨ରେ ଖେଳିବ। ଅନ୍ୟପକ୍ଷରେ ଗ୍ରୁପ୍ ବି'ରେ ବାଂଲାଦେଶ, ୟୁଏଇ, ଜାପାନ ଓ ଶ୍ରୀଲଙ୍କା ସ୍ଥାନ ପାଇଛନ୍ତି। ଫାଇନାଲ ମ୍ୟାଚ ଡିସେମ୍ବର ୧୭ରେ ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯିବ।

**୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ:** ଉଦୟ ସହରନ(ଅଧିନାୟକ), ସୌମି କୁମାର ପାଣ୍ଡେ (ଉପ–ଅଧିନାୟକ), ଆଶିଷ କୁଲକର୍ନୀ, ଆଦର୍ଶ ସିଂ, ରୁଦ୍ର ମୟୂର ପଟେଲ, ସଚିନ ଧାସ୍, ପ୍ରିୟାଂଶୁ ମୋଲିଆ, ମୁଶିର ଖାନ୍, ଧନୁଷ ଗୌଡ଼ା, ଅବିନାଶ ରାଓ (ଉଇକେଟ୍‌କିପର), ଏମ୍. ଅଭିଷେକ, ଇନେଶ ମହାଜନ (ଉଇକେଟ୍‌କିପର), ଆରାଧ୍ୟ ଶୁକ୍ଳା, ରାଜ ଲିମ୍ବାନୀ ଓ ନମନ ତିୱାରୀ।

**ଟ୍ରାଭେଲିଂ ରିଜର୍ଭ:** ପ୍ରେମ ଦେବକର, ଅଂଶ ଗୋସାଇ, ମହମ୍ମଦ ଅମନ।

**ନନ୍ ଟ୍ରାଭେଲିଂ ରିଜର୍ଭ:** ଦିଗ୍‌ବିଜୟ ପାଟିଲ, ଜୟନ୍ତ ଗୋୟାତ, ପି. ବିଗ୍ନେଶ, କରଣ ଚୋର୍‌ମେଲ।



ଉଦୟ ସହରନ

**GOVT. OF ODISHA** No. A-894
**OFFICE OF THE ENGINEER-IN-CHIEF**
**WATER RESOURCES, ODISHA, BHUBANESWAR**
**NOTICE INVITING RFP (Request For Proposal)**
**'e' Procurement Notice No. CEMKS 14 of 2023-24**

Online Request For Proposal (RFP) are invited from the eligible Government Registered Firms for Appointment of Third Party Inspection Agency (TPIA) for construction of distribution system for 3745 ha. of CCA of Kusumi Smart Irrigation Project over river Kusumi at Sunalati - Krushnaprasad in Nayagarh Block through under ground pipe line irrigation system (pressure flow) in Nayagarh district of Odisha on EPC mode of contract (Turnkey Basis) including power connectivity, electro-mechanical components PIN.

1. Name of the work : Appointment of Third Party Inspection Agency (TPIA) for construction of distribution system for 3745 ha. of CCA of Kusumi Smart Irrigation Project over river Kusumi at Sunalati - Krushnaprasad in Nayagarh Block through under ground pipe line irrigation system (pressure flow) in Nayagarh district of Odisha on EPC mode of contract (Turnkey Basis) including power connectivity, electro-mechanical components PIN.
2. Class of Contractor : Government Registered Firms
3. Tender Fee : Rs.10,000.00 to be transferred online (Non-refundable)
4. E.M.D. : Rs.81,000/- to be transferred online
5. Period of Completion : 18 (Eighteen) Calendar months
6. Other details are as follows :

| Procurement Officer | RFP Identification No. | Availability of RFP Online for Bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS NAYD RFP 02 of 2023-24 | 28.11.2023 10.00 hrs. | 27.12.2023 17.00 hrs. | 28.12.2023 11.30 hrs. |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website: www.tendersodisha.gov.in. The Corrigendum/Cancellation of Tender, If any, will be uploaded and can be seen from the above website only.

Sd./- Chief Engineer & Basin Manager
Mahanadi Kathajodi System, Bhubaneswar
OIPR-32252/11/0018/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KEONJHAR**
**NOTICE INVITING TENDER e-Procurement**
**Bid ID No. 04 SEMID (KJR/2023-2024) Dt.20.11.2023**

No. A-893: The Superintending Engineer, Minor Irrigation Division, Keonjhar on behalf of the Governor of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | : Civil Construction works |
| No. of Works | : 2 (Two) Nos. |
| Estimated Cost | : Rs.105.64 lakhs |
| Tender Paper Cost | : Mentioned in Column No. 6 of Tender Call Notice |
| Period of Completion | : 06 (Six) Calendar Months |
| Availability of Bid documents | : From 28.11.2023 to 12.12.2023 during office hours in Website (www.tenderorissa.gov.in) |
| Period of receipt of Bid through online | : From 28.11.2023 to 12.12.2023 through online |
| Date of Opening of Technical Bid documents | : At 11.00 A.M. on 13.12.2023 in the Office Chamber of the Superintending Engineer, M.I. Division, Keonjhar |
| Date of Opening of Financial Bid documents | : At 11.00 A.M. on 19.12.2023 in the Office Chamber of the Superintending Engineer, M.I. Division, Keonjhar |
| Date of Lottery | : At 11.00 A.M. on 27.12.2023 in the office Chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | : The bidder must possess compatible Digital Signature Certificate (DSC) of Class-II or Class-III |
| Name and address of the OIT | : Superintending Engineer, M.I. Division, Keonjhar, Near Parkline, Keonjhar, At/P.O.: Keonjhar, Dist.- Keonjhar, PIN - 758001. E-Mail ID: eemikjr@yahoo.co.in |

Further details can be seen from the website: www.tendersorissa.gov.in.

Sd./- (Er. Sudhansu Sekhar Sahoo)
Superintending Engineer
M.I. Division, Keonjhar
OIPR-32123/11/0004/2324

**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
**PIN-751012, Tel.No.(0674) 2562020**
e-Mail:theoccltd@odishaconstruction.com, GSTIN-21AAACO2571K2ZM
"e"-Procurement Notice No.47/OCCL/2023-24 (online)
No.CAD-3018
On-line Request for Proposal is invited for the following work:

| Sl. No. | Name of Work | Bid Identification No. | Bid Security (through online transfer/as mentioned in DTCN) (in Rs.) | Period of Completion | Availability of Tender (Online) | Last date of Submission of tender (online) | Seek Clarification |
|---|---|---|---|---|---|---|---|
| 01 | Request for Proposal (RFP) for engagement of Third Party Inspection Agency (TPIA) for the work Construction of Distribution System for 2885 Ha of CCA including Command Area Development (CAD) in 12 Nos. of MIP through UGPL System (Gravity Flow) in Malkangiri, Nabarangpur & Rayagada districts of Odisha on EPC-Turn-key basis including Operation & Maintenance of complete commissioned project for 5 (Five) years **(Package-I)** | OC-CL-TPIA/01/2023-24 | Rs.41,000/- | 24 (Twenty Four) Calendar Months | From 28.11.2023, 03.30 PM to 07.12.2023, 5.30 PM | 07.12.2023 5.30 PM | From 28.11.2023 03.30 PM to 07.12.2023, 5.30 PM |
| 02 | Request for Proposal (RFP) for engagement of Third Party Inspection Agency (TPIA) for the work Construction of Distribution System for 2937 Ha of CCA including Command Area Development (CAD) in 16 Nos. of Minor Irrigation Projects through Under Ground Pipe Line Irrigation System (Gravity Flow) in Bolangir, Kalahandi & Subarnapur district of Odisha **(Package-II)** | OC-CL-TPIA/02/2023-24 | Rs.45,000/- | 24 (Twenty Four) Calendar Months | From 28.11.2023, 03.30 PM to 07.12.2023, 5.30 PM | 07.12.2023 5.30 PM | From 28.11.2023 03.30 PM to 07.12.2023, 5.30 PM |
| 03 | Request for Proposal (RFP) for engagement of Third Party Inspection Agency (TPIA) for the work Construction of Distribution System for 2448 Ha of CCA including Command Area Development (CAD) in 6 Nos. of MIP through UGPL System (Gravity Flow) in Anugul, Cuttack, Dhenkanal, Mayurbhanj & Keonjhar districts of Odisha on EPC-Turn-Key basis including Operation & Maintenance of complete commissioned project for 5 (Five) years **(Package-III)** | OC-CL-TPIA/03/2023-24 | Rs.32,000/- | 24 (Twenty Four) Calendar Months | From 28.11.2023, 03.30 PM to 07.12.2023, 5.30 PM | 07.12.2023 5.30 PM | From 28.11.2023 03.30 PM to 07.12.2023, 5.30 PM |
| 04 | Request for Proposal (RFP) for engagement of Third Party Inspection Agency (TPIA) for the work Construction of Distribution System for 2526 Ha of CCA including Command Area Development (CAD) in 9 Nos. of Minor Irrigation Projects through Under Ground Pipe Line Irrigation System (Gravity Flow) in Ganjam, Kandhamal, Nayagarh & Sambalpur district of Odisha **(Package-IV)** | OC-CL-TPIA/04/2023-24 | Rs.40,000/- | 24 (Twenty Four) Calendar Months | From 28.11.2023, 03.30 PM to 07.12.2023, 5.30 PM | 07.12.2023 5.30 PM | From 28.11.2023 03.30 PM to 07.12.2023, 5.30 PM |
| 05 | Request for Proposal (RFP) for engagement of Third Party Inspection Agency (TPIA) for the work Construction of Distribution System for 3401 Ha of CCA including Command Area Development (CAD) in 6 Nos. of Minor Irrigation Projects through Under Ground Pipe Line Irrigation System (Gravity Flow) in Bargarh & Sundargarh district of Odisha **(Package-V)** | OC-CL-TPIA/05/2023-24 | Rs.45,000/- | 24 (Twenty Four) Calendar Months | From 28.11.2023, 03.30 PM to 07.12.2023, 5.30 PM | 07.12.2023 5.30 PM | From 28.11.2023 03.30 PM to 07.12.2023, 5.30 PM |

Procurement Officer : Managing Director, OCCL.
Date of Opening of the Technical Bid: **08.12.2023, 12.00 Noon Onwards**
Further details can be seen from the : e-Procurement portal:https://www.tendersodisha.gov.in.
OIPR-34120/11/0061/2324 **Sd./- MANAGING DIRECTOR**

**ଦିଗନ୍ତଜ୍ୟୋତି ବିଜେଡି ଢେଙ୍କାନାଳ ଜିଲା ସାଧାରଣ ସମ୍ପାଦକ**

ଭୁବନେଶ୍ୱର,(ଅନୀଲ ଦାସ): ଢେଙ୍କାନାଳ ଜିଲା ବିଜେଡି କମିଟି କର୍ମକର୍ତ୍ତା ନିଯୁକ୍ତିରେ କେତେକ ସଂଶୋଧନ କରାଯାଇଛି । ଶନିବାର ଏ ନେଇ ବିଜେଡି ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଶିଶିର କୁମାର ବେହେରାଙ୍କ ସ୍ଥାନରେ ଦିଗନ୍ତଜ୍ୟୋତି ପଟ୍ଟନାୟକଙ୍କୁ ବିଜେଡି ଢେଙ୍କାନାଳ ଜିଲା କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଉଥିବା ବେଳେ କାମାକ୍ଷା ନଗର ବ୍ଲକ ସଭାପତି ଲଳିତ ସାହୁଙ୍କ ସ୍ଥାନରେ ପ୍ରଭାସ ରଞ୍ଜନ ମିଶ୍ରଙ୍କୁ ନିଯୁକ୍ତି ଦେଇଛନ୍ତି।



**ଜନ୍ମଦିନର ଶୁଭେଚ୍ଛା**

ନାମ: ........................................

ବୟସ:........................................

ଜନ୍ମ ତାରିଖ: ...................................



ଆଦିଦେବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ଅଭିନନ୍ଦନ**

ନିରପେକ୍ଷ ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ଜୟନ୍ତୀ ପାଳନ ଅବସରରେ ଓଡ଼ିଶା ତଥା ବଲାଙ୍ଗୀର ଜିଲ୍ଲାର ଜନସାଧାରଣଙ୍କୁ ମାଁ ସମଲେଇ ଓ ଶ୍ରୀଜଗନ୍ନାଥ କୁଶଳରେ ରଖିଥାନ୍ତୁ ।



**ଶ୍ରୀ ଶିବାଜୀ ମହାନ୍ତି**

ଭାରତୀୟ ଜନତା ପାର୍ଟି ବଲାଙ୍ଗୀର ଜିଲ୍ଲା ସଭାପତି, କଣ୍ଟାବାଞ୍ଜି, ବଲାଙ୍ଗୀର

**ଅଭିନନ୍ଦନ**

ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ଜୟନ୍ତୀ ପାଳନ ଅବସରରେ ଖବରକାଗଜର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଜଗତରନାଥ ଜଗନ୍ନାଥଙ୍କଠାରେ ଓଡ଼ିଶାବାସୀ ଏବଂ କଣ୍ଟାବାଂଜି ନଗରର ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।



**ଶ୍ରୀ ସଞ୍ଜୟ ଗାନ୍ଧୀ ଅଗ୍ରୱାଲ**

ସମ୍ପାଦକ, ଅଗ୍ରୱାଲ ସଭା ଟ୍ରଷ୍ଟ, କଣ୍ଟାବାଞ୍ଜି

**ଅଭିନନ୍ଦନ**

ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ଜୟନ୍ତୀ ପାଳନ ଅବସରରେ ଖବରକାଗଜର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଜଗତରନାଥ ଜଗନ୍ନାଥଙ୍କଠାରେ ଓଡ଼ିଶାବାସୀ ଏବଂ କଣ୍ଟାବାଂଜି ନଗରର ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।



**ଶ୍ରୀ କୈଳାଶ ଅଗ୍ରୱାଲ ନେରୋଲାକ**

ସେକ୍ରେଟାରୀ ଜେନେରାଲ, କଣ୍ଟାବାଂଜି ଚେମ୍ବର୍ସ ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ



# ସ୍ୱାଭିମାନର ସହ ଯୁବ ସମାଜ ସ୍ୱାବଲମ୍ବୀ ହେଉ: ଧର୍ମେନ୍ଦ୍ର

## ରାଜ୍ୟସ୍ତରୀୟ ଯୁବ ମହୋତ୍ସବ-୨୦୨୩ ଉଦ୍‌ଘାଟିତ



**ଭୁବନେଶ୍ୱର,୨୫ା୧୧(ଅନୀଲ ଦାସ)**

ଓଡ଼ିଆ ଯୁବ ସମାଜର ଆବଶ୍ୟକତା ହେଉଛି ସମ୍ମାନ ଓ ସ୍ୱାଭିମାନର ସହ ସ୍ୱାବଲମ୍ବୀ ହେବା। ଏଥିପାଇଁ ପରିଶ୍ରମ କରିବା ଦରକାର। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ-୨୦୨୩କୁ ଶନିବାର ଉଦ୍‌ଘାଟନକରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଆମର ଜାତି, ଭାଷାକୁ ଅକ୍ଷୁଣ୍ଣ ରଖିବା ଭଳି ଭାବନା ଯୁବକଙ୍କ ମନରେ ତିଆରି କରିବାକୁ ପଡ଼ିବ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଆରମ୍ଭ ହୋଇଥିବା 'ମାଇଁ ଭାରତ' ସଂଗଠନ ବିକଶିତ ଭାରତର ନିର୍ମାଣରେ ଯୁବଶକ୍ତିଙ୍କୁ ଏକଜୁଟ କରିବାର ବଡ଼ ସୁଯୋଗ ଦେଇଛି ।

ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଯୁବତୀ ଯୁବକଙ୍କୁ ବିକଶିତ ଭାରତ ପାଇଁ ପଞ୍ଚପ୍ରାଣର ସଂକଳ୍ପ ପାଠ କରାଇଥିଲେ । ଏଥିସହ ସେ କହିଛନ୍ତି, ଆଜିର ଯୁବପିଢ଼ିଙ୍କ କାନ୍ଧରେ ହିଁ ଦେଶ ଚରମ ବୈଭବକୁ ପହଞ୍ଚିବ । ଏଥିଲାଗି ଦାସତ୍ୱ ଓ ବିଦେଶୀ ମାନସିକତାକୁ ଦୂର କରିବାକୁ ହେବ। ଦେଶର କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରିବାକୁ ହେବ । ନାଗରିକ ଭାବେ କେବଳ ଅଧିକାର ନୁହେଁ ବରଂ ସମାଜର କର୍ତ୍ତବ୍ୟ ଓ ଦାୟିତ୍ୱ ନେବାକୁ ପଡ଼ିବ । ଚାକିରି କରିବା ପାଇଁ ନୁହେଁ, ଚାକିରି ଦେବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ । ସେ କହିଛନ୍ତି, ଏବେ ସାଧାରଣ ପରିବାରର ପିଲାମାନେ ଏବେ ଅପାର ସମ୍ଭାବନାର ହିମାଳୟ ପର୍ବତର ଶିଖର ଛୁଇଁଛନ୍ତି। ବଲାଙ୍ଗୀରର ୱିଙ୍ଗ୍ କମାଣ୍ଡର ନିଖିଲ ରଥ ମିଶନ 'ଗଗନଯାନ'ର ଅଂଶ ହୋଇଛନ୍ତି। ଓଡ଼ିଆ ବୈଜ୍ଞାନିକ ସୁସ୍ମିତା ମହାନ୍ତିଙ୍କ ନାଁ ଫୋର୍ବ୍ସ ପତ୍ରିକାରେ ସ୍ଥାନ ପାଇଛି। ଓଡ଼ିଆ ତଥା ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଗବେଷଣା କରୁଥିବା ପ୍ରତୀକ ପଟ୍ଟନାୟକ ହୁଅନ୍ତୁ କି ଉଦ୍ୟୋଗୀ ମିନୁଶ୍ରୀ ମଧୁସ୍ମିତା କିମ୍ବା ୱିକିପିଡିଆରେ ସମ୍ପାଦନା କରୁଥିବା ସଂଗ୍ରାମ ସେନାପତି ହୁଅନ୍ତୁ ସମସ୍ତେ ନିଜ ବଳରେ ଆଗକୁ ବଢ଼ିଛନ୍ତି । ଯାଜପୁର ଜିଲା କୋରେଇ ଅଞ୍ଚଳର ଦେବବ୍ରତ, ସ୍ମୃତିରଞ୍ଜନ, ରଶ୍ମିରଞ୍ଜନ, ଶୁଭକାନ୍ତ ଓ ଜ୍ଞାନରଞ୍ଜନ କରୋନା ସମୟରେ ଲୋକମାନେ କୋଭିଡ୍ ପରୀକ୍ଷା କରୁ ନ ଥିବା ବେଳେ ଏହାର ସମାଧାନ ଚିନ୍ତା କରି ସେମାନେ ଏକ ଭିଡିଓ ତିଆରି କରି ସମାଜରେ ସଚେତନତା ସୃଷ୍ଟି କରିଥିଲେ ।

୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ୨୦୪୭ ସୁଦ୍ଧା ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ । ଆଗାମୀ ୨୦୩୬ ଓ ୨୦୪୭ ପାଇଁ ଗାଁରୁ ରାଜ୍ୟ ପର୍ଯ୍ୟନ୍ତ ମୋର ଦାୟିତ୍ୱ କ'ଣ, ତା' ଉପରେ ବିଚାର କରି ଯୁବବର୍ଗମାନେ କାର୍ଯ୍ୟ କରିବା ଆବଶ୍ୟକ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଚିତ୍ରାଙ୍କନ, କବିତା ଲେଖନୀ, ବକ୍ତୃତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ମୋବାଇଲ ଫଟୋଗ୍ରାଫି ଭଳି ନୂଆ ପ୍ରତିଯୋଗିତା ଯୋଡ଼ାଯାଇଥିବାରୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ଖୁସିବ୍ୟକ୍ତ କରିଥିଲେ।

# ରାଜସ୍ଥାନରେ ୭୦% ମତଦାନ

**ଜୟପୁର,୨୫ା୧୧(ପି.ଟି.)**

ରାଜସ୍ଥାନ ବିଧାନସଭା ନିର୍ବାଚନ ପାଇଁ ଶନିବାର ମତଦାନ ଶେଷ ହୋଇଛି। କାଁଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ଭୋଟଗ୍ରହଣ ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିଲା। ୭୦.୧୫ ପ୍ରତିଶତ ଭୋଟିଂ ହୋଇଥିବା ଜଣାପଡ଼ିଛି। ୧୯୯ ଆସନ ଲାଗି ୫୧,୦୦୦ରୁ ଉର୍ଦ୍ଧ୍ୱ ବୁଥ୍‌ରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଏପରିକି ଭୋଟକେନ୍ଦ୍ର ମଧ୍ୟରେ ଲାଇନ୍‌ରେ ଥିବା ଲୋକମାନଙ୍କୁ ୬ଟା ପରେ ମଧ୍ୟ ମତଦାନ ପାଇଁ ଅନୁମତି ଦିଆଯାଇଥିଲା। ୨୦୧୮ରେ ୭୪ ପ୍ରତିଶତରୁ ଅଧିକ ମତଦାନ ହୋଇଥିବାବେଳେ ଏଥର ମଧ୍ୟ ଅନୁରୂପ ଭୋଟିଂ ହୋଇଥିବା ଆଶା କରାଯାଉଛି। ସବୁ ଅଞ୍ଚଳରୁ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ମତଦାନ ହାର ସ୍ପଷ୍ଟ ହେବ। ଡିସେମ୍ବର ୩ରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ସୂଚନାଯୋଗ୍ୟ, ଶ୍ରୀଗଙ୍ଗାନଗରର କରନପୁର ଆସନରେ କଂଗ୍ରେସ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ସେଠାରେ ନିର୍ବାଚନ ବନ୍ଦ ରହିଛି। ୧୯୯ ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତାରେ ୧,୮୬୨ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିବାବେଳେ ୫.୨୫ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସାରା ରାଜ୍ୟରେ ୧.୭୦ ଲକ୍ଷ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ଏହା ସତ୍ତ୍ୱେ ଡିଗ ଜିଲାର କମାନ ଅନ୍ତର୍ଗତ ଏକ ଗ୍ରାମରେ ଟେକାମାଡ଼ ଯୋଗୁ ଜଣେ ପୋଲିସ କର୍ମଚାରୀଙ୍କ ସହ ୨ ଜଣ ଆହତ ହୋଇଛନ୍ତି। ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ୧୨ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲା। ସେହିପରି ସିକରର ଫତେପୁର ଅଞ୍ଚଳରେ ଭୋଟକେନ୍ଦ୍ର ବାହାରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଜଣେ ଯବାନ ଆହତ ହୋଇଛନ୍ତି। ପୋଲିସ ୫-୭ ଜଣଙ୍କୁ ଅଟକ ରଖିଥିବା ଫତେପୁର ଡିଏସ୍‌ପି କହିଛନ୍ତି। ଢୋଲପୁର ଜିଲାର ବେରି ଆସନ ଅନ୍ତର୍ଗତ ଏକ ବୁଥ୍ ବାହାରେ ଗଣ୍ଡଗୋଳ ବେଳେ ଦୁଇଟି ଗାଡ଼ି ଭାଙ୍ଗିଯାଇଛି। ଟୋଙ୍କ ଜିଲାର ଉନିଆରାରେ ୪୦/୫୦ ଲୋକ ଏକ ବୁଥ୍‌ରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ସୁରକ୍ଷା ବଳର ହସ୍ତକ୍ଷେପ ଯୋଗୁ ସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା।

# ଓଡ଼ିଆ ଚଳଚ୍ଚିତ୍ରର ବିକାଶ ପାଇଁ ରାଜ୍ୟ ସରକାର କୌଣସି ବ୍ୟବସ୍ଥା କରିନାହାନ୍ତି : ଭାଜପା

**ଭୁବନେଶ୍ୱର,୨୫ା୧୧(ଅନିଲ ଦାସ)**

ଓଡ଼ିଆ 'ଫିଲ୍ମ ଇଣ୍ଡଷ୍ଟ୍ରି' ଉପରେ ୨୦ହଜାର ପରିବାର ନିର୍ଭର କରୁଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରିନାହାନ୍ତି। ଏପରି କି ସେମାନଙ୍କ ଓଡ଼ିଆ ଫିଲ୍ମର ପ୍ରଚାର ପ୍ରସାର ଲାଗି କୌଣସି ବ୍ୟବସ୍ଥା ହେଉ ନାହିଁ । ଅପରପକ୍ଷେ ରାଜ୍ୟ ସରକାର ଓଡ଼ିଆ ଫିଲ୍ମ କଳାକାରଙ୍କୁ ଗୁରୁତ୍ୱ ନ ଦେଇ ବଲିଉଡ୍ କଳାକାରଙ୍କୁ କୋଟି କୋଟି ଟଙ୍କାଦେଇ ଓଡ଼ିଶାକୁ ଆଣୁଛନ୍ତି। କିନ୍ତୁ ନିଜର କଳାକାର ଓ ଫିଲ୍ମ ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି ବୋଲି ବିଧାୟକ ମୋହନ ମାଝୀ କହିଛନ୍ତି। ରାଜ୍ୟର ସମସ୍ତ ବ୍ଲକରେ ପ୍ରେକ୍ଷାଳୟ ନିର୍ମାଣ ଲାଗି ପ୍ରତିଶ୍ରୁତି ଦିଆଯାଇଥିଲେ ବି ଅଦ୍ୟାବଧି ଚଳଚ୍ଚିତ୍ର ଶିଳ୍ପକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ରାଜ୍ୟର ଏକମାତ୍ର କଳିଙ୍ଗ ଷ୍ଟୁଡିଓକୁ ଲିଜ୍‌ସୂତ୍ରରେ ଅନ୍ୟ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଇଛି। ଚଳଚ୍ଚିତ୍ର ଓ ପ୍ରେକ୍ଷାଳୟ ନିର୍ମାଣ ତଥା ଆନୁଷଙ୍ଗିକ ବ୍ୟବସ୍ଥାର ଉନ୍ନତୀକରଣ ପାଇଁ ଉଦ୍ଦିଷ୍ଟ 'ଚଳଚ୍ଚିତ୍ର ବିକାଶ ନିଗମ'ର କେବଳ ଶାସକ ଦଳ ନେତାଙ୍କ ଥଇଥାନ କେନ୍ଦ୍ର ପାଲଟିଛି। ବର୍ତ୍ତମାନ ସୁଦ୍ଧା କଳାକାର କଲ୍ୟାଣ ବୋର୍ଡ କାହିଁକି ଗଠନ କରାଯାଇ ନାହିଁ ବୋଲି ମୋହନ ପ୍ରଶ୍ନ କରିଛନ୍ତି। ଲୋୟର ପିଏମ୍‌ଜିଠାରେ ଧାରଣା ଦେଇଥିବା ସିନେ କଳାକାର, ଚଳଚ୍ଚିତ୍ର ନିର୍ମାଣ ସହ ସମ୍ପୃକ୍ତ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ଭାଜପାର ଏକ ପ୍ରତିନିଧି ଦଳ ଭେଟିଥିଲେ। ଏଥିରେ ରାଜ୍ୟ ଉପସଭାପତି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କେ.ନାରାୟଣ ରାଓ, ସୁକାନ୍ତ ନାୟକ, ସୂର୍ଯ୍ୟବଂଶୀ ସୁରଜ, ନବ କିଶୋର ମାଝୀ, ବୁଢାନ ମୁର୍ମୁ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ପିଙ୍କି ପ୍ରଧାନ, ସୁଜିତ ଦାସ ପ୍ରମୁଖ ସାମିଲ ଥିଲେ।

# କ୍ଷମତାକୁ ଆସିଲେ ରାଜ୍ୟରେ ଜାତିଭିତ୍ତିକ ଜନଗଣନା : କଂଗ୍ରେସ

**ଭୁବନେଶ୍ୱର,୨୫ା୧୧(ଅନିଲ ଦାସ)**

୨୦୨୪ରେ କଂଗ୍ରେସ ସରକାର ଗଢ଼ିଲେ ଓଡ଼ିଶାରେ ନିଶ୍ଚିତ ଜାତିଭିତ୍ତିକ ଜନଗଣନା କରାଯିବ। ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟାଳୟରେ ଆୟୋଜିତ ସାଙ୍ଗଠନିକ ସଭାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏହା କହିଛନ୍ତି। କଂଗ୍ରେସ ଦଳ ଓବିସି ବର୍ଗର ନ୍ୟାଯ୍ୟ ଅଧିକାର ପାଇଁ ସଂଗ୍ରାମ କରିବାକୁ ସଙ୍କଳ୍ପବଦ୍ଧ। ୨୦୦୫ରେ ଉପା ସରକାର ଅମଳରେ ୯୩ତମ ସମ୍ବିଧାନ ସଂଶୋଧନ କରାଯାଇ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗରେ ନାମଲେଖା ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଓଡ଼ିଶା ସରକାର ଶିକ୍ଷା କ୍ଷେତ୍ରରେ ନାମ ଲେଖାପାଇଁ ଓବିସି ବର୍ଗଙ୍କୁ ସଂପୂର୍ଣ୍ଣ ଭାବେ ଉପେକ୍ଷା କରିଛନ୍ତି। ରାଜ୍ୟରେ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ଓବିସି ବର୍ଗର ଜନସାଧାରଣ ଥିବାବେଳେ ଚାକିରି କ୍ଷେତ୍ରରେ ରାଜ୍ୟ ସରକାର ଏଥିପାଇଁ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଏହି ବର୍ଗ ପାଇଁ ଉପହାସ ବୋଲି ଶରତ କହିଛନ୍ତି । ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପଛୁଆବର୍ଗ(ଓବିସି) ବିଭାଗର ନବନିଯୁକ୍ତ ଅଧ୍ୟକ୍ଷ ବିଜୟାନନ୍ଦ ଚାଉଳିଆଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଚାଉଳିଆ କହିଛନ୍ତି, ଓବିସିଙ୍କ ପ୍ରତି କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର କରୁଥିବା ଅବିଚାର ବିରୋଧରେ ରାଜରାସ୍ତାକୁ ଓହ୍ଲାଇବାକୁ ହେବ। ରାଜ୍ୟ ସରକାର ଓବିସି କମିଶନର ରିପୋର୍ଟକୁ ସାର୍ବଜନୀନ କରନ୍ତୁ ବୋଲି ସେ କହିଛନ୍ତି। ଏଥିରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଗଣେଶ୍ୱର ବେହେରା, ପଞ୍ଚାନନ କାନୁନ୍‌ଗୋ, ସୁରେଶ କୁମାର ରାଉତରାୟ, ମାନସ ଚୌଧୁରୀ, ସସ୍ମିତା ବେହେରା ପ୍ରମୁଖ ଓବିସି ବର୍ଗର ନ୍ୟାଯ୍ୟ ଦାବି, ସରକାରୀ ଉଦାସୀନତା ଓ ଦଳୀୟ ସଂଗଠନର ଦୃଢ଼ତା ଉପରେ ଆଲୋକପାତ କରିଥିଲେ। ଶେଷରେ ବିଧୁଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।



# Classified Everyday

**0674-2580101, 2549949**



MATRIMONIAL

**BRIDE WANTED**

Karan boy 45, Class-1 officer PM- 2.5 Lakh. 'SUHAG' 9938199964, 9090486408. D- 1849

Highly educated, Beautiful, fair with good permanent Govt./ Private Job, humble Christ-believer bride is required for a Bhubaneswar settled, highly qualified permanent job software engineer, handsome, fair ht. 5'11'' 30, parent well established in BBSR. Contact: 9437281290, 7077549777. D-1473

**GROOM WANTED**

42 ବର୍ଷ, Central water housing commission ଅଛନ୍ତି। 60,000/-, Divorcee ଝିଅପାଇଁ ଚାକିରିଆ କିମ୍ବା ବ୍ୟବସାୟିକ ବରପାତ୍ର ଆବଶ୍ୟକ। 8455853154. D-1848

ବୟସ 35 RI ଚାକିରି Divorce ଏକୁଟିଆ ରହୁଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6370559357. D-75308

28 ବୟସ, ଅବିବାହିତା ଖଣ୍ଡାୟତ Govt. ଚାକିରି କରୁଥିବା କନ୍ୟାଙ୍କ ପାଇଁ Married / Unmarried Divorce ବରପାତ୍ର ଆବଶ୍ୟକ। 9040185433. D-1879

Searching Kaibarta Groom for very fair Kaibarta Bride. Contact Brother (IAS Faculty in Delhi), Mob-9990161440. D-1876



REAL ESTATE

**SALE**

Residential cum commercial plot 3250sft. 6KM from Phulnakhara, 11KM from BBSR, gharabari with compound wall. 7809525452. D-75064

Duplex sale and plot sale near AIIMS Hospital Bhubaneswar. 9777433701. D-75273

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **9658562429.** D-75270

30ft. ପିଚୁରୋଡ୍ ସମସ୍ତପ୍ରକାର menities ଥାଇ, Gated Society ସହ ହଂସପାଳଠାରୁ 4 K.M ଦୂରରେ ବାଲିଅନ୍ତାଠାରେ, ଘରବାଡି ପ୍ଲଟ୍ ମିଳୁଛି, 8984483230. D-75269

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

**Land for sale at Balasore. Plot 340, Khata 198, Village Sahupada, Sardarpal, Sanamalaka, 82 Decimals near Balasore Baripada National- Highway Five and Residential Plot 655, Khata 353 near Harihat Village Sindhia, Balasore Town, 19 Decimals. Please contact - 7656861995, 8984692488.** D-71695

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-1735

2634sqft. stitibangharabadi plot W/ Boundary, front road for sale at Senapati Bagicha, Puri @ 75 Lakhs: negotiable. Contact No- 9437281290, 8895729136. D-1835

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍‌ବିକ୍ରିହେବ – **9437205314, 9937513595.** D-75265

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**





700sqft. (First Floor) for rent at Ruchika Market, Baramunda, Bhubaneswar (Only Office Purposes), Contact: 9556030485, 8249064183. D-75501





**Relax, Refresh your body, Mind at Saikrupa Spa with best therapies. 8984068077.** D-1873

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75061

Newly healthcare benefited SPA experience therapist in Bhubaneswar. Contact: 9938843929. D-75170

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**AFFIDAVIT**

I, Sujata Mohapatra, W/o Arun Kumar Mahapatra, resident of Jaunliapati, Choudhury Bazar, PO- Telenga Bazar, Dist.- Cuttack, Odisha declare by this affidavit No- 11543 Dt 24.11.2023 before the Executive Magistrate, Sadar Cuttack, that now onwards I shall be known as Sujata Mohapatra for all future purposes. D-1880

By an affidavit before the Notary Koraput, I Racheal Raykumari Thomas, D/o Mr. Malaimopathil John Thomas, resident of Hatpoda, Mathalput, Damonjodi, Koraput District State that I am Known and Called as Racheal Raykumari Thomas and Raykumari Thomas. That I do declare that Racheal Raykumari Thomas and Raykumari Thomas is one and same person and refer to my self only. D-1878

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନିଶାକର ଦାସ**

**ଇନ୍ଦରପା, ମଣିଜଙ୍ଗା, ଜଗତ୍‌ସିଂହପୁର**

ତୁମର ଆବର୍ତ୍ତମାନରେ ପ୍ରତି ମୁହୂର୍ତ୍ତରେ ଆଶୀର୍ବାଦ ସବୁ ବେଳେ ଆମ ଉପରେ ରହିଥାଉ। ଆପଣଙ୍କ ଆତ୍ମା ଅମରତ୍ୱ ପ୍ରାପ୍ତ ହେଉ। ମା' ଶାରଳାଙ୍କ ନିକଟରେ ଏତିକି ପ୍ରାର୍ଥନା ।

**ଶୋକସନ୍ତପ୍ତ: ହତଭାଗ୍ୟ- ପୁଅ: ଦେବାଶିଷ, ବୋହୂ: ଅରୁପମା, ଝିଅ: ସେଲୀ, ଝିଲି, ଜୁଲି, ଜ୍ୱାଇଁ: ଡଃ ସୁରେନ୍ଦ୍ର ନାଥ ମହାପାତ୍ର, ନାତି/ନାତୁଣୀ: ସୁପ୍ରିୟା ଶୁଭମ୍, ସୋନାଲି, ସୋମୁ, ଅଙ୍କୁଲ୍, ଆୟୁଷ, ଆରୋଭି, ରୁଦ୍ର, ବନ୍ଧୁ ଓ ପରିବାରବର୍ଗ ।**

ଧ-୧୮୮୨

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।

# ମୁସଲମାନ ନ ଥିବା ଗାଁରେ ପୀରବାବାଙ୍କ ପୀଠ

ବାଲେଶ୍ୱର-ଭଦ୍ରକ ଜିଲା ସୀମାନ୍ତବର୍ତ୍ତୀ ବରଦା ଗ୍ରାମର ସାଳନ୍ଦୀ ନଦୀକୂଳରେ ଶୋଭାବର୍ଦ୍ଧନ କରୁଛି ୩ଶହ ବର୍ଷର ମନସୁର ବାବାଙ୍କ ସମାଧିପୀଠ ବା ମଜାର। ଖଇରା ସଦର ମହକୁମାରୁ ଦୂରତା ୨୦କି.ମି. ହୋଇଥିବା ବେଳେ ଭଦ୍ରକ ସହରରୁ ଦୂରତା ପାଖାପାଖି ୧୩କି.ମି.। ଏହି ପୀଠକୁ ଲୋକେ ପୀରବାବାଙ୍କ ପୀଠ ଭାବେ ସମ୍ବୋଧନ କରିଥାନ୍ତି। ଏହି ଗ୍ରାମରେ ଜଣେ ହେଲେ ମୁସଲିମ ପରିବାର ନ ଥାଇ ମଧ୍ୟ ଜଣେ ସନ୍ଥଙ୍କ ମଜାର ଶୋଭାପାଉଛି ।।

ଏହି ଗ୍ରାମରେ ଆରାଧ୍ୟା ଦେବୀ ଭାବେ ବହୁ ପ୍ରାଚୀନ ବରଦାୟିନୀ ମା' ଭଗବତୀଙ୍କ ପୀଠ ରହିଛି। ଏଣୁ ଉଭୟ ସମ୍ପ୍ରଦାୟଙ୍କ ସଂସ୍କୃତି ଓ ପରମ୍ପରା ବହନ କରୁଥିବା ଏହି ୨ ପୀଠ ପାଇଁ ବରଦାକୁ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରିବାକୁ ଉଭୟ ସମ୍ପ୍ରଦାୟର ବ୍ୟକ୍ତିମାନେ ଦାବି କରିଛନ୍ତି । ମଜାର ସ୍ଥାପନା ପଛରେ ଥିବା ପ୍ରବାଦ ଅନୁଯାୟୀ ଅନ୍ୟୁନ ୩ଶହ ବର୍ଷ ତଳେ ଜଣେ ସାଧୁ ବା ଫକୀର ଏହି ରାସ୍ତା ଦେଇଯାଉଥିବା ବେଳେ ଯୋଗକୁ ସାଳନ୍ଦୀ ନଦୀ ତୀରରେ କୋଚିଲା ଗଛରେ ଆଚ୍ଛାଦିତ ଥିବା ଏହି ସ୍ଥାନରେ କିଛି ସମୟ ପାଇଁ ରହିଥିଲେ। ପରେ ସାଧୁ ଜଣକ ନିଜକୁ ଧ୍ୟାନସ୍ଥ କରିଥିଲେ ମଧ୍ୟ ଦେହାନ୍ତ ହୋଇଯାଇଥିଲା। ସାମାଧିସ୍ଥଳରେ ବାବାଙ୍କର ଏକ ଆସ୍ଥାନ ନିର୍ମାଣ କରି ସ୍ଥାନୀୟ ଗ୍ରାମବାସୀ ପୂଜାର୍ଚ୍ଚନା କରିଥିଲେ। ୧୯୭୦ ମସିହା ପର୍ଯ୍ୟନ୍ତ ହିନ୍ଦୁ ପୂଜକମାନେ ପୂଜାର୍ଚ୍ଚନା କରୁଥିଲେ। ଶେଷ ପୂଜକ ଭାବେ ମଧୁସୂଦନ ମହାନ୍ତି ବାବାଙ୍କର ପୂଜା କରୁଥିଲେ। ହେଲେ ବାବା ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ବୋଲି ସ୍ୱପ୍ନାଦେଶ ହେବା ପରେ ସେହିଦିନଠାରୁ ମୁସଲିମ ଧର୍ମପୀଠ ଭାବେ ପ୍ରସିଦ୍ଧି ଲାଭ କରିଛି ଏବଂ କାଜିମଦାରମାନଙ୍କ ଦ୍ୱାରା ପୂଜା କରାଯାଇଆସୁଛି। କାଳକ୍ରମେ ଏହା ଭଦ୍ରକ ଚଉଦ ମହଲାର ସରକାରଙ୍କ ବାବାଙ୍କ ତତ୍ତ୍ୱାବଧାନରେ ରହିଛି। ପ୍ରତି ଗୁରୁବାର ଭକ୍ତ ବା ଜାହିରିନମାନେ ଅଧିକ ସଂଖ୍ୟାରେ ନମାଜ ପାଠ ଓ ଚାଦର ଚଢାଇବାକୁ ଆସିଥାନ୍ତି। ଉର୍ସ ପର୍ବରେ ଦେଶବିଦେଶର ବିଭିନ୍ନ କୋଣ ଅନୁକୋଣରୁ ମୌଲାନା ଓ ଶ୍ରଦ୍ଧାଳୁମାନେ



ଶ୍ରଦ୍ଧାଳୁମାନେ ପୀରବାବାଙ୍କୁ ଆରଧନା କରୁଛନ୍ତି।

ଏଠାକୁ ଯୋଗଦେବାକୁ ଆସିଥାନ୍ତି। କୌଣସି ବ୍ୟକ୍ତିର ଚୋରି କିମ୍ବା ଜିନିଷପତ୍ର ହଜିଗଲେ ସେମାନେ ପୀରବାବାଙ୍କ ପୀଠକୁ ଆସି ଇଟା ବାନ୍ଧି ଦରଖାସ୍ତ କଲେ ଜିନିଷପତ୍ର ମିଳିଯାଇଥାଏ ବୋଲି ବିଶ୍ୱାସ ରହିଛି। ଏହିଭଳି ଭାବେ ବହୁ ଉଦାହରଣ ରହିଛି ବୋଲି ଭଦ୍ରକ ପୁରୁଣା ବଜାରର ଜାକିର ହୁସେନ ସାହା କହିଛନ୍ତି। ୧୯୮୯ରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଉଭୟ ସମ୍ପ୍ରଦାୟ ପକ୍ଷରୁ ଭବିଷ୍ୟତରେ ଅଶାନ୍ତିର ବାତବରଣ ରୋକିବାକୁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏଠାକାର ଜମିବାଡି ଉଭୟ ପକ୍ଷଙ୍କ ମଧ୍ୟରେ କ୍ରୟ ବିକ୍ରୟ କରାଯାଇପାରିବ ନାହିଁ। ମିରଜା ମୌସୁମୀ ଏବେ ପୀଠର ଖାଜିମଦାର ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଏହି ପୀଠ ଉଭୟ ସମ୍ପ୍ରଦାୟର ବିଶ୍ୱାସର ପ୍ରତୀକ ବୋଲି କହିଛନ୍ତି ।

– ଉତ୍କଳବନ୍ଧୁ ପଣ୍ଡା, ଖଇରା






























# ଜଗା ୟୁନାଇଟେଡ୍ ଚାମ୍ପିୟନ


ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

**ଶରଣକୁଳ,୨୫।୧୧(ଦୀପକ କର):** ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ୍ ଆସୋସିଏଶନ୍ ପକ୍ଷରୁ ସ୍ଥାନୀୟ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୬୨ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟରେ ଭୁବନେଶ୍ୱରର ଜଗା ୟୁନାଇଟେଡ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଜଗା ୟୁନାଇଟେଡ ବନାମ ଭୁବନେଶ୍ୱର ଏ.ଜି. ରିକ୍ରିଏଶନ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗା ୟୁନାଇଟେଡ ୫-୩ ଗୋଲରେ ବିଜୟ ଲାଭ କରିଥିଲା। ଖେଳର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ଥିଲା। ଜଗା ୟୁନାଇଟେଡ୍‌ର ସଲା ଡିପ୍ ମ୍ୟାଚ୍‌ର ୨୩, ୩୧, ୩୩ ତମ ମିନିଟ୍‌ରେ ୩ଟି ଗୋଲ ସ୍କୋର କରି ଦଳକୁ ୩-୦ ଗୋଲରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୩୧ ମିନିଟ୍‌ରେ ଏ.ଜି. ରିକ୍ରିଏଶନ କ୍ଲବର ଖେଳାଳି ପପୁ ମାଝି, ୩୩ ତମ ମିନିଟରେ ଅର୍ପଣ ଲାକ୍ରା ଓ ଅନ୍ୟତମ ଖେଳାଳି ଡି.ଶ୍ରୀନାଥ ୩ଟି ଗୋଲ ଦେଇ ଖେଳକୁ ସମାନ ସ୍ଥିତିକୁ ନେଇ ଆସିଥିଲେ। କିନ୍ତୁ ଜଗା ୟୁନାଇଟେଡ୍‌ର ଆୟାନ ମିସ୍ତ୍ରୀ ଏହାପରେ ୨ଟି ସ୍କୋର କରିଥିଲେ।

ଅନୁଷ୍ଠାନର ସଭାପତି ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ର, ମୁଖ୍ୟବକ୍ତା ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ ଓ ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଓ ସଂଯୁକ୍ତା ପଡ଼ିହାରୀ ପ୍ରମୁଖ ଯୋଗଦେଇଥିଲେ। ଜଗା ୟୁନାଇଟେଡ୍‌ର ଖେଳାଳି ଆୟାନ ମିସ୍ତ୍ରୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଶନିବାର ମ୍ୟାଚକୁ ରାଜୁ ମହାନ୍ତି, ଜ୍ୟୋତିରଞ୍ଜନ ସ୍ୱାଇଁ, ଶଶିକାନ୍ତ ଦାସିଆ, ପ୍ରସନ୍ନ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।













4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ